# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୩/୨୦୨୩ (୧୬ ପୃଷ୍ଠା) | Bhubaneswar, Tuesday, October 3/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୩୦୯ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 309 | ମୂଲ୍ୟ₹୭/-





**ଭାରତରେ ୭୪ ଲକ୍ଷ ଆକାଉଣ୍ଟ ବ୍ୟାନ୍ କଲା ହ୍ୱାଟ୍ସଆପ୍**

ଦ୍ରୁତ ମେସେଜିଂ ପ୍ଲାଟ୍‌ଫର୍ମ ହ୍ୱାଟ୍ସଆପ୍ ଅଗଷ୍ଟ ମାସରେ ଭାରତର ୭୪.୨ ଲକ୍ଷ ଆକାଉଣ୍ଟକୁ ବ୍ୟାନ୍ କରିଛି। ପୂର୍ବ ମାସ ତୁଳନାରେ ଏହା ୨ ଲକ୍ଷ ଅଧିକ। ୨୦୨୧ରେ ନୂଆ ସୂଚନା ପ୍ରଯୁକ୍ତି ନିୟମାବଳୀ ଅନୁଯାୟୀ ହ୍ୱାଟ୍ସଆପ୍ ବିଭିନ୍ନ ସମୟରେ ଆକାଉଣ୍ଟଗୁଡ଼ିକୁ ବନ୍ଦ କରିଆସୁଛି। ବର୍ତ୍ତମାନ ସୁଦ୍ଧା ଦେଶର ୩୫,୦୬,୯୦୫ ହ୍ୱାଟ୍ସଆପ୍ ଆକାଉଣ୍ଟ ବନ୍ଦ ହେଲାଣି। ମେଟା ମାଲିକାନାରେ ଥିବା ହ୍ୱାଟ୍ସଆପ୍ ସେପ୍ଟେମ୍ବରରେ ୭୨.୨୮ ଲକ୍ଷ ଆକାଉଣ୍ଟକୁ ବ୍ୟାନ୍ କରିଥିଲା।





ମହାତ୍ମା ଗାନ୍ଧୀଙ୍କ ଜନ୍ମବାର୍ଷିକୀରେ ନୂଆଦିଲ୍ଲୀର ରାଜଘାଟସ୍ଥିତ ତାଙ୍କ ସମାଧିରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି।



ଗାନ୍ଧୀ ଜୟନ୍ତୀ ଅବସରରେ ଜମ୍ମୁର ମୁବାରକ ମଣ୍ଡିଠାରେ ସ୍କୁଲପିଲାମାନେ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

# ଜାତି ଜନଗଣନା ଦାବି ଜୋର ଧରିଲା

■ଦେଶବ୍ୟାପୀ ସର୍ଭେ ପାଇଁ କଂଗ୍ରେସର ଆହ୍ୱାନ

■ସର୍ବଦଳୀୟ ବୈଠକ ଡାକିଲେ ନୀତୀଶ

**ନୂଆଦିଲ୍ଲୀ/ପାଟନା,୨।୧୦**

ବିହାର ସରକାର ସୋମବାର ଜାତି ସର୍ଭେ ରିପୋର୍ଟ ପ୍ରକାଶ କରିବା ପରେ ଜାତୀୟ ସ୍ତରରେ ଜାତି ଓ ଜନଗଣନା ଦାବି ଜୋର ଧରିଛି। କଂଗ୍ରେସ ରିପୋର୍ଟକୁ ସ୍ୱାଗତ କରିବା ସହ କେନ୍ଦ୍ର ସରକାର ଦେଶବ୍ୟାପୀ ଅନୁରୂପ ଜନଗଣନା ତୁରନ୍ତ ଆରମ୍ଭ କରିବାକୁ ଦାବି କରିଛି। ଏହାଦ୍ୱାରା ଲୋକଙ୍କୁ ସାମାଜିକ ନ୍ୟାୟ ସୁନିଶ୍ଚିତ କରାଯିବା ସହ ସାମାଜିକ ସଶକ୍ତୀକରଣ କାର୍ଯ୍ୟକ୍ରମ ପାଇଁ ଏକ ଦୃଢ଼ ମୂଳଦୁଆ ପଡ଼ିପାରିବ। ଜାତି ଜନଗଣନାରୁ ବିହାରରେ ଓବିସି, ଅନୁସୂଚିତ ଜାତି ଓ ଜନଜାତି ଲୋକଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ୮୪ ପ୍ରତିଶତ ବୋଲି ପ୍ରମାଣିତ ହୋଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। ସଂଖ୍ୟା ଅନୁଯାୟୀ ସେମାନଙ୍କୁ ଭାଗ ମିଳିବା ଉଚିତ ବୋଲି କଂଗ୍ରେସ ନେତା କହିଛନ୍ତି। କେନ୍ଦ୍ର ସରକାରରେ ୯୦ ସଚିବଙ୍କ ମଧ୍ୟରୁ ମାତ୍ର ୩ ଜଣ ଓବିସି ହୋଇଥିବାବେଳେ ସେମାନେ ବଜେଟର ମାତ୍ର ୫ ପ୍ରତିଶତ ପରିଚାଳନା କରିଥାନ୍ତି। ସେଥିପାଇଁ ଭାରତର ଜାତି ପରିସଂଖ୍ୟାନ ଜାଣିବା ଗୁରୁତ୍ୱପୂର୍ଣ୍ଣ ବୋଲି



ନୀତୀଶ କୁମାର



ଜୟରାମ ରମେଶ



ଗିରିରାଜ ସିଂ

ରାହୁଲ ଏକ୍ସ'ରେ ପୋଷ୍ଟ କରିଥିଲେ। ସେହିପରି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର କରିଥିବା ଜନଗଣନାର ଫଳାଫଳକୁ ମୋଦି ସରକାର ଚାପି ଦେଇଥିଲେ। ବିହାର ସରକାରଙ୍କ ଜାତି ଜନଗଣନା ଭଳି କେନ୍ଦ୍ର ସରକାର ମଧ୍ୟ ଜାତୀୟ ସ୍ତରରେ ଅନୁରୂପ ସର୍ଭେ ତୁରନ୍ତ କରିବାକୁ ଜୟରାମ ଆହ୍ୱାନ ଦେଇଛନ୍ତି। ଯଦି ମୋଦି ସରକାର ଜାତି ଜନଗଣନା ନ କରନ୍ତି, ତେବେ କଂଗ୍ରେସ ସରକାର ଗଢ଼ିବା ପରେ ଖୁବ୍‌ଶୀଘ୍ର ଏହି ସର୍ଭେ ହେବ ଏବଂ ପ୍ରତ୍ୟେକ ବର୍ଗ ସେମାନଙ୍କ ଅଧିକାର ପାଇବେ ବୋଲି ବିରୋଧୀ ଦଳ କହିଛି।

ଅନ୍ୟପକ୍ଷରେ ଜାତିଭିତ୍ତିକ ସର୍ଭେ କେବଳ ଲୋକ ଦେଖାଣିଆ କହି ଭାଜପା ଲୋକ ସଭା ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ ସମାଲୋଚନା କରିଛନ୍ତି। ଜାତି ଜନଗଣନା ରିପୋର୍ଟକୁ ଲୋକ ଜନଶକ୍ତି ପାର୍ଟି ମୁଖ୍ୟ ଚିରାଗ ପାଶ୍ୱାନ ସମାଲୋଚନା କରି ନୀତୀଶ କୁମାର ସରକାର ବିହାର ଲୋକଙ୍କ ମଧ୍ୟରେ ବିଭାଜନ ସୃଷ୍ଟି ଲାଗି ଉଦ୍ୟମ କରୁଥିବା ଅଭିଯୋଗ କରିଛନ୍ତି। କେତେକ ଲୋକ ଜାତି ଓ ଧର୍ମ ନାଁରେ ବିଭାଜନ ସୃଷ୍ଟି କରୁଛନ୍ତି। ନୀତୀଶଙ୍କୁ ତାଙ୍କ ରାଜନୀତି ପାଇଁ ଲୋକେ ବିଶ୍ୱାସକୁ ନେବେ ନାହିଁ ବୋଲି ଲୋକ ଜନଶକ୍ତି ପାର୍ଟି ନେତା କହିଛନ୍ତି। ଅନ୍ୟପକ୍ଷରେ ଜାତୀୟସ୍ତରରେ ଅନୁରୂପ ଜାତି ସର୍ଭେ ରିପୋର୍ଟ ଆସିବା ଆବଶ୍ୟକ ବୋଲି ଇଣ୍ଡିଆ ମେଣ୍ଟରେ ଥିବା ଆମ୍ ଆଦ୍‌ମୀ ପାର୍ଟି କହିଛି। କେନ୍ଦ୍ର ସରକାର ପଛୁଆ ବର୍ଗ ଓ ସଂଖ୍ୟାଲଘୁଙ୍କୁ ନ୍ୟାୟ ଦେବାକୁ ଚାହୁଁଥିଲେ ଜାତି ଜନଗଣନା କରନ୍ତୁ ବୋଲି ଏଏପି ଏମ୍‌ପି ସଞ୍ଜୟ ସିଂ କହିଛନ୍ତି। କଂଗ୍ରେସ ମଧ୍ୟପ୍ରଦେଶରେ କ୍ଷମତାକୁ ଆସିଲେ ଜାତି ଜନଗଣନା କରିବ ବୋଲି ବରିଷ୍ଠ କଂଗ୍ରେସ ନେତା ଦିଗ୍‌ବିଜୟ ସିଂ କହିଛନ୍ତି।

ଜାତି ଜନଗଣନା ରିପୋର୍ଟ ପ୍ରକାଶ କରିବା ପରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏହା ଉପରେ ଆଲୋଚନା ପାଇଁ ମଙ୍ଗଳବାର ସର୍ବଦଳୀୟ ବୈଠକ ଡାକିଛନ୍ତି। ଏ ସମ୍ପର୍କରେ ସେ ରାଜ୍ୟର ବିଭିନ୍ନ ଦଳର ନେତାମାନଙ୍କ ସହ ସବିଶେଷ ଆଲୋଚନା କରିବା ସହ ଆଗକୁ କ'ଣ ପଦକ୍ଷେପ ନେବା ଆବଶ୍ୟକ ମତାମତ ଲୋଡ଼ିବେ। ରାଜ୍ୟର ସମସ୍ତ ୯ଟି ଯାକ ଦଳ ବୈଠକରେ ଯୋଗଦେବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ଜାତିଗତ ସର୍ଭେ ଫଳାଫଳରୁ ରାଜ୍ୟର ପ୍ରତ୍ୟେକ ପରିବାରର ଆର୍ଥିକ ସ୍ଥିତି ଜଣାପଡ଼ିଛି। ସମସ୍ତଙ୍କ ପ୍ରସ୍ତାବ ଗ୍ରହଣ କରିବା ପରେ ସରକାର ଆବଶ୍ୟକ ପଦକ୍ଷେପ ନେବେ ବୋଲି ନୀତୀଶ ଗଣମାଧ୍ୟମକୁ କହିଛନ୍ତି। ବିହାର ଜାତିଗତ ସର୍ଭେ ଫଳାଫଳ ଦ୍ୱାରା ଶିକ୍ଷାନୁଷ୍ଠାନଗୁଡ଼ିକରେ ସର୍ବାଧିକ ୫୦ ପ୍ରତିଶତ ସଂରକ୍ଷଣ ସୀମାକୁ ଚ୍ୟାଲେଞ୍ଜ କରାଯାଇପାରିବ। ଏହା ୯୦ ଦଶକର ମଣ୍ଡଳ ରାଜନୀତିରେ ମଧ୍ୟ ବଡ଼ ପରିବର୍ତ୍ତନ ଆଣିବ ବୋଲି ସମୀକ୍ଷକମାନେ କହିଛନ୍ତି।

## ସଂକ୍ଷେପରେ

### ୩ ସନ୍ଦିଗ୍ଧ ଆଇଏସ୍ ଆତଙ୍କବାଦୀ ଗିରଫ

**ନୂଆଦିଲ୍ଲୀ,୨।୧୦:** ଦିଲ୍ଲୀ ଓ ଉତ୍ତର ପ୍ରଦେଶରେ ଆଇଏସ୍ଆଇଏସ୍ ନେଟ୍‌ୱର୍କ ଉପରେ ଚଢ଼ାଉ ବେଳେ ଗିରଫ ହୋଇଥିବା ୩ ସନ୍ଦିଗ୍ଧ ଆତଙ୍କବାଦୀ ଇଞ୍ଜିନିୟରିଂ ଏବଂ ପିଏଚ୍‌ଡି ଡିଗ୍ରୀଧାରୀ ବୋଲି ଜଣାପଡ଼ିଛି। ସେମାନେ ବୋମା ତିଆରିରେ ବେଶ୍ ସିଦ୍ଧହସ୍ତ ବୋଲି ପୋଲିସ କହିଛି। ସୋମବାର ଗିରଫ ହୋଇଥିବା ମହମ୍ମଦ ଶାହନୱାଜ୍ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)ର ମୋଷ୍ଟ ୱାଣ୍ଟେଡ୍ ତାଲିକାରେ ରହିଥିଲେ ବୋଲି ଦିଲ୍ଲୀ ପୋଲିସ ସ୍ପେଶାଲ ସେଲ୍‌ର ବରିଷ୍ଠ ଅଧିକାରୀ କହିଛନ୍ତି। ଶାହନୱାଜ୍ ଓ ଅନ୍ୟ ୨ ଜଣଙ୍କ ସମ୍ପର୍କରେ ସୂଚନା ଦେଲେ ୩ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ଦିଆଯିବ ବୋଲି ଏନ୍‌ଆଇଏ ଗତମାସରେ ଘୋଷଣା କରିଥିଲା। ଦେଶର ବିଭିନ୍ନ ସ୍ଥାନରେ ବିସ୍ଫୋରଣ ଘଟାଇବାରେ ସେମାନଙ୍କର ମୁଖ୍ୟ ଭୂମିକା ଥିବା ଜଣାପଡ଼ିଛି। ଗିରଫ ଅନ୍ୟ ୨ ଜଣ ହେଲେ ଶାହନୱାଜଙ୍କ ସହଯୋଗୀ ମହମ୍ମଦ ରିଜ୍‌ୱାନ ଏବଂ ମହମ୍ମଦ ଅର୍ଶାଦ ୱାର୍ସି। ଶାହନୱାଜ ଦିଲ୍ଲୀର ଜୈତପୁରରୁ ଗିରଫ ହୋଇଥିବାବେଳେ ରିଜୱାନ ଏବଂ ଅର୍ଶାଦ ଉତ୍ତରପ୍ରଦେଶର ଲକ୍ଷ୍ନୌ ଏବଂ ମୋରଦାବାଦରୁ ଗିରଫ ହୋଇଛନ୍ତି। ଶାହନୱାଜଙ୍କଠାରୁ ପିସ୍ତଲ, ବୋମା ତିଆରି ସାମଗ୍ରୀ ଓ ଜିହାଦି ଲେଖା ଜବତ ହୋଇଛି।

### ଜିମ୍ବାୱେରେ ବିମାନ ଦୁର୍ଘଟଣା: ୨ ଭାରତୀୟଙ୍କ ସମେତ ୬ ମୃତ

**ଜୋହାନ୍ସବର୍ଗ,୨।୧୦:** ଜିମ୍ବାୱେର ମୁରୋୱା ହୀରା ଖଣି ନିକଟରେ ଏକ ଘରୋଇ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣେ ଭାରତୀୟ ଖଣି ବ୍ୟବସାୟୀ, ତାଙ୍କ ପୁଅଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ଘଟିଛି। ବିମାନରେ ବୈଷୟିକ ତ୍ରୁଟି କାରଣରୁ ଏହି ଦୁର୍ଘଟଣା ଘଟିଥିଲା। ହରପାଲ୍ ରାନ୍ଧୱା ହେଉଛନ୍ତି ଖଣି କମ୍ପାନୀ ରିଓଜିମ୍‌ର ମାଲିକ। ତାଙ୍କ କମ୍ପାନୀ ସୁନା ଓ କୋଇଲା ଉତ୍ତୋଳନ କରିବା ସହ ନିକେଲ ଏବଂ ତମ୍ବା ବିଶୋଧନ କରିଥାଏ। ମାଶଭାର ଜ୍ୱାମାହାଣ୍ଡେ ଅଞ୍ଚଳରେ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

### ବାକ୍ସରୁ ୩ ଭଉଣୀଙ୍କ ମୃତଦେହ ଠାବ

**ଚଣ୍ଡିଗଡ଼,୨।୧୦:** ପଞ୍ଜାବର ଜଲନ୍ଧର ଜିଲା ଅନ୍ତର୍ଗତ କାନପୁର ଗ୍ରାମରେ ୩ ଭଉଣୀଙ୍କ ମୃତଦେହ ସେମାନଙ୍କ ଘରେ ଥିବା ଏକ ବାକ୍ସରୁ ମିଳିଛି। ୩ ଭଉଣୀ ନିଖୋଜ ଥିବା ସେମାନଙ୍କ ପରିବାର ରବିବାର ରାତିରେ ମକ୍‌ସୁଦନ ଥାନାରେ ଅଭିଯୋଗ କରିଥିଲେ। ଦାଦନ ଶ୍ରମିକ ଭାବେ କାମ କରୁଥିବା ମାଆବାପା ସନ୍ଧ୍ୟାରେ ଘରକୁ ଫେରି ପିଲାମାନଙ୍କୁ ନ ପାଇବାରୁ ଥାନାର ଦ୍ୱାରସ୍ଥ ହୋଇଥିଲେ। ମୃତ ୩ ଭଉଣୀ କାଞ୍ଚନ(୪), ଶକ୍ତି(୭) ଏବଂ ଅମ୍ରିତା(୯) ବୋଲି ପୋଲିସ କହିଛି। ଘରର ଏକ ଟ୍ରଙ୍କ ଓଜନିଆ ଲାଗିବାରୁ ସେମାନେ ଏହାକୁ ଖୋଲିବା ପରେ ମୃତଦେହଗୁଡ଼ିକୁ ଦେଖିଥିଲେ। ମୃତ୍ୟୁର କାରଣ ଜାଣିବା ପାଇଁ ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଇ ପୋଲିସ ଘଟଣାର ତଦନ୍ତ କରୁଛି। ଘର ମାଲିକ ସେମାନଙ୍କୁ ଘର ଖାଲିକରିବାକୁ ଧମକ ଦେଇଥିଲେ ବୋଲି ଝିଅମାନଙ୍କ ବାପା କହିଛନ୍ତି।



ସ୍ୱର୍ଣ୍ଣମନ୍ଦିର ଲାଙ୍ଗରରେ ରାହୁଲ ଗାନ୍ଧୀ ଅନ୍ୟମାନଙ୍କ ସହ ବାସନ ଧୋଉଛନ୍ତି।

## ସ୍ୱର୍ଣ୍ଣମନ୍ଦିରରେ ବାସନ ଧୋଇଲେ ରାହୁଲ

**ଅମୃତସର,୨।୧୦**

କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀ ସୋମବାର ପଞ୍ଜାବର ଅମୃତସରସ୍ଥିତ ସ୍ୱର୍ଣ୍ଣ ମନ୍ଦିର ଯାଇ ସେଠାରେ ପ୍ରାର୍ଥନା କରିଛନ୍ତି। ସେଠାର ସଚଖଣ୍ଡ ଶ୍ରୀହରମନ୍ଦିର ସାହିବରେ ଥିବା ଲାଙ୍ଗର (ଗୋଷ୍ଠୀ ପାକଶାଳା)ରେ କଂଗ୍ରେସ ନେତା ସ୍ୱେଚ୍ଛାକୃତ ସେବା କରିଥିଲେ। ରାହୁଲ ସେଠାରେ ବାସନ ଧୋଉଥିବାର ଭିଡିଓ ସୋସିଆଲ ମିଡିଆରେ ଶେୟାର କରାଯାଇଛି। ଗାନ୍ଧୀ ଜୟନ୍ତୀ ଛୁଟି ଥିବାରୁ ସ୍ୱର୍ଣ୍ଣମନ୍ଦିରରେ ସକାଳଠାରୁ ଶ୍ରଦ୍ଧାଳୁମାନଙ୍କ ଭିଡ ଲାଗିଥିଲା। ପଞ୍ଜାବରେ ଶାସକ ଏଏପି ଓ କଂଗ୍ରେସ ମଧ୍ୟରେ ବିବାଦ ଦେଖାଦେଇଥିବାବେଳେ ରାହୁଲ ସେଠାକୁ ଗସ୍ତ କରିଥିଲେ। ତେବେ ସେ ରାଜନୈତିକ କାରଣ ପାଇଁ ନୁହେଁ ବ୍ୟକ୍ତିଗତ କାମରେ ଯାଇଥିଲେ ବୋଲି ଦଳ ପକ୍ଷରୁ କୁହାଯାଇଛି।

## ମେକ୍ସିକୋରେ ଚର୍ଚ୍ଚ ଛାତ ଭୁଶୁଡ଼ି ୧୦ ମୃତ



**କୁଇଡାଡ୍ ମାଡେରୋ,୨।୧୦**

ମେକ୍ସିକୋର ଉତ୍ତର ଭାଗରେ ଥିବା ଏକ ମସ୍‌ଜିଦରେ ରବିବାର ସମାବେଶ ଚାଲିଥିବାବେଳେ ଏହାର ଛାତ ଭୁଶୁଡ଼ି ପଡ଼ିବାରୁ ଅନ୍ୟୂନ ୧୦ ଜଣଙ୍କ ମୃତ୍ୟୁ ଘଟିବା ସହ ପ୍ରାୟ ୬୦ ଜଣ ଆହତ ହୋଇଛନ୍ତି। ଭଗ୍ନାବଶେଷ ତଳେ ଅଧିକ ମୃତଦେହ ରହିଯାଇଥିବା ଆଶଙ୍କାରେ ରବିବାର ରାତିସାରା ଓ ସୋମବାର ସକାଳେ ଉଦ୍ଧାରକାରୀ ଟିମ୍ ଖୋଜାଖୋଜି କରିଥିଲେ। ଛାତ ଭୁଶୁଡ଼ିବା ବେଳେ ଚର୍ଚ୍ଚରେ ପ୍ରାୟ ୧୦୦ ଜଣ ଥିଲେ ବୋଲି ଟମାଉଲିପାସ୍ ଷ୍ଟେଟ୍ ପୋଲିସ କହିଛି। ଆହତ ୬୦ ଜଣଙ୍କ ମଧ୍ୟରୁ ୨୩ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି।

## ଭାରତୀୟ ହାଇ କମିଶନ ବାହାରେ ଖଲିସ୍ତାନୀଙ୍କ ବିକ୍ଷୋଭ

**ଲଣ୍ଡନ,୨।୧୦**

ସ୍କଟ୍‌ଲାଣ୍ଡର ଗ୍ଲାସ୍‌ଗୋ ଗୁରୁଦ୍ୱାରାରେ ଭାରତୀୟ ଉଚ୍ଚାୟୁକ୍ତଙ୍କୁ ପ୍ରବେଶ କରାଇ ଦିଆ ନ ଯିବାର ଦୁଇଦିନ ପରେ ଲଣ୍ଡନସ୍ଥିତ ଭାରତୀୟ ହାଇ କମିଶନଙ୍କ କାର୍ଯ୍ୟାଳୟ ବାହାରେ ଖଲିସ୍ତାନୀ ସମର୍ଥକମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସୋମବାର ଖଲିସ୍ତାନୀ ସମର୍ଥକମାନେ ବିକ୍ଷୋଭ ପ୍ରଦର୍ଶନ କରୁଥିବାବେଳେ ସେଠାରେ ବହୁସଂଖ୍ୟାରେ ବ୍ରିଟିଶ୍ ସୁରକ୍ଷା ବଳ ନିୟୋଜିତ ହୋଇଥିଲେ ଏବଂ ଉକ୍ତ ରାସ୍ତାରେ କଟକଣା ଜାରି ହୋଇଥିଲା। ଉଚ୍ଚାୟୁକ୍ତ ବିକ୍ରମ ଦୋରାଇସ୍ୱାମୀଙ୍କୁ ଗୁରୁଦ୍ୱାରାରେ ପ୍ରବେଶ କରାଇ ଦେଇ ନ ଥିବା ଖଲିସ୍ତାନୀ ସମର୍ଥକମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ଭାରତ ବ୍ରିଟିଶ ସହକାରଙ୍କ ନିକଟରେ ଦାବି କରିଥିଲା। ଦୋରାଇସ୍ୱାମୀଙ୍କୁ ଗୁରୁଦ୍ୱାରରେ ପ୍ରବେଶ କରାଇ ନ ଦେବାକୁ ସମ୍ପୃକ୍ତ ଗୁରୁଦ୍ୱାରା ପକ୍ଷରୁ ନିନ୍ଦା କରାଯାଇଛି।





## ମଧୁମେହ ଚିକିତ୍ସାରେ ସହାୟକ ହେବ ସୂର୍ଯ୍ୟାଲୋକ

**ନୂଆଦିଲ୍ଲୀ,୨।୧୦(ପି.ଟି.)**

ଟାଇପ୍-୨ ମଧୁମେହ ଚିକିତ୍ସା ଓ ପ୍ରତିକାରରେ ପ୍ରାକୃତିକ ସୂର୍ଯ୍ୟାଲୋକ ସହାୟକ ହୋଇପାରିବ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି। ଜର୍ମାନୀରେ ଅକ୍ଟୋବର ୨ରୁ ୬ ଅନୁଷ୍ଠିତ ହେଉଥିବା ୟୁରୋପିଆନ୍ ଆସୋସିଏଶନ ଫର୍ ଦି ଷ୍ଟଡି ଅଫ୍ ଡାଇବେଟିସ୍ (ଇଏଏସ୍‌ଡି)ର ବାର୍ଷିକ ବୈଠକରେ ଗବେଷକମାନେ ଉକ୍ତ ଅଧ୍ୟୟନ ଉପସ୍ଥାପନ କରିଛନ୍ତି। ଟାଇପ୍-୨ ଡାଇବେଟିସ୍ ଥିବା ବିଭିନ୍ନ ବୟସ ବର୍ଗର ଲୋକଙ୍କ ଏକାଧିକ ମେଟାବୋଲିକ୍ ଟେଷ୍ଟ କରାଯାଇଥିଲା। ସେମାନଙ୍କୁ ପ୍ରାକୃତିକ ଆଲୋକ ଏବଂ କୃତ୍ରିମ ଆଲୋକରେ ରଖି ପରୀକ୍ଷା କରାଯିବା ପରେ ଉଭୟ ଫଳାଫଳକୁ ତୁଳନା କରାଯାଇଥିଲା। ଶରୀର ଜାଗ୍ରତ ଓ ଶୟନ ସମୟରେ ଆଭ୍ୟନ୍ତରରେ କେତେକ ପରିବର୍ତ୍ତନ ଘଟିଥାଏ, ଯାହା ଟାଇପ୍-୨ ଡାଇବେଟିସ୍ ଭଳି କେତେକ ମେଟାବୋଲିକ୍ ରୋଗ ସହ ସମ୍ପୃକ୍ତ ବୋଲି ଗବେଷକ ତଥା ନେଦରଲାଣ୍ଡର ମାଷ୍ଟ୍ରିଚ୍ ୟୁନିଭର୍ସିଟିର ଇଭୋ ହାବେଟ୍ସ କହିଛନ୍ତି। ପ୍ରାକୃତିକ ଦିବାଲୋକ ଉକ୍ତ ସିର୍କାଡିଆନ୍ କ୍ଲକ୍‌ର ଏକ ବଳିଷ୍ଠ ପ୍ରକ୍ରିୟା ବା ପରିବେଶୀୟ ସଂକେତ। କିନ୍ତୁ ଅଧିକାଂଶ ଲୋକେ ଦିନବେଳା ଘରେ ନିୟମିତ ଭାବେ କୃତ୍ରିମ ଆଲୋକ ମଧ୍ୟରେ ରହୁଥିବାରୁ ସେମାନେ ଉକ୍ତ ସୁବିଧାରୁ ବଞ୍ଚିତ ହୋଇଥାନ୍ତି। ଅଧ୍ୟୟନରେ ଭାଗ ନେଇଥିବା ୧୩ ଜଣଙ୍କୁ ଅନେକ ଦିନ ପର୍ଯ୍ୟନ୍ତ ଗବେଷଣା ପ୍ରତିଷ୍ଠାନରେ ରଖାଯାଇ ସକାଳ ୮ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଉଭୟ ପ୍ରାକୃତିକ ଓ କୃତ୍ରିମ ଆଲୋକରେ କିଛିଦିନ ଲେଖାଏ ବସିବାକୁ କୁହାଯାଇଥିଲା। ମଧ୍ୟାହ୍ନ ସମୟରେ ପ୍ରାକୃତିକ ଆଲୋକର ତୀବ୍ରତା ସର୍ବାଧିକ ୨୪୫୩ ଲକ୍ସ ହେଉଥିବାବେଳେ ସକାଳେ ଓ ଅପରାହ୍ନରେ ଏହା କମ୍ ରହୁଥିଲା। ତେବେ କୃତ୍ରିମ ଆଲୋକ ସବୁବେଳେ ୩୦୦ ଲକ୍ସ ରହୁଥିଲା। ଶୋଇବା ସମୟ ରାତି ୧୧ରୁ ସକାଳ ୭ ପର୍ଯ୍ୟନ୍ତ ପ୍ରକୋଷ୍ଠକୁ ଅନ୍ଧାର କରାଯାଇଥିଲା। ଏହି ସମୟରେ ସେମାନଙ୍କର ରକ୍ତ ଶର୍କରା ନିୟମିତ ଯାଞ୍ଚ ହେଉଥିଲା। ପ୍ରାକୃତିକ ଦିବାଲୋକରେ ବ୍ଲଡ୍ ଗ୍ଲୁକୋଜ୍ ସ୍ତର ସ୍ୱାଭାବିକ ୪.୪ରୁ ୭.୮ ରହୁଥିଲା। ସେହିପରି ଶ୍ୱାସକ୍ରିୟା ଅନୁପାତ ମଧ୍ୟ ଦିବାଲୋକରେ କମ୍ ରହୁଥିଲା। ତେଣୁ ପ୍ରାକୃତିକ ଆଲୋକରେ କାର୍ବୋହାଇଡ୍ରେଟ୍ ସହଜରେ ଶ୍ୱେତସାରରେ ପରିଣତ ହୋଇ ଶକ୍ତି ଯୋଗାଇପାରିବ ବୋଲି ଉକ୍ତ ଅଧ୍ୟୟନରୁ ଜଣାପଡ଼ିଛି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୩/୨୦୨୩ | Bhubaneswar, Tuesday, October 3/2023

# ଜନସଂଖ୍ୟାର ୬୩% ଓବିସି, ଇବିସି

## ବିହାର ଜାତି ଜନଗଣନା

ପାଟନା,୨।୧୦ (ପି.ଟି.)

୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ ବିହାରର ନୀତୀଶ କୁମାର ସରକାର ସୋମବାର ବହୁପ୍ରତୀକ୍ଷିତ ଜାତି ଜନଗଣନା ରିପୋର୍ଟ ପ୍ରକାଶ କରିଛନ୍ତି। ରାଜ୍ୟର ମୋଟ ଜନସଂଖ୍ୟାର ଦୁଇ-ତୃତୀୟାଂଶ ବା ୬୩ ପ୍ରତିଶତ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ଏବଂ ଅତ୍ୟନ୍ତ ପଛୁଆ ବର୍ଗ(ଇବିସି) ବୋଲି ଏହି ରିପୋର୍ଟରୁ ଜଣାପଡ଼ିଛି। ସର୍ଭେ ରିପୋର୍ଟ ଅନୁଯାୟୀ, ଜନସଂଖ୍ୟାର ୩୬ ପ୍ରତିଶତ ଅତ୍ୟନ୍ତ ପଛୁଆ ବର୍ଗ ହୋଇଥିବାବେଳେ୨୭.୧ ପ୍ରତିଶତ ଅନ୍ୟାନ୍ୟ ପଛୁଆ ବର୍ଗ, ୧୯.୭ ପ୍ରତିଶତ ଅନୁସୂଚିତ ଜାତି ଏବଂ ୧.୭ ପ୍ରତିଶତ ଅନୁସୂଚିତ ଜନଜାତି। ସାଧାରଣ ବର୍ଗ ୧୫.୫ ପ୍ରତିଶତ ରହିଥିବା ଉକ୍ତ ରିପୋର୍ଟରେ କୁହାଯାଇଛି। ବିହାରର ମୋଟ ଜନସଂଖ୍ୟା ୧୩.୧ କୋଟିରୁ ଅଧିକ। ରାଜ୍ୟରେ ଯାଦବ ସମ୍ପ୍ରଦାୟ ସର୍ବାଧିକ ହୋଇଥିବାବେଳେ ସେମାନଙ୍କ ସଂଖ୍ୟା ମୋଟ ଓବିସି ବର୍ଗର ୧୪.୨୭ ପ୍ରତିଶତ।

ରିପୋର୍ଟ ପ୍ରକାଶ ପାଇବା ପରେ ଏହାକୁ ନେଇ ରାଜନୀତି ଜୋର୍ ଧରିଛି। ମୋଟ ପଛୁଆ ବର୍ଗ ୬୩.୧ ପ୍ରତିଶତ ହୋଇଥିବାରୁ ସେମାନଙ୍କ ପାଇଁ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ରହିଥିବା ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥାକୁ ବଢ଼ାଇବା ପାଇଁ ଦାବି ହୋଇଛି। ଗାନ୍ଧୀ ଜୟନ୍ତୀରେ ଜାତି ଜନଗଣନା ରିପୋର୍ଟ ପ୍ରକାଶ ପାଇବା ସହ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏହାକୁ ଏକ୍ସ'ରେ ପୋଷ୍ଟ କରିଛନ୍ତି। ଜାତି ଜନଗଣନାରେ ବିହାର ସରକାର ଇତିହାସ ସୃଷ୍ଟି କରିଥିବା ମୁଖ୍ୟମନ୍ତ୍ରୀଙ୍କ ଦଳ ଜେଡିୟୁ କହିଛି। ଦୀର୍ଘ ଦଶନ୍ଧିର ସଂଘର୍ଷର ଫଳ ମିଳିଲା ବୋଲି ଉପମୁଖ୍ୟମନ୍ତ୍ରୀ ତଥା ଆର୍‌ଜେଡି ନେତା ତେଜସ୍ୱୀ ଯାଦବ କହିବା ସହ ରିପୋର୍ଟକୁ ପରିବର୍ତ୍ତନର ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ବୋଲି କହିଛନ୍ତି। ଏଣିକି ସରକାରଙ୍କ ନୀତି ଓ ଉଦ୍ଦେଶ୍ୟ ଉକ୍ତ ତଥ୍ୟ ଆଧାରରେ ହେବ ବୋଲି ସେ ମତ ଦେଇଛନ୍ତି। ଭାଜପାର ଷଡ଼ଯନ୍ତ୍ର ଏବଂ ଆଇନଗତ ପ୍ରତିବନ୍ଧକ ସତ୍ତ୍ୱେ ଜାତି ଜନଗଣନା ରିପୋର୍ଟ ପ୍ରକାଶ ପାଇଥିବାରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବ ଏହାର ପ୍ରଶଂସା କରିଛନ୍ତି। ଅନ୍ୟପକ୍ଷରେ ଜାତିଭିତ୍ତିକ ସର୍ଭେ କେବଳ ଲୋକଦେଖାଣିଆ କହି ଭାଜପା ଲୋକ ସଭା ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ ସମାଲୋଚନା କରିଛନ୍ତି।

ସୁପ୍ରିମକୋର୍ଟଙ୍କ ରାୟ ପରେ ବିହାରରେ ଜାତିଭିତ୍ତିକ ସର୍ଭେ ଲାଗି ୨୦୨୨ ଜୁନ୍ ୬ରେ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୨ଟି ପର୍ଯ୍ୟାୟରେ ଏହି ସର୍ଭେ ହୋଇଥିଲା ଯଥା ଘର ତାଲିକା ଏବଂ ଜାତି ଓ ଅର୍ଥନୈତିକ ଆକଳନ। ସାଧାରଣ ପ୍ରଶାସନ ବିଭାଗ ଜାତି ଜନଗଣନା ଦାୟିତ୍ୱ ନେଇଥିଲା। ୨୦୨୩ ଜାନୁୟାରୀ ୭ରେ ସର୍ଭେ ପାଇଁ ତଥ୍ୟ ସଂଗ୍ରହ ଆରମ୍ଭ ହୋଇଥିବାବେଳେ ଅକ୍ଟୋବର ୨ରେ ରିପୋର୍ଟ ପ୍ରକାଶ ପାଇଛି।

# ୱିସ୍‌ମାନ୍, କାରିକୋଙ୍କୁ ମେଡିସିନ୍‌ରେ ନୋବେଲ

## କୋଭିଡ୍ ଟିକା ପ୍ରସ୍ତୁତିରେ ଥିଲା ଅବଦାନ

ଷ୍ଟକ୍‌ହୋମ୍,୨।୧୦

କୋଭିଡ୍-୧୯ର ପ୍ରତିଷେଧକ ଭାବେ ଏମ୍‌ଆର୍‌ଏନ୍‌ଏ(mRNA) ଟିକା ପ୍ରସ୍ତୁତି ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତିର ଆବିଷ୍କାର ପାଇଁ ୨ ବୈଜ୍ଞାନିକଙ୍କୁ ମେଡିସିନ୍‌ରେ ନୋବେଲ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ଏହି ଆବିଷ୍କାର ଭବିଷ୍ୟତରେ ଅନ୍ୟାନ୍ୟ ଟିକା ବିକାଶରେ ମଧ୍ୟ ବ୍ୟବହୃତ ହୋଇପାରିବ। ହଙ୍ଗେରୀ ଜନ୍ମିତ ଆମେରିକୀୟ ବୈଜ୍ଞାନିକ କାଟାଲିନ୍ କାରିକୋ ଏବଂ ଆମେରିକାର ଡ୍ରିଉ ୱିସ୍‌ମାନ୍ ମେଡିସିନ୍‌ରେ ନୋବେଲ ପୁରସ୍କାର ପାଇବାକୁ ଯାଉଛନ୍ତି। ଆଧୁନିକ ସମୟରେ ମାନବ ସ୍ୱାସ୍ଥ୍ୟ ପାଇଁ ସବୁଠୁ ବଡ଼ ବିପଦ ଭାବେ ଦେଖାଦେଇଥିବା କୋଭିଡ୍-୧୯ର ପ୍ରତିଷେଧକ ଭାବେ ଟିକା ଉତ୍ପାଦନରେ ସେମାନଙ୍କ ଆବିଷ୍କାର ଗୁରୁତ୍ୱପୂର୍ଣ୍ଣ। ଆମର ରୋଗ ପ୍ରତିରୋଧ ବ୍ୟବସ୍ଥାକୁ ଏମ୍‌ଆର୍‌ଏନ୍‌ଏ କିପରି ପ୍ରଭାବିତ କରେ, ଦୁଇ ବୈଜ୍ଞାନିକଙ୍କ ଐତିହାସିକ ଆବିଷ୍କାର ସେନେଇ ଆମର ବୁଝାମଣାକୁ ମୌଳିକ ଭାବେ ବଦଳାଇ ଦେଇଥିଲା ବୋଲି ଷ୍ଟକ୍‌ହୋମ୍‌ର ନୋବେଲ କମିଟି କହିଛି। ପାରମ୍ପରିକ ଭାବେ ଟିକା ପ୍ରସ୍ତୁତି ଲାଗି ବର୍ଦ୍ଧିତ ଭୂତାଣୁ ଆବଶ୍ୟକ ହେଉଥିଲା। ତେବେ ମେସେଞ୍ଜର ଆର୍‌ଏନ୍‌ଆଇ ଦୃଷ୍ଟିକୋଣ ଅଲଗା। ଏହା ପ୍ରୋଟିନ୍ ପ୍ରସ୍ତୁତି ପାଇଁ କାର୍ଯ୍ୟ


ଡ୍ରିଉ ୱିସ୍‌ମାନ୍


କାଟାଲିନ୍ କାରିକୋ

କରୁଥିବା ସୂକ୍ଷ୍ମ ଜେନେଟିକ୍ କୋଡ୍‌ରୁ ଆରମ୍ଭ ହୋଇଥାଏ ଏବଂ ଠିକ୍ ଭୂତାଣୁର ପ୍ରୋଟିନଖକୁ ବାଛି ଟାର୍ଗେଟ କରିଥାଏ। ଏହା ଶରୀରକୁ ଏକ କ୍ଷୁଦ୍ର ଟିକା କାରଖାନାରେ ପରିଣତ କରିଥାଏ। ଲାବରେଟୋରିରେ ପ୍ରସ୍ତୁତ ଏମ୍‌ଆର୍‌ଏନ୍‌ଏ ଶରୀରକୁ ଇଞ୍ଜେକ୍‌ଶନ ଜରିଆରେ ଯିବା ଦ୍ୱାରା ଭୂତାଣୁଗୁଡ଼ିକୁ ବିନାଶ କରିଥାଏ।

କାରିକୋ ହଙ୍ଗେରିର ସେଜ୍‌ଡ ୟୁନିଭର୍ସିଟିର ପ୍ରଫେସର ଏବଂ ୟୁନିଭର୍ସିଟି ଅଫ୍ ପେନ୍‌ସିଲଭାନିଆର ସହାୟକ ପ୍ରଫେସର ଭାବେ କାର୍ଯ୍ୟ କରୁଥିବାବେଳେ ୱିସ୍‌ମାନ୍ ୟୁନିଭର୍ସିଟି ଅଫ୍ ପେନ୍‌ସିଲଭାନିଆର ପ୍ରଫେସର ଅଛନ୍ତି। ସେମାନେ ଆର୍‌ଏନ୍‌ଏ ବିଲ୍ଡିଂ ବ୍ଲକ୍‌ର ସାମାନ୍ୟ ପରିବର୍ତ୍ତନ କରିଥିଲେ, ଯାହା ଇମ୍ୟୁନ୍ ପ୍ରତିରୋଧକୁ ଅତିକ୍ରମ କରିବା ପାଇଁ ଯଥେଷ୍ଟ ଥିଲା। ମେଡିସିନ୍‌ରେ ନୋବେଲ ଜିତିବାରେ ୬୮ ବର୍ଷୀୟା କାରିକୋ ହେଉଛନ୍ତି ୧୩ତମ ମହିଳା। କୋଭିଡ୍ ଟିକା ପ୍ରସ୍ତୁତକାରୀ ଫାଇଜରର ସହଯୋଗୀ ବାୟୋଏନ୍‌ଟେକ୍‌ର ସେ ବରିଷ୍ଠ ଉପାଧ୍ୟକ୍ଷା ଥିଲେ। ତାଙ୍କର ୬୪ ବର୍ଷୀୟ ପ୍ରଫେସର ତଥା ପେନ୍ ଇନ୍‌ଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ୱିସ୍‌ମାନ୍‌ଙ୍କ ସହ ☞ ପୃଷ୍ଠା-୭

# ଆଜିଠୁ ପିଜି ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା

ଭୁବନେଶ୍ୱର,୨।୧୦(ଅସମାପିକା ସାହୁ)

୨୦୨୩-୨୪ ଶିକ୍ଷା ବର୍ଷ ପାଇଁ ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡିକରେ ଦ୍ୱିତୀୟ ପର୍ଯ୍ୟାୟ ପିଜି ନାମଲେଖା ମଙ୍ଗଳବାର ୩ ତାରିଖରୁ ଆରମ୍ଭ ହେବ। ସକାଳ ୧୦ଟାରୁ ୫ ତାରିଖ ଅପରାହ୍ନ ୫ଟା ଭିତରେ ମନୋନୀତ ଛାତ୍ରୀଛାତ୍ର ନାମ ଲେଖାଇବେ। ୧୦ ତାରିଖ ଅପରାହ୍ନ ୨ଟାରେ ବଳକା ସିଟ୍ ପାଇଁ ମେଧା ତାଲିକା ପ୍ରକାଶ ପାଇବ। ଏଥିରେ ଚୟନ ହୋଇଥିବା ଛାତ୍ରୀଛାତ୍ର ୧୨ତାରିଖ ଅପରାହ୍ନ ୫ଟା ଭିତରେ ନାମ ଲେଖାଇବେ। ୧୩ ତାରିଖ ରାତି ୯ଟା ଭିତରେ ଶିକ୍ଷାନୁଷ୍ଠାନଗୁଡ଼ିକ ଇ-ସ୍ପେସ୍‌ରେ ନାମଲେଖା ସମ୍ପର୍କିତ ସମସ୍ତ ତଥ୍ୟ ଅପ୍‌ଲୋଡ୍ କରିବେ। ଉଲ୍ଲେଖଯୋଗ୍ୟ, ଗତ ଅଗଷ୍ଟ ୨୧ରୁ ପିଜି ପ୍ରଥମ ବର୍ଷ ପାଠପଢ଼ା ଚାଲିଛି। ପ୍ରଥମ ପର୍ଯ୍ୟାୟରେ ସିଟ୍ ପୂରଣ ନ ହେବାରୁ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି।

ଆଜିର ସମ୍ପାଦକୀୟ
୯୩: ଭୋଟ୍ ଦେଇନାହାନ୍ତି




# 'ଅଲିମ୍ପିକ୍ସ ଇନ୍ ରିଲ୍ ଲାଇଫ୍'ରେ ଓଡ଼ିଶାର ସଫଳତା ବଖାଣିଲେ ଦୁଇ ଛାତ୍ରୀଛାତ୍ର

ଭୁବନେଶ୍ୱର, ୨।୧୦(ଅସମାପିକା ସାହୁ)

ଅଭିନବ ବିନ୍ଦ୍ରା ଫାଉଣ୍ଡେଶନ, ଫିଲ୍ମ ହେରିଟେଜ୍ ଫାଉଣ୍ଡେଶନ୍ ଓ ଅଲିମ୍ପିକ୍ ମ୍ୟୁଜିୟମ୍ ପକ୍ଷରୁ ମୁମ୍ବାଇଠାରେ 'ଅଲିମ୍ପିକ୍ସ ଇନ୍ ରିଲ୍ ଲାଇଫ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶାର ଦୁଇଜଣ ଛାତ୍ରୀଛାତ୍ର ଓ ଦୁଇଜଣ ପିଇଟି ଶିକ୍ଷକ ଯୋଗଦେଇଥିଲେ। ଦୁଇ ଛାତ୍ରୀଛାତ୍ର ହେଲେ ଭୁବନେଶ୍ୱରସ୍ଥିତ ୟୁନିଟ୍-୪ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରତ୍ୟାଶା ସ୍ୱାଇଁ ଏବଂ ଭିଏସ୍‌ଏସ୍ ନଗର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ସୌମ୍ୟରଞ୍ଜନ ବାରିକ। ସେମାନେ ଓଡ଼ିଶାର ବିଭିନ୍ନ ସରକାରୀ ବିଦ୍ୟାଳୟରେ 'ଅଲିମ୍ପିକ୍ସ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ'ର ସଫଳ କାର୍ଯ୍ୟକାରିତା ଉପରେ ଅଭିଭାଷଣ ରଖିଥିଲେ। ଏଥିସହ ଓଡ଼ିଶା ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ 'ଅଲିମ୍ପିକ୍ସ ପ୍ରଦର୍ଶନୀ' କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା। ପିଲାମାନେ ନିଜେ ପ୍ରସ୍ତୁତ କରିଥିବା ଅଡିଓ-ଭିଜୁଆଲ୍‌ସକୁ ସେଠାରେ ପ୍ରଦର୍ଶିତ କରାଯାଇଥିଲା। ଦୁଇ ଛାତ୍ରୀଛାତ୍ରଙ୍କ ସହ ଭିଏସ୍‌ଏସ୍ ନଗର ସରକାରୀ ଉଚ୍ଚ ବିଦ୍ୟାଳୟର ପିଇଟି ଶିକ୍ଷୟିତ୍ରୀ ରଚିତା ନାୟକ ଏବଂ ରାଉରକେଲାସ୍ଥିତ ଉଦିତ ନଗର ସରକାରୀ ଉଚ୍ଚ ବିଦ୍ୟାଳୟର ପିଇଟି ଶିକ୍ଷକ ଆଶିଷ କୁମାର ପ୍ରଧାନ, ☞ ପୃଷ୍ଠା-୭

# ଆସିଷ୍ଟାଣ୍ଟ କଲେକ୍ଟର ମୃତ୍ୟୁ ଘଟଣାର ତଦନ୍ତ ଆରମ୍ଭ

ରାଉରକେଲା,୨।୧୦(ସଙ୍ଗୀତା ଜେନା)

ରାଉରକେଲା ଆସିଷ୍ଟାଣ୍ଟ କଲେକ୍ଟର ସୁସ୍ମିତା ମିଞ୍ଜଙ୍କ ମୃତ୍ୟୁ ଘଟଣାରେ ତଦନ୍ତ ଆରମ୍ଭ ହୋଇଛି। ଡିଏସ୍‌ପି ବନିତା ମାଝୀ ସୋମବାର ମିଞ୍ଜଙ୍କ ମୃତଦେହ ମିଳିଥିବା ପ୍ଲାଣ୍ଟସାଇଟ୍ ସେନସୋରୀ ପାର୍କରେ ପହଞ୍ଚି ତଦନ୍ତ କରିଛନ୍ତି। ତଦନ୍ତ ବେଳେ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ପାର୍କ ଜଳାଶୟରେ ଖାନତଲାସି କରାଯାଇଥିଲା। ତଦନ୍ତକାରୀ ଅଧିକାରୀ ମାଝୀ କହିଛନ୍ତି, ଆସିଷ୍ଟାଣ୍ଟ କଲେକ୍ଟର ମିଞ୍ଜଙ୍କ ନିଖୋଜ ସମ୍ପର୍କରେ ଗତ ସେପ୍ଟେମ୍ବର ୧୭ ତାରିଖରେ ଉଦିତନଗର ଥାନାରେ ପରିବାର ଲୋକେ ଏତଲା ଦେଇଥିଲେ। ପୋଲିସ ତଦନ୍ତ ବେଳେ ହୋଟେଲ ରାଧିକା ରିଜେନ୍ସିରେ ମିଞ୍ଜ ରହୁଥିବା ଜଣାପଡିଥିଲା। ପରଦିନ ଅର୍ଥାତ୍ ୧୮ ତାରିଖରେ ପରିବାର ଲୋକେ ପୋଲିସ ସହ ଉକ୍ତ ହୋଟେଲକୁ ଯାଇ କବାଟ ବାଡେଇଥିଲେ ମଧ୍ୟ ସୁସ୍ମିତା ଖୋଲି ନ ଥିଲେ। ହୋଟେଲ କର୍ମଚାରୀ ପୋଲିସ ଉପସ୍ଥିତିରେ ଡୁପ୍ଲିକେଟ୍ ଚାବିରେ କବାଟ ଖୋଲିଥିଲେ। ଏହି ସମୟରେ ମିଞ୍ଜଙ୍କ ସହ ତାଙ୍କ ପରିବାର ଲୋକଙ୍କ ପାଟିତୁଣ୍ଡ ହୋଇଥିଲା। ☞ ପୃଷ୍ଠା-୭



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟଙ୍କା
ମୁହଁ କରିଦିଏ ବଙ୍କା।**

ସାଧାରଣତଃ ଅର୍ଥ ଓ ପ୍ରାଚୁର୍ଯ୍ୟ ମଧ୍ୟରେ ବୁଡ଼ି ରହିଥିବା ବ୍ୟକ୍ତିଜଣକ ନିଜ ହିତାହିତ ଜ୍ଞାନ ଭୁଲି କାହାକୁ ଖାତିର କରୁ ନ ଥିବାର ଦେଖିବାକୁ ମିଳିଥାଏ। ଧନକୁ ନେଇ ଏମାନଙ୍କ ମନରେ ଗର୍ବ ଆସିବା ସହ ଅନ୍ୟମାନଙ୍କ ପ୍ରତି ସେମାନେ ଇତର ଭଳି ବ୍ୟବହାର ଦେଖାଇଥାନ୍ତି। ଅର୍ଥ ବଳରେ ଏଭଳି ବ୍ୟକ୍ତି ନିଜକୁ ଶ୍ରେଷ୍ଠ ମଣିବା ସହ କାହାକୁ ଆଡ଼ଆଖିରେ ମଧ୍ୟ ଚାହାନ୍ତି ନାହିଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଟେରାକୁ ଟେରୀ
ଟେରୀ ଆଣିଥିଲା ବାଉଁଶ ପେରୀ।**

ବହୁକାଳରୁ ଆମ ସମାଜରେ ଯୌତୁକ ଏକ ପ୍ରଥା ବା ଚଳଣି ଭାବେ ଚଳିଆସିଛି। ଏହା ଏକ କୁପ୍ରଥା ହୋଇଥିଲେ ମଧ୍ୟ ବିବାହରେ ଯଥା ସମ୍ଭବ ଜାନିଯୌତୁକ ଆଣିଥିବା ଗରିବ ଘରର ଝିଅ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:




# ଓଡ଼ିଶା ଗସ୍ତରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ

ଭୁବନେଶ୍ୱର, ୨।୧୦
(ବନ୍ଦନା ସେଠୀ)

କେନ୍ଦ୍ର ସୂଚନା ଓ ପ୍ରସାରଣ ଏବଂ ଯୁବ ବ୍ୟପାର ଓ କ୍ରୀଡ଼ା ମନ୍ତ୍ରୀ ଅନୁରାଗ ସିଂ ଠାକୁର ମଙ୍ଗଳବାର ଓଡ଼ିଶା ଗସ୍ତରେ ଆସୁଛନ୍ତି। ସକାଳ ୯ଟା ୫ରେ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚିବା ପରେ ଭାଜପା ରାଜ୍ୟ କାର୍ଯ୍ୟାଳୟ ଠାରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରିବେ। ଏହାପରେ ପୂର୍ବାହ୍ନ ୧୧ଟାରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ନେହେରୁ ଯୁବ କେନ୍ଦ୍ର ସଂଗଠନ ପକ୍ଷରୁ ଆୟୋଜିତ 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମରେ ଯୋଗଦେବେ। ଅପରାହ୍ନରେ କେତେକ ଘରୋଇ କାର୍ଯ୍ୟକ୍ରମରେ ଯୋଗଦେବା ପରେ ସନ୍ଧ୍ୟାରେ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି।


ଅନୁରାଗ ସିଂ ଠାକୁର

# ବନ୍ଦ ଘରୁ ମହିଳାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଜବତ

ଲହୁଣୀପଡ଼ା, ୨।୧୦
(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ରାଜମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଗୁଡ଼ିଆଲି ଗ୍ରାମର କଦଗୁଡା ସାହିରେ ଏକ ବନ୍ଦ ଘରୁ ଜଣେ ମହିଳାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ସୋମବାର ପୋଲିସ ଜବତ କରିଛି। ମୃତା ହେଲେ କମଳା କିଷାନ(୩୨)। ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିଛନ୍ତି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, କଦଗୁଡା ସାହିରେ କମଳା ଓ ତାଙ୍କ ସ୍ୱାମୀ ଭଡ଼ାରେ ରହୁଥିଲେ। ସ୍ୱାମୀ ବିଭିନ୍ନ ସ୍ଥାନରେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ସୋମବାର ଅନେକ ସମୟ ପର୍ଯ୍ୟନ୍ତ କବାଟ ନ ଖୋଲିବାରୁ ସାହି ଲୋକେ ସନ୍ଦେହ କରିଥିଲେ। ଝରକା ପଟେ ଅନୁଧାନ କଲା ପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ କମଳା ତଳେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏ ନେଇ ସ୍ଥାନୀୟ ଲୋକେ ପୋଲିସକୁ ସୂଚନା ଦେଇଥିଲେ। ରବିବାର ବିଳମ୍ବିତ ରାତିରେ କମଳାଙ୍କୁ କେହି ମାରିଦେଇଥିବା ଅନୁମାନ କରାଯାଉଛି। ଘଟଣା ପରଠାରୁ କମଳାଙ୍କ ସ୍ୱାମୀ ଘରେ ନ ଥିବା ଜଣାପଡ଼ିଛି।

# ଅଟୋ ଓଲଟି ୧୧ ଆହତ

ନନ୍ଦପୁର, ୨।୧୦ (ଶଙ୍କର ପୂଜାରୀ)

ରାଇସିଂ ପଞ୍ଚାୟତ ପେଟାଲ ଗ୍ରାମରୁ ୧୧ ଜଣ ମହିଳା ପୁରୁଷଙ୍କୁ ଧରି ନନ୍ଦପୁର ବ୍ଲକ କାର୍ଯ୍ୟାଳୟକୁ ଆସୁଥିବା ଏକ ଯାତ୍ରୀବାହୀ ଅଟୋ (ଓଡି୧୦ ଡବ୍ଲ୍ୟୁ-୩୭୭୪) କମାରଗୁଡା ନିକଟରେ ସୋମବାର ଓଲଟି ପଡ଼ିଛି। ଫଳରେ ଅଟୋରେ ଥିବା ସମସ୍ତ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସେମାନଙ୍କ ମଧ୍ୟରୁ ସଇତା ମୁଦୁଲି, ବୁଦ୍ରି ଖରା, ଲଳିତ ଖରା, ନାରାୟଣ ଖରା, ସହଦେବ ମୁଦୁଲିଙ୍କୁ ଆଶାକିରଣ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ନନ୍ଦପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛି।

# ଗୋଲ୍ଡ ଟେଷ୍ଟିଂ ସେଣ୍ଟରରୁ ୭ କେଜି ସୁନା, ୨୬.୩୮ ଲକ୍ଷ ଟଙ୍କା ଜବତ

ବ୍ରହ୍ମପୁର, ୨।୧୦
(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସାନବଜାର ଛକ ଏକ ଗୋଲ୍ଡ ଟେଷ୍ଟିଂ ସେଣ୍ଟର୍‌ରୁ ସୋମବାର ରାତିରେ ନିମଖଣ୍ଡି ପୋଲିସ ୭କେଜି ସୁନା ସହ ୨୬.୩୮ ଲକ୍ଷ ଟଙ୍କା ଜବତ କରିଛି। ଥାନାଧିକାରୀ ଭାବାନନ୍ଦ ପ୍ରଧାନ କହିଛନ୍ତି ଯେ, ଜଣେ ଚୋରକୁ ଧରି ଜେରା କରାଯାଇଥିଲା। ତାଙ୍କ ବୟାନ ଆଧାରରେ ଉକ୍ତ ଟେଷ୍ଟିଂ ସେଣ୍ଟର୍ ଉପରେ ଚଢ଼ଉ କରାଯାଇଥିଲା। ଉକ୍ତ ସେଣ୍ଟର୍‌ର ମାଲିକ ମହାରାଷ୍ଟ୍ରର ହୋଇଥିବା ବେଳେ ବେଆଇନ ଭାବେ ଚୋରି ସୁନା ଗହଣା ସେଠାରେ ତରଳା ଯାଇ ବଜାରକୁ ଛଡ଼ାଯିବା ଅଭିଯୋଗରେ ଏହି ଚଢ଼ଉ କରାଯାଇଥିଲା ବୋଲି ଥାନାଧିକାରୀ ପ୍ରଧାନ କହିଛନ୍ତି। ପୋଲିସ ଏବେ ଉକ୍ତ ଗହଣା ଦୋକାନ ମାଲିକ ଓ ଲୁଟିଆଙ୍କୁ ଥାନାରେ ଅଟକ ରଖି ଜେରା ଚଳାଇଛି।

# କାର-ବସ୍ ଧକ୍କା ମାମଲା, ୨ ଗିରଫ

ରାଉରକେଲା, ୨।୧୦
(ସଙ୍ଗୀତା ଜେନା)

ରାଉରକେଲା ବିରଜାପାଲ୍ଲୀଠାରେ ରବିବାର ଅପରାହ୍ନରେ କାର ଓ ବସ୍ ଧକ୍କା ପରେ ବସ୍ ଭଙ୍ଗାରୁଜା ଓ ମାରପିଟ୍ ମାମଲାରେ ଉଦିତନଗର ଥାନା ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଅମିତ ପାତ୍ର ଓ ଗୌରୀରାଣୀ ବିଭାର(୨୫)। ଉଭୟଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ଏକ ମାମଲା (ନଂ.୩୧୫/୨୩) ରୁଜୁ ହୋଇଛି।

# ବିଧାନସଭା ପରିସରରେ ଗାନ୍ଧୀ ଜୟନ୍ତୀ

ଭୁବନେଶ୍ୱର, ୨।୧୦
(ଅନିଲ ଦାସ)



ମହାତ୍ମା ଗାନ୍ଧୀଙ୍କ ୧୫୪ତମ ରାଜ୍ୟସ୍ତରୀୟ ଜୟନ୍ତୀ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ସୋମବାର ପୂର୍ବାହ୍ନରେ ବିଧାନସଭା ପରିସରରେ ଅନୁଷ୍ଠିତ ଏହି ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ବାଚସ୍ପତି ପ୍ରମିଳା ମଲ୍ଲିକ, ଉପବାଚସ୍ପତି ରଜନୀକାନ୍ତ ସିଂ, ଅର୍ଥମନ୍ତ୍ରୀ ବିକ୍ରମକେଶରୀ ଆରୁଖ, ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି, ବରିଷ୍ଠ ବିଧାୟକ ପ୍ରଫୁଲ୍ଲ ସାମଲ, ସୁରେଶ କୁମାର ରାଉତରାୟ, ଅନନ୍ତ ଦାସ, ଅନନ୍ତ ନାରାୟଣ ଜେନା ପ୍ରମୁଖ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ। ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ କେନ୍ଦ୍ରର କଳାକାରମାନଙ୍କ ଦ୍ୱାରା ମହାତ୍ମା ଗାନ୍ଧୀଙ୍କ ପ୍ରିୟ ଭଜନ ଗାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ବିଧାନସଭା ସଚିବ ଦାଶରଥି ଶତପଥୀ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ, ବୈଷୟିକ ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ପରିଡ଼ାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ମାନସ ରଞ୍ଜନ ଖୁଣ୍ଟିଆ, ସୂଚନା ଅଧିକାରୀ ସୁଶ୍ରୀ ପ୍ରମୋଦିନୀ ଟେଟେ ପ୍ରମୁଖ ସହଯୋଗ କରିଥିଲେ। ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# କାରାଗାର ଏକାଡେମୀରେ ମହାତ୍ମାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଭୁବନେଶ୍ୱର, ୨।୧୦
(ଅନିଲ ଦାସ)

ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଭୁବନେଶ୍ୱର ଉପକଣ୍ଠ ଛତାବରସ୍ଥିତ ମହାତ୍ମା ଗାନ୍ଧୀ କାରାଗାର ଓ ସଂସ୍କାରସେବା ଏକାଡେମୀ ପରିସରରେ ମହାତ୍ମା ଗାନ୍ଧୀଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ରାଜ୍ୟ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଏହାକୁ ଉନ୍ମୋଚନ କରିଛନ୍ତି। ଏକାଡେମୀ ପରିବେଶକୁ ସରସ ସୁନ୍ଦର କରିବାକୁ ଆହୁରି ଅଧିକ ଚାରାରୋପଣ କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ବରିଷ୍ଠ ଅଧିକାରୀବୃନ୍ଦ, ଏକାଡେମୀର ସହକାରୀ ନିର୍ଦ୍ଦେଶକ ତଥା ରେଜିଷ୍ଟ୍ରାର ସନ୍ତୋଷ କୁମାର ପଟ୍ଟନାୟକ, ସମସ୍ତ ଶାରୀରିକ ତାଲିମ ପ୍ରଶିକ୍ଷକ, କର୍ମଚାରୀ ଓ ତାଲିମ ନେଉଥିବା କାରାରକ୍ଷୀ ପ୍ରଶିକ୍ଷାର୍ଥୀମାନେ ଉପସ୍ଥିତ ଥିଲେ। ଏହି ପ୍ରତିମୂର୍ତ୍ତି ନିର୍ମାଣ ଖର୍ଚ୍ଚ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ବହନ କରିଛି। ଏହି ଅବସରରେ ବିଭାଗୀୟ ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାଏ, ଖୋର୍ଦ୍ଧା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲା ସଂସ୍କୃତି ଅଧିକାରୀ ଅରବିନ୍ଦ ଚୌଧୁରୀ ଦାସ, ଏକାଡେମୀ ନିର୍ଦ୍ଦେଶକ ତଥା କାରା ନିର୍ଦ୍ଦେଶାଳୟର ଉପନିରୀକ୍ଷକ ଗରିବ ସାହୁ, ଉପନିର୍ଦ୍ଦେଶକ ବୀରେନ୍ଦ୍ର ନାଥ ମାହାଲି, ସହକାରୀ ନିର୍ଦ୍ଦେଶକ ବୀର କିଶୋର ଦାଶ, ସହକାରୀ ନିର୍ଦ୍ଦେଶକ ରମାକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




ୟୁନିୟନ୍ ବ୍ୟାଙ୍କର ବାଲେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ 'ସ୍ୱଚ୍ଛତା ହିଁ ସେବା' ଅଭିଯାନ ନାମରେ ଏକ ସଫେଇ କାର୍ଯ୍ୟକ୍ରମ ବ୍ୟାଙ୍କ ପକ୍ଷରୁ ଆୟୋଜିତ ହୋଇଥିଲା। ଏଥିରେ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ୧୨ ସିଆରସିସିଙ୍କୁ କାରଣ ଦର୍ଶାଅ ନୋଟିସ

## ନିଜ ଦୋଷ ଖସାଇବାକୁ ବିଇଓଙ୍କ ଉଦ୍ୟମ

ପଟ୍ଟାଙ୍ଗି, ୨।୧୦ (ଶରତ ଧଳ)

ରାଜ୍ୟ ସରକାରଙ୍କ ଛୁଟିକୁ ଦୃଷ୍ଟିରେ ନ ରଖି ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରି ଏବେ ସିଆରସିସିମାନଙ୍କ ମୁଣ୍ଡରେ ଅଠା ବୋଳିବାକୁ ବସିଛନ୍ତି। ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏନେଇ ଶିକ୍ଷକ ମହଲରେ ଅସନ୍ତୋଷ ଦେଖାଦେଇଛି। ଏପରି ଘଟଣା ଦେଖିବାକୁ ମିଳିଛି କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଶିକ୍ଷା ବିଭାଗ କ୍ଷେତ୍ରରେ। ଖବରରୁ ଜଣାପଡିଛି, ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରିବାକୁ ପଟ୍ଟାଙ୍ଗି ବିଇଓଙ୍କ କାର୍ଯ୍ୟାଳୟ ଗତ ୧।୯।୨୩ରେ ବ୍ଲକର ୧୨ ଜଣ ସିଆରସିସିଙ୍କୁ ଚିଠି କରିଥିଲେ। ଏହି ଚିଠିକୁ ଗୁରୁତ୍ୱ ଦେଇ ସିଆରସିସିମାନେ ପ୍ରସ୍ତୁତି ଚଳାଇଥିବା ବେଳେ ପୁଣି ବିଭାଗ ପକ୍ଷରୁ ବିଇଓ ଟି. ମିନତି ୧୩।୯।୨୩ରେ ସିଆରସିସିମାନଙ୍କୁ ପୁଣି ଚିଠି ଲେଖି ୧୫ ଏବଂ ୧୬ ତାରିଖରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ସମୟରେ ବିଇଓ ପୁଣି ଏକ ଚିଠି କରି ଧାର୍ଯ୍ୟ ୧୫ ଓ ୧୬ ତାରିଖରେ ପ୍ରତିଯୋଗିତା ନ କରି ୨୦ ଓ ୨୧ ତାରିଖରେ ଦୁଇଦିନ ପ୍ରତିଯୋଗିତା କରିବା ପାଇଁ ନିର୍ଦ୍ଦେଶ ଦେଲେ। ମାତ୍ର ୨୧ ତାରିଖ ଗଣପର୍ବ ନୂଆଁଖାଇ ପାଇଁ ସରକାରୀ ଛୁଟି ରହିଥିବାରୁ ସେ ଦୁଇଦିନ ପ୍ରତିଯୋଗିତା ନ କରି ଗୋଟିଏ ଦିନରେ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା କରି ନିଜ ମୁଣ୍ଡରୁ ଦାୟିତ୍ୱ ଖସାଇ ଦେଲେ। ଏବେ ଏହା ଉପରେ ଖୋଳତାଡ ହେବାରୁ ବିଇଓ ସିଆରସିସିମାନଙ୍କ ଉପରେ ଦୋଷ ଲଦିବାକୁ ୧୨ ଜଣ ସିଆରସିସିଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। କ୍ରୀଡ଼ା ସମୟରେ ତୁମେମାନେ କାହିଁକି ଉପସ୍ଥିତ ନ ରହିଲ ବୋଲି ଏଥିଲେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ୧୩ ତାରିଖଠାରୁ ବିଭାଗର ସମସ୍ତ ସିଆରସିସି ମାସେ ଛୁଟିରେ ରହିଥିଲେ। ଏପରି କ୍ଷେତ୍ରରେ ବ୍ଲକ ଶିକ୍ଷା ଅଧିକାରୀ ସିଆରସିସିମାନଙ୍କୁ କିପରି ୧୪ ତାରିଖରେ ଚିଠି କରି ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା କରିବା ଲାଗି ଚିଠି କରିଥିଲେ ବୋଲି ପ୍ରଶ୍ନ ଉଠୁଛି। ଏନେଇ ବର୍ତ୍ତମାନ ସମସ୍ତ ସିଆରସିସି ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ବିଇଓ ଟି. ମିନତିଙ୍କୁ ଯୋଗାଯୋଗ କରିବା ପାଇଁ ଫୋନ କରାଯାଇଥିଲେ ମଧ୍ୟ ତାଙ୍କ ଫୋନ ଲାଗି ନ ଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଅଶ୍ୱିନୀ ନକ୍ଷତ୍ର ଭାବପ୍ରବଣତାରେ ବାସ୍ତବତା ଅପେକ୍ଷା କଳ୍ପନାରେ ଆନନ୍ଦ ଅନୁଭବ କରିବେ। ରବିବାରର ଯୋଜନା ମୁତାବକ କାମରେ ଲାଗିପଡ଼ନ୍ତୁ ଟେନ୍‌ସନ କମିଯିବ। ନିଜ ଲୋକଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ସୂଚନା ପାଇପାରନ୍ତି। କର୍ମକ୍ଷେତ୍ରରେ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ବିବାଦ ଦେଖାଦେଇପାରେ।

**ବୃଷ**
କୃତ୍ତିକା ନକ୍ଷତ୍ର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିପାରିଲେ ସମାଲୋଚନାରୁ ରକ୍ଷାପାଇବେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ବନ୍ଧୁଙ୍କ ଗହଣରେ ମନର ଦୁଃଖକୁ ଲୁଚାଇ ରଖି ହସି ହସି କଥା କହିବାର ଅପଚେଷ୍ଟା କରି ଧରାପଡ଼ିଯିବେ।

**ମିଥୁନ**
ମୃଗଶିରା ନକ୍ଷତ୍ର ପରିସ୍ଥିତିକୁ ଆଖି ଆଗରେ ରଖି ଯେସାକୁ ତେସା ନୀତିରେ କାମ କରିବେ। ମିଠା କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇବାରେ ସମର୍ଥ ହେବେ। କଳା, ସାହିତ୍ୟ, ପ୍ରଶାସନିକ ସ୍ତରରେ ସ୍ଥିତି ଅନୁକୂଳ ହୋଇପାରେ। କୌଣସି ଦୂରାଗତ ବନ୍ଧୁଙ୍କ ସହାୟତାରେ ମୂଲ୍ୟବାନ୍ ଦ୍ରବ୍ୟ ପାଇପାରନ୍ତି।

**କର୍କଟ**
ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ଘଟିବ, କିନ୍ତୁ କର୍ମକ୍ଷେତ୍ର ସନ୍ତୋଷଜନକ ରହି ନ ପାରେ। ଅଶ୍ଳେଷା ନକ୍ଷତ୍ରର ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। କଳା, ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ଭୁଲ୍ ବୁଝାମଣା ଓ ସନ୍ଦେହଜନିତ ପାରିବାରିକ ସମସ୍ୟା ଗୁରୁତର ହୋଇପାରେ।

**ସିଂହ**
ଦୀର୍ଘଦିନ ହେଲା ଯେତେ ଚେଷ୍ଟାକଲେ ମଧ୍ୟ ଆର୍ଥିକ ସ୍ୱଚ୍ଛଳତା ନ ରହିବା କାରଣରୁ ମାନସିକ ଶାନ୍ତି ବ୍ୟାହତ ହେବ। ଯାହା କଲେ ମଧ୍ୟ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେବ। ବ୍ୟବସାୟରେ ଲାଭର ମାତ୍ରା ବଢ଼ିବ ନାହିଁ। ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର ସକାଶେ ହିତୈଷୀଙ୍କ ଦ୍ୱାରା ପ୍ରଭାବିତ ହୋଇ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ।

**କନ୍ୟା**
ପାରିବାରିକ ଜୀବନରେ ଉଚିତ ବୁଝାମଣା ହେବାରୁ ଆଶ୍ୱସ୍ତି ଅନୁଭବ କରିବେ। ବନ୍ଧୁମାନେ ସହଯୋଗର ପ୍ରତିଶ୍ରୁତି ଦେବେ, କିନ୍ତୁ ନିର୍ଦ୍ଦିଷ୍ଟ ସମୟରେ ଦୂରେଇ ରହିବେ। ଆତ୍ମୀୟଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତା ବଢ଼ିପାରେ, ଅବଶ୍ୟ ବିଶେଷ କିଛି ଅସୁବିଧା ହେବ ନାହିଁ। ହସ୍ତା ନକ୍ଷତ୍ର ଆଇନ ଅଦାଲତରୁ ସୁଫଳ ପାଇ ସମସ୍ୟା ସମାଧାନ ହୋଇଯିବ।

**ତୁଳା**
ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡ଼ିପାରନ୍ତି। ସ୍ୱାତୀ ନକ୍ଷତ୍ର ସଭାସମିତିରେ ଯୋଗଦେଇ ଲାଭବାନ୍ ହେବେ। ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ। ହଠାତ୍ ବହୁ ଟଙ୍କା ଖର୍ଚ୍ଚକରିବା କାରଣରୁ ଦୁଃଖିତ ହେବେ।

**ବିଛା**
ଅନୁରାଧା ନକ୍ଷତ୍ର ପାଇଁ ଅବହେଳାରୁ ହାତମୁଠାରୁ ସୁଯୋଗ ଖସିଯାଇପାରେ। ମନକଥା ମନରେ ମାରି ରହିବେ, ମୁହଁ ଖୋଲିବାର ରାସ୍ତା ପାଇବେ ନାହିଁ। ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। ଅବଶ୍ୟ ପାରିବାରିକ ତିକ୍ତତାର ସମାପ୍ତି ଘଟାଇବେ ଏବଂ ସଭାସମିତିରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିପାରନ୍ତି।

**ଧନୁ**
ଆଜି ସ୍ଥଗିତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ଏବଂ ଅର୍ଥ ସଂଗ୍ରହରେ ତତ୍ପର ହୋଇ ସଫଳତା ପାଇବେ। ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇପାରେ, ତଥାପି ପଛକୁ ଫେରିବାର ଉପାୟ ନ ଥିବ। ମୂଳା ନକ୍ଷତ୍ର ଗଠନ ମୂଳକ ପ୍ରେରଣା ଦେଇ ପ୍ରଶଂସିତ ହେବେ। ଦେହ ଭଲ ରହିଲେ ମଧ୍ୟ ରକ୍ତଚାପ କିମ୍ବା ଡାଇବେଟିସ୍ ରୋଗରେ କଷ୍ଟ ପାଇପାରନ୍ତି।

**ମକର**
ଆଜି ଯେତେ ସୁବିଧାରେ ଚଳିବା ପାଇଁ ଚେଷ୍ଟାକଲେ ମଧ୍ୟ ସାମାନ୍ୟ ଅସୁବିଧା ଥିବାର ଅନୁଭବ କରିବେ। ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ମନୋରଞ୍ଜନ ସକାଶେ ମନ ବଳାଇବେ, କିନ୍ତୁ ଆର୍ଥିକ ଦୁରବସ୍ଥା ତାହା କରାଇ ଦେବ ନାହିଁ। ଧନିଷ୍ଠା ନକ୍ଷତ୍ର ବ୍ୟବସାୟିକ ଦିଗରୁ ଲାଭବାନ୍ ହେବେ।

**କୁମ୍ଭ**
ଚେଷ୍ଟା କରୁଥିବା କାମରେ ଆଂଶିକ ସଫଳତା ପାଇବେ, କିନ୍ତୁ ସାମାନ୍ୟ ବିଳମ୍ବରେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇପାରନ୍ତି। ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ ଫଳତଃ ସ୍ୱାସ୍ଥ୍ୟହାନିର ଆଶଙ୍କା ରହିବ। ଶତଭିଷା ନକ୍ଷତ୍ର ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ।

**ମୀନ**
ସମସ୍ତ ସୁବିଧା ଥାଇ ମଧ୍ୟ ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଉତ୍ତରଭାଦ୍ରପଦ ନକ୍ଷତ୍ର ହଜିଯାଇଥିବା ଜିନିଷର ଖୋଜ ଖବର ପାଇପାରନ୍ତି। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିବ, କିନ୍ତୁ ଉଦାସୀନ ରହିବେ। ଜମିଜମା କାରବାର, ସଭାସମିତି, କଳା, ସାହିତ୍ୟାଦି କ୍ଷେତ୍ରରେ ସୁଫଳ ପାଇବେ।

ଆଜି ଆଶ୍ୱିନ କୃଷ୍ଣ ଚତୁର୍ଥୀଯୁକ୍ତ ୫ମୀ ମଙ୍ଗଳବାର, ଅକ୍ଟୋବର ୩ ତାରିଖ, ବିଶ୍ୱ ପ୍ରକୃତି ଦିବସ। ରାଶିନକ୍ଷତ୍ର-କୃତ୍ତିକା/ବୃଷ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୫।୪୧ ଗତେ, ଘ. ୦୬।୨୮ ମଧ୍ୟେ, ଘ.୦୮।୩୮ ଗତେ, ଘ.୧୧।୧୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୨।୩୨ ଗତେ, ଘ.୦୪।୦୧ ମଧ୍ୟେ ରାହୁକାଳ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୩/୨୦୨୩ | Bhubaneswar, Tuesday, October 3/2023 | ପୃଷ୍ଠା-୧


# ବିକାଶ ଯାତ୍ରାରେ ବିରୋଧୀ ଖୁସି ନୁହନ୍ତି: ନବୀନ

## ବିଜେଡି ଜନସମ୍ପର୍କର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨।୧୦(ଅନିଲ ଦାସ)**

ରାଜ୍ୟର ବିକାଶ ଯାତ୍ରାରେ ବିରୋଧୀ ଖୁସି ନାହାନ୍ତି। ଲୋକଙ୍କୁ ଭୁଲ୍ ଖବର ଦେବାରେ ସେମାନେ ଖୁସି ହୁଅନ୍ତି। ନିର୍ବାଚନ ଆସିଲେ ବିରୋଧୀ ସବୁବେଳେ ଏମିତି କାମ କରିଥାନ୍ତି। ତେଣୁ ଜନତା ସବୁବେଳେ ସେମାନଙ୍କୁ ପ୍ରତ୍ୟାଖ୍ୟାନ କରି ଆସୁଛନ୍ତି। ସେମାନଙ୍କ ଜନବିରୋଧୀ ଓ ବିକାଶ ବିରୋଧୀ ମନୋଭାବକୁ ଲୋକେ ଠିକ୍ ବୁଝିଛନ୍ତି। ବିରୋଧୀ ଜଗନ୍ନାଥ ଓ ଲିଙ୍ଗରାଜ ମନ୍ଦିର ବିକାଶ କାମ ବନ୍ଦ କରିବାକୁ ଚକ୍ରାନ୍ତ କରୁଛନ୍ତି। ଜନସାଧାରଣ ସେମାନଙ୍କୁ କ୍ଷମା ଦେବେ ନାହିଁ। ସୋମବାର ଭୁବନେଶ୍ୱର ବଡ଼ଗଡ଼ ବ୍ରିଟ୍‌ସ୍ଥିତ କଳିଙ୍ଗ ବସ୍ତିରେ ବିଜେଡି ଜନସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ କରି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି।

ସେଠାକାର ନେତାଜୀ ଖେଳପଡ଼ିଆଠାରେ ଆୟୋଜିତ ଦଳୀୟ କର୍ମୀ ସମାବେଶକୁ ସମ୍ବୋଧିତ କରି ନବୀନ କହିଛନ୍ତି, ସାଧାରଣ ଲୋକଙ୍କ ଖୁସି, ଆମର ସବୁଠାରୁ ବଡ଼ ଖୁସି। ଗରିବ ଲୋକ, ମହିଳା, ଯୁବବର୍ଗ, ଅନୁସୂଚିତ ଜାତି ଏବଂ ଜନଜାତିଙ୍କ କଲ୍ୟାଣ ପାଇଁ ବିଜେଡି କାମ କରୁଛି। ମା'ମାନଙ୍କୁ ସଶକ୍ତ କରିବା ପାଇଁ ବିଜେଡି କାମ କରୁଛି। ପାର୍ଲାମେଣ୍ଟ ଓ ବିଧାନସଭାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷିତ ରଖିବାକୁ ଆଇନ ଆସିଛି। ବିଜେଡିର ପ୍ରୟାସ ସଫଳ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିଜେଡି ପ୍ରତି ସାଧାରଣ ଲୋକଙ୍କ ଆତ୍ମବିଶ୍ୱାସ ବୃଦ୍ଧିପାଇଛି। ରୂପାନ୍ତର ଓଡ଼ିଶା ପାଇଁ ଶକ୍ତି ଦେଇଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବରଦାନ ସାଜିଛି। ସରକାରୀ ଓ ଘରୋଇ ସ୍କୁଲ ମଧ୍ୟରେ ତାରତମ୍ୟ ହ୍ରାସ ପାଇଛି। ଖାଦ୍ୟ ସୁରକ୍ଷା, କ୍ରୀଡ଼ାର ବିକାଶ ଓ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଓଡ଼ିଶା ସମଗ୍ର ଦେଶ ଲାଗି ରୋଲ୍ ମଡେଲ ହୋଇଛି। ନିଯୁକ୍ତିର ନୂଆ ସୁଯୋଗ ଆସିଛି ବୋଲି ନବୀନ କହିଛନ୍ତି। ବିକାଶର ବାର୍ତ୍ତା ଘରେ ଘରେ ପହଞ୍ଚାଇବା ପାଇଁ କାମ କରିବାକୁ ନବୀନ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ନବୀନ ପଦଯାତ୍ରାରେ କର୍ମୀମାନଙ୍କ ଗହଣରେ କିଛି ବାଟ ଚାଲିଥିଲେ।

କାର୍ଯ୍ୟକ୍ରମରେ ଯୋଗଦେଇ ଏକାମ୍ର ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି, ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓଡ଼ିଶାକୁ ଆଗେଇ ନେଇଛି। ଜାଗା ମିଶନ ବସ୍ତି ବାସିନ୍ଦାଙ୍କ ପାଇଁ ଅମୃତସମ ପାଲଟିଛି। ମୁଖ୍ୟମନ୍ତ୍ରୀଙ୍କ ମାର୍ଗ ଦର୍ଶନରେ ଏକାମ୍ର ଯୋଜନା, ନବୀନ ଓଡ଼ିଶା ଏବଂ ଜାଗା ମିଶନ ☞ପୃଷ୍ଠା-୭



ଭୁବନେଶ୍ୱର ବଡ଼ଗଡ଼ ବ୍ରିଟ୍ କଳିଙ୍ଗ ବସ୍ତିରେ ବିଜେଡିର ଜନସମ୍ପର୍କ ପଦଯାତ୍ରାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। **(ଫଟୋ: ମନୋରଞ୍ଜନ ମିଶ୍ର)**

# ଘାଟିରେ ଓଲଟିଲା ଯାତ୍ରୀବାହୀ ବସ୍, ୨୩ ଆହତ

**ମୋହନା,୨।୧୦(ମନ୍ମଥ ମିଶ୍ର)**

ଗଜପତି ଜିଲା ଅଡ଼ବା ଥାନା ଗୁଲୁବା ବାମୁଣମଲା ଘାଟିରେ ସୋମବାର ଏକ ଯାତ୍ରୀବାହୀ ମିନିବସ୍ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡ଼ିଛି। ଏଥିରେ ୨୩ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ୩ଜଣ ଗର୍ଭବତୀ ଅଛନ୍ତି। ସେମାନେ ହେଲେ କକ୍ଷଲେମା ଗାଁର ନମିତା ବୀର, କାମପଦର୍ ଗାଁର ଏଲିଶା ବୀର, ଲୁଦିଗୁଡ଼ା ଗାଁର ଲିଲି ନାୟକ। ସମସ୍ତଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ମମିତା ଗମାଙ୍ଗ, ରୁଦ୍ର ମାଝୀ, ନମିତା ମଲ୍ଲିକ, ରମେଶ ମଲ୍ଲିକ, ବାସନ୍ତୀ ଲିମା, ପୁରୁଣି ମଲ୍ଲିକ, ତିଲୋତ୍ତମା କର୍ଯ୍ଯଜୀ, କେତକୀ ପ୍ରଧାନ, ଆରିୟା ବଡ଼ରଇତ, ପିଣ୍ଟୁ ମଲ୍ଲିକ, ଦୀପସନ୍ ରଇତ, ଅବିତକ୍ଷ ନାୟକଙ୍କୁ ମୋହନା ମେଡିକାଲକୁ ପଠାଯାଇଥିଲା। ଅନ୍ୟ ଆହତମାନଙ୍କ ପରିଚୟ ମିଳିପାରି ନାହିଁ।

ପ୍ରକାଶ ଯେ, ସକାଳ ପ୍ରାୟ ସାଢ଼େ ୮ଟାରେ ଜଗତ ଜନନୀ ନାମକ ଏକ ଘରୋଇ ଯାତ୍ରୀବାହୀ ମିନିବସ୍ ପ୍ରାୟ ୩୦ ଜଣ ଯାତ୍ରୀଙ୍କୁ ନେଇ ମୋହନା ଆସୁଥିଲା। ଏହି ସମୟରେ ଗୁଲୁବା ବାମୁଣମଲା ଘାଟିରେ ବସଟି ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ଫଳରେ ଏଥିରେ ଥିବା ୨୩ରୁ ଅଧିକ ଯାତ୍ରୀ ଆହତ ହୋଇଥିଲେ। ସ୍ଥାନୀୟ ସରପଞ୍ଚ ରେଜିନା ପ୍ରଧାନ ଓ ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଯାଇ ଆହତମାନଙ୍କୁ ଉଦ୍ଧାର କରି ବିରିକୋଟ ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ସେଠାରୁ ୨୦ ଜଣ ଯାତ୍ରୀଙ୍କୁ ଅଧିକ ଚିକିତ୍ସା ପାଇଁ ମୋହନା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅଡ଼ବା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିବା ବେଳେ ପ୍ରାଥମିକ ତଦନ୍ତରୁ ବ୍ରେକ୍ ଫେଲ୍ ଯୋଗୁ ଦୁର୍ଘଟଣା ଘଟିଥିବା ଥାନା ଅଧିକାରୀ ଶୁଭ୍ରାନ୍ତ ପଣ୍ଡା କହିଛନ୍ତି।

## ୩ ଗର୍ଭବତୀଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର

# ଦୁର୍ଘଟଣାରୁ ବର୍ତ୍ତିଲା ବନ୍ଦେ ଭାରତ

**ଆଜମେର୍,୨।୧୦**

ଉଦୟପୁର-ଜୟପୁର ବନ୍ଦେ ଭାରତ ଏକ୍ସପ୍ରେସ୍ ସୋମବାର ଏକ ନିଶ୍ଚିତ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛି। ରେଳଲାଇନରେ କେହି ଦୁର୍ବୃତ୍ତ ବଡ଼ ପଥର ଖଣ୍ଡ ଓ ଲୁହାଛଡ଼ ରଖିଦେଇଥିଲେ। ଡ୍ରାଇଭର ଏହା ଦେଖିପାରି ତୁରନ୍ତ ଜରୁରୀ ବ୍ରେକ୍ କଷିବାରୁ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇପାରିଛି। ଗଙ୍ଗରାର-ସୋନିୟାନା ସେକ୍ସନ ଅନ୍ତର୍ଗତ ରେଳଧାରଣାର ଜଗଲ୍ ପ୍ଲେଟ୍‌ରେ ପଥର ଖଣ୍ଡ ଓ ରଡ୍ ରଖାଯାଇଥିବାର ଭିଡିଓ ସୋସିଆଲ ମିଡିଆରେ ଶେୟାର ହୋଇଛି। ସକାଳ ୯ଟା ୫୫ରେ ଟ୍ରେନ୍ ଉକ୍ତ ଲାଇନ ଦେଇ ଯାଉଥିବାବେଳେ ଡ୍ରାଇଭରଙ୍କ ନଜର ଉକ୍ତ ପଥର ଓ ରଡ୍ ଉପରେ ପଡ଼ିଥିଲା। ରେଳୱେ ପୋଲିସ ଓ ସ୍ଥାନୀୟ ପୋଲିସ ଘଟଣାର ତଦନ୍ତ କରୁଛି।




ଆମ ମନ ଆଉ ପ୍ରାଣ ସବୁବେଳେ ପ୍ରଶଂସା ଶୁଣିବାକୁ ବ୍ୟାକୁଳ ହୁଏ। ସେଥିପାଇଁ ଆମେ ସମାଲୋଚନା ସହିପାରୁନା ଏବଂ କାହା ଦ୍ୱାରା ନଗଣ୍ୟ ଓ ଉପେକ୍ଷିତ ହେବାକୁ ଚାହୁଁ ନାହିଁ। କିନ୍ତୁ ଆମେ ଯେପରି ସର୍ବଦା ଧକ୍କା ଓ ପରାଜୟ ନିମିତ ପ୍ରସ୍ତୁତ ହେବାକୁ ପଡିବ ଏବଂ ଧୀର ଶାନ୍ତ ଭାବେ ସହିବାକୁ ପଡିବ। –ଶ୍ରୀମା

# ୯୩: ଭୋଟ ଦେଇନାହାନ୍ତି

ସାରା ବିଶ୍ୱରେ ଭାରତୀୟ ଗଣତନ୍ତ୍ର ଓ ସଂଘୀୟ ବ୍ୟବସ୍ଥାର ସ୍ୱତନ୍ତ୍ର ପରିଚୟ ଅଛି। ଦେଶରେ ମଜଭୁତ ଗଣତନ୍ତ୍ର ପାଇଁ ନିର୍ବାଚନ ଏକ ପ୍ରମୁଖ ଭୂମିକା ନେବା କଥା। ଭାରତ ସ୍ୱାଧୀନ ହେବା ପରେ ୨୫ ଅକ୍ଟୋବର ୧୯୫୧ରୁ ୨୧ ଫେବୃୟାରୀ ୧୯୫୨ ମଧ୍ୟରେ ପ୍ରଥମ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସେତେବେଳେ ଭୋଟର ସଂଖ୍ୟା ଥିଲା ୧୭ କୋଟି ୩୨ ଲକ୍ଷ। ଚଳିତବର୍ଷ ଜାନୁୟାରୀ ସୁଦ୍ଧା ଭୋଟର ସଂଖ୍ୟା ୯୪ କୋଟି ୫୦ ଲକ୍ଷରୁ ଅଧିକରେ ପହଞ୍ଚିଥିବା ଭାରତର ନିର୍ବାଚନ କମିଶନଙ୍କ ସୂତ୍ରରୁ ଜଣାପଡ଼ିଛି। ଦେଶରେ ପ୍ରଥମ ନିର୍ବାଚନଠାରୁ ଏଯାବତ୍ ୧୭ଟି ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଗଲାଣି। ରାଜ୍ୟଗୁଡ଼ିକରେ ମଧ୍ୟ ସମୟାନ୍ତରରେ ବିଧାନସଭା ଲାଗି ନିର୍ବାଚନ ଅନୁଷ୍ଠିତ ହୋଇଆସିଛି। କିନ୍ତୁ ସ୍ୱାଧୀନତା ପୂର୍ବରୁ ଜନ୍ମ ଗ୍ରହଣ କରିଥିବା ଛତିଶଗଡ଼ର ୩ ଜଣ ବରିଷ୍ଠ ନାଗରିକ ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ପ୍ରଥମଥର ପାଇଁ ଭୋଟ ଦେବେ। ସେମାନେ ହେଲେ ମାଓପ୍ରବଣ କାଙ୍କେର ଜିଲା ଭାନୁପ୍ରତାପପୁର ନିର୍ବାଚନମଣ୍ଡଳୀର ଏକ ମଫସଲ ଗାଁର ବାସିନ୍ଦା ଶେରସିଂ ହେଡ୍‌କୋ (୯୩), ଶ୍ୟାମଲାଲ (୮୮) ଓ ରବିକା ମଶି (୮୪)। ଭୋଟର ତାଲିକା ସଂଶୋଧନ ପାଇଁ ବୁଥ୍ ଲେଭଲ ଅଧିକାରୀ ଘରଘର ବୁଲି ସର୍ଭେ କରୁଥିବାବେଳେ ସେମାନଙ୍କୁ ଠାବ କରିବା ସହ ସମସ୍ତଙ୍କ ନାମ ପଞ୍ଜୀକରଣ କରିଛନ୍ତି। ସେମାନେ ଏଥିପାଇଁ ଆଧାରକାର୍ଡ ଦାଖଲ କରିଛନ୍ତି। ଅନୁମେୟ ଯେ, ଯୋଜନାର ହିତାଧିକାରୀ ହେବା ସକାଶେ ହୁଏତ ସେମାନଙ୍କ ଆଧାରକାର୍ଡ କରାଯାଇଥାଇପାରେ। କିନ୍ତୁ ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସୁପ୍ରିମ୍‌କୋର୍ଟରେ ଲିଖିତ ଭାବେ ଦାଖଲ କରାଯାଇଥିବା ଉତ୍ତରରେ ଭାରତର ନିର୍ବାଚନ କମିଶନ ସ୍ପଷ୍ଟ କରିଦେଇଛନ୍ତି ଯେ, ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହେବା ପାଇଁ ଆଧାର ପ୍ରୟୋଜନ ନୁହେଁ। ମଧ୍ୟପ୍ରଦେଶରୁ ଅଲଗା ହୋଇ ଛତିଶଗଡ଼ ରାଜ୍ୟ ଗଠନ ହେବାର ୨୩ ବର୍ଷ ମଧ୍ୟରେ ରାଜ୍ୟ କିମ୍ବା ସାଧାରଣ ନିର୍ବାଚନରେ ସେମାନଙ୍କ ନାମ ପଞ୍ଜୀକରଣ ହୋଇ ନ ଥିଲା। ଏପରିକି ମଧ୍ୟପ୍ରଦେଶରେ ମଧ୍ୟ ତାଙ୍କ ନାମ ପଞ୍ଜୀକରଣ ନ ହେବା ଆଶ୍ଚର୍ଯ୍ୟର ବିଷୟ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଛତିଶଗଡ଼ର ଏହି ୩ ବୟୋବୃଦ୍ଧ ଦେଶରେ ନାଗରିକର ମହତ୍ତ୍ୱ ଓ ଗଣତାନ୍ତ୍ରିକ ସରକାର ଗଠନରେ ସେମାନଙ୍କ ଭୂମିକା ସମ୍ପର୍କରେ ସମ୍ପୂର୍ଣ୍ଣ ଅଜ୍ଞ। କେବଳ ଏହି ୩ ଜଣ ନୁହନ୍ତି, ଭାରତର ଦୁର୍ଗମ ଅଞ୍ଚଳରେ ଏଭଳି ଅନେକ ହଜାର ନାଗରିକ ଥାଇପାରନ୍ତି। ଏମାନଙ୍କୁ ଖୋଜି ନିର୍ବାଚନ ପ୍ରକ୍ରିୟାରେ ସାମିଲ କରାଯିବା ଦରକାର। ଏ ତ ଗଲା ଯେଉଁମାନେ ଭୋଟ ଦେବାର ସୁଯୋଗ ପାଇନାହାନ୍ତି, କିନ୍ତୁ ଭାରତରେ ଏବକାର ନିର୍ବାଚନ ବ୍ୟବସ୍ଥାରେ ମୋଟ ଭୋଟରମାନଙ୍କ ମଧ୍ୟରୁ ପାଖାପାଖି ୩୦% ଭୋଟ ଦେଉନାହାନ୍ତି ବୋଲି ଗତ କେତୋଟି ନିର୍ବାଚନରୁ ସ୍ପଷ୍ଟ ଜଣାପଡ଼ିଛି। ଏପରିକି ଭାରତର ଭୋଟଦାନ ହାର ଏହାର ପଡ଼ୋଶୀ ବାଂଲାଦେଶ ଓ ଶ୍ରୀଲଙ୍କାଠାରୁ ପଛରେ ରହୁଛି। ଏହା ନିଶ୍ଚିତ ଯେ, ନିର୍ବାଚନ ମାଧ୍ୟମରେ ଗଣତନ୍ତ୍ରକୁ ମଜଭୁତ କରିବାରେ ନାଗରିକର ସିଧାସଳଖ ଯୋଗଦାନ ରହିଥାଏ। ଭାରତୀୟ ରାଜନୈତିକ ଦଳଗୁଡ଼ିକ ମଧ୍ୟ ନାଗରିକ ଭାଗୀଦାରିକୁ ଉତ୍ସାହିତ କରିଥା'ନ୍ତି, ଏମିତିକି ସମ୍ବିଧାନ ଏହି ସିଦ୍ଧାନ୍ତକୁ ସ୍ୱୀକାର କରିଛି। କିନ୍ତୁ ବିଶ୍ୱର ସବୁଠୁ ଜନବହୁଳ ଦେଶ ଭାରତରେ ମୋଟ ଭୋଟର ସଂଖ୍ୟାର ଏକ ତୃତୀୟାଂଶ ଭୋଟ ନ ଦେବା ଗଣତନ୍ତ୍ର ପ୍ରତି ଶୁଭଙ୍କର ନୁହେଁ। କେବଳ ଛତିଶଗଡ଼ ଘଟଣା ନୁହେଁ, ବରଂ ଦେଶର ବିଭିନ୍ନ ସ୍ଥାନରେ ନାଗରିକମାନେ ନାମ ପଞ୍ଜୀକରଣ କରି ଭୋଟର ତାଲିକାରୁ ବାଦ୍ ପଡୁଥିବା ଖବର ବହୁ ସମୟରେ ସାମ୍ନାକୁ ଆସେ। ଏପରିକି ଆକ୍ରୋଶମୂଳକ ଭାବେ ଏସବୁ କରାଯାଉଥିବା ଅଭିଯୋଗ ମଧ୍ୟ ଶୁଣିବାକୁ ମିଳେ। କିନ୍ତୁ ଭୋଟଦାନ ଭଳି ଗଣତାନ୍ତ୍ରିକ ଅଧିକାରରୁ ବଞ୍ଚିତ ହେବା କିମ୍ବା ଅଧିକାର ପାଇ ଏହାର ସିଂହଭାଗ ନିର୍ବାଚନରୁ ଦୂରେଇ ରହିବା ଉପରେ କେବେ ବି ବିତର୍କ ହେବା ଦେଖାଯାଏ ନାହିଁ। ରାଜନୈତିକ ଦଳଗୁଡ଼ିକ ମଧ୍ୟ ଏହା ଉପରେ ଗୁରୁତ୍ୱ ଦିଅନ୍ତି ନାହିଁ। କାରଣ ଜାତି ଧର୍ମକୁ ଆଧାର କରି ଧ୍ରୁବୀକରଣ ମାଧ୍ୟମରେ ଭୋଟ ହାତେଇ ନେଇ କୌଣସି ପ୍ରକାରେ କ୍ଷମତା ହାସଲ କରିବା ସେମାନଙ୍କର ମୂଳ ଲକ୍ଷ୍ୟ। ସେ କ୍ଷେତ୍ରରେ ନାଗରିକଙ୍କ ଭୋଟ ଅଧିକାର ଗୌଣ ହୋଇଯିବା ସ୍ୱାଭାବିକ।

**ଭୋଟଦାନ ଭଳି ଗଣତାନ୍ତ୍ରିକ ଅଧିକାରରୁ ବଞ୍ଚିତ ହେବା କିମ୍ବା ଅଧିକାର ପାଇ ଏହାର ସିଂହଭାଗ ନିର୍ବାଚନରୁ ଦୂରେଇ ରହିବା ଉପରେ କେବେ ବି ବିତର୍କ ହେବା ଦେଖାଯାଏ ନାହିଁ। ରାଜନୈତିକ ଦଳଗୁଡ଼ିକ ମଧ୍ୟ ଏହା ଉପରେ ଗୁରୁତ୍ୱ ଦିଅନ୍ତି ନାହିଁ। କାରଣ ଜାତି ଧର୍ମକୁ ଆଧାର କରି ଧ୍ରୁବୀକରଣ ମାଧ୍ୟମରେ ଭୋଟ ହାତେଇ ନେଇ କୌଣସି ପ୍ରକାରେ କ୍ଷମତା ହାସଲ କରିବା ସେମାନଙ୍କର ମୂଳ ଲକ୍ଷ୍ୟ। ସେ କ୍ଷେତ୍ରରେ ନାଗରିକଙ୍କ ଭୋଟ ଅଧିକାର ଗୌଣ ହୋଇଯିବା ସ୍ୱାଭାବିକ।**

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | | 1 | | | | | 6 |
| 7 | | | | | 4 | | | |
| | | | | | 9 | 5 | | 8 |
| | | 4 | | | | | | |
| 2 | 1 | 3 | | | | | 5 | 4 |
| | 6 | 5 | | | | | 2 | 1 |
| 1 | 2 | | | 8 | | | | 3 |
| | | 6 | 2 | | | | | |
| | | | | | | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 2 | 3 | 7 | 6 | 1 | 8 | 4 | 9 |
| 4 | 9 | 8 | 3 | 5 | 2 | 6 | 1 | 7 |
| 7 | 1 | 6 | 9 | 8 | 4 | 5 | 3 | 2 |
| 3 | 4 | 7 | 2 | 9 | 5 | 1 | 6 | 8 |
| 2 | 5 | 1 | 6 | 7 | 8 | 4 | 9 | 3 |
| 6 | 8 | 9 | 4 | 1 | 3 | 2 | 7 | 5 |
| 9 | 3 | 4 | 5 | 2 | 6 | 7 | 8 | 1 |
| 1 | 6 | 2 | 8 | 3 | 7 | 9 | 5 | 4 |
| 8 | 7 | 5 | 1 | 4 | 9 | 3 | 2 | 6 |

ଗତକାଲିର ଉତ୍ତର

# କାହିଁ ବନ୍ଧୁତା କାହିଁ ପ୍ରେମ ସୁନ୍ଦର



ଡ. ପବିତ୍ର ସୁବୁଦ୍ଧି

ଥରେ ଭକ୍ତ ସୁଦାମା ସଖା ଶ୍ରୀକୃଷ୍ଣଙ୍କୁ ପଚାରିଲେ, "ମାଧବ! ବନ୍ଧୁତା କାହାକୁ କୁହାଯାଏ?" ଶ୍ରୀକୃଷ୍ଣ କହିଲେ, "ଯେଉଁଠି ସ୍ୱାର୍ଥ ଥାଏ, ସେଠି ସମ୍ପର୍କ ନ ଥାଏ ଆଉ ଯେଉଁଠି ସମ୍ପର୍କ ଥାଏ, ସେଠି ସ୍ୱାର୍ଥ ନ ଥାଏ। ଅର୍ଥାତ୍ ବିନା ସ୍ୱାର୍ଥ ଓ ସର୍ତ୍ତରେ ବନ୍ଧାଯାଇଥିବା ସମ୍ପର୍କକୁ 'ବନ୍ଧୁତା' କୁହାଯାଏ।" ଏକଦା ନୋବେଲ ପୁରସ୍କାର ବିଜୟିନୀ ମଦର ଟେରେସା କହିଥିଲେ– "ମଣିଷ ଜାତିର ସବୁଠାରୁ ଭୟଙ୍କର ଦାରିଦ୍ର୍ୟ ହେଲା: ନିଃସଙ୍ଗତା, ଏକାକୀତ୍ୱ ଓ ଅଲୋଡ଼ାପଣ।" ନିର୍ଜନତାକୁ ସହ୍ୟ କରି ନେଇହୁଏ, ମାତ୍ର ନିଃସଙ୍ଗତାକୁ ସହ୍ୟ କରିବା କଷ୍ଟ। ଏଣୁ ନିର୍ଜନ ଦ୍ୱୀପରେ ନିର୍ବାସିତର ବିଳାପ ସ୍ୱାଭାବିକ। ସେଇଥିପାଇଁ କେଉଁ ଅନାଦି ଅନନ୍ତକାଳରୁ ମଣିଷ, ମଣିଷ ସହ ସମ୍ପର୍କଟିଏ ଯୋଡ଼ିଛି, ଯାହାକି ଏ ସମାଜ ବନ୍ଧୁତା ବୋଲି କହେ। 'ପରିବାର' ପରେ ସର୍ବପୁରାତନ ମାନବିକ ସମ୍ପର୍କ ହେଉଛି 'ବନ୍ଧୁତା'। ଏ ସମ୍ପର୍କର ପବିତ୍ରତା ପାରିବାରିକ ସମ୍ପର୍କର ପବିତ୍ରତାକୁ ଅତିକ୍ରମ କରିଯିବାର ଦୃଷ୍ଟାନ୍ତ ମଧ୍ୟ କମ୍ ନୁହେଁ। ଏ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ଉଦାହରଣ ହେଉଛନ୍ତି ମହାଭାରତର 'କର୍ଣ୍ଣ'। ପାଣ୍ଡବମାନେ ତାଙ୍କର ଭାଇ ବୋଲି ଜାଣିବା ପରେ ମଧ୍ୟ ସେ ବନ୍ଧୁ ଦୁର୍ଯ୍ୟୋଧନଙ୍କୁ ତ୍ୟାଗ କରି ନ ଥିଲେ। ଏତଦ୍‌ଭିନ୍ନ କୃଷ୍ଣ ଓ ସୁଦାମାଙ୍କର ଅପୂର୍ବ ବନ୍ଧୁତା କଥା ସମସ୍ତଙ୍କୁ ଜଣା।

କିଏ ଜଣେ ବିଦ୍ୱାନ୍ ଏକଦା କହିଥିଲେ– ବନ୍ଧୁତା ଜନ୍ମ ହୋଇଥାଏ, ତିଆରି ହୋଇ ନ ଥାଏ। ହୃଦୟ ତ ପ୍ରେମ ଭାଙ୍ଗିଥାଏ, କିନ୍ତୁ ବନ୍ଧୁତା ହୃଦୟକୁ ଯୋଡ଼ିଥାଏ। ଈଶ୍ୱର ଏ ଦୁନିଆରେ ଅନେକ ସମ୍ପର୍କ ଗଢ଼ିଛନ୍ତି, କିନ୍ତୁ ସବୁଠାରୁ ଶ୍ରେଷ୍ଠ ସମ୍ପର୍କ ହେଲା 'ବନ୍ଧୁତା'। ଆମ ଜୀବନ ହେଉଛି ପିତାମାତାଙ୍କ ଉପହାର, ମାତ୍ର ଭଲ ବନ୍ଧୁଟିଏ ହେଉଛି ଈଶ୍ୱରଙ୍କ ଉପହାର। ସେଥିପାଇଁ କୁହାଯାଏ ଜଣେ ବିଶ୍ୱସ୍ତ ବନ୍ଧୁ, ଦଶ ଜଣ ଆତ୍ମୀୟଙ୍କ ସହ ସମାନ। ବନ୍ଧୁ ବାନ୍ଧିବାକୁ କିଛି ନିୟମ ନଥାଏ କି ଏହାକୁ ଶିଖେଇବା ପାଇଁ କୌଣସି ସ୍କୁଲ ନଥାଏ। ଅସଲ ବନ୍ଧୁତା ତ ହୃଦୟରୁ ଜନ୍ମ ନେଇଥାଏ। ବନ୍ଧୁତା କେବଳ ଏକ ଶବ୍ଦ ନୁହେଁ, କେବଳ ଏକ ସମ୍ପର୍କ ନୁହେଁ, ଏହା ଏକ ନୀରବ ପ୍ରତିଶ୍ରୁତି ଯାହା ନିରନ୍ତର କହୁଥାଏ– 'ମୁଁ ଥିଲି, ମୁଁ ଅଛି, ମୁଁ ରହିବି'। ଜଣେ ଭଲ ବନ୍ଧୁ କହେ ଚିନ୍ତା କରନା, କିଛି ଅସୁବିଧା ହେଲେ ମୁଁ ତୋ' ସାଙ୍ଗରେ ଅଛି। କିନ୍ତୁ ଜଣେ ପ୍ରକୃତ ବନ୍ଧୁ କହେ– ମୁଁ ଥିବାଯାଏଁ ତୋର କେବେ ଅସୁବିଧା ହେବାକୁ ଦେବିନି। ଜୀବନରେ ଏମିତି ବନ୍ଧୁଟିଏ ଲୋଡ଼ା, ଯିଏ ଦୂରରୁ ଦେଖି ହସେ। ଶ୍ମଶାନରେ ଛିଡ଼ା ହୁଏ। ଦୁଃଖ ବେଳେ ଆସେ। ଦୁର୍ଭିକ୍ଷରେ ଲୋଡ଼େ। ରାଜଦ୍ୱାରେ ଛିଡ଼ା ହୁଏ। କୁହାଯାଏ ଜୀବନରେ ଦୁଇ ପ୍ରକାର ବନ୍ଧୁ ଲୋଡ଼ା। ଜଣେ କୃଷ୍ଣଙ୍କ ପରି, ଯିଏ ଯୁଦ୍ଧ ନ ଲଢ଼ି ମଧ୍ୟ ବନ୍ଧୁ ଅର୍ଜୁନଙ୍କୁ ଯୁଦ୍ଧ ଜିତେଇପାରନ୍ତି। ଆଉ ଜଣେ କର୍ଣ୍ଣଙ୍କ ଭଳି, ଯିଏ ପରାଜୟ ନିଶ୍ଚିତ ଜାଣି ମଧ୍ୟ ବନ୍ଧୁ ଦୁର୍ଯ୍ୟୋଧନଙ୍କ ପକ୍ଷ ଛାଡ଼ନ୍ତି ନାହିଁ। ସତରେ ପ୍ରକୃତ ବନ୍ଧୁତା ନା କେବେ ପରୀକ୍ଷା ନିଏ, ନା କେବେ ପରୀକ୍ଷା ଦିଏ। ସେଥିପାଇଁ ତ କୁହାଯାଏ– ଦେଶରେ 'ରାଜା', ସମାଜରେ 'ଗୁରୁ', ପରିବାରରେ 'ପିତା', ଘରେ 'ସ୍ତ୍ରୀ' ଓ ଜୀବନରେ 'ବନ୍ଧୁ' କେବେ ବି ସାଧାରଣ ହୋଇ ନ ଥା'ନ୍ତି। 'ସୃଷ୍ଟି' ଆଉ 'ପ୍ରଳୟ' ତ ଏହିମାନଙ୍କ ହାତରେ ହିଁ ହୋଇଥାଏ।



ବିଡ଼ମ୍ବନାର ବିଷୟ , ଏଭଳି ବନ୍ଧୁଟିଏ ଆଜି କାହିଁ ? ଏମତି 'ହାଲୋ ହାଏ' ବନ୍ଧୁ ତ ହଜାରେ। ଫେସ୍‌ବୁକରେ, ହ୍ୱାଟ୍‌ସ ଆପ୍‌ରେ, ପୁରୁଣା ମାଟ୍ରିକ ବ୍ୟାଚ୍ ମେଳରେ, ଛାଡ଼ଖାଇ, ନୂଆଖାଇ ଭେଟ୍‌ଘାଟ ମେଳାରେ! "କାହିଁ ବନ୍ଧୁତା କାହିଁ ପ୍ରେମ ସୁନ୍ଦର, ଯା'ର ପ୍ରାପତି ଯୋଗୁଁ ଦେବା ନର?" ଆଜିର ମଣିଷର ଜନସମ୍ପର୍କ ପୂର୍ବ ପିଢ଼ିର ମଣିଷ ଜନସମ୍ପର୍କ ତୁଳନାରେ ବହୁ ଅଧିକ। ବିଶେଷତଃ ସହର ନଗରରେ ରହୁଥିବା ପ୍ରତି ବ୍ୟକ୍ତିର ପରିଚିତ ମଣ୍ଡଳୀର ଆୟତନ ବେଶ ବଡ଼। ବନ୍ଧୁ କ୍ଷେତ୍ରରେ ସେ ସବୁ ପରିଚିତିମାନଙ୍କୁ ଆମେ ବନ୍ଧୁ ଆଖ୍ୟା ଦେଇଥାଉ। ଏ ଗତାନୁଗତିକ ସମ୍ପର୍କ ବଳୟ ବାହାରେ ରହିଛି ପୁଣି ଫେସ୍‌ବୁକ୍ ଓ ହ୍ୱାଟ୍‌ସଆପ୍ ଭଳି ଛାୟାମୟା ସମ୍ପର୍କର ବ୍ୟାପକ ପରିସର। କିନ୍ତୁ ବିସ୍ମୟର କଥା, ପରିଚିତ, ସୁପରିଚିତ, ମିତ୍ର, ବନ୍ଧୁ ଓ ସହକର୍ମୀ ସଂଖ୍ୟାର ପ୍ରାଚୁର୍ଯ୍ୟ ସତ୍ତ୍ୱେ ଆଜିର ମଣିଷ ନିଜକୁ ନିଃସଙ୍ଗ ମଣୁଛି। ବିଡ଼ମ୍ବନାର ବିଷୟ ହେଲା ନିଃସଙ୍ଗ ଅନୁଭବକୁ ଦୂର କରିବା ମାନସରେ ମଣିଷଟିଏ କ୍ଲବ, ଆଡ୍ଡା, ଅଥବା ଟେଲିଭିଜନ ପାଖରେ ଆତ୍ମସମର୍ପଣ କରେ। କିନ୍ତୁ ସେ ସବୁରୁ ଓହରି ଆସିବାମାତ୍ରେ ନିଃସଙ୍ଗତା ତାକୁ ଆଚ୍ଛନ୍ନ କରେ। ବିଶ୍ୱାସ ହେଉଛି ବନ୍ଧୁତାର ଭିତ୍ତି। ବିଶ୍ୱାସରେ ସଙ୍କଟ ହେତୁ ଆଜି ଯେଉଁ ସର୍ବପୁରାତନ ମାନବିକ ସମ୍ପର୍କ ଦୁର୍ବଳ ହୋଇପଡ଼ିଛି, ତାହା ହେଲା ବନ୍ଧୁତା। ଏମିତି ତ ଇଣ୍ଟରନେଟ୍‌ରେ ଅନେକ ବନ୍ଧୁ, ଯାହାକୁ ଅଶରୀରୀ ବନ୍ଧୁ କୁହାଯାଏ। କିନ୍ତୁ ସେମାନେ କେବଳ କମ୍ପ୍ୟୁଟର ସ୍କ୍ରିନ ବା ସ୍ମାର୍ଟ ଫୋନ୍‌ରେ ବନ୍ଦୀ। ସେମାନଙ୍କ ସହ ବାସ୍ତବ ସମ୍ପର୍କ ସ୍ଥାପନର ଦୃଷ୍ଟାନ୍ତ ଅତି ନଗଣ୍ୟ। ମାମୁ ଘରେ ଗୋଠେ ଗାଇ, ରାତି ପାହିଲେ ଗୋଟେ ନାହିଁ। ବନ୍ଧୁ ତ ଅନେକ, ମାତ୍ର ଦୁଃଖ ବାଣ୍ଟିବାକୁ ଜଣେ ବି ନାହିଁ।

ବନ୍ଧୁତାର ଏ ଉତ୍କଟ ସଙ୍କଟବେଳେ ଗ୍ରୀକ୍ କିମ୍ବଦନ୍ତୀ ସାହିତ୍ୟରୁ ଡାମୋନ ଓ ପିଥିଆସ୍‌ଙ୍କ ଅବିସ୍ମରଣୀୟ ଚରିତ ସ୍ମରଣକୁ ଆସେ। ଦୁଇ ନିବିଡ଼ ବନ୍ଧୁ ଡାମୋନ ଓ ପିଥିଆସ୍। ସେତେବେଳେ ସାଇରାକ୍ୟୁସରେ ଡାଇଆନୋସିଆସଙ୍କ ଏକଚ୍ଛତ୍ର ଶାସନ। ଏହି ଦୁର୍ଦ୍ଦାନ୍ତ ଶାସକଙ୍କ କୋପଦୃଷ୍ଟିରେ ପଡ଼ିଲେ ପିଥିଆସ୍। ତାଙ୍କୁ ପ୍ରାଣଦଣ୍ଡର ଆଦେଶ ହେଲା। ମୃତ୍ୟୁ ପୂର୍ବରୁ ଶେଷ ଅଭିଳାଷ ରୂପେ ସପ୍ତାହକ ପାଇଁ ବିରତି ମାଗିଲେ ପିଥିଆସ। ଶେଷଥର ପାଇଁ ଦୂରବର୍ତ୍ତୀ ଗ୍ରାମକୁ ଯାଇ ପରିବାରଠାରୁ ବିଦାୟ ନେଇ ଆସିବେ। କିନ୍ତୁ ଏଥିପାଇଁ ଏକ ବିଚିତ୍ର ସର୍ତ୍ତ ରଖିଲେ ଡାଇଆନୋସିଆସ। ତୁମର ଯଦି କେହି ବନ୍ଧୁ ତୁମ ପାଇଁ ମୁଣ୍ଡଜାମିନ ରହିବ ଏବଂ ତୁମେ ଯଦି ନିର୍ଦ୍ଦିଷ୍ଟ ଦିନ ସୂର୍ଯ୍ୟୋଦୟ ସୁଦ୍ଧା ଲେଉଟି ନ ଆସିବ, ତେବେ ସେ ଜାମିନଦାର ମୃତ୍ୟୁଦଣ୍ଡ ଭୋଗିବାକୁ ପ୍ରସ୍ତୁତ ଥିବ, ତାହାହେଲେ ତୁମକୁ ସପ୍ତାହକ ପାଇଁ ବିରତି ମିଳିପାରେ। ତତ୍‌କ୍ଷଣାତ୍ ଆଗଭର ହେଲେ ଡାମୋନ। ଡାମୋନଙ୍କୁ କାରାରୁଦ୍ଧ କରାଗଲା ଓ ପିଥିଆସ୍‌ଙ୍କୁ ଗାଁକୁ ଯିବାର ଅନୁମତି ମିଳିଲା। ଷଷ୍ଠଦିନ ରାତି ସୁଦ୍ଧା ପିଥିଆସ୍ ଫେରିଲେ ନାହିଁ। ତେଣୁ ସପ୍ତମ ଦିନ ପ୍ରଭାତରେ ଡାମୋନଙ୍କୁ ଫାଶୀମଞ୍ଚକୁ ନିଆଗଲା। ସେଠାରେ ଉପସ୍ଥିତ ଥିଲେ ଡାଇଆନୋସିଆସ। ଡାମୋନଙ୍କ ଆଖିରେ ଅଶ୍ରୁ ଦେଖି ଅଟ୍ଟହାସ୍ୟ କଲେ ଏବଂ କହିଲେ– ମୁଁ ଠିକ୍ ଜାଣିଥିଲି ତୁମ ବନ୍ଧୁ ତୁମକୁ ଦଗା ଦେବ। ଏବେ ଅଶ୍ରୁପାତ କଲେ ଲାଭ କ'ଣ? କାଳବିଳମ୍ବ ନ କରି ଡାମୋନ କହିଲେ– ହେ ମହାମାନ୍ୟ ଶାସକ! ଏ ଅଶ୍ରୁ ଦୁଃଖଜନିତ ନୁହେଁ। ଇଏ ମୋର ଆନନ୍ଦର ଅଶ୍ରୁ। ମୋ ବନ୍ଧୁ ନିଶ୍ଚୟ କୌଣସି ଦୁର୍ଲଂଘ୍ୟ ଅସୁବିଧା ଯୋଗୁ ଅଟକି ଯାଇଛନ୍ତି। ଭଗବାନ୍ ମୋତେ ମୋ ବନ୍ଧୁ ପାଇଁ ପ୍ରାଣ ଦେବା ଅପୂର୍ବ ସୁଯୋଗଟିଏ ଦେଇଥିବାରୁ ମୁଁ ଅତ୍ୟନ୍ତ ପୁଲକିତ। ମୋ ଜୀବନ ଧନ୍ୟ ହୋଇଗଲା। ଡାମୋନ ଫାଶୀ ପାଇଁ ପ୍ରସ୍ତୁତ ହୋଇଗଲେ। ହଠାତ୍ ଅଦୂରରୁ ଶୁଣାଗଲା ଏକ ଉତ୍କଣ୍ଠିତ ବିକଳ ଚିତ୍କାର ରହିଯାଅ, ମୁଁ ଆସିଗଲିଣି। ଚାହୁଁ ଚାହୁଁ ଗଳଦ୍‌ଘର୍ମ ପିଥିଆସ୍ ଆସି ଫାଶୀମଞ୍ଚରେ ପହଞ୍ଚିଗଲେ ଏବଂ ବନ୍ଧୁ ଡାମୋନ୍‌ଙ୍କୁ ଆଲିଙ୍ଗନ କରି କାନ୍ଦିବାକୁ ଲାଗିଲେ। କହିଲେ, ଭଗବାନ୍‌ଙ୍କୁ ଅଶେଷ ଧନ୍ୟବାଦ ଯେ, ମୁଁ ଠିକ୍ ସମୟରେ ପହଞ୍ଚିଗଲି, ନଦୀରେ ପ୍ରବଳ ବନ୍ୟା ଯୋଗୁ ଆସିବାରେ ମୋର ବିଳମ୍ବ ହେଲା। ଆଉ ଟିକିଏ ବିଳମ୍ବ ହୋଇଥିଲେ ବନ୍ଧୁତାର ପବିତ୍ର ସମ୍ପର୍କରେ କଳଙ୍କ ଲାଗିଯାଇଥାନ୍ତା। ସ୍ତବ୍ଧ ପରିବେଶ। ଫାଶୀମଞ୍ଚରେ ଉଭୟ ଡାମୋନ ଓ ପିଥିଆସ ପଞ୍ଚମଥର ଲାଗି ଦୁର୍ବିନୀତ ଡାଇଆନୋସିଆସଙ୍କ ଆଖିରେ ଲୁହ। ଡାଇଆନୋସିଆସ ଦୁଇବନ୍ଧୁଙ୍କୁ କହିଲେ– ଆଜିଠାରୁ ମୋତେ ତମର ତୃତୀୟ ବନ୍ଧୁରୂପେ ଗ୍ରହଣ କର।

ବାସ୍ତବରେ ବନ୍ଧୁହୀନ ଜୀବନ ନର୍କ ସମାନ। ଦୀପକୁ ଜଳାଇବା ସହଜ, କିନ୍ତୁ ଦୀପକୁ ଜଳେଇରଖିବା ବହୁତ କଷ୍ଟ। ବନ୍ଧୁ ବାନ୍ଧିବା ସହଜ, ମାତ୍ର ବନ୍ଧୁତାକୁ ବଜାୟ ରଖିବା ସହଜ ନୁହେଁ। ଏଣୁ ବିଶ୍ୱାସ, ଭରସା ଓ ଭଲପାଇବା ଦେଇ ବନ୍ଧୁତାକୁ ବଞ୍ଚେଇ ରଖନ୍ତୁ। କାରଣ ବନ୍ଧୁତା ହିଁ ଆମ ପାଇଁ ଈଶ୍ୱରଙ୍କ ସର୍ବଶ୍ରେଷ୍ଠ ଉପହାର।

**ଅବସରପ୍ରାପ୍ତ ପ୍ରାଧ୍ୟାପକ**
**ମୋ: ୬୩୭୦୬୪୫୭୮୯**

# ଈଶ୍ୱରାନୁଭୂତିର ବୈଜ୍ଞାନିକ ମତ



ଉମାଶଙ୍କର ପ୍ରସାଦ

ମଣିଷ ମାତ୍ରକେ ଈଶ୍ୱର ବିଶ୍ୱାସୀ। କାରଣ ଈଶ୍ୱର ହେଉଛନ୍ତି ମହାନ୍। ମଣିଷଠାରେ ଭଗବତ୍ ବିଶ୍ୱାସ ଉଦ୍ରେକ ହେବାର କାରଣ ଜାଣିବା ପାଇଁ ବୈଜ୍ଞାନିକ ମାନେ ଗବେଷଣାରତ। ସେମାନଙ୍କ ମତରେ ମଣିଷର ମସ୍ତକରେ ରହିଛି ଏକ 'ଭଗବତ କ୍ଷେତ୍ର'। ୧୯୯୦ ଦଶକର ଆଦ୍ୟଭାଗରେ କାନାଡାର ସ୍ନାୟୁ ମନୋବିଜ୍ଞାନୀ ଡ. ମାଇକେଲ ପର୍‌ସିଞ୍ଜର ପ୍ରଥମ ଥର ପାଇଁ 'ପ୍ରତ୍ୟକ୍ଷ ଈଶ୍ୱରାନୁଭୂତି' ପ୍ରାପ୍ତ ହୋଇଥିଲେ। ଡ. ପର୍‌ସିଞ୍ଜର ଜଣେ ଧାର୍ମିକ ବ୍ୟକ୍ତି ନ ଥିଲେ। ଉକ୍ତ ଅନୁଭୂତି ଲାଭକଲା ବେଳକୁ ସେ ଲରେନ୍ସିଆନ୍ ବିଶ୍ୱବିଦ୍ୟାଳୟରେ ଗବେଷଣାରତ ଥିଲେ। ନିଜର ମସ୍ତକକୁ 'ଟ୍ରାନ୍ସକ୍ରାନିଆଲ୍ ମ୍ୟାଗ୍‌ନେଟିକ ଷ୍ଟିମୁଲେଟର' ବା 'ପାରକରୋଟି ଚୁମ୍ବକୀୟ ଉଦ୍ଦୀପକ' ନାମକ ଏକ ଯନ୍ତ୍ର ସହ ସଂଯୁକ୍ତ କରିଦେଲେ। ଏହି ଯନ୍ତ୍ରଟି ଦ୍ୱାରା ମସ୍ତିଷ୍କର ଛୋଟ ଛୋଟ ନିର୍ବାଚିତ ଅଞ୍ଚଳରେ ଚୁମ୍ବକୀୟ କ୍ଷେତ୍ର ସୃଷ୍ଟି କରିହୁଏ, ସୃଷ୍ଟ ଚୁମ୍ବକୀୟ କ୍ଷେତ୍ରର ହ୍ରାସ ବୃଦ୍ଧି କରିହୁଏ ଓ ଚୁମ୍ବକୀୟ କ୍ଷେତ୍ର ମାଧ୍ୟମରେ ସେହି ସେହି ଅଞ୍ଚଳଗୁଡିକୁ ଉଦ୍ଦୀପିତ କରିହୁଏ। ମସ୍ତିଷ୍କ ତନ୍ତୁରେ ଉଦ୍ଦୀପନା ସୃଷ୍ଟି ହେଲେ ତାହା ସହ ସମ୍ପୃକ୍ତ ମାଂସପେଶୀ ସ୍ଫୁରିତ ହୁଏ କିମ୍ବା ଅବୟବ ଅନୈଚ୍ଛିକ ଭାବରେ ଚାଳିତ ହୁଏ। ମସ୍ତିଷ୍କସ୍ଥ ଦୃଷ୍ଟିକେନ୍ଦ୍ରକୁ ଏପରି ପଦ୍ଧତିରେ ଉଦ୍ଦୀପିତ କରାଇଲେ ଜନ୍ମାନ୍ଧ ବ୍ୟକ୍ତି ମଧ୍ୟ 'ଦେଖିପାରିବା' ଭଳି ଅନୁଭୂତି ଅର୍ଜନ କରିଥାଏ। ଡ. ପର୍‌ସିଞ୍ଜର ଚୁମ୍ବକୀୟ କ୍ଷେତ୍ର ସୃଷ୍ଟିକରି ନିଜ ମସ୍ତିଷ୍କର 'ଟେମ୍ପୋରାଲ ଲୋବ୍' ବା ପ୍ରମସ୍ତିଷ୍କ ଶ୍ରୁତିଖଣ୍ଡକୁ ଉଦ୍ଦୀପିତ କରାଇଥିଲେ। ମସ୍ତିଷ୍କର ଶ୍ରୁତିଖଣ୍ଡ କାନମୁଣ୍ଡାର ଠିକ୍ ତଳକୁ ଅବସ୍ଥିତ। ଶ୍ରୁତିଖଣ୍ଡ ଉଦ୍ଦୀପିତ ହେବା ମାତ୍ରେ ପର୍‌ସିଞ୍ଜରଙ୍କୁ 'ଭଗବତ ଦର୍ଶନ'ର ଅନୁଭୂତି ମିଳିଯାଇଥିଲା।

'ଟେମ୍ପୋରାଲ ଲୋବ୍ ଏପିଲେପ୍‌ସି' ବା ପ୍ରମସ୍ତିଷ୍କ ଶ୍ରୁତିଖଣ୍ଡ ଅପସ୍ମାର ଦ୍ୱାରା ଆକ୍ରାନ୍ତ ରୋଗୀମାନେ ଗଭୀର ଆଧ୍ୟାତ୍ମିକତା ଅନୁଭବ କରୁଥିବା ବହୁଦିନରୁ ଜଣାପଡ଼ିଛି। ଅପସ୍ମାର ରୋଗ ହେଲେ ରୋଗୀକୁ ମଝିରେ ମଝିରେ ବାତ ମାରିଥାଏ। ଏ ପ୍ରକାର ରୋଗୀମାନଙ୍କ ଉପରେ ଅନେକ ଗବେଷଣା କରିଛନ୍ତି ସାନ୍‌ଡିଏଗୋସ୍ଥିତ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ସ୍ନାୟୁ ବିଜ୍ଞାନୀ ପ୍ରଫେସର ଭି.ଏସ୍. ରାମଚନ୍ଦ୍ରନ୍। ରୋଗୀମାନଙ୍କୁ ବାତ ମାରିସାରିବା ପରେ ସେମାନେ ପ୍ରାୟତଃ ତାଙ୍କୁ କହିଥାନ୍ତି 'ଏପରି ଏକ ଦିବ୍ୟ ଆଲୋକ ଅଛି ଯାହା ସବୁ କିଛିକୁ ଉଦ୍ଭାସିତ କରିଥାଏ'। ଏପରି ଏକ ପରମ ସତ୍ୟ ରହିଛି, ଯାହା ସାଧାରଣ ମନର ଊର୍ଦ୍ଧ୍ୱରେ', ସାଧାରଣ ମନ ସେହି ପରମ ସତ୍ୟର ରୂପରେଖ ସମ୍ବନ୍ଧରେ ଧାରଣା କରିପାରେ ନାହିଁ। ନିତିଦିନର ଜୀବନ ଜଞ୍ଜାଳରେ ଘାଣ୍ଟିହେଉଥିବା ବ୍ୟକ୍ତିର ମନ ସେହି ପରମ ସତ୍ୟର ସୌନ୍ଦର୍ଯ୍ୟ ଓ ମହତ୍ତ୍ୱକୁ କଳନା କରିବା ନିମନ୍ତେ ଅକ୍ଷମ। ଡ. ପର୍‌ସିଞ୍ଜରଙ୍କ ବୈଜ୍ଞାନିକ ପରୀକ୍ଷା 'ଶ୍ରୁତିଖଣ୍ଡ ଅପସ୍ମାର ରୋଗୀ ଅନୁଭବ କରୁଥିବା ଗଭୀର ଆଧ୍ୟାତ୍ମିକ ଅଭିଜ୍ଞତା ପାଇଁ ମସ୍ତିଷ୍କର ଶ୍ରୁତିଖଣ୍ଡର ଅତ୍ୟଧିକ ସକ୍ରିୟତା ଯୁକ୍ତିକୁ ସାବ୍ୟସ୍ତ କରିବାରେ ସହାୟକ ହୋଇପାରିଛି। ଚୁମ୍ବକୀୟ କ୍ଷେତ୍ର ସୃଷ୍ଟିକରି ଶ୍ରୁତିଖଣ୍ଡକୁ ଯେ କୃତ୍ରିମ ଉପାୟରେ ଉଦ୍ଦୀପିତ କରିହେବ, ଏହା ପ୍ରଥମେ ଆବିଷ୍କାର କରିଥିଲେ 'ପର୍‌ସିଞ୍ଜର' ଏବଂ ତାଙ୍କୁ ମିଳିଥିଲା ଅପୂର୍ବ ସଫଳତା। ଶ୍ରୁତିଖଣ୍ଡରେ କୃତ୍ରିମ ଉପାୟରେ ଉଦ୍ଦୀପନା ସୃଷ୍ଟିକଲେ ବ୍ୟକ୍ତି ବିଦ୍ୟାନୁଭୂତି ପ୍ରାପ୍ତ ହେବା, ଶରୀର ବାହାରେ ଅବସ୍ଥାନ କରିବା କିମ୍ବା ପୂର୍ବଜନ୍ମର ଘଟଣାବଳୀକୁ ମନେ ପକାଇପାରିବା ଭଳି ଅନୁଭୂତି ଲାଭ କରିଥାଏ ବୋଲି ମତ ଦେଇଛନ୍ତି ଡ. ପର୍‌ସିଞ୍ଜର।



୧୯୯୭ରେ ଭି.ଏସ୍. ରାମଚନ୍ଦ୍ରନ୍ ଓ ତାଙ୍କର ସହକର୍ମୀବୃନ୍ଦ ଏ କ୍ଷେତ୍ରରେ ଆହୁରି ପାଦେ ଆଗେଇଯାଇ ସୁସ୍ଥ ବ୍ୟକ୍ତିଙ୍କ ପ୍ରମସ୍ତିଷ୍କ ଶ୍ରୁତିଖଣ୍ଡର କ୍ରିୟାକୁ ଉଦ୍ଦୀପିତ କରାଇବାରୁ ସୁସ୍ଥ ବ୍ୟକ୍ତିମାନଙ୍କଠାରେ ମଧ୍ୟ ଭଗବତ ଅନୁଭୂତି ଜାତହେଲା। ରାମଚନ୍ଦ୍ରନ୍ ଓ ତାଙ୍କର ସହଯୋଗୀ ଗବେଷକମାନେ ସୁସ୍ଥବ୍ୟକ୍ତିଙ୍କ କାନମୁଣ୍ଡା ଉପରେ 'ଇଲେକ୍‌ଟ୍ରୋଏନ୍‌ସେଫାଲୋଗ୍ରାମ'(ଇଇଜି)ର ଇଲେକ୍‌ଟ୍ରୋନ୍ ସଂଯୁକ୍ତ କରି ସେମାନଙ୍କୁ ଶୁଣେଇ ଚାଲିଲେ ମନକୁ ଛୁଇଁଲା ଭଳି ଧର୍ମ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ। ଏପରି କରିବା ଫଳରେ ଶ୍ରୁତିଖଣ୍ଡରେ ପ୍ରତିକ୍ରିୟା ବୃଦ୍ଧିପାଇବା ସହ ଗବେଷଣା ଅନ୍ତର୍ଭୁକ୍ତ ସେହି ବ୍ୟକ୍ତିମାନେ 'ଦିବ୍ୟାନୁଭୂତି' ପ୍ରାପ୍ତହେବା ସମ୍ପର୍କରେ ନିଜର ଅଭିଜ୍ଞତା ବଖାଣି ଚାଲିଥିଲେ। ଏହି ପରୀକ୍ଷଣର ଫଳାଫଳକୁ ରାମଚନ୍ଦ୍ରନ୍‌ଙ୍କ ଗୋଷ୍ଠୀ ସିଦ୍ଧାନ୍ତ ଗ୍ରହଣ କଲେ ଯେ ସୁସ୍ଥବ୍ୟକ୍ତିଙ୍କ ସ୍ନାୟୁକୋଷିକା ଓ ସ୍ନାୟୁସୂତ୍ର ରହିଛି, ଯାହା ଧର୍ମ ଏବଂ ଆଧ୍ୟାତ୍ମିକତା ସହ ସମ୍ପୃକ୍ତ। ଆମ ପ୍ରତ୍ୟେକଙ୍କ ମସ୍ତିଷ୍କରେ ରହିଛି 'ଲିମ୍ବିକ୍ ସିଷ୍ଟମ୍' ଯେଉଁଥିରେ ଥାଏ ଆବେଗ କେନ୍ଦ୍ର ଏବଂ ସ୍ମୃତିକେନ୍ଦ୍ର। ଲିମ୍ବିକ୍ ସିଷ୍ଟମ ସହ ଶ୍ରୁତିଖଣ୍ଡର ଘନିଷ୍ଠ ଯୋଗାଯୋଗ ରହିଛି। ପର୍‌ସିଞ୍ଜର ଦର୍ଶାଇଛନ୍ତି, ମସ୍ତିଷ୍କର ଆବେଗ କେନ୍ଦ୍ରକୁ ଉତ୍ତେଜିତ କରାଇଲେ ଶ୍ରୁତିଖଣ୍ଡର ବୈଦ୍ୟୁତିକ କ୍ରିୟା ବୃଦ୍ଧି ପାଇଥାଏ। ଧାର୍ମିକ ତଥା ଆଧ୍ୟାତ୍ମିକ ଅନୁଭୂତିରେ ଆବେଗ ଯେ ଅତି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ଯାହା 'ଲିମ୍ବିକ୍ ସିଷ୍ଟମର' ସମ୍ପୃକ୍ତିରୁ ପ୍ରମାଣିତ।

ମସ୍ତିଷ୍କସ୍ଥ ଶ୍ରୁତିଖଣ୍ଡର ଯେଉଁ ନିର୍ଦ୍ଦିଷ୍ଟ ଅଞ୍ଚଳ ଧାର୍ମିକ କିମ୍ବା ଆଧ୍ୟାତ୍ମିକ ଅନୁଭୂତି ସହ ସମ୍ପୃକ୍ତ , ତାକୁ 'ପର୍‌ସିଞ୍ଜର ଏବଂ ରାମଚନ୍ଦ୍ରନ୍'ଙ୍କ ଭଳି ସ୍ନାୟୁ ଜୀବବିଜ୍ଞାନୀମାନେ 'ଭଗବତ୍ କ୍ଷେତ୍ର'ନାମରେ ନାମିତ କରିଛନ୍ତି। ମସ୍ତିଷ୍କର ସ୍ନାୟୁତନ୍ତ୍ରରେ ଭଗବତ୍ କ୍ଷେତ୍ରର ଉପସ୍ଥିତିରୁ ଏହି ସୂଚନା ମିଳୁଛି ଯେ ଆଧ୍ୟାତ୍ମିକ ବିଶ୍ୱାସ ଓ ଅନୁଭୂତି ସର୍ବଦା ମଣିଷର ହିତ ସାଧନ କରିଥାଏ ଏବଂ ଏହି ଉଦ୍ଦେଶ୍ୟ ପୂର୍ତ୍ତି ନିମନ୍ତେ ମସ୍ତିଷ୍କ ଅନୁରୂପ ଭାବରେ ବିବର୍ତ୍ତିତ ହୋଇଛି। ଦିନେ ଭୋଲ୍‌ଟାୟାର କହିଥିଲେ, " ଈଶ୍ୱର ଯଦି ନାହାନ୍ତି, ତେବେ ଈଶ୍ୱରଙ୍କୁ ଉଦ୍‌ଭାବନ କରିବା ଦରକାର।" କିନ୍ତୁ ଯଦି ଅଛନ୍ତି, ତେବେ ତାଙ୍କୁ ଆବିଷ୍କାର କରିବାର ଆବଶ୍ୟକତା ଅତି ଗୁରୁତ୍ୱପୂର୍ଣ୍ଣ। ମସ୍ତିଷ୍କରେ 'ଭଗବତ କ୍ଷେତ୍ର'ର ଆବିଷ୍କାର ବୋଧହୁଏ ଏହି ଆବିଷ୍କାର ପର୍ବର ପ୍ରଥମ ପ୍ରଚେଷ୍ଟା।

**ଖୋର୍ଦ୍ଧା, ମୋ: ୬୩୭୦୬୭୫୫୬୨**

## ଏଇ ଭାରତରେ

ଦୁଇଟି ଜୀବନର ଧାରାକୁ ଦେଖିଲେ ଜଣାପଡ଼େ ସେମାନଙ୍କୁ ଶରୀରର ପ୍ରତିକୂଳ ସ୍ଥିତି କେବେ ଆଗକୁ ବଢ଼ିବାରେ ବାଧା ଦେଇପାରିନାହିଁ। ଏହି ଦୁଇଜଣ ହେଉଛନ୍ତି ବାରାଣସୀର ଶ୍ୱେତା ମୌର୍ଯ୍ୟ ଓ ଅଜୟ ଗୁପ୍ତା। ଅଜୟଙ୍କୁ ୯ ବର୍ଷ ବୟସ ହୋଇଥିବାବେଳେ ସେ ପୋଲିଓରେ ଆକ୍ରାନ୍ତ ହୋଇଥିଲେ। ଏଥିରେ ତାଙ୍କର ଦୁଇଗୋଡ଼ ଓ ବାମହାତ ଅଚଳ ହୋଇଯାଇଥିଲା; ଯେଉଁଥିପାଇଁ ସେ ଶିକ୍ଷା ଲାଭରୁ ବଞ୍ଚିତ ହୋଇଥିଲେ। ହେଲେ ଦୃଢ଼ ଇଚ୍ଛାଶକ୍ତି ତାଙ୍କୁ ମହତ ଲକ୍ଷ୍ୟରେ ପହଞ୍ଚାଇଛି। ସେ ପ୍ରି ସ୍କୁଲ ଫ୍ରାଞ୍ଚାଇଜ 'ବଚ୍‌ପନ' ଗଠନ କରି ଏହାର ୧,୨୦୦ କେନ୍ଦ୍ର ଖୋଲି ପ୍ରତିବର୍ଷ ୧ ଲକ୍ଷରୁ ଅଧିକ ପିଲାଙ୍କୁ ପଢ଼ାଉଛନ୍ତି। ସେହିଭଳି ଶ୍ୱେତା ଓଷ୍ଟିଓଜେନେସିସ୍ ଇମ୍ପରଫେକ୍ଟା ରୋଗରେ ପୀଡ଼ିତ ହୋଇଥିଲେ। ଏହା ତାଙ୍କ ଅସ୍ଥିକୁ କ୍ଷତି କରିଥିଲା ଓ ଏଥିରୁ ସେ ଆରୋଗ୍ୟ ଲାଭ କରିପାରିଲେ ନାହିଁ। ହ୍ୱିଲ ଚେୟାର ଓ ବେଡ୍‌ରେ ରହି ମଧ୍ୟ ବୁଲାପ୍ରାଣୀଙ୍କ ସେବାରେ ନିଜକୁ ନିୟୋଜିତ କରିଛନ୍ତି। ସେ ଆସ୍ଥା ଲଭିଂ କାଇଣ୍ଡନେସ ଆଣ୍ଡ କମ୍ପାଶନ ଫାଉଣ୍ଡେଶନ ଗଠନ କରି ଆହତ ଓ ପରିତ୍ୟକ୍ତ ପ୍ରାଣୀମାନଙ୍କୁ ଚିକିତ୍ସା ଯୋଗାଇବା ସହ ସେମାନଙ୍କୁ ଆଶ୍ରୟ ଦେଉଛନ୍ତି। ଏବେ ସୁଦ୍ଧା ସେ ୪୦୦ ପ୍ରାଣୀଙ୍କୁ ଆଶ୍ରୟ ଦେଇସାରିଲେଣି।

## ୨୫ ବର୍ଷ ତଳର ଧରିତ୍ରୀ

**୩ ଅକ୍ଟୋବର ୧୯୯୮**

- ଲୁଣା-ଚିତ୍ରୋତ୍ପଳା ଦୀପାଞ୍ଚଳର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ ତଥା ଶିକ୍ଷାବିତ୍ ବ୍ରଜନାଥ ମହାପାତ୍ରଙ୍କ ୯୮ ବର୍ଷ ବୟସରେ ପରଲୋକ।
- ବିହାରର ପଶ୍ଚିମ ଚମ୍ପାରନ ଜିଲାର ସିକରପୁରଠାରେ ହରଗୋରା ନଦୀରେ ଏକ ଦେଶୀ ଡଙ୍ଗା ବୁଡ଼ିଯିବା ଫଳରେ ୪୦ ମୃତ।

## ପାଠକ ଶ୍ରେଷ୍ଠ ବିଚାରକ

### ସୃଜନ-ସଂସାର ଏକ ବିଶାଳ ପରିବାର

ମହାଶୟ,

ସମାଜରେ ଲେଖକଙ୍କୁ ଏକ ସମ୍ମାନାସ୍ପଦ ଆସନ ଦିଆଯାଇଥାଏ। ଲେଖିକାଲେଖକମାନେ ଗୋଟିଏ ପରିବାରର ସଦସ୍ୟାସଦସ୍ୟ ପରି ଚଳିବା କଥା। ହେଲେ ଆଜିର ସମୟ ସାହିତ୍ୟାଶ୍ରିତ ଲେଖକଙ୍କୁ ମଧ୍ୟ ଭାଗ ଭାଗ କରିଦେଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଲେଖକ ନିଜର ଦକ୍ଷତା, ସାମର୍ଥ୍ୟ ମୁତାବକ ନିଜକୁ ଗଢ଼େ। ଅବଶ୍ୟ ଏ କଥା ସତ ଯେ, ଲେଖା ଓ କଥାରେ ନାନା ପ୍ରକାରର ଭିନ୍ନତା ରହିବ ଲେଖକଙ୍କ ଭିତରେ। କିନ୍ତୁ ଭଲ ମଣିଷ ଓ ଭଲ ସାହିତ୍ୟିକଙ୍କ ସମନ୍ୱୟଧାରୀ ଲେଖକଟି ଉପରେ ସ୍ୱତନ୍ତ୍ର କିଛି କଲେ ତାହା ସମାଜ ପାଇଁ ମଙ୍ଗଳମୟ ଓ ବାର୍ତ୍ତା ପ୍ରସୂନ ହେବ। ଏସବୁ କରିବାର ତାତ୍ପର୍ଯ୍ୟ ହେଲା ଏବେ ସାହିତ୍ୟିକଙ୍କ ଉପରେ ସାଧାରଣ ଲୋକଙ୍କ ଆଶା ତୁଟି ଯାଉଛି। ସାହିତ୍ୟିକଙ୍କ କାର୍ଯ୍ୟକଳାପ ଦୁଃଖୀ କରାଉଛି। ସାହିତ୍ୟିକ କ'ଣ ପାଇବ ତାହା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, କ'ଣ ଅଧିକ ଦେଇପାରିବ ତାହା ଧ୍ୟେୟ ହେଉ।

**– ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

"ଶ୍ରାବଣର କେତେ ଅମା
କାଟି ଆଜି ଜଳେ ମହାଦୀପ
"ଜୀବନ-ତଇଳ ଢାଳି
ରଖ ତାକୁ ସଜାଗ ଜୀବିତ!
–(ମହାଦୀପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### କପସିପାଲି ଦୁର୍ଗାପୂଜା ପାଇଁ ପ୍ରସ୍ତୁତି

**ଖପ୍ରାଖୋଲ, ୨।୧୦(ଅଭୟ ତ୍ରିପାଠୀ)** ବଲାଙ୍ଗୀର ଜିଲ୍ଲା ଖାପ୍ରାଖୋଲ ବ୍ଲକ ଓଡ଼ିଆପାଲି ପଞ୍ଚାୟତ କପସିପାଲି ଦୁର୍ଗା ମଣ୍ଡପ ପରିସରରେ ୯୩ତମ ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗ୍ରାମ୍ୟ କମିଟି ସଭାପତି କୁନୁ ବରିହା ଅଧ୍ୟକ୍ଷତା କରିଥିଲେ। ଚଳିତବର୍ଷ ଦୁର୍ଗାପୂଜା ଆଡ଼ମ୍ବର ସହିତ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଆଗାମୀ ଅକ୍ଟୋବର ୨୨ରୁ ୨୪ ତାରିଖ ଯାଏ ତିନି ଦିନ ଧରି ପୂଜାମହୋତ୍ସବ ପାଳନ କରିବା ସହିତ ପ୍ରତ୍ୟକ ରାତ୍ରରେ ମନୋରଞ୍ଜନ କାର୍ଯ୍ୟକ୍ରମ କରିବା ପାଇଁ କମିଟି ତରଫରୁ ସ୍ଥିର ହୋଇଛି। ପୂଜାର ମୁଖ୍ୟକର୍ତ୍ତା ଗୌନ୍ତିଆ ସୁରେନ୍ଦ୍ର କୁମାର ବରିହା ସପତ୍ନିକ ବୁଲାଇବେ ବୋଲି ନିଷ୍ପତି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଶଶୀ ରଣା, କୋଷାଧ୍ୟକ୍ଷ ଦୟାନିଧି ସାହୁ, ୱାଡସଭ୍ୟ କ୍ଷେତ୍ରୀ ପୁଞ୍ଜି, ଧୁବେଲେ ପୁଞ୍ଜି, ସୁରେନ୍ଦ୍ର କୁମାର ବରିହା, କଳାକାହ୍ନୁ ବିଶ୍ୱାଳ, ଇନ୍ଦ୍ରମଣି ସାହୁ, ଅଚ୍ୟୁତ ସାହୁଙ୍କ ସମେତ ବହୁ ଗ୍ରାମବାସୀ ଯୋଗ ଦେଇଥିଲେ।

### ଦୀନେଶ ଶର୍ମା ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସଂଯୋଜକ ନିଯୁକ୍ତ

**ବଲାଙ୍ଗୀର, ୨।୧୦ (ବୀରେନ୍ଦ୍ର କୁମାର ଝାଙ୍କର)** ବଲାଙ୍ଗୀର ଜିଲ୍ଲା ଭାଜପା ଯୁବନେତା



ଦୀନେଶ ଶର୍ମାଙ୍କୁ ରାଜ୍ୟ ଯୁବାମୋର୍ଚ୍ଚା ସଂଯୋଜକ ନିଯୁକ୍ତ କରାଯାଇଛି। ତାଙ୍କ ନେତୃତ୍ୱରେ ସଙ୍ଗଠନ ସୁଦୃଢ଼ ହେବ ବୋଲି କୁହାଯାଇଛି। ବଲାଙ୍ଗୀର ଲୋକ ସଭା ସାଂସଦ ସଙ୍ଗୀତା କୁମାରୀ ସିଂଦେଓ, ପୂର୍ବତନ ବିଧାୟକ କନକ ବର୍ଦ୍ଧନ ସିଂଦେଓ, ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ, ଜିଲ୍ଲା ସଭାପତି ଶିବାଜୀ ମହାନ୍ତି ଏବଂ ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡାଙ୍କୁ ସେ ଧନ୍ୟବାଦ ଦେଇଛନ୍ତି।

### ସଇଁତଳା ରେଳଷ୍ଟେଶନ ପରିସର ସଫେଇ

**ସଇଁତଳା, ୨।୧୦ (ରାଖାଲ ପ୍ରସାଦ ଶତପଥି)** ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲ୍ଲା ସଇଁତଳା ରେଳଷ୍ଟେଶନ ପରିସର ସଫେଇ କରାଯାଇଥିଲା। ଏଥିରେ ସାମିଲ ହୋଇଥିଲେ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ। କାର୍ଯ୍ୟକ୍ରମରେ ଭାଜପା ସାଧାରଣ ସମ୍ପାଦକ ମୁକେଶ ଜୈନ, ବରିଷ୍ଠ ନେତା ମହେନ୍ଦ୍ର କୁମାର ଠାକୁର, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଅକ୍ଷୟ ରଣା, ରାଜ୍ୟ ଯୁବମୋର୍ଚ୍ଚା ସଦସ୍ୟ ନରସିଂ ସିଂ, ଟିଟିଲାଗଡ଼ ଟାଉନ ସଭାପତି ପ୍ରଶାନ୍ତ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ରହି ଷ୍ଟେଶନ ପରିସରକୁ ସଫେଇ କରିଥିଲେ। କେନ୍ଦ୍ର ସରକାରଙ୍କ ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମରେ ନେହେରୁ ଯୁବ କେନ୍ଦ୍ର ସଇଁତଳା ତରଫରୁ ରାଜେନ୍ଦ୍ର ନାରାୟଣ ସିଂଦେଓ ଷ୍ଟାଡ଼ିୟମରେ ଏକ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଠାକୁର ଦେଓ ଫୁଟବଲ ଦଳ ବିଜେତା ହୋଇଥିବାବେଳେ କରେଲଧୁଆ ଦଳ ଉପବିଜେତା ହୋଇଥିଲା। ମୁଖ୍ୟ ଅତିଥି ଏମ୍‌ପି ସିଂଦେଓ ଉଭୟ ଦଳକୁ ଟ୍ରଫି ଓ ନଗଦ ରାଶି ପ୍ରଦାନ କରିଥିଲେ।

# ସଚେତନତାରେ ରୋକିହେବ ସାଇବର ଅପରାଧ



ଏସ୍‌ପି ସାଇବର ସୁରକ୍ଷା ରଥର ଶୁଭାରମ୍ଭ କରୁଛନ୍ତି।

- ୨ରୁ ୧୫ ଯାଏ ବୁଲିବ ସାଇବର ରଥ
- ଭବାନୀପାଟଣାରେ ସାଇବର ସୁରକ୍ଷା ରଥର ଶୁଭାରମ୍ଭ

**ଭବାନୀପାଟଣା,୨।୧୦(ଉତ୍ତମ କୁମାର ଦାଶ)** ଭବାନୀପାଟଣା ଟାଉନହଲଠାରେ ସୋମବାର କଳାହାଣ୍ଡି ପୋଲିସ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନର ଶୁଭାରମ୍ଭ ହୋଇଯାଇଛି। କାର୍ଯ୍ୟକ୍ରମରେ ଏସ୍‌ପି ଅଭିଲାଷ ଜି, କେସିଙ୍ଗା ଏସ୍‌ଡିପିଓ ରୋହିତ ବର୍ମା, ଡିଏଫଓ ସାଉଥ ଡିଭିଜନ ଆର୍. କାଳିଆ ଭରଣ, କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳପତି ସଞ୍ଜୟ ଶତପଥୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ଭବାନୀପାଟଣା ପୌରଧ୍ୟକ୍ଷା ସଞ୍ଜୁକ୍ତା ବେହେରା, ଏସବିଆଇ ପରିଚାଳକ ସୁରେନ୍ଦ୍ର କୁମାର ଜାଲ ପ୍ରମୁଖ ଉପସ୍ଥିତ ଥିଲେ। ସାଇବର ଜନିତ ଅପରାଧକୁ ସଚେତନତା ମାଧ୍ୟମରେ କିପରି ରୋକାଯାଇପାରିବ ସେ ନେଇ ଏସ୍‌ପି କହିଥିଲେ। କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳପତି ଶତପଥୀ କବିତା ମାଧ୍ୟମରେ ସାଇବର ସଚେତନ କରିଥିଲେ। ପୋଲିସ ତଥା ସ୍ଥାନୀୟ କଳାକାରମାନଙ୍କ ପକ୍ଷରୁ ଗୀତ ଓ ନାଟକ ମାଧ୍ୟମରେ ସାଇବର ଅପରାଧ ନିୟନ୍ତ୍ରଣ ଜନିତ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। ଶେଷରେ ଟାଉନ ଥାନା ଅଧିକାରୀ ଯଶୋବନ୍ତ ହିଆଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ଏସ୍‌ପି ଓ ଅନ୍ୟ ଅତିଥିବୃନ୍ଦ ପତାକା ଦେଖାଇ ସାଇବର ସୁରକ୍ଷା ରଥ ଶୁଭାରମ୍ଭ କରିଥିଲେ। ଏହି ରଥ ସୋମବାରଠାରୁ ୧୫ ଯାଏଁ ଜିଲାର ସମସ୍ତ ବ୍ଲକ, ପଞ୍ଚାୟତ, ସ୍କୁଲ ଓ କଲେଜ ଓ ବିଭିନ୍ନ ଜନଗହଳି ସ୍ଥାନ ଭ୍ରମଣ କରି ସାଇବର ସୁରକ୍ଷା ଉପରେ ଲୋକଙ୍କୁ ସଚେତନତା କରାଇବ। ସେହିପରି ଅକ୍ଟୋବର ୮ ତାରିଖ ସକାଳେ ସହରାଞ୍ଚଳରେ ମିନି ମାରଥନ ଓ ୧୪ରେ ବରିଷ୍ଠ ନାଗରିକମାନଙ୍କୁ ସଚେତନ କରିବାକୁ ସନ୍ଧ୍ୟାକାଳିନ ଭ୍ରମଣ କାର୍ଯ୍ୟକ୍ରମ ଆୟୋଜନ କରାଯିବ। କାର୍ଯ୍ୟକ୍ରମରେ ମିଶନ ଶକ୍ତି ମହିଳା, ବିଶିଷ୍ଟ ନାଗରିକ, ଶିକ୍ଷକ, ଛାତ୍ର, ପୋଲିସ ଅଧିକାରୀ ଓ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା ସଭାରେ ଯୋଗଦେଇଥିଲେ।

## ବିଶ୍ୱାବସୁ ଶବର ସମାଜର ନୂଆଁଖାଇ ଭେଟ୍‌ଘାଟ



ଭେଟ୍‌ଘାଟରେ ମଞ୍ଚାସୀନ ଅତିଥିଗଣ।

**ସଇଁତଳା, ୨।୧୦ (ରାଖାଲ ପ୍ରସାଦ ଶତପଥି)** ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଡ଼ଙ୍ଗାବାହାଲଠାରେ ବିଶ୍ୱାବସୁ ଶବର ସମାଜ ତରଫରୁ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ସତ୍ୟନାରାୟଣ ଭୋଇ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ ସମିତି ସଭ୍ୟ ଚନ୍ଦୁଲାଲ ଭୋଇ, ବଳଦେବ ଭୋଇ, ପାଲେଶ୍ୱର ଭୋଇ, ବସନ୍ତ ନାଗ, ନାରାୟଣ ଭୋଇ, ଜଗନ୍ନାଥ ଭୋଇ ପ୍ରମୁଖ ଯୋଗଦେଇଥିଲେ। ଶବର ସମାଜ ଏ ମାଟିର ବହୁ ପୁରାତନ ସନ୍ତାନ। ସେମାନଙ୍କ ପାଇଁ ପ୍ରକୃତି ଆଜି ବଞ୍ଚି ରହିଛି। ଏଣୁ ଶବର ସମାଜକୁ ମୁଖ୍ୟସ୍ରୋତକୁ ଆଣିବା ରାଜ୍ୟ ସରକାରଙ୍କ ଦାୟିତ୍ୱ ବୋଲି ମୁଖ୍ୟ ଅତିଥି କହିଥିଲେ। ନୂଆଁଖାଇ ଆମର କଳା ସଂସ୍କୃତି, ପରମ୍ପରା, ଭାଷା, ଭାବାବେଗ ସହ ଜଡ଼ିତ ବୋଲି ସମ୍ମାନୀତ ଅତିଥିମାନେ କହିଥିଲେ। ଦଶରଥ ଭୋଇ ସଭା ପରିଚାଳନା କରିଥିବାବେଳେ ବରିଷ୍ଠ ସଦସ୍ୟ ଦିବାକର ଭୋଇ ଧନ୍ୟବାଦ ଜ୍ଞାପନ କରିଥିଲେ। ସଭା ପୂର୍ବରୁ ଏକ ସାଂସ୍କୃତିକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ସଭାସ୍ଥଳରେ ପହଞ୍ଚି ଥିଲା।

## ଏନ୍‌ସିସିର ସର୍ବଭାରତୀୟ ଓଡ଼ିଶା ଟ୍ରାଇବାଲ ଟ୍ରେକ୍




ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ।

**କୋକସରା,୨।୧୦ (ଦୁଷ୍ମନ୍ତ କୁମାର ପାଢୀଯୋଶୀ)** କଳାହାଣ୍ଡିଜିଲା କୋକସରା ବ୍ଲକସ୍ଥିତ ଗୁଡହାଣ୍ଡି ଡୋକରୀଚଞ୍ଚରା ମଧୁ ମାଧବ ତୀର୍ଥଠାରେ ଏନସିସି କ୍ୟାଡେଟ ପକ୍ଷରୁ ସର୍ବଭାରତୀୟ ଓଡିଶା ଟ୍ରାଇବାଲ ଟ୍ରେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଧ୍ୟପ୍ରଦେଶ, ଛତିଶଗଡ଼, ପଶ୍ଚିମବଙ୍ଗ, ସିକିମ, ପଞ୍ଜାବ, ହରିୟାଣା, ହିମାଚଳପ୍ରଦେଶ, ଆସାମ, ମେଘାଳୟ, ତ୍ରିପୁରା, ମିଜୋରାମ, ମଣିପୁର, ଅରୁଣାଚଳ ପ୍ରଦେଶ ଓ ଓଡିଶା ଏହିପରି ୧୫ଟି ରାଜ୍ୟର ୫ଶହ ଏନସିସି କ୍ୟାଡେଟ ଓ ଅଫିସର ଯୋଗଦେଇ ପର୍ଯ୍ୟଟନ ସ୍ଥଳୀର ସୌନ୍ଦର୍ଯ୍ୟ ସହ ଭୈରବଧାର ଜଳ ପ୍ରପାତ ପରିଦର୍ଶନ କରିଥିଲେ। ମନ୍ଦିର ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଜବାହର ସରକାରୀ ବିଦ୍ୟାଳୟ ଏନ୍‌ସିସି କ୍ୟାଡେଟ, ସ୍କୁଲ ପୋଲିସ କ୍ୟାଡେଟ ମାର୍ଚ୍ଚପାଷ୍ଟ କରିବା ସହ ସ୍ୱାଗତ ସଂଗୀତ ଗାନ କରିଥିଲେ। ଦେଶାତ୍ମବୋଧକ, ସମ୍ବଲପୁରୀ ଓ ଲୋକ ନୃତ୍ୟ ଉପସ୍ଥିତ ଅତିଥିମାନଙ୍କୁ ମନ୍ତ୍ରମୁଗ୍ଧ କରି ଦେଇଥିଲେ। କୋକସରା ଜବାହର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଧିର ପଣ୍ଡା କରିଥିବା ବେଳେ ଏଏନଓ ଅମିତ କୁମାର ମହାନ୍ତି ସମଗ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ। ଏନସିସି ଲୋକେଟର କେଦାରନାଥ ସାହୁ, ମହେନ୍ଦ୍ର ନାଥ, କମାଣ୍ଡର ସୁନୀଲ କୁମାର ବେହେରା, ଗୁଡହାଣ୍ଡି ଡୋକରୀଚଞ୍ଚରା ଉନ୍ନୟନ ସମିତି ସଭାପତି ଭଦ୍ରେଶ୍ୱର ପାତ୍ର, ଉପସଭାପତି ଘନଶ୍ୟାମ ନାଏକ, ସମ୍ପାଦକ ନିଳାମ୍ବର ନାଏକ, ସହ ସମ୍ପାଦକ ଆଦିତ୍ୟ ପଣ୍ଡା, ମଧୁବନ ପାତ୍ର, ଦୁଷ୍ମନ୍ତ ପାଢୀଯୋଷୀ, ସୁଧିର ପାତ୍ର, ଯୀତେନ୍ଦ୍ର ମାଝି, ଭୁବନାନନ୍ଦ ନାଏକ, ଚକାଡୋଳା ପାତ୍ର, ହିମାଞ୍ଚଳ ପାତ୍ର, ଅନିରୁଦ୍ଧ ପାତ୍ର, ଚନ୍ଦ୍ରମଣି ମାଝି, ପବିତ୍ର ନାଏକ, ଅଭିରାମ ଲଦୁଆ, ଗିରିଧାରୀ ଧଙ୍ଗଡାମାଝୀ, ଶମ୍ଭୁ ମାଝି, ସହଦେବ ଦିଶାରୀ ପ୍ରମୁଖ ଉପସ୍ଥିତ ଥିଲେ। ଉନ୍ନୟନ ସମିତି ପକ୍ଷରୁ ଅତିଥିମାନଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନାକୁ ନେଇ ଅତିଥିମାନେ ଖୁସିବ୍ୟକ୍ତ କରିବା ସହ ଚିର ଦିନ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ।

### ରାସ୍ତା ମରାମତି କଲା ସାମ୍ବାଦିକ ସଂଘ

**ମୁରିବାହାଲ, ୨।୧୦(ଶ୍ରୀବସ୍ତ ବେହେରା)** ବଲାଙ୍ଗୀର ଜଲା ମୁରିବାହାଲ ସଦର ମହକୁମାରେ ଥିବା ଖଜୁରୀବନ୍ଧରେ ଅମୃତ ସରୋବର କାମ ଚାଲୁଛି। ଫଳରେ ହିଡ଼ରେ ଥିବା ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଲୋକେ ଏହାକୁ ପୁନଃ ମରାମତି କରି ଗମନାଗମନ ଅନୁରୂପ କରିବାକୁ ଦାବି କରୁଥିଲେ ହେଁ କେହି ଶୁଣୁ ନ ଥିଲେ। ମୁରିବାହାଲ ପଞ୍ଚାୟତ କର୍ତ୍ତୃପକ୍ଷ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ନେଲେନାହିଁ। ଶେଷରେ ମୁରିବାହାଲ ସାମ୍ବାଦିକ ସଂଘ ସଭାପତି ସୁବ୍ରତ ମହାକୁର, ଉପଦେଷ୍ଟା ଶ୍ରୀବସ୍ତ ବେହେରାଙ୍କ ତତ୍ତ୍ୱାବଧାନରେ ଖଜୁରୀ ବନ୍ଧ ରାସ୍ତା ସହ ଗ୍ରାମର ବର୍ଷା ପାଣି ଜାମୁଥିବା ଅନ୍ୟସ୍ଥାନରେ ମୁରୁମ ପକାଇ ରାସ୍ତା ମରାମତି କରାଯାଇଛି। ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପ୍ରଦୀପ ପୁଟେଲ ଏହି ଅବସରରେ ଉପସ୍ଥିତ ରହି ଉତ୍ସାହିତ କରିଥିଲେ। ସଂଘ ସମ୍ପାଦକ ସୁଦାମ ଚରଣ ବଘାର, ଉପସଭାପତି କେଦାର ବଡ଼ଜେନା, କୋଷାଧ୍ୟକ୍ଷ ମନୋଜ କର, ସଭ୍ୟ ପ୍ରଫୁଲ୍ଲ ବଘାର, ଶଙ୍କର ମାଝି, ଶରତପତି ସାଣ୍ଡ, ଆଇନ ପରାମର୍ଶଦାତା ଶମ୍ଭୁ ପ୍ରସାଦ ଭୋଇ, ସାମାଜିକ ପରାମର୍ଶଦାତା ହଜାରୁ ପୁଟେଲଙ୍କ ସହ ଅଞ୍ଚଳର ଅନେକ ସଂଗଠନ କର୍ମକର୍ତ୍ତା ଉପସ୍ଥିତ ରହି ଏହି କାମରେ ସହଯୋଗ କରିଥିଲେ। ସାମ୍ବାଦିକ ସଂଘର ଏପରି କାର୍ଯ୍ୟକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

## ‘ସ୍ୱଚ୍ଛ କିଶୋରୀ ସ୍ୱଚ୍ଛ ଦେଶ’ କାର୍ଯ୍ୟକ୍ରମ




ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

**ବେହେରା,୨।୧୦(ଭୂପେଶ ତିୱାରୀ)** କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରାସ୍ଥିତ ଦଣ୍ଡପାଟ ଉତ୍ପାଦକ ଗୋଷ୍ଠୀ ନିଜ ଉପାର୍ଜିତ ଅର୍ଥରୁ ‘ସ୍ୱଚ୍ଛ କିଶୋରୀ ସ୍ୱଚ୍ଛ ଦେଶ’ କାର୍ଯ୍ୟକ୍ରମ ଆୟୋଜନ କରିଛି। ଗାନ୍ଧୀ ଜୟନ୍ତୀରେ ଏହି କାର୍ଯ୍ୟକ୍ରମରେ କିଶୋରୀ ବାଳିକାମାନଙ୍କୁ ସ୍ୱଚ୍ଛ ସାମଗ୍ରୀ ବଣ୍ଟନ କରାଯାଇଛି। ଉତ୍ପାଦକ ଗୋଷ୍ଠୀ ସଭାନେତ୍ରୀ ସୁଚିତ୍ରା ଗୋପାଳଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ ଉପାଧ୍ୟକ୍ଷା ମନୀଷା ମିଶ୍ର, ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ବିବେକ ମିଶ୍ର, ସମ୍ମାନିତ ଅତିଥି ଭାବେ ବେହେରା ଏମବିକେ ଜୟନ୍ତୀ ହଂସ, ଜିପିଏଲଏଫ ସଭାନେତ୍ରୀ ସୁନିତା ସିଂ ଠାକୁର ଯୋଗଦେଇଥିଲେ। ଦଣ୍ଡପାଟ ଉତ୍ପାଦକ ଗୋଷ୍ଠୀ ନିଜ ଉପାର୍ଜିତ ଅର୍ଥରୁ ଏଭଳି ସମାଜ ମଙ୍ଗଳ କାର୍ଯ୍ୟକ୍ରମ ଆୟୋଜନ କରୁଥିବା ଦେଖି ଗର୍ବ ଲାଗୁଛି ଏବଂ ଦେହକୁ ସ୍ୱଚ୍ଛ ରଖିବା ସହିତ ମନକୁ ମଧ୍ୟ ସ୍ୱଚ୍ଛ ରଖିବାର ଆବଶ୍ୟକତା ରହିଛି, ଆଉ କିଶୋରୀମାନେ ସୁସଂସ୍କାର ଆଣି ମାଆବାପାଙ୍କ ନାମକୁ ଉଜ୍ଜ୍ୱଳ କରନ୍ତୁ ବୋଲି ଅତିଥିମାନେ ମତପୋଷଣ କରିଥିଲେ। କାର୍ଯ୍ୟକ୍ରମରେ ୬୦ଜଣ କିଶୋରୀ ବାଳିକାଙ୍କୁ ସ୍ୱଚ୍ଛ ସାମଗ୍ରୀ ବଣ୍ଟନ କରାଯିବା ସହିତ ୨ଜଣ ଦଶମ ଶ୍ରେଣୀର ମେଧାବୀ ଛାତ୍ରୀଙ୍କୁ ପାଠ୍ୟପୁସ୍ତକ ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ଚାନ୍ଦିନୀ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମ୍ପାଦିକା ସଂଗୀତା ବିଶି ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବେହେରା ପଞ୍ଚାୟତ ସମସ୍ତ ସିଆରପି, ଉତ୍ପାଦକ ଗୋଷ୍ଠୀ ସମସ୍ତ ସଦସ୍ୟା ପ୍ରମୁଖ ସହଯୋଗ କରିଥିଲେ।

## ଏକଦିବସୀୟ ଫୁଟବଲ: ସିଂଝୁପା ଚାମ୍ପିୟନ



ଚାମ୍ପିୟନ ଓ ରନର ଅପ୍ ଦଳ ସହ ଅତିଥି ଓ ଆୟୋଜକ।

**ଲୋଇସିଂହା,୨।୧୦(ସୁଶାନ୍ତ ବାରିକ)** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ହରଭଙ୍ଗା ମହାକାଳଶ୍ୱେର ଆସୋସିଏଶନ ଆନୁକୂଲ୍ୟରେ ୪୨ତମ ଏକଦିବସୀୟ ଫୁଟବଲ ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ଖେଳରେ ଟାଇବ୍ରେକରରେ ୩-୨ ଗୋଲରେ ସୋନପୁରକୁ ହରାଇ ସିଂଝୁପା ଚାମ୍ପିୟନ ହୋଇଛି । ପ୍ରତିଯୋଗୀତାରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ବିଜେଡି ଯୁବନେତା ନିହାର ରଞ୍ଜନ ବେହେରା ମୁଖ୍ୟ ଅତିଥି, ଆଇନଜୀବୀ ଜୟରାମ ମିଶ୍ର ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ । ଚାମ୍ପିୟନ ଦଳକୁ ଟ୍ରଫି ସହ ୫ ହଜାର ଟଙ୍କା ଓ ରନରଅପ ଦଳକୁ ଟ୍ରଫି ସହ ୩ ହଜାର ଟଙ୍କା ଆୟୋଜକଙ୍କ ତରଫରୁ ଦିଆଯାଇ ପୁରସ୍କୃତ କରାଯାଇଥିଲା।

## କୁଲତା ସମାଜର ନୂଆଁଖାଇ ଭେଟ୍‌ଘାଟରେ ରକ୍ତଦାନ

**ତୁଣ୍ଡଲା,୨।୧୦(ଫିରୋଜ କୁମାର ଦାଶ)** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ହାତିଖୋଜଠାରେ କଳାହାଣ୍ଡି କୁଲତା ସମାଜ ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ହାତିଖୋଜ ଗ୍ରାମର ଜଗନ୍ନାଥ ମନ୍ଦିରଠାରେ ପୂଜାର୍ଚ୍ଚନା ପୂର୍ବକ ଏକ ମଶାଲ ଶୋଭାଯାତ୍ରା ସଭା ସ୍ଥଳକୁ ଯାଇ ସଭାସ୍ଥଳରେ ବିଶାଶହେ କୁଲତା ସମାଜ କୁଳଦେବୀ ମା’ଶ୍ରୀ ରଣେଶ୍ୱର ରାମଚଣ୍ଡୀଙ୍କ ପୂଜାର୍ଚ୍ଚନା ହୋଇଥିଲା। ମୁଖ୍ୟଅତିଥି ଭାବେ ସୋନପୁର ଜିଲା କୁଲତା ସମାଜର ସମ୍ପାଦକ କ୍ଷେତ୍ରବାସୀ ପ୍ରଧାନଙ୍କ ସମେତ କଳାହାଣ୍ଡି କୁଲତା ସମାଜ ସଭାପତି କେଶବ ଭୋଇ, ସମ୍ପାଦକ ବିଜୟ ଭୋଇ, ଜିଲା ତଥା ଆଞ୍ଚଳିକ କମିଟି କର୍ମକର୍ତ୍ତା ଏବଂ କୁଲତା ସମାଜର ସମସ୍ତ ଜନସାଧାରଣ ଯୋଗଦେଇଥିଲେ। କୁଲତା ସମାଜର ସଂସ୍କୃତି, ପରମ୍ପରା, ଐତିହ ତଥା ନୂଆଁଖାଇର ତାତ୍ପର୍ଯ୍ୟ, ରୀତିନୀତି, ପାଳନର ମହିମା ବିଷୟରେ ଅତିଥିମାନେ କହିଥିଲେ। ଏହି ଅବସରରେ ଜିଲା ଯୁବ କମିଟି କଳାହାଣ୍ଡି କୁଲତା ସମାଜ ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜନ କରି ୩୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଯୁବ କମିଟି ଯୁବ ସଭାପତି ପ୍ରଦୀପ୍ତ କୁମାର ନାଏକ, ସମ୍ପାଦକ ଭାରତ ବୁଦ୍ଧିଆ, ମିଳନ ଭୋଇ, ଯୁବରାଜ ନାଏକ, ମିଳନ କୁମାର ସାହୁ, ବୁବୁନ ବିଶାଳ ଓ ଅନ୍ୟ କର୍ମକର୍ତ୍ତା ଯୁବ କମିଟି ସାହାଯ୍ୟ କରିଥିଲେ। ଜିଲା କମିଟି ପକ୍ଷରୁ ରକ୍ତଦାତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ବିକାଶ ଏନ୍‌ଏସ୍‌ଏସ୍ ଛାତ୍ରୀଛାତ୍ରଙ୍କ ମା’ ମାଣିକେଶ୍ୱରୀ ମନ୍ଦିର ସଫେଇ



ସଫେଇରେ ଭାଗ ନେଇଥିବା ଏନ୍‌ଏସ୍‌ଏସ୍ ଛାତ୍ରୀଛାତ୍ର, ଅତିଥିଗଣ।

**ଭବାନୀପାଟଣା,୨।୧୦(ଉତ୍ତମ କୁମାର ଦାଶ)** ‘ସ୍ୱଚ୍ଛତା ହିଁ ସେବା’ ଅଭିଯାନ ଉପଲକ୍ଷେ ବିକାଶ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍ ଦ୍ୱାରା ପରିଚାଳିତ ସରସ୍ୱତୀ ଯୁକ୍ତ ୩ ଡିଗ୍ରୀ ମହବିଦ୍ୟାଳୟ, ସରସ୍ୱତୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଆଇଟି ଆଣ୍ଡ ମ୍ୟାନେଜମେଣ୍ଟ ତଥା ବିକାଶ ନର୍ସିଂ ମହବିଦ୍ୟାଳୟର ମିଳିତ ସହଯୋଗରେ ଭବାନୀପାଟଣାସ୍ଥିତ ମା’ ମାଣିକେଶ୍ୱରୀ ମନ୍ଦିର ପରିସର ଅନୁଷ୍ଠାନ ଏନ୍‌ଏସ୍‌ଏସ୍ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଫେଇ କରାଯାଇଛି। କାର୍ଯ୍ୟକ୍ରମରେ ଭବାନୀପାଟଣା ପୌରପାଳିକା ଅଧ୍ୟକ୍ଷା ସଂଯୁକ୍ତା ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଭବାନୀପାଟଣା ଭିଜିଆଇ ନିର୍ଦ୍ଦେଶକ ଡି ଶ୍ୟାମ, ନିର୍ଦ୍ଦେଶକ ଡି ରାମ କୁମାର, ଏକାଡେମିକ ଇନ୍‌ଚାର୍ଜ ଡି ବିଜୟା ପ୍ରମୁଖ ଯୋଗଦେଇଥିଲେ। ଏଥିସହିତ ସରସ୍ୱତୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଆଇଟି ଆଣ୍ଡ ମ୍ୟାନେଜେଣ୍ଟ ଅଧ୍ୟକ୍ଷ ଡ. ସୁଦିପ୍ତ କୁମାର ଜେନା, ସରସ୍ୱତୀ ଯୁକ୍ତ ୩ ଡିଗ୍ରୀ ମହବିଦ୍ୟାଳୟ ଅଧ୍ୟକ୍ଷ ଡ. ଆଦିତ୍ୟ ପଟ୍ଟନାୟକ, ନର୍ସିଂ ମହବିଦ୍ୟାଳୟ ଅଧ୍ୟକ୍ଷା କେ. ଜୟଶ୍ରୀ ଯୋଗଦାନ କରିଥିଲେ। ସରସ୍ୱତୀ ଯୁକ୍ତ ୩ ଡିଗ୍ରୀ ମହବିଦ୍ୟାଳୟ ପଦାର୍ଥ ବିଜ୍ଞାନ ଅଧ୍ୟାପକ ତରୁଣ କୁମାର ମଣ୍ଡଳ ତଥା ନର୍ସିଂ ମହବିଦ୍ୟାଳୟ ଅଧ୍ୟାପକ ପ୍ରିତମ ରଞ୍ଜନ ନାଗ ମିଳିତ ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ‘ମହିଳାମାନେ ଆତ୍ମନିର୍ଭରଶୀଳ ହୋଇଛନ୍ତି’

**ଗୁଡ଼ଭେଲା, ୨।୧୦(ମନୋଜ ଜୈନ)** ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ ଓ ତୁଷୁରା ଏନଏସିରେ ସୋମବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ତୁଷୁରା ସହରର ଇଷ୍ଟଦେବୀ ମା’ସମଲେଶ୍ୱରୀ ମନ୍ଦିରରୁ ସ୍ଥାନୀୟ ଗୋରୁବଜାର ପଡିଆ ପର୍ଯ୍ୟନ୍ତ ଜନସମ୍ପର୍କ ପଦଯାତ୍ରା କରାଯାଇଥିଲା। ପରେ ଗୋରୁବଜାର ପଡିଆରେ ଅନୁଷ୍ଠିତ ସଭାରେ ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନୀ ସାହୁ ଯୋଗଦେଇ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ରାଜ୍ୟ ସରକାର ବିକାଶକୁ ଗୁରୁତ୍ୱ ଦେଉଛନ୍ତି। ମହିଳାମାନେ ଆତ୍ମନିର୍ଭରଶୀଳ ହୋଇଛନ୍ତି। ଆଗକୁ ଆହୁରି

### ବିଜେଡିର ଜନସମ୍ପର୍କ ପଦଯାତ୍ରା

ବିକାଶମୂଳକ କାର୍ଯ୍ୟ କରାଯିବ ବୋଲି କହିଥିଲେ। ତୁଷୁରା ଏନଏସି ଅଧ୍ୟକ୍ଷ ଅଜୟ କୁମାର ଜୟଶ୍ୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ପରିଷଦ ସଭ୍ୟ ରାମନିବାଶ ଅଗ୍ରୱାଲ, ଏନଏସି ଉପାଧ୍ୟକ୍ଷା ମାମୀ ଦାଶ, ଏନଏସି କାଉନସିଲର, ସରପଞ୍ଚ, ସମିତି ସଭ୍ୟମାନେ ମଞ୍ଚାସୀନ ଥିଲେ। ଜିଲା ପରିଷଦ ସଭ୍ୟ ପ୍ରଦୀପ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ମନ୍ତ୍ରୀ ଖର୍ଡା ଓ ଧାନଘରାଠାରେ କଲ୍ୟାଣ ମଣ୍ଡପର ଭିତ୍ତିସ୍ଥାପନ କରିଥିଲେ।

### ବିଜେଡି ସରକାରର ବିକଳ୍ପ ନାହିଁ

**ଲୋଇସିଂହା, (ସୁଶାନ୍ତ ବାରିକ):** ଲୋଇସିଂହା ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ଲୋଇସିଂହା ବ୍ଲକ କୁଶମେଲ ପଞ୍ଚାୟତ ସଦର ଗ୍ରାମରୁ ଜନସମ୍ପର୍କ ପଦଯାତ୍ର ସୋମବାର ଆରମ୍ଭ ହୋଇଛି। ଗ୍ରାମ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ସଭାରେ ବିଜେଡି ରାଜ୍ୟ ପରିଷଦ ସଦସ୍ୟ ନିହାର ରଞ୍ଜନ ବେହେରା, ଜିଲା ସମ୍ପାଦକ ନେହେରୁ ବିଶ୍ୱାଳ ଯୋଗଦେଇଥିଲେ। ନବୀନ ପଟ୍ଟନାୟକ ସରକାର ରାଜ୍ୟର ଉନ୍ନତି ପାଇଁ ପ୍ରତିଶ୍ରୁତିବଦ୍ଧ। ଏହି ସରକାରର ବିକଳ୍ପ ନାହିଁ ବୋଲି ନେତୃବନ୍ଦ କହିଥିଲେ। ସଭାପରେ ଗ୍ରାମରେ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଜିଲା ପରିଷଦ ପାଣ୍ଠିରୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ନିର୍ମାଣ ହେବାକୁ ଥିବା ଅମୃତ ଧାରା ପ୍ରକଳ୍ପ ପାଇଁ ଶିଳାନ୍ୟାସ କରିଥିଲେ ଯୁବନେତା ବେହେରା।

### ଯୋଜନାର ସୁଫଳ ଲୋକଙ୍କ ପାଖରେ ପହଞ୍ଚିଛି

**ବଲାଙ୍ଗୀର, (ବୀରେନ୍ଦ୍ର କୁମାର ଝାଙ୍କର):** ଗାନ୍ଧୀ ଜୟନ୍ତୀରୁ ବଲାଙ୍ଗୀର ବିଧାନସଭା କ୍ଷେତ୍ରରେ ବିଜେଡି ପକ୍ଷରୁ ଜନସମ୍ପର୍କ ଯାତ୍ରା ଆରମ୍ଭ ହୋଇଛି। ବଲାଙ୍ଗୀର ସହର ଗାନ୍ଧୀନଗରପଡା ସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ ଏହି ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଲୋକଙ୍କ ପାଖରେ ପହଞ୍ଚିଛି। ଏହାକୁ ଆହୁରି ତୀବ୍ର ବେଗରେ ଲୋକେ କିପରି ପାଇ ପାରିବେ ସେ ଦିଗରେ କର୍ମୀମାନେ କାମ କରନ୍ତୁ।ଏଥିସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶ ସାଧାରଣ ଜନତାଙ୍କ ପାଖରେ ପହଞ୍ଚାଇବା ଏହି ଜନସମ୍ପର୍କ ଯାତ୍ରାର ଉଦ୍ଦେଶ୍ୟ ବୋଲି ସିଂଦେଓ କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାପତି ଦେବକୀ ସାହୁ, ବରିଷ୍ଠ ନେତୃବୃନ୍ଦ, ଛାମୁଆ ସଙ୍ଗଠନ ସଭାପତି, କାଉନସିଲର, ବ୍ଲକ ଅଧ୍ୟକ୍ଷ, ସମିତି ସଭ୍ୟ, ସରପଞ୍ଚ ସାମିଲ ହୋଇଥିଲେ।










**ବିଜେଡିର ଜନସମ୍ପର୍କ ପଦଯାତ୍ରା:** ବଲାଙ୍ଗୀର ଜିଲା ତୁଷୁରାରେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ବିଜେଡି ନେତୃବୃନ୍ଦ(ବାମ)। ଲୋଇସିଂହା କୁଶମେଲରେ ନେତୃବର୍ଗ(ମଝି)। ବଲାଙ୍ଗୀରରେ ନେତୃବର୍ଗଙ୍କ ସହ ଅନଙ୍ଗ ଉଦୟ ସିଂଦେଓ।

## ବରିଷ୍ଠଙ୍କ ଜ୍ଞାନ ସମାଜ ପାଇଁ ଅମୂଲ୍ୟ ସମ୍ପଦ

ବରଗଡ଼,୨।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ରେ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ନାଗରିକମାନଙ୍କୁ ଉତ୍ତରୀୟ ସହ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରିବାରରେ ବଢ଼ିଚାଲିଥିବା ବରିଷ୍ଠଙ୍କୁ ହତାଦର ରୋକିବା ପାଇଁ କଲେଜ ସ୍ତରରେ ଯୁବପିଢ଼ିଙ୍କୁ ସଚେତନ କରିବାକୁ ସେ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ଆଇନ ସହାୟତା ପ୍ରାଧିକରଣ ସଚିବ ବିଭୁ କଲ୍ୟାଣ ପାଢ଼ୀ ବରିଷ୍ଠଙ୍କ ସୁରକ୍ଷା ପାଇଁ ରହିଥିବା ଆଇନ ଏବଂ ନିଃଶୁଳ୍କ ଲୋକ ଅଦାଲତର ସୁବିଧା ଉପରେ ସୂଚନା ଦେଇଥିଲେ। ଅତିରିକ୍ତ ଜିଲାପାଳ ଲଲାଟ କୁମାର ଲୁହା ସରକାରୀ ଯୋଜନାର ସୁବିଧା ତଥା ବରିଷ୍ଠ ନାଗରିକ ମର୍ଯ୍ୟାଦାପୂର୍ଣ୍ଣ ରହଣୀ ପାଇଁ ବୃହତ ସମନ୍ୱିତ ସାମାଜିକ ପ୍ରକଳ୍ପ ନିର୍ମାଣ ଉପରେ କହିଥିଲେ। ମୁଖ୍ୟବକ୍ତା ଡ. ସୁଜିତ ପୃଷେଠ୍ ବରିଷ୍ଠଙ୍କ ଜ୍ଞାନ ଓ ଅନୁଭବ ସମାଜ ପାଇଁ ଅମୂଲ୍ୟ ସମ୍ପଦ ଓ ତାଙ୍କ ଗହଣରେ ଆସି ମୋତେ ତୀର୍ଥ ଭ୍ରମଣ ପୁଣ୍ୟ ମିଳିଛି ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ବକ୍ତା ପ୍ରଫେସର ରାଧେଗୋପାଳ ପ୍ରଧାନ ସରକାର ବରିଷ୍ଠମାନଙ୍କୁ ତାଲିମ ଦେଇ ଯୁବପିଢ଼ିଙ୍କ ସହ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ କରିବାର ଯତ୍ନବାନ ହେଲେ ସେମାନେ ସମାଜରେ ସମ୍ମାନ ସହ ରହି ଦେଶର ପ୍ରଗତିରେ ସାହାଯ୍ୟ କରିବେ। ଏହାସହ ନିଜ ପରିବାରରେ ଉପେକ୍ଷିତ ହେବେ ନାହିଁ ବୋଲି ସେ ମତପୋଷଣ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ପୌରାଧ୍ୟକ୍ଷା କଳ୍ପନା ମାଝୀ ପ୍ରମୁଖ ଯୋଗଦେଇ ପରିବାରର ଗଠନ ଓ ସନ୍ତୁଳନରେ ବରିଷ୍ଠଙ୍କ ଅବଦାନ ପାଇଁ ସର୍ବଦା ପୂଜ୍ୟପୂଜାର ଯୋଗ୍ୟ ଓ ସରକାରଙ୍କ ଏହି ଆୟୋଜନ ମହତ୍ୱପୂର୍ଣ୍ଣ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଓଡିଶୀ, ସମ୍ବଲପୁରୀ, ବିହୁ, ଡାଲଖାଇ ଆଦି ନୃତ୍ୟ ପରିବେଷଣ କରାଯାଇଥିଲା। ବାପୁଜୀ ଭିନ୍ନକ୍ଷମ ଆବାସିକ ବିଦ୍ୟାଳୟର ଡ. ଜୟଦେବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା ସହ ଔଷଧ ଓ ଚଷମା ପ୍ରଦାନ କରାଯାଇଥିଲା। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତାହିର ହୁସେନ ସଭାପତିତ୍ୱ କରିଥିଲେ। ଜିଲା ବରିଷ୍ଠ ନାଗରିକ ସଂଘର କେଦାର ମିଶ୍ର, ନିର୍ମଳ କର, ଗୋବିନ୍ଦ ଦାଶ, ତୁଳସୀ ଚରଣ ଦାଶ, ପ୍ରୀତମ ସିଂ ଓ ମହିଳା ସମିତିର ସଦସ୍ୟା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ବରଗଡ ସଂଯୁକ୍ତ ଯୁବ ସଙ୍ଗଠନ ପକ୍ଷରୁ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଶାନ୍ତି ତପୋବନ ଆଶ୍ରମ, ଚକରକେନ୍ଦ ଛକରେ ପାଳିତ ହୋଇଥିଲା। ଦେବଦତ୍ତ ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଙ୍ଗଠନର ପୂର୍ବତନ ସଭାପତି ରମାକାନ୍ତ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ସଭାରେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ବିଭୁ କଲ୍ୟାଣ ପାଢ଼ୀ, ଆଡଭୋକେଟ ରବୀନ୍ଦ୍ର କୁମାର ପଣ୍ଡା, ଭାରପ୍ରାପ୍ତ ସଦର ଥାନା ଅଧିକାରୀ ମେରସୀ ରାଣୀ ପୃଷ୍ଟି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶତାୟୁ ବୃଦ୍ଧା ସୌରୀ ସେଠ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଉମେଶ ପ୍ରଧାନ, ସାଳିନୀ ପଧାନ, ପ୍ରେମାନନ୍ଦ ସାହୁ, ଦୀପା ସାହୁ, ରାଜେଶ ଦାଶ, ଚନ୍ଦ୍ରାସିନୀ ଦାଶଙ୍କୁ ଅଏନ ପୋ ବହ (ଭଲପୁଅ ଓ ପୁତ୍ରବଧୂ) ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହାସହ ଇନ୍ଦୁମତୀ ପୁରୋହିତ, ସୀତା ନାଏକ, ସୌରୀ ସେଠଙ୍କୁ ଶତାୟୁ ସମ୍ମାନ ପ୍ରଦାନ କରାଯାଇଥିଲା। ସଙ୍ଗଠନ ସଭାପତି ସୁରେନ୍ଦ୍ର ମେହେର ସଭା ସଂଯୋଜନା କରିଥିବାବେଳେ ରଞ୍ଜିତ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।


ଜିଲାସ୍ତରୀୟ ଗାନ୍ଧୀ ଜୟନ୍ତୀରେ ସର୍ବଧର୍ମ ପ୍ରାର୍ଥନା ସଭା।


ଗାନ୍ଧିଜୀ, ଶାସ୍ତ୍ରିଜୀଙ୍କ ପ୍ରତିଛବିରେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଉଛି।

# ଅହିଂସା ମାର୍ଗ ଅନୁସରଣ ପାଇଁ ଆହ୍ୱାନ

ବରଗଡ଼,୨।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ରେ ସୋମବାର ଜିଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳ ୮ଟାରେ ସ୍ଥାନୀୟ ଗାନ୍ଧୀ ଛକ ସ୍ଥିତ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଜିଲାପାଳ ମୋନିଷା ବାନାର୍ଜୀ, ଏସ୍‌ପି ପି.ଏସ. ମୀନା ପ୍ରମୁଖ ସର୍ବଧର୍ମ ପ୍ରାର୍ଥନା ସଭାରେ ଯୋଗ ଦେଇଥିଲେ। ଗୁରୁ ପଣ୍ଡିତ ଦେବରାଜ ଦାଶ, ମୌଲବୀ ସାହେବ, ଇନ୍ଦ୍ରଜିତ ସିଂ ଓ ଫାଦର ଅନୁରଞ୍ଜନ ସର୍ବଧର୍ମ ପ୍ରାର୍ଥନାରେ ଯୋଗ ଦେଇ ନିଜ ନିଜର ଧର୍ମଗ୍ରନ୍ଥ ପାଠ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ଗାନ୍ଧୀ ଛକରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ।

ବିଧାୟକ ଆଚାର୍ଯ୍ୟ ଗାନ୍ଧୀଙ୍କ ଅହିଂସା ମାର୍ଗ ଓ ଭାରତର କଷ୍ଟଲବ୍ଧ ସ୍ୱାଧୀନତା ଉପରେ ଆଲୋକପାତ କରିଥିଲେ। ଜିଲାପାଳ ବାନାର୍ଜୀ ଗାନ୍ଧୀଙ୍କ ଜୀବନ ଦର୍ଶନ, ସତ୍ୟ ଓ ଅହିଂସା ମାର୍ଗକୁ ନିଜ ଜୀବନରେ ଅନୁସରଣ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏସ୍‌ପି ମୀନା ବାପୁଙ୍କ ତିନି ମାଙ୍କଡର ଉଦାହରଣ ଦେଇ ଛାତ୍ରୀଛାତ୍ରଙ୍କୁ ଖରାପ କଥା ନ କହିବା, ନ ଦେଖିବା ଓ ନ ଶୁଣିବାକୁ ପରାମର୍ଶ ଦେଇଥିଲେ। ବିକାଶ ଆବାସିକ ବିଦ୍ୟାଳୟର ଛାତ୍ରୀ ଗ୍ରେସୀ ନିଶା ସିଂଘଲ ବୈଷ୍ଣବ ଜନତୋ ଭଜନ ଗାନ କରିଥିଲେ। ଭେଡେନ ବ୍ଲକ ଅନ୍ତର୍ଗତ କୁବେଡ଼େଗା ଗ୍ରାମର ରାଧମାଧବ ମହିଳା ସଙ୍କୀର୍ତ୍ତନ ମଣ୍ଡଳୀ ରଘୁପତି ରାଘବ ରାଜରାମ ଉପରେ କୀର୍ତ୍ତନ ପରିବେଷଣ କରିଥିଲେ।

ଏହି ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କନିଷ୍ଠ ବର୍ଗରେ ଅଦିତି ମିଶ୍ର (ରୋଟାରୀ ପବ୍ଲିକ ସ୍କୁଲ), ସଗୁନ ଶ୍ରୀୟା ବେହେରା (କେନ୍ଦ୍ରୀୟ ବିଦ୍ୟାଳୟ), ସ୍ୱତନ୍ତ୍ରିକା ଭୁକ୍ତା, (କେନ୍ଦ୍ରୀୟ ବିଦ୍ୟାଳୟ), ବରିଷ୍ଠ ବର୍ଗରେ ହର୍ଷିତା ପ୍ରଧାନ (ସିମେଣ୍ଟ ନଗର ବିକାଶ ଇଂରାଜୀ ମାଧ୍ୟମ ବିଦ୍ୟାଳୟ), ସ୍ୱାତୀ ଦାଶ (କେନ୍ଦ୍ରୀୟ ବିଦ୍ୟାଳୟ), ଅଦିତି ଅଗ୍ରୱାଲ, (ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲ) ଏବଂ ମହାବିଦ୍ୟାଳୟ ସ୍ତରରେ ଅର୍ଚ୍ଚିତା ମିଶ୍ର (ପଞ୍ଚାୟତ ମହାବିଦ୍ୟାଳୟ), ଦୁଲାରୀ ପ୍ରଧାନ (ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ), ମଧୁସୂଦନ ମେହେର (ଟ୍ରଷ୍ଟ ଫଣ୍ଡ ମହାବିଦ୍ୟାଳୟ) ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇ ପୁରସ୍କୃତ ହୋଇଥିଲେ। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

ସେହିପରି ବରଗଡ଼ ରାଣାପ୍ରତାପ ହାଇସ୍କୁଲରେ ମହାତ୍ମା ଗାନ୍ଧୀ ଓ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଉଭୟ ମହାପୁରୁଷଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ ।

**ପଦ୍ମପୁର (ପ୍ରଦୀପ୍ତ ଦାଶ):** ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରାତଃ ପର୍ଯ୍ୟାୟରେ ଦୁର୍ବାଦଳ ସାହୁ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ଏବଂ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୀବନୀ ଉପରେ ବୌଦ୍ଧିକ ପ୍ରଦାନ କରିଥିଲେ। ମନ୍ଦାକିନୀ ଗୁରୁମା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପର୍ଯ୍ୟାୟ ପ୍ରମୁଖ ସୁଜାତା ତ୍ରିପାଠୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସସ୍ମିତା ଗୁରୁମା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଗୀତାଞ୍ଜଳୀ ଗୁରୁମା ଗାନ୍ଧୀଜୀଙ୍କ ଉପରେ ଆଲୋଚନା କରିଥିଲେ। ଶରତ ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବିଦ୍ୟା ମନ୍ଦିର ପରିସରରେ ଧନଞ୍ଜୟ ତାଣ୍ଡି ଦୀପ ପ୍ରଜ୍ୱଳନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ଯୁବରାଜ ପଧାନ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ରଞ୍ଜିତା ଭୋଇ ଶାସ୍ତ୍ରୀ ଓ ସଂଗ୍ରାମ ପଟେଲ ଗାନ୍ଧୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସୁଷମା ମେହେର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ପ୍ରଦୀପ ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସାଇବର ସୁରକ୍ଷା ଅଭିଯାନର ଶୁଭାରମ୍ଭ

ବରଗଡ଼,୨।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ସୋମବାର ସାଇବର ସୁରକ୍ଷା ଅଭିଯାନର ଶୁଭାରମ୍ଭ ହୋଇଛି। ବରଗଡ଼ ଗାନ୍ଧୀ ଛକରେ ସାଇବର ସୁରକ୍ଷା ଅଭିଯାନକୁ ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀ, ଏସ୍‌ପି ପ୍ରହଲ୍ଲାଦ ସାହାଇ ମିନା, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ପ୍ରମୁଖ ଉପସ୍ଥିତ ଶୁଭାରମ୍ଭ କରିଥିଲେ। ସାଇବର ଅପରାଧକୁ ରୋକିବା ପାଇଁ ରାଜ୍ୟ ପୋଲିସ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଥିବା ବେଳେ ବରଗଡ଼ ପୋଲିସ ଏକ ସଚେତନତା ରଥ ଜିଲାରେ ବୁଲାଇବା ସହିତ ଜନସାଧାରଣଙ୍କୁ ସେ ନେଇ ସଚେତନ କରିବା ଭଳି ପଦକ୍ଷେପ ନେଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି, ଏସଡିପିଓ ପଦାରବିନ୍ଦ ତ୍ରିପାଠୀଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

## ବରିକେଲରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ପଦ୍ମପୁର,୨।୧୦(ପ୍ରଦୀପ୍ତ ଦାଶ)

ବରିକେଲ ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ସୁରଭି-୨୦୨୩ କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ଦାଶରଥ ବଡଗୁଛିଆ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ କୃଷ୍ଣଚନ୍ଦ୍ର ସାହୁ, ଆଞ୍ଚଳିକ ସାଧନ କର୍ମୀ ରବି ନାରାୟଣ ପଣ୍ଡା ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସଙ୍ଗୀତ, ନୃତ୍ୟ, ମିଲେଟ, କୁଇଜ, ତର୍କ, ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ପ୍ରତ୍ୟେକ ବିଭାଗର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରତ୍ୟେକ ବିଦ୍ୟାଳୟର ଛାତ୍ରୀଛାତ୍ର, ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ସମ୍ପର୍କର ସେତୁ ଜନସମ୍ପର୍କ ପଦଯାତ୍ରା

ବରଗଡ଼,୨।୧୦(ପ୍ରେମାନନ୍ଦ ଖମାରୀ)

ଗାନ୍ଧୀ ଜୟନ୍ତୀ ଅବସରରେ ବରଗଡ଼ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ ହୋଇଯାଇଛି। ବିଜେଡି ଜିଲା ସଭାପତି ଡ. ପ୍ରଭାସ ସିଂ, କାର୍ଯ୍ୟକାରୀ ସଭାପତି ଜାପାନ ମହାପାତ୍ରଙ୍କ ନେତୃତ୍ୱରେ ସ୍ଥାନୀୟ ଗାନ୍ଧୀ ଛକସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ଅବସରରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ପୌରାଧ୍ୟକ୍ଷା କଳ୍ପନା ମାଝୀ, ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ, ଜିଲା ପରିଷଦ ଉପାଧ୍ୟକ୍ଷ ମୋହନ ଲୁହା ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ନେତା ଓ ଜନତାଙ୍କ ମଧ୍ୟରେ ସମ୍ପର୍କର ସେତୁ ହେଉଛି ଜନସମ୍ପର୍କ ପଦଯାତ୍ରା ବୋଲି ବିଧାୟକ ଆଚାର୍ଯ୍ୟ କହିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ପଦଯାତ୍ରା ଶୁଭାରମ୍ଭ ହୋଇ ଏକ ମାସ ପର୍ଯ୍ୟନ୍ତ ଚାଲିବ। ଦଳୀୟ କର୍ମୀମାନଙ୍କୁ ବିଭିନ୍ନ ପର୍ଯ୍ୟାୟରେ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଟାଉନ ବିଜେଡି ସଭାପତି କିଶୋର ମିଶ୍ର, ବରିଷ୍ଠ ବିଜେଡି ନେତା ଅଚ୍ୟୁତାନନ୍ଦ ମହାପାତ୍ର, ଉପସଭାପତି ବିମଳ ଦେବତା, ବରିଷ୍ଠ ବିଜେଡି ନେତା ଅଶୋକ ଯୋଶୀଙ୍କ ସମେତ ପୌର ପରିଷଦର ସମସ୍ତ କାଉନସିଲର ଉପସ୍ଥିତ ରହିଥିଲେ।



ବରଗଡ଼ରେ ବିଜେଡିର ଜନସମ୍ପର୍କ ପଦଯାତ୍ରା।

## ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ପାଳିତ

ପଦ୍ମପୁର,୨।୧୦(ପ୍ରଦୀପ୍ତ ଦାଶ)

ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟ ସଭାଗୃହରେ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ସୋମବାର ପାଳିତ ହୋଇଯାଇଛି। ଏଥିରେ ଡ. ଯଦୁମଣି ସାହୁ ମୁଖ୍ୟ ଅତିଥି, ବରିଷ୍ଠ ନାଗରିକ ନିରୋଜ ଦୋରା, ଅବସରପ୍ରାପ୍ତ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ହସ୍ପିଟାଲ ମ୍ୟାନେଜର ଦିବ୍ୟ ମେହେର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅକ୍ଟୋବର ପହିଲାକୁ ଭାରତରେ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ଭାବେ ପାଳନ କରାଯାଏ। ରକ୍ତଦାନର ମହତ୍ତ୍ୱ ଏବଂ ଏହି ମହାନ କାର୍ଯ୍ୟ ସହିତ ଜଡ଼ିତ ଉପକାରିତା ବିଷୟରେ ସଚେତନତା ସୃଷ୍ଟି କରିବା ଏହି ଦିବସର ଉଦ୍ଦେଶ୍ୟ ବୋଲି ଡ. ସାହୁ ନିଜ ବକ୍ତବ୍ୟରେ କହିଥିଲେ। ରକ୍ତଭଣ୍ଡାର ଟେକ୍ନିସିଆନ ସଂଗ୍ରାମ କେଶରୀ ମହାନ୍ତ, ସୁମିତ ସୁମନ ସିହ୍ନା, ଦୀପକ ସାହୁ, ଅଶ୍ୱିନୀ ଗୁର୍ଲା, ଲଳିତ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲରେ ଗାନ୍ଧୀ ଜୟନ୍ତୀ

ବରଗଡ଼,୨।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲରେ ସୋମବାର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଗାନ୍ଧୀଜୀଙ୍କ ଜୀବନ ଶୈଳୀଠାରୁ ଆରମ୍ଭ କରି ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ ଏବଂ ଅହିଂସା ମାର୍ଗକୁ ଅତି ସୁନ୍ଦର ଭାବେ କ୍ଷୁଦ୍ର ନାଟକ ମାଧ୍ୟମରେ ଉପସ୍ଥାପନ କରି ଜାତୀୟତା ଭାବନା ସୃଷ୍ଟି କରାଯାଇଥିଲା। ବିଦ୍ୟାଳୟର ଚେୟାରମ୍ୟାନ ସୁମନ ସାଓ୍ୱଡ଼ିଆ, ଡାଇରେକ୍ଟର ଅଜିତ ପଟ୍ଟନାୟକ, ପ୍ରିନ୍ସିପାଲ କରନ ସାହୁ, ଏକାଡେମିକ କୋର୍ଡିନେଟର ସୀମା ସାହୁ, କୋର୍ଡିନେଟର ରୀତା ନାୟକ, ମମତା ସିହ୍ନାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପ୍ରଥମେ ମହାତ୍ମାଗାନ୍ଧୀ ଓ ଶାସ୍ତ୍ରୀଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରଯାଇଥିଲା। ଛାତ୍ରୀଛାତ୍ରମାନେ ବୈଷ୍ଣବ ଜନ ତୋ ଏବଂ ରଘୁପତି ରାଘବ ରାଜାରାମ ଗୀତକୁ ଗାନ କରିଥିଲେ। ଏହାସହିତ ଗାନ୍ଧିଜୀଙ୍କ ଦକ୍ଷିଣ ଆଫ୍ରିକା ଯାତ୍ରା, ସେଠାରେ କଳାଗୋରା ଭେଦଭାବ ଉପରେ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ସ୍ୱଦେଶୀ ଆନ୍ଦୋଳନ, ଭାରତଛାଡ ଆନ୍ଦୋଳନ ଆଦିକୁ ଛାତ୍ରୀଛାତ୍ରମାନେ ଅତି ନିଖୁଣ ଭାବେ ନାଟ୍ୟାଭିନୟ କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ଏକ ସଫେଇ କାର୍ଯ୍ୟକ୍ରମ ଆୟୋଜନ କରଯାଇଥିଲା। ଏଥିରେ ବିଦ୍ୟାଳୟର ଚେୟାରମ୍ୟାନ, ପ୍ରିନ୍ସିପାଲଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଭାଗ ନେଇଥିଲେ। ବିଦ୍ୟାଳୟର ଚେୟାରମ୍ୟାନ ସାଓ୍ୱଡ଼ିଆ ଛାତ୍ରୀଛାତ୍ରଙ୍କୁ ଗାନ୍ଧିଜୀଙ୍କ ନୀତି ଓ ଆଦର୍ଶକୁ ପାଥେୟ କରି ଚାଲିବାକୁ ପରାମର୍ଶ ଦେଇଥିଲେ। ପ୍ରିନ୍ସିପାଲ ସାହୁ ସ୍ୱଦେଶୀ ଦ୍ରବ୍ୟକୁ ପ୍ରୋତ୍ସାହନ ଦେବା ସହ ଦେଶ ପାଇଁ ସର୍ବଦା କାର୍ଯ୍ୟ କରିବାକୁ କହିଥିଲେ।


ଗାନ୍ଧୀ ଜୟନ୍ତୀ ଅବସରରେ ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲରେ ସ୍ୱଚ୍ଛତା କାର୍ଯ୍ୟକ୍ରମ।

# ଅନନ୍ତ ପୂଜା ମହୋତ୍ସବ ଉଦ୍‌ଯାପିତ

ବରପାଲି,୨।୧୦(ଚିତ୍ତରଞ୍ଜନ ସାହୁ)

ବରପାଲି ବ୍ଲକ ଅନ୍ତର୍ଗତ ବାଗବାଡି ଗ୍ରାମରେ ଗତ ସେପ୍ଟେମ୍ବର ୨୮ତାରିଖରୁ ଆରମ୍ଭ ହୋଇଥିବା ଅନନ୍ତ ପୂଜା ମହୋତ୍ସବ ରବିବାର ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମନ୍ତ୍ରୀ ରିତା ସାହୁ ମୁଖ୍ୟ ଅତିଥି, ବରଗଡ଼ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ମହାରାଜ କଂସ ଦରବାରରେ ଉପସ୍ଥିତ ରହିଥିଲେ। ଏହି ଅବସରରେ ବରଗଡ଼ ଜିଲା ଭାଜପା ସଭାପତି ଅଶ୍ୱିନୀ ଷଡଙ୍ଗୀ, ଜିଲା ପରିଷଦ ସଭ୍ୟ ଗୋବିନ୍ଦ ସାହୁ, ସରପଞ୍ଚ ସୁଷମା ଭୋଇ, ସମିତି ସଭ୍ୟ ଚତୁରୀ ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପୂଜା କମିଟି ସଭାପତି ସାନ ମେହେର, ସମ୍ପାଦକ ଧନମାଲି ମେହେର, ରାଜେନ୍ଦ୍ର ମେହେର, ଭକ୍ତ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବହୁ ଦର୍ଶକ ଉପସ୍ଥିତ ଥିଲେ।

# ଗନ୍ଧମାର୍ଦ୍ଦନ ସୁରକ୍ଷା ପାଇଁ ସଂକଳ୍ପ

ପାଇକମାଳ,୨।୧୦(ବଡ ଶତପଥୀ)

ବରଗଡ ଜିଲା ନୃସିଂହନାଥ ସ୍ଥିତ ଗାନ୍ଧୀ ସମାଧି ପୀଠରେ ସୋମବାର ମହାତ୍ମା ଗାନ୍ଧୀଙ୍କ ୧୫୪ ତମ ଜୟନ୍ତୀ ପାଳିତ ହୋଇଛି। ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ଆବାହକ ଦୁର୍ଯ୍ୟୋଧନ ପୁଟାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପ୍ରକୃତି ବନ୍ଧୁ ଧୀରେନ ମହାନ୍ତି ପରିଚାଳନା କରିଥିଲେ। ଗନ୍ଧମାର୍ଦ୍ଦନ ପାହାଡ଼ର ସୁରକ୍ଷା ପାଇଁ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ଜାଗ୍ରତ ପ୍ରହରୀ ରୂପେ ବିଦ୍ୟମାନ ରହିଛି। କୌଣସି ପରିସ୍ଥିତିରେ ଯେ କୌଣସି ସରକାର କିମ୍ବା କମ୍ପାନୀ ହେଲେ ମଧ ଗନ୍ଧମାର୍ଦ୍ଦନରେ ଖଣି ଖନନ କରିବାକୁ ଦିଆଯିବ ନାହିଁ ବୋଲି ପରିଷଦର କର୍ମକର୍ତ୍ତା ଏହି ଅବସରରେ ସଂକଳ୍ପ ନେଇଥିଲେ। ଏଥିସହ ଗନ୍ଧମାର୍ଦ୍ଦନ ପାହାଡ଼ ସୁରକ୍ଷା, ପ୍ରସିଦ୍ଧ ତୀର୍ଥକ୍ଷେତ୍ର ନୃସିଂହନାଥ ଓ ହରିଶଙ୍କର ମନ୍ଦିରର ସୁରକ୍ଷା, ରୂପାନ୍ତକରଣ ନାଁରେ ନିମ୍ନମାନର କାର୍ଯ୍ୟକୁ ନିନ୍ଦା କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ନୃସିଂହନାଥ ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ, ସୁବୋଧ ପଣ୍ଡା, ପୂର୍ବତନ ଆବାହକ ରାହାସ ସାହୁ, ଭୀଷ୍ମଦେବ ପଟେଲ, ସରପଞ୍ଚ ଦିଲୀପ ବେହେରା, ସୁଶାନ୍ତ ପଣ୍ଡା, ଜଗଦୀଶ ଲୁହାର, ଗଙ୍ଗାଧର ସାହୁ, ଝସକେତନ ସାହୁ, ପୁରନ୍ଦର ସାହୁ, ନାରୀନେତ୍ରୀ ଜମ୍ବୁବତୀ ବିଜରା, ଗନେଶି ତାଣ୍ଡି, ପ୍ରତିମା ବଗାର, ସୁବାସିନୀ ପ୍ରଧାନ, ଓଁମକାନ୍ତି ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ ଆବାହକ ସୁରେଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ସରକାରୀ ଉଚ୍ଚ ବିଦ୍ୟାଳୟ ପାଇକମାଳରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପ୍ରଧାନ ଶିକ୍ଷକ ଦ୍ୱାଦଶ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।


କାର୍ଯ୍ୟକ୍ରମରେ ଉପସ୍ଥିତ ଜନସାଧାରଣ।

# ଚାଷ, ଚାଷୀ ବଞ୍ଚାଅ ପଦଯାତ୍ରା ସମ୍ପନ୍ନ

ସରଣ୍ଡା,୨।୧୦(ଯୁଧିଷ୍ଠିର ମହାପାତ୍ର)

ରାଜ୍ୟର ଭାତ ହାଣ୍ଡି ଭାବେ ପରିଚିତ ବରଗଡ଼ ଜିଲା ଅତାବିରା ଅଞ୍ଚଳରେ ଚାଷୀ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ଦେଶକୁ ଅନ୍ନ ଯୋଗାଉଥିବା ଚାଷୀ ଓ ଚାଷକୁ ବଞ୍ଚାଇବା ଲକ୍ଷ୍ୟ ନେଇ ଗତ ଅଗଷ୍ଟ ୧୫ରୁ ଓଡିଶା ରାଜ୍ୟ କୃଷକ ସଙ୍ଗଠନ ପକ୍ଷରୁ ପ୍ରତି ପଞ୍ଚାୟତରେ ଚାଷୀଙ୍କୁ ସଚେତନ ସହ ଚାଷୀ ଓ ଚାଷ ବଞ୍ଚାଅ ଅଭିଯାନରେ ସାମିଲ କରାଯାଇଛି। ସୋମବାର ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଅବସରରେ ଏହାର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଥିଲା। ସଙ୍ଗଠନ ସଭାପତି ବୀରେନ୍ଦ୍ର କରଙ୍କ ନେତୃତ୍ୱରେ ଶତାଧିକ ଚାଷୀ ୭ ଦଫା ଦାବି ନେଇ ବିରାଟ ପଟୁଆରରେ ପଦଯାତ୍ରା କରିଥିଲେ। ଅତାବିରା ଦୁର୍ଗା ମନ୍ଦିରରେ ପୂଜାର୍ଚ୍ଚନା ପରେ ଦୁର୍ଗା ମନ୍ଦିର ନିକଟ ଗାନ୍ଧୀ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ସେଠାରୁ ଲାଦେରପାଲି ସ୍ଥିତ ରାମଚଣ୍ଡୀ ମନ୍ଦିର ଯାଏ ସେମାନେ ପଦଯାତ୍ରା କରିଥିଲେ। ପଦଯାତ୍ରା ରାମଚଣ୍ଡୀ ମନ୍ଦିରରେ ପହଞ୍ଚିବା ପରେ ସେଠାରେ ଏକ ସଭା ହୋଇଥିଲା। କୃଷକ ସଙ୍ଗଠନ ଅତାବିରା ସଭାପତି କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ରାଜବୋଡ଼ାସମ୍ବର କୃଷକ ସଙ୍ଗଠନର ଆଇନ ପରାମର୍ଶଦାତା କବିର ଶତପଥି, ରାଜବୋଡାସମ୍ବର କୃଷକ ସଙ୍ଗଠନ ଉପଦେଷ୍ଟା ରମେଶ ମହାପାତ୍ର, ଅତାବିରା କୁଲିତା ସମାଜ ସଭାପତି ଦିବାକର ପ୍ରଧାନ ଅତିଥି ଭାବେ ଯୋଗଦେଇ ଚାଷ ଓ ଚାଷୀଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସମୀର ପ୍ରଧାନ ସଭାକାର୍ଯ୍ୟ ସଂଯୋଜନା କରିଥିଲେ।



ଅତାବିରାରେ ଚାଷୀମାନେ ପଦଯାତ୍ରାରେ ଯାଉଛନ୍ତି।

## ସଂକ୍ଷେପରେ

### ୬ଲକ୍ଷ ପ୍ରତିଶ୍ରୁତି ପରେ ଉଠିଲା ବୃଦ୍ଧଙ୍କ ମୃତଦେହ

**ଟେନ୍ସା,୨।୧୦(ସମୀର କୁମାର ପାଢ଼ୀ):** ସୁନ୍ଦରଗଡ଼ ଜିଲା କୋଇଡ଼ା ଫରେଷ୍ଟ ରେଞ୍ଜରେ ରବିବାର ଦନ୍ତା ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। କ୍ଷତିପୂରଣ ଦାବିରେ ଗ୍ରାମବାସୀ ମୃତଦେହ ଉଠାଇବାକୁ ଦେଇ ନ ଥିଲେ। ଘଟଣା ସ୍ଥଳରେ ଉତ୍ତେଜନା ଲାଗି ଥିବାରୁ କୋଇଡା ପୋଲିସ ପହଞ୍ଚି ଲୋକଙ୍କୁ ବୁଝା ସୁଜା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଜଙ୍ଗଲ ବିଭାଗ ପକ୍ଷରୁ ୬ ଲକ୍ଷ ଟଙ୍କା ମିଳିବା ନେଇ ପ୍ରତିଶ୍ରୁତି ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଡାକ୍ତରଖାନାକୁ ପଠାଇଥିଲା। ସୂଚନାଯୋଗ୍ୟ, କୋଇଡା ରେଞ୍ଜର ତେନ୍ତୁଳିଢ଼ି ଗ୍ରାମ ଅନ୍ତର୍ଗତ କାଟାସାହି ଗ୍ରାମରେ ରବିବାର ଏକ ଦନ୍ତା ପଶି ଆସିଥିଲା। ଗ୍ରାମରେ ବୁଲାବୁଲି କରୁଥିବା ବୁଲାଙ୍କୁ ଶୁଣ୍ଡରେ ଉଠାଇ ଦଳି ଚକଟି ଦେଇଥିଲା। ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ କୋଇଡା ରେଞ୍ଜ ଅଧିକାରୀ ଗୌତମ ପ୍ରଧାନ କର୍ମଚାରୀଙ୍କ ସହ ଘଟଣା ସ୍ଥଳରେ ପହଞ୍ଚି ହାତୀକୁ ଘୋଉଡାଇ ଥିଲେ ।

### ଗୋଷ୍ଠୀ ଶୌଚାଳୟରେ ତାଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି



**ବିଶ୍ରା,୨।୧୦( ବଟକୃଷ୍ଣ ସ୍ୱାଇଁ):** ବିଶ୍ରା ସାପ୍ତାହିକ ବଜାରରେ ଚାଷୀଙ୍କ ସୁବିଧା ପାଇଁ ବ୍ଲକ ତରଫରୁ ୫ ଲକ୍ଷ ଟଙ୍କା ବ୍ୟୟରେ ଶୌଚାଳୟ ନିର୍ମାଣ ହେଲା। ଗୋଟିଏ ମହିଳା ଓ ପୁରୁଷ ଶୌଚାଳୟ ରହିଲା। ହେଲେ ଆଜିକୁ ୩ ବର୍ଷ ଧରି ଉକ୍ତ ଶୌଚାଳୟରେ ତାଲାପଡ଼ିଛି। ଫଳରେ ସାପ୍ତାହିକ ବଜାରକୁ ଆସିଥିବା ଚାଷୀ ଓ ଅନ୍ୟମାନେ ଅସୁବିଧା ଭୋଗୁଛନ୍ତି। ବିଶେଷ କରି ମହିଳାମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଶୌଚାଳୟ ନ ଖୋଲିବାରୁ ପାଇଖାନା ଭିତରେ ପାଇପ ଲାଇନ୍ ଫାଟି ପାଣି ବାହାରି ରାସ୍ତାରେ ଜମା ହେଉଛି। ଏ ବିଷୟରେ ସ୍ଥାନୀୟ ସରପଞ୍ଚ ସୁରୋଜ ନାୟକଙ୍କୁ ପଚାରିବାରୁ, ମତେ ପରିଚାଳନା ପାଇଁ ଦାୟିତ୍ୱ ଦିଆଯାଇନାହିଁ ବୋଲି କହିଥିଲେ। ତେବେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

### ଭାଜପାର ସେବା ସପ୍ତାହ, ରକ୍ତଦାନ ଶିବିର



**ସୁନ୍ଦରଗଡ,୨।୧୦(ଜୟ ନାରାୟଣ ମେଣ୍ଢୁଲି):** ଭାଜପା ସୁନ୍ଦରଗଡ଼ ସାଂଗଠନିକ ଜିଲା ନିର୍ବାଚନ ମଣ୍ଡଳୀ ପକ୍ଷରୁ ମୁଖ୍ୟ ଡାକ୍ତରଖାନାର ରକ୍ତ ଭଣ୍ଡାର ଠାରେ ଏକ ରକ୍ତଦାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ମୁଖ୍ୟ ଅତିଥିଭାବେ ବିଧାୟିକା ତଥା ରାଜ୍ୟ ଉପସଭାନେତ୍ରୀ କୁସୁମ ଟେଟେ ଉଦ୍‌ଘାଟନ କରିଥିଲେ। ସମସ୍ତ ରକ୍ତଦାତାଙ୍କୁ ମୁଖ୍ୟ ଅତିଥି ବିଧାୟିକା ଟେଟେ ଉତ୍ସାହିତ କରିବା ସହିତ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସାଧାରଣ ସମ୍ପାଦକ ସୁଖଲାଲ ମୁଣ୍ଡା, ଯଶୋବନ୍ତ ନାଏକ, ରାଜ୍ୟ ପରିଷଦ ସଭ୍ୟା ଅଞ୍ଜନା ପଟେଲ, ଏସସି ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଜା କାକ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ସୁଜିତ ନାଏକ, ମନୋଜ ପୁରୋହିତ, କାଉନସିଲର ରମେଶ ସୋରେଙ୍ଗ, ଜିଲା ମହିଳା ଉପସଭାନେତ୍ରୀ କାନନାଲା ବେହେରା, ମଝାପଡ଼ା ମଣ୍ଡଳ କାର୍ଯ୍ୟକାରୀ ସଭାପତି ରାଜକୁମାର କିଷାନ, ସୁନୀଲ ପଟେଲ, ସଞ୍ଜୀବ ପଟେଲ, ହରିପ୍ରିୟା ପଟେଲ, ନିବେଦିତା ପଟେଲ, ତପନ ପଟେଲ, ମୋହନ ଗିରି ଦେଓଙ୍କ ସମେତ ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳୀର କାର୍ଯ୍ୟକର୍ତ୍ତା ଓ ସ୍ୱେଚ୍ଛାକୃତ ରକ୍ତଦାତା ପ୍ରମୁଖ ଯୋଗଦେଇଥିଲେ।



ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ତେଲିଘନାସ୍ଥିତ ଆମ୍ବବଗିଚା ଠାରେ ସ୍ୱେଚ୍ଛାସେବୀ ସଙ୍ଗଠନ ଆଙ୍ଗନା ପକ୍ଷରୁ ମହିଳାମାନେ ଆଦିବାସୀ ନୃତ୍ୟ ପରିବେଷଣ କରୁଛନ୍ତି।

# ଆଦିବାସୀ ସଂସ୍କୃତି, ପରମ୍ପରା, ଜ୍ଞାନ ପ୍ରସାରଣ କାର୍ଯ୍ୟକ୍ରମ

**କୁତ୍ରା,୨।୧୦(ଦେବାଶିଷ ସାହୁ)**

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ତେଲିଘନାସ୍ଥିତ ଆମ୍ବବଗିଚା ଠାରେ ସ୍ୱେଚ୍ଛାସେବୀ ସଙ୍ଗଠନ ଆଙ୍ଗନା ପକ୍ଷରୁ ଆଦିବାସୀ ସଂସ୍କୃତି, ପରମ୍ପରା ଓ ଜ୍ଞାନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ମହାରାଜମାନେ ଉପସ୍ଥିତ ରହି ଆଦିବାସୀଙ୍କ ସଂସ୍କୃତି, ପରମ୍ପରା ବିଷୟରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଆଜିକାଲିର ଯୁବପିଢ଼ିଙ୍କୁ ତାଙ୍କ ସଂସ୍କୃତି ପରମ୍ପରା ବିଷୟରେ ଜ୍ଞାନ ପ୍ରଦାନ କରିବା ଏବଂ ଭବିଷ୍ୟତରେ ଏହାକୁ ବଜାୟ ରଖିବା ପାଇଁ ପରାମର୍ଶ ପ୍ରଦାନ କରାଯାଇଥିଲା। ପରେ ଆଦିବାସୀ ପରମ୍ପରା ନୃତ୍ୟ, ସଙ୍ଗୀତ, ପତ୍ର ଖଲି ଓ ଦନା ତିଆରି କରିବା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହା ସହିତ ଛୋଟଛୋଟ ପିଲାଙ୍କ ମଧ୍ୟରେ ଚିତ୍ରାଙ୍କନ ତଥା ଅନ୍ୟାନ୍ୟ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ନୃତ୍ୟ ଦଳ ଯୋଗଦେଇଥିଲେ। ଆଙ୍ଗନା ସମ୍ପାଦକ ମିନାକୁମାରି ଏକ୍କା ସ୍ୱାଗତ ଅଭିଭାଷଣ ଦେଇଥିଲେ। କୋଡ଼ିନେଟର କାଶ୍ମୀର ଟପ୍ପୋ, ଦୀପକ ମିଞ୍ଜ ଓ ଆଙ୍ଗନାର ଅନ୍ୟାନ୍ୟ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

**ସୁନ୍ଦରଗଡ ସରକାରୀ ମହିଳା କଲେଜରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ**

**ସୁନ୍ଦରଗଡ,୨।୧୦( ଜୟନାରାୟଣ ମେଣ୍ଢୁଲୀ)**



ସୁନ୍ଦରଗଡ ସରକାରୀ ମହିଳା କଲେଜରେ ଜାତିର ଜନକ ମହାତ୍ମାଗାନ୍ଧି ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ କଲେଜର ସମ୍ମିଳନୀ କକ୍ଷଠାରେ ଆୟୋଜିତ ସମାରୋହରେ ଅଧକ୍ଷା ଡା.କୁମୁଦିନୀ ରାଉତରାୟ ଅଧକ୍ଷତା କରି ଗାନ୍ଧିଜୀ ଓ ଶାସ୍ତ୍ରୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ଓ ଦ୍ୱୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଗାନ୍ଧୀଙ୍କ ବିଚାରଧାରାରେ ସମଗ୍ର ବିଶ୍ୱ ଅନୁପ୍ରାଣିତ ହୋଇଛି ବୋଲି କହିବାସହ ଯୁବପୀଢି ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। କଲେଜର ପ୍ରଶାସନିକ ମୁଖ୍ୟ ଡା.ଇନ୍ଦିରା ଗଡନାୟକ ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ଜୀବନଦର୍ଶନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଇତିହାସ ବିଭାଗ ଆନୁକୂଲ୍ୟରେ ଗାନ୍ଧୀ ଚିନ୍ତନ ସାମ୍ପ୍ରତିକ ସମୟର ଆହ୍ୱାନ ଶୀର୍ଷକ ଆଲୋଚନା ଚକ୍ରରେ ବିଭାଗୀୟ ମୁଖ୍ୟ ନିଲିମା ଭିତ୍ରିଆ ମହାତ୍ମାଗାନ୍ଧୀଙ୍କ ଜୀବନୀ ଓ ସ୍ୱାଧୀନତା ମୁକ୍ତି ସଂଗ୍ରାମ ଆନ୍ଦୋଳନରେ ତାଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଅଧାପିକା ସୁସ୍ମିତା ଭୋଇ ଗାନ୍ଧିଜୀଙ୍କ ଅହିଂସା, ସର୍ବୋଦୟ, ସତ୍ୟାଗ୍ରହ, ବୌଦ୍ଧିକ ଚିନ୍ତନ ସମ୍ପର୍କରେ ଆଲୋଚନା କରିଥିଲେ। ଅଧାପିକା ସୌଗନ୍ଧିକା ମିଶ୍ର ଗାନ୍ଧିଜୀଙ୍କ ଜୀବନୀ ଓ ଅଧାପକ ହରିହର ପ୍ରଧାନ ଗାନ୍ଧିଜୀଙ୍କ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ଛାତ୍ରୀ ଜାଗୃତୀ ଭୋଇ ସଭା ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଇତିହାସ ବିଭାଗ ଆନୁକୂଲ୍ୟରେ ଅଧାପକ ହରିହର ପ୍ରଧାନଙ୍କ ନିର୍ଦ୍ଦେଶନାରେ ସ୍ୱଚ୍ଛତା ଅଭିଯାନ ଥିମ୍‌ରେ ଛାତ୍ରୀମାନେ ନାଟକ ପରିବେଷଣ କରିଥିଲେ। ଗାନ୍ଧିଜୀଙ୍କ ଜୀବନୀ ଓ କାର୍ଯ୍ୟ ଧାରାକୁ ନେଇ ପ୍ରୋଜେକ୍ଟର ଜରିଆରେ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା। ଏନଏସଏସ ସଂଯୋଜକ ଅଧାପକ ମନୋଜ କୁମାର ନାଏକ, ଅଧାପିକା ସ୍ମିତା ରାଣୀ ପଟେଲ, ଯୁବ ରେଡକ୍ରସ ସଂଯୋଜିକା ଡା.ସଞ୍ଜିତା ଅଭିଜିତା,ଆଲୁମନୀ ସେଲର ସଂଯୋଜକ ସହକାରୀ ପ୍ରଫେସର ଅଜିତ କୁମାର ସାହୁ, ଡା.ସଞ୍ଜୟ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ସକାଳେ କଲେଜ ପରିସର ଓ ସମ୍ମୁଖ ରାସ୍ତାରେ ସଫେଇ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିବାନୀ ମହାକୁଳ ଧନ୍ୟବାଦ ଦେଇଥିଲେ।

# ଯାତ୍ରୀ ପ୍ରତୀକ୍ଷାଳୟ ଉଦ୍‌ଘାଟନ



**ରାଜଗାଙ୍ଗପୁର,୨।୧୦(ଅଶୋକ ପାଣି)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସହରର ୪ନଂ ୱାର୍ଡ ତଥା ସୁବାସ ଛକ ନିକଟରେ ବସ ଯାତ୍ରୀଙ୍କ ସୁବିଧା ପାଇଁ ପୌରପରିଷଦ ଦ୍ୱାରା ନିର୍ମିତ ଯାତ୍ରୀ ପ୍ରତିକ୍ଷାଳୟ ସୋମବାର ଉଦ୍‌ଘାଟନ ହୋଇଯାଇଛି। ପୌରାଧକ୍ଷା ମାଧୁରୀ ଲୁଗୁନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫିତା କାଟି ଏହାକୁ ଲୋକାର୍ପିତ କରିଥିଲେ। ସହରର ଉନ୍ନତି କରିବା ସହିତ ସାଧାରଣଙ୍କ ସମସ୍ୟା ଦୂର କରିବା ପାଇଁ ପୌରପରିଷଦ ଦୃଢ ପରିକର ବୋଲି ସେ ନିଜ ବ୍ୟକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମକୁ ଉପନଗରପାଳ ମହମ୍ମଦ ଇରାଫାନ ପରିଚାଳନା କରିଥିଲେ। ପୌରପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୋବିନ୍ଦ ଡନସନା, ୪ନଂ କାଉନସିଲର କୌସର ପରବିନ୍‌ଙ୍କ ସମେତ ଅନ୍ୟ କାଉନସିଲର ଓ ପୌର କର୍ମଚାରୀ ଉପସ୍ଥିତ ଥିଲେ। ଏହା ସହିତ ସୁବାସ ବୋସଙ୍କ ପ୍ରତିମୂର୍ତ୍ତିର ଚର୍ତୁର୍ଦ୍ଦିଗ ନବିକରଣର ମଧ୍ୟ ଲୋକାର୍ପଣ କରାଯାଇଥିଲା।

# ସୃଜନୀ, ଜିଜ୍ଞାସା, କୌଶଳୀ, କ୍ରୀଡ଼ାଙ୍ଗନ କ୍ଲବ ଉଦ୍‌ଘାଟିତ




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ବୃନ୍ଦ।

**କୁତ୍ରା,୨।୧୦(ଦେବାଶିଷ ସାହୁ)**

ସୁନ୍ଦରଗଡ ଜିଲା କୁତ୍ରା ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟରେ ସୃଜନୀ, ଜିଜ୍ଞାସା, କୌଶଳି ଓ କ୍ରୀଡାଙ୍ଗନ କ୍ଲବ ଉଦ୍‌ଘାଟିତ ହୋଇଯାଇଛି। ମୋସ୍କୁଲ ଅଭିଯାନ ସଭାପତି ଶଙ୍କର ପ୍ରସାଦ ଟପ୍ପୋ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ମୋ ସ୍କୁଲ ଅଭିଯାନ ସଂଯୋଜକ ବିଭୀଷଣ ବାରିକ ସୃଜନୀ, ଜିଜ୍ଞାସା, କୌଶଳୀ ଓ କ୍ରୀଡ଼ାଙ୍ଗନ କ୍ଲବର ଆଭିମୁଖ୍ୟ ବିଷୟରେ ବର୍ଣ୍ଣନା କରିଥିଲେ। ପରେ ଆଲୁମିନି ପ୍ରଶାନ୍ତ ସାହୁ, ଶିକ୍ଷାବିତ ବିସିକେଶନ ସାହୁ, ଶଙ୍କର ପ୍ରସାଦ ଟପ୍ପୋ ପ୍ରମୁଖ ସରକାରଙ୍କ ଏହି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ପରେ ମେଣ୍ଟର ଭାବେ ଜିଜ୍ଞାସା କ୍ଲବ ପାଇଁ ପ୍ରଶାନ୍ତ ସାହୁ, କୌଶଳୀ କ୍ଲବ ପାଇଁ ତପନ ସନାନୀ, ସାହିତ୍ୟ ସୃଜନ ପାଇଁ ରାଜେଶ ସାହୁ ଓ କ୍ରୀଡ଼ାଙ୍ଗନ ପାଇଁ ଜଗନ୍ନାଥ କିଷାନଙ୍କୁ ପରାମର୍ଶ ଦାତା ଭାବେ ମୋନୋନୀତ କରାଯାଇଥିଲା। ତାଙ୍କ ଦଳପତି ଭାବେ ରିତା କଣ୍ଡୁ, ସୁଦାନ ମହାନନ୍ଦ, ଲିପିକା କାଲୋ, ଲବଣିଧର ଗର୍ଡିଆ ଓ ମନୋରମା କଲସେରଙ୍କୁ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ବିଭୀଷଣ ବାରିକ ସଂଚାଳନା କରିଥିଲେ। ଏହି ଅବସରରେ ଗାଇଡସ୍ କ୍ୟାପଟେନ ଦୀପିକା କେରକେଟା, ଅବିନାଶ କର, ମଞ୍ଜୁ ଏକା, ରୋହିତ ଜୟପୁରୀୟା ସମେତ ଅନୁଷ୍ଠାର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ, କ୍ଲବର ସମସ୍ତ ସଦସ୍ୟ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

## ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ଚାରପାଲି ଚାମ୍ପିୟନ

**ବଡ଼ଗାଁ, ୨।୧୦( ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ସ୍ଥିତ ଗିରିପଡାରେ ଗତ ୩୦ରୁ ଆରମ୍ଭ ହୋଇଥିବା ଫୁଟ୍‌ବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି। ୧୬ଟି ଟିମ୍ ଅଂଶଗ୍ରହଣ କରିଥିବା ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଚାରପାଲି ଓ ବ୍ଲକପଡା ମଧ୍ୟରେ ହୋଇଥିଲା। ୫–୩ ଗୋଲ୍‌ରେ ଚାରପାଲି ଟିମ୍ ବ୍ଲକପଡାକୁ ହରାଇ ଚାମ୍ପିୟନ ହୋଇଛି। ଚାରପାଲି ଟିମ୍‌ର ବବଲୁ ବେଷ୍ଟ ଡିଫେଣ୍ଡର, ସୁରଜ ବେଷ୍ଟ ଗୋଲକିପର ଓ ବ୍ଲକପଡା ଟିମ୍‌ର ରଞ୍ଜିତ ମଇଲଙ୍କୁ ବେଷ୍ଟ ସ୍କୋରର ଭାବେ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ମୁଖ୍ୟ ଅତିଥି, ରାଜେନ୍ଦ୍ର କିଷାନ, ପିଣ୍ଟୁ ନାଏକ ସମ୍ମାନିତ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ୧୫ ହଜାର ଟଙ୍କା ସହିତ ଟ୍ରଫି, ଉପବିଜେତା ଟିମ୍‌କୁ ୧୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ। ଡାଇମଣ୍ଡ ମିଞ୍ଜ, ପଟେଲ ଏକ୍କା, ରାଜା ବାଗ, ଅଶୋକ ଖଡିଆ ଖେଳ ପରିଚାଳନା କରିଥିଲେ।

# ଗାନ୍ଧୀ ଜୟନ୍ତୀରେ ସଫେଇ କାର୍ଯ୍ୟକ୍ରମ




**କୁତ୍ରା,୨।୧୦(ଦେବାଶିଷ ସାହୁ)**

ସୁନ୍ଦରଗଡ ଜିଲା କୁତ୍ରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ସ୍ଥାନରେ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବିନ୍ଦ୍ର କୁମାର ସେଠୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଜନ୍ମ ଦିନକୁ ସ୍ମରଣୀୟ କରିବା ପାଇଁ ସଫେଇ କାର୍ଯ୍ୟ ହୋଇଥିଲା। ୧୦ ନମ୍ବର ରାଜ୍ୟ ରାଜପଥ କଡ଼ରେ ପଡି ରହିଥିବା କୁଡ଼କୁଡ଼ ଆବର୍ଜନା ସହିତ ସପ୍ତାହିକ ବଜାର ଭିତରେ ପଡିରହିଥିବା ଆବର୍ଜନା ସଫା କରିଥିଲେ। ଏହା ସହିତ ସ୍ୱଚ୍ଛତାର ବାର୍ତ୍ତା ପ୍ରଦାନ କରିଥିଲେ। ରବିବାର ମଧ୍ୟ କୁତ୍ରା ଗ୍ରାମର ବିଭିନ୍ନ ସ୍ଥାନରେ ସଫେଇ କାର୍ଯ୍ୟକ୍ରମ କରିଥିଲେ। ଏଥିରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସେଠୀଙ୍କ ସହିତ ପଞ୍ଚାୟତ ସମିତି କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଯୋଗଦେଇ ସଫେଇ କରିଥିଲେ।

# ମୃତ୍ତିକା ସଂରକ୍ଷଣ, ଜଳବିଭାଜିକା ପକ୍ଷରୁ କଳସ ଯାତ୍ରା

**ହେମଗିର,୨।୧୦(ଚୈତନ୍ୟ ପଟେଲ)**

ସୁନ୍ଦରଗଡ ଜିଲା ହେମଗିର ବ୍ଲକ କନିକା ପଞ୍ଚାୟତ ବେନ୍ଦ୍ରିବୁଆଠାରେ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ବିଭାଗ ତରଫରୁ ସ୍ୱଚ୍ଛ ଭାରତ ଅଭିଯାନ ଅବସରରେ ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା ୨.୦ ଅନ୍ତର୍ଗତ ବେନ୍ଦ୍ରିବୁଆ କୁଟ୍ରାଯୋର ଜଳବିଭାଜିକା ପ୍ରକଳ୍ପ ପକ୍ଷରୁ ରାସ୍ତା ସଫା, ବୃକ୍ଷ ରୋପଣ ଏବଂ କଳସ ଯାତ୍ରା ହୋଇଥିଲା। ଏହି ଅବସରରେ ମୃତ୍ତିକା ସଂରକ୍ଷଣ ଉପରେ ସଚେତନତା କରିବା ପାଇ ଏକ ସଭାର ଆୟୋଜନ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ପ୍ରକଳ୍ପର ନିର୍ଦ୍ଦେଶକ ଅରୁଣ କୁମାର ଆଚାର୍ଯ୍ୟ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଭ୍ୟା ମହିମା ସେଠ, ବିଜେଡିର ବ୍ଲକ ସଭାପତି ସୁକାନ୍ତ ପତି, କନିକା ପଞ୍ଚାୟତର ସରପଞ୍ଚ ଶାନ ଧୃଆ, ସମିତି ସଭ୍ୟ ଡିସେମ୍ବର ବାଗ, ଏଏସସିଓ ବ୍ରହ୍ମାନନ୍ଦ ଡଲେଇ,ଏନସିଡବ୍ଲ୍ୟୁ ଭବାନି ଶଙ୍କର ନାଏକ, ଆଲଡ୍ରିନ ଡନସେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଗ୍ରାମର ଅନେକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।




ଉପସ୍ଥିତ ଅତିଥି, ଗ୍ରାମବାସୀ ଏବଂ ଅନ୍ୟମାନେ।

# ସରକାରଙ୍କ ଉନ୍ନତିମୂଳକ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଅ

**ବିଜେଡିର ଜନ ସମ୍ପର୍କ ପଦଯାତ୍ରା**

**ଲହୁଣୀପଡ଼ା,୨।୧୦(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡ଼ାରେ ସୋମବାର ବଣେଇଁ ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ତରଫରୁ ଜନ ସମ୍ପର୍କ ପଦଯାତ୍ରା ଶୁଭାରମ୍ଭ କରାଯାଇଥିଲା। ବିଜେଡିର ସମସ୍ତ କର୍ମକର୍ତ୍ତା ଓ କର୍ମୀ ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ଏକତ୍ରିତ ହୋଇଥିଲେ। ଲହୁଣୀପଡ଼ା ବ୍ଲକ ଛକ ଠାରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ପାରମ୍ପରିକ ବାଦ୍ୟ ନୃତ୍ୟର ତାଳେ ତାଳେ ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ସମ୍ପର୍କରେ ସ୍ଲୋଗାନ ଦେଇ ଜନ ସମ୍ପର୍କ ବିରାଟ ଶୋଭାଯାତ୍ରା ବାହାରିଥିଲା। ଏହି ପଦଯାତ୍ରା ଗାନ୍ଧୀ ଛକଠାରୁ ବାହାରି ଶୁକପାଲି ଦେଇ ଲହୁଣୀପଡ଼ା ସହର ପରିକ୍ରମା କରି କଲ୍ୟାଣ ମଣ୍ଡପ ଠାରେ ପହଞ୍ଚିଥିଲା। ସେଠାରେ ଏକ ସାଧାରଣ ସଭା ବ୍ଲକ ଉପ ସଭାପତି ପ୍ୟାରା ବାର୍ଲାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ରାଉରକେଲା ସାଙ୍ଗଠନିକ ଜିଲା ସଭାପତି ହାଲୁ ମୁଣ୍ଡାରୀ, ମୁଖ୍ୟ ବକ୍ତା କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରଣଜିତ କିଷାନ, ଜିଲା ପରିଷଦ ଉପାଧ୍ୟକ୍ଷ କମଲ ଲାକ୍ରା, ଜିଲା ପରିଷଦ ସଦସ୍ୟା ଜୁଳିଆନି କାଣ୍ଡିର, ଶୁଶିଳା ନାୟକ, ବିର ବିଚିତ୍ର ସେନ ନାୟକ, କୋଇଡ଼ା ବ୍ଲକ ପୂର୍ବତନ ଅଧକ୍ଷା ଏମେଲେନ ଟପ୍ପୋ ପ୍ରମୁଖ ମହାତ୍ମା ଗାନ୍ଧୀ, ଲାଲ ବାହାଦୂର ଶାସ୍ତ୍ରୀ, ବିଜୁ ପଟ୍ଟନାୟକଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ବଣେଇଁ ବ୍ଲକ ସଭାପତି ରଘୁନାଥ ସାହୁ ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରକାର ଉନ୍ନୟନ ମୂଳକ ଯୋଜନା ପ୍ରତ୍ୟେକ ପରିବାରର ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ ପହଞ୍ଚାଇବା ପାଇଁ କର୍ମୀଙ୍କୁ ବକ୍ତବ୍ୟ ମାଧମରେ ଅତିଥିମାନେ ଆହ୍ୱାନ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଖୁଣ୍ଟୁଗାଁ ସରପଞ୍ଚ ସୁମିତ୍ରା ଚାରଡିଆ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଧରଣୀଧର ମାହାନ୍ତ, ଭାସ୍କର କୁମୁରା, ସାବିତ୍ରୀ ମୁଖୀ ପ୍ରମୁଖ ବିଭିନ୍ନ ଦଳରୁ ଆସି ବିଜେଡିରେ ଯୋଗ ଦେଇଥିବାରୁ ଦଳ ପକ୍ଷରୁ ଦଳୀୟ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ କରାଯାଇଥିଲା। ଏହି ଜନ ସମ୍ପର୍କ ପଦଯାତ୍ରାରେ ବ୍ଲକ ସଭାପତି କରୁଣାକର ପାତ୍ର, ରାସଲ ଓରାମ ରଘୁନାଥ ସାହ, ମହିଳା ବ୍ଲକ ସଭାପତି ଦମୟନ୍ତି ସାଣ୍ଡିଲ, ପ୍ରିୟଙ୍କା ପ୍ରଧାନ, ଜୟନ୍ତୀ ମାହାନ୍ତ, ଦ୍ରୌପଦୀ କିଷାନ, ପୂର୍ବତନ ଜିଲା ପରିଷଦ ମିତାରାଣୀ ନାୟକ, କେଦାର କୁମାର ମାହାନ୍ତଙ୍କ ସମେତ ରମେଶ ନାୟକ, ଉମେଶ ରାୟ, ବାପି ଖଟୁଆ, ଖୁଣ୍ଟୁଗାଁ ଲ୍ୟାମ୍ପ ସଭାପତି ଅଜୟ କୁମାର ନାୟକଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ଆସିଥିବା ସରପଞ୍ଚ, ସମିତି ସଭ୍ୟା ସଭ୍ୟ, କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ଉପସ୍ଥିତ ଥିଲେ। ସଭା ଶେଷରେ ବ୍ଲକ କାର୍ଯ୍ୟକାରୀ ସଭାପତି ଗୁରୁ ଚରଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।



ବିଜେଡି ପକ୍ଷରୁ ବାହାରିଥିବା ରାଲି।

## ସଂକ୍ଷେପରେ

### ବଜ୍ରପାତରେ ଯୁବକଙ୍କ ମୃତ୍ୟୁ

**କୁଚିଣ୍ଡା,୨।୧୦(ବିରଞ୍ଚି ଦର୍ଜ୍ଜା):** ମହୁଲପାଲି ଥାନା କୁସୁମୀ ଫାଣ୍ଡି ଅନ୍ତର୍ଗତ କୁସୁମୀ (କାଉମାରେନ) ଡଙ୍ଗାଘାଟ ରାସ୍ତାରେ ବଜ୍ରପାତରେ ରବିବାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ କୁସୁମୀ(କାଉମାରେନ)ର ଉପେନ୍ଦ୍ର ବାଦି(୩୬)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (୯/୨୩) ରୁଜୁ କରି ମୃତଦେହ ଜବତ କରି ସୋମବାର କୁଚିଣ୍ଡା ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଛି। ସୂଚନା ଅନୁଯାୟୀ ଉପେନ୍ଦ୍ର ଅପରାହ୍ନରେ ମାଛ ଧରିବାକୁ ଡଙ୍ଗାଘାଟ ନାଳ ପଟକୁ ଯାଇଥିଲେ। ହଠାତ୍ ପ୍ରବଳ ବର୍ଷା ସହ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସନ୍ଧ୍ୟାରେ ମୃତଦେହ ଦେଖି ପରିବାର ଲୋକେ ହତ୍ୟା ସନ୍ଦେହ କରି ପୋଲିସକୁ ଖବର ଦେଇଥିଲେ। ସୋମବାର ସକାଳେ କୁଚିଣ୍ଡା ଏସ୍‌ଡିପିଓ ଅମିତାଭ ପଣ୍ଡାଙ୍କ ସହ ମହୁଲପାଲି ପୋଲିସ ଟିମ୍ ପହଞ୍ଚି ଏଭଳି ମୃତ୍ୟୁର ସନ୍ଦେହ କରିଥିଲେ। ପରେ ସମ୍ବଲପୁରରୁ ସନ୍ଧାନୀ କୁକୁର ସହ ସାଇଣ୍ଟିଫିକ ଟିମର ସହାୟତା ଲୋଡିଥିଲେ।ଏହି ଟିମ ପହଞ୍ଚି ଯାଞ୍ଚ କରିବାରେ ବଜ୍ରପାତରେ ତାଙ୍କର ମୃତ୍ୟୁ ହୋଇଥିବା ଜାଣିଥିଲେ।

### ଅଟୋ ୟୁନିୟନର ବାର୍ଷିକୋତ୍ସବ

**ରେଢ଼ାଖୋଲ,୨।୧୦(ଅଚ୍ୟୁତାନନ୍ଦ ପୁରୋହିତ):** ରେଢ଼ାଖୋଲ ମା' ବିନ୍ଧ୍ୟବାସିନୀ ଅଟୋ ୟୁନିୟନର ୧୪ତମ ବାର୍ଷିକୋତ୍ସବ କଲେଜ ଛକ ନିକଟ ସଂଘ କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ହୋଇଛି। ସଂଘ ସଭାପତି ଅନାମ ମୁଖିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ ସମ୍ମାନିତ ଅତିଥି ଓ ଭୀମଭୋଇ ମହାବିଦ୍ୟାଳୟର ଓଡ଼ିଆ ପ୍ରାଧ୍ୟାପକ ଡ. ମନୋରଞ୍ଜନ ମହନ୍ତ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସଂଘ ସମ୍ପାଦକ ଟିକେନୁ ମୁଖି ବାର୍ଷିକ ବିବରଣୀ ପାଠ କରିଥିଲେ। ଏ ଅବସରରେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ପ୍ରଦୀପ ବେହେରା, ସମ୍ପାଦକ ସୁବଳ ବେହେରା, ଉପସଭାପତି ପ୍ରଶାନ୍ତ ପଣ୍ଡା ଓ କୋଷାଧ୍ୟକ୍ଷ ଭାବେ ଟିକେନୁ ମହାକୁଡଙ୍କୁ ଚୟନ କରାଯାଇଥିଲା।

### ବିଜେଡିର ନୂଆଁଖାଇ ଭେଟ୍‌ଘାଟ୍ ଓ ସମ୍ବର୍ଦ୍ଧନା ସଭା

**କୁଚିଣ୍ଡା,୨।୧୦(ବିରଞ୍ଚି ଦର୍ଜ୍ଜା):** କୁଚିଣ୍ଡା ଟାଉନ ହଲଠାରେ ସୋମବାର ବିଜେଡି ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକଙ୍କ ସଂଯୋଜନାରେ ହୋଇଥିବା ସଭାରେ ସମ୍ବଲପୁର ଜିଲା ପରିଷଦ ସଭାପତି କୁମୁଦିନୀ ନାୟକ, କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ଏନ୍‌ଏସି ଅଧ୍ୟକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି, ଜିଲାପରିଷଦ ସଭ୍ୟ ଅଜିତ ମହାପାତ୍ର, କୃଷ୍ଣ ଚନ୍ଦ୍ର ଟପ୍ପୋ, ତନୟା ଧରୁଆ ଓ ସୁଜାତା ଖୁଣ୍ଟିଆ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମେ ଅତିଥି ମାନେ ସ୍ୱର୍ଗତ ବିଜୁ ପଟ୍ଟନାୟକ, ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଜିଲା ବିଜେଡି କମିଟିରେ ଚୟନ ହୋଇଥିବା କୁଚିଣ୍ଡା ନିର୍ବାଚନ ମଣ୍ଡଳୀର ୩ଜଣ ଉପସଭାପତି, ୪ଜଣ ସାଧାରଣ ସମ୍ପାଦକ ଓ ୫ଜଣ ସମ୍ପାଦକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ନୂତନ ଭାବେ ଚୟନ ହୋଇଥିବା କୁଚିଣ୍ଡା ବ୍ଲକ ସଭାପତି ଅମୂଲ୍ୟ ମିଶ୍ର, ବାମରା ବ୍ଲକ ସଭାପତି ଅରବିନ୍ଦ ସାହୁ, ଜମନକିରା ବ୍ଲକ ସଭାପତି ଆଦିପ୍ରସାଦ ମହକୁଲ ଓ କୁଚିଣ୍ଡା ଏନ୍‌ଏସି ସଭାପତି ନବୀନ ହୋତାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବାହ୍ନରେ ବିଧାୟକ ନାଏକଙ୍କ ନେତୃତ୍ୱରେ ବିଜେଡ଼ି କର୍ମୀମାନେ କୁଚିଣ୍ଡା କଳାପରିଷଦସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

### ବୀଣାପାଣି କ୍ଲବରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ

**କୁଚିଣ୍ଡା,୨।୧୦(ବିରଞ୍ଚି ଦର୍ଜ୍ଜା):** କୁଚିଣ୍ଡା ବ୍ଲକ କୁଲେଇଗଡ ପଞ୍ଚାୟତର ପୁରୁଣାପାଣି ବୀଣାପାଣି କ୍ଲବରେ ସୋମବାର ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କ୍ଲବ ସଭାପତି ଧନେଶର କିଷାନଙ୍କ ଅଧ୍ୟକ୍ଷତାରେ ହୋଇଥିବା ସଭାରେ କୁଡାପଡା ହାଇସ୍କୁଲ ହିନ୍ଦୀ ଶିକ୍ଷକ ପ୍ରଶାନ୍ତ ଭୁକ୍ତା ମୁଖ୍ୟଅତିଥି, ସାମାଜିକ କର୍ମୀ ସରୋଜ ମେହେର ସମ୍ମାନିତଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜୟନ୍ତ କିଷାନ, କୁମରମାଣୀ ମାକର, ଗଣେଶ କିଷାନ, ସୁମନ କିଷାନ, ଘନଶ୍ୟାମ କିଷାନ, ରଜନୀକାନ୍ତ କିଷାନ ପ୍ରମୁଖ ଯୋଗ ଦେଇଥିଲେ।

# ୧୩ ରାଜ୍ୟର ୯୫ ଶାରୀରିକ ପ୍ରଶିକ୍ଷଣ ଶିକ୍ଷକ ସାମିଲ

- ସମ୍ବଲପୁର ଫୁଟ୍‌ବଲ ଏକାଡେମୀରେ ଦ୍ୱିଦିବସୀୟ କର୍ମଶାଳା
- ଫିଫା ଫୁଟ୍‌ବଲ ଫର୍ ସ୍କୁଲ କାର୍ଯ୍ୟକ୍ରମ

**ସମ୍ବଲପୁର,୨।୧୦(ବି.ଶଙ୍କର)**

ଅନ୍ତଃରାଷ୍ଟ୍ରୀୟ ଫୁଟବଲ ମହାସଂଘ (ଫିଫା) ପକ୍ଷରୁ ଫୁଟ୍‌ବଲ ଫର ସ୍କୁଲ ଶୀର୍ଷକ ଦ୍ୱିଦିବସୀୟ କର୍ମଶାଳା ସୋମବାର ସମ୍ବଲପୁର ଫୁଟବଲ ଏକାଡେମୀଠାରେ ଉଦ୍‌ଘାଟିତ ହୋଇଛି। ଶାରୀରିକ ପ୍ରଶିକ୍ଷଣ ଶିକ୍ଷକମାନଙ୍କୁ କର୍ମଶାଳା ଜରିଆରେ ପ୍ରଶିକ୍ଷଣ ଦିଆଯାଉଛି। ବିଦ୍ୟାଳୟ ସ୍ତରରେ ଫୁଟ୍‌ବଲକୁ ପ୍ରୋତ୍ସାହିତ କରିବା ଏହାର ମୁଖ୍ୟ ଲକ୍ଷ୍ୟ ରହିଛି। ଭାରତ ସରକାରଙ୍କର ଶିକ୍ଷା ମନ୍ତ୍ରଣାଳୟ ଆନୁକୂଲ୍ୟରେ ଭାରତର ତିନୋଟି ସ୍ଥାନରେ ଏଭଳି କର୍ମଶାଳା ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଭାରତ ସରକାରଙ୍କର ଶିକ୍ଷା ମନ୍ତ୍ରଣାଳୟର ଉପସଚିବ ଚରନଜିତ ତନେଜା, ଫିଫା ଫୁଟବଲ ଫର ସ୍କୁଲର ଜାତୀୟ ସଂଯୋଜକ ଅମ୍ଳାନ କଲମ, ଫିଫା ଫୁଟବଲ ଫର ସ୍କୁଲର ପ୍ରକଳ୍ପ ପ୍ରବନ୍ଧକ ଆଣ୍ଟନିଓ ସାଞ୍ଚେସ, ଅଖିଳ ଭାରତୀୟ ଫୁଟବଲ ମହାସଂଘର ତୃଣମୂଳ କମିଟି ଅଧ୍ୟକ୍ଷ ମୂଳରାଜ ସିଂ ସମ୍ମାନିତ ଅତିଥି



କର୍ମଶାଳାକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ଭାବେ ଯୋଗଦେଇ କର୍ମଶାଳାକୁ ଶୁଭାରମ୍ଭ କରିଥିଲେ। ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ସମ୍ଭାଗ ଉପାୟୁକ୍ତ ଡ. ଶିହରଣ ବୋଷ, ଭୋପାଳ ନବୋଦୟ ବିଦ୍ୟାଳୟ ସମିତି ଆଞ୍ଚଳିକ କାର୍ଯ୍ୟାଳୟ ସହାୟକ ଆୟୁକ୍ତ ମଞ୍ଜୁରାଣୀ ଶର୍ମା, ସମ୍ବଲପୁର-୧ କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ଡ. ପ୍ରଶାନ୍ତ କୁମାର ଷଡଙ୍ଗୀ, ଗୋଶାଳାସ୍ଥିତ ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷ ଏସ୍ ଦାସ, ପିତାପାଲିସ୍ଥିତ ସମ୍ବଲପୁର ଫୁଟବଲ ଏକାଡେମୀର ସଚିବ ଅତନୁ ଘୋଷ ଉପସ୍ଥିତ ଥିଲେ। ସେହିପରି ଫିଫାର ୪ଜଣ ତାଲିମଦାତା ଯୋଗଦେଇଥିଲେ। ସମ୍ବଲପୁର କେନ୍ଦ୍ରୀୟ ବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ଅରୁଣ କୁମାର ଯୋଶୀ ଓ ନବୋଦୟ ବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ଜେ.ପି. କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କର୍ମଶାଳାରେ ଭାରତର ପୂର୍ବ ଓ ପୂର୍ବୋତ୍ତରର ୧୩ ଗୋଟି ରାଜ୍ୟରୁ ୯୫ ଜଣ ଶାରୀରିକ ପ୍ରଶିକ୍ଷଣ ଶିକ୍ଷକ ଯୋଗ ଦେଇଛନ୍ତି। ଏଥିରେ ଥିଓରୀ (ଲିଖିତ ଓ ବାଚିକ) ଏବଂ ଅପରାହ୍ନରେ ପ୍ରାକ୍ଟିକାଲ (ବ୍ୟବହାରିକ) ପ୍ରଶିକ୍ଷଣ ଦିଆଯାଉଛି। ପ୍ରଶିକ୍ଷଣ ଶେଷ ଦିନରେ ସମସ୍ତ ପ୍ରଶିକ୍ଷାର୍ଥୀମାନଙ୍କୁ ଡିପ୍ଲୋମା ସାର୍ଟିଫିକେଟ ପ୍ରଦାନ କରାଯିବ। ସମ୍ବଲପୁର ପରେ ବାଙ୍ଗାଲୋର ଓ ପୁନେଠାରେ ଏଭଳି ପ୍ରଶିକ୍ଷଣ କର୍ମଶାଳା ହେବା କାର୍ଯ୍ୟକ୍ରମ ରହିଛି ।

## ଜମନକିରା ଶିଶୁ ବାଟିକାରେ ମାତୃ କର୍ମଶାଳା


କର୍ମଶାଳାରେ ଯୋଗଦେଇଥିବା ମା'ମାନେ।

**ଜମନକିରା,୨।୧୦(ରବୀନ୍ଦ୍ର ପ୍ରସାଦ ଦାନି):** ଜମନକିରା ଶିଶୁ ବାଟିକାରେ ସୋମବାର ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସୁରଳୀ ମିଶ୍ର କର୍ମଶାଳାର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ସମ୍ପାଦକ ନାରାୟଣ ସାହୁ ଶିଶୁ ପ୍ରତି ମା'ମାନଙ୍କ ଦାୟିତ୍ୱ ବିଷୟରେ ଆଲୋଚନା କରିଥିଲେ। ଏଥିରେ ୬୨ ଜଣ ମା' ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ଶିଶୁ ବାଟିକା ପ୍ରମୁଖ ଆଚାର୍ଯ୍ୟ ଡିଲେଶ୍ୱରୀ ଖମାରୀ ପରିଚାଳନା କରିଥିବା ବେଳେ ଶେଷରେ ବରିଷ୍ଠ ଶିକ୍ଷକ ପଦ୍ମନାଭ ମହାକୁଲ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

## ସ୍ୱଧାର ଗୃହରେ ସ୍ୱଚ୍ଛ ଭାରତ ଅଭିଯାନ


ସ୍ୱଧାର ଗୃହଠାରେ ସଫେଇ କାର୍ଯ୍ୟକ୍ରମ।

**ସମ୍ବଲପୁର,୨।୧୦(ବି.ଶଙ୍କର):** ବ୍ୟାଙ୍କ ଅଫ୍ ବରୋଦା ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଧନକଉଡାସ୍ଥିତ ସ୍ୱଧାର ଗୃହଠାରେ ସ୍ୱଚ୍ଛ ଭାରତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଞ୍ଚଳିକ ମ୍ୟାନେଜର ସୁରେନ୍ଦ୍ର ଗୋଣ୍ଡ ଓ ଡେପୁଟି ମ୍ୟାନେଜର କେଦାର ନାଥ ବେହେରାଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇ ସ୍ୱଧାର ଗୃହ ପରିସର ସଫେଇ କରିଥିଲେ। ଏହାସହ ସ୍ୱଧାର ଅନ୍ତେବାସୀଙ୍କୁ ସ୍ୱଚ୍ଛତା ବିଷୟରେ ସଚେତନ କରିଥିଲେ। ସ୍ୱଚ୍ଛ ପରିବେଶ ସୁସ୍ଥ ଜୀବନଯାପନ କରିବାରେ ସହାୟତା କରିଥାଏ ବୋଲି ଅଧିକାରୀମାନେ ମତବ୍ୟକ୍ତ କରିଥିଲେ।

# ପ୍ରସନ୍ନଙ୍କ ଅବହେଳିତ ରେଢ଼ାଖୋଲ ମନ୍ତବ୍ୟ ନେଇ ଚର୍ଚ୍ଚା

**ସମ୍ବଲପୁର,୨।୧୦(ଶୁଭାଶିଷ ପାଢ଼ୀ):** ଈଶ୍ୱର ଏ ଅଞ୍ଚଳକୁ ସବୁକିଛି ଦେଇଛନ୍ତି। ଏହାକୁ ଆଗକୁ ନେବା ଆମର ଦାୟିତ୍ୱ ଓ କର୍ତ୍ତବ୍ୟ। ରେଢାଖୋଲକୁ ସମୃଦ୍ଧ କରିବା ଅମର ଦାୟିତ୍ୱ। ହେଲେ ରେଢାଖୋଲ ସହରକୁ ଛାଡି ଗ୍ରାମାଞ୍ଚଳ ଆଜି ମଧ୍ୟ ଅବହେଳିତ ହୋଇରହିଛି। ଈଶ୍ୱର ସବୁ ଦେବା ପରେ ଆମେ ଅବହେଳିତ। ଏଥିପାଇଁ ଈଶ୍ୱରଙ୍କୁ ଦାୟୀ କରିପାରିବା ନାହିଁ। ଆମର ଦୁର୍ବଳତା, ଅସାମର୍ଥ୍ୟତା, ଅଯୋଗ୍ୟତା ଯୋଗୁ ଅବହେଳିତ ହୋଇଛି ବୋଲି ରେଢାଖୋଲ ବିନ୍ଧ୍ୟବାସିନୀ ଅଟୋ ସଂଘ ପକ୍ଷରୁ ସୋମବାର ଆୟୋଜିତ ବାର୍ଷିକ ଉତ୍ସବରେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ରେଢାଖୋଲ ବିଧାୟକ ପ୍ରସନ୍ନ ଅଚାର୍ଯ୍ୟ କହିଛନ୍ତି। ଏହି ବକ୍ତବ୍ୟକୁ ନେଇ ରାଜନୀତି ଉଷ୍ମ ହୋଇଉଠିଛି। ପ୍ରସନ୍ନ ତେରଛା ଭାବେ ରାଜନୈତିକ

### ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଦୃଷ୍ଟିରେ ଐତିହାସିକ ବିକାଶ: ରୋହିତ

ଉଦ୍ଦେଶ୍ୟରେ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବିଜେଡି ଜିଲା ସଭାପତି ରୋହିତ ପୂଜାରୀଙ୍କୁ ଇଙ୍ଗିତ କରି କହିଥିବା ନେଇ ଚର୍ଚ୍ଚା ହେଉଛି। ଏହାସହ ଅବହେଳିତ କହିବା ଅର୍ଥ ରାଜ୍ୟ ସରକାର ରେଢାଖୋଲରେ ବିକାଶ କରି ନ ଥିବା ବୁଝାପଡୁଛି। ପ୍ରସନ୍ନ ଏହି କଥାକୁ ଏଡାଇଯାଇ କହିଛନ୍ତି, ଏହା ରାଜନୈତିକ ସଭା ନ ଥିଲା। ଅଟୋ ଚାଳକ ସଂଘ ଅନୁରୋଧ ରକ୍ଷା କରି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲି। ଲୋକମାନେ ବିଭିନ୍ନ କାର୍ଯ୍ୟକ୍ରମକୁ ନିମନ୍ତ୍ରଣ କରୁଛନ୍ତି। ତେଣୁ ଯିବାକୁ ପଡୁଛି। ବିକାଶଧାରା ଏକ ପ୍ରକ୍ରିୟା। ଏହା ଜାରି ରହିଥାଏ ଓ ଶେଷ ହୁଏ ନାହିଁ ବୋଲି କହିଥିଲେ। ଅନ୍ୟପଟେ ରେଢାଖୋଲ ବିଧାୟକ ପୂଜାରୀ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବଲପୁର ଜିଲାର ସମସ୍ତ ନିର୍ବାଚନ ମଣ୍ଡଳୀକୁ ଗୁରୁତ୍ୱ ଦେଉଛନ୍ତି। ରେଢାଖୋଲ ବିଧାନସଭାର ବିକାଶ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ରହିଛି। ପାନୀୟଜଳ, ରାସ୍ତାଘାଟ, କୃଷି, ବିଦ୍ୟୁତ୍, ଉଠାଜଳସେଚନ ଆଦି କ୍ଷେତ୍ରରେ ବିକାଶ ହେଉଛି। ସ୍ଥାନୀୟ ବିଧାୟକ ଭାବେ ପ୍ରତି ଗ୍ରାମକୁ ଯାଇ ଲୋକଙ୍କ ସହ ମିଶି ବିକାଶ କାମ କରାଯାଉଛି। ଗ୍ରାମାଞ୍ଚଳରେ ହୋଇଥିବା ବିକାଶର ବାସ୍ତବତା ନ ଜାଣି ବକ୍ତବ୍ୟ ଦେବା ସହଜ। ଆଗକୁ ବିକାଶଧାରା ବଜାୟ ରହିବ ବୋଲି ସେ କହିଥିଲେ। ଏବେ ରେଢାଖୋଲ ବିଧାୟକ ପୂଜାରୀ ରହିଥିବା ବେଳେ ୨୦୨୪ ସାଧାରଣ ନିର୍ବାଚନରେ ପ୍ରସନ୍ନ ରେଢାଖୋଲ ବିଧାନସଭାରେ ଲଢିବା ନେଇ ଆଶା କରୁଥିବା ଚର୍ଚ୍ଚା ହେଉଛି । ତେଣୁ ପ୍ରସନ୍ନ ଏଭଳି ମନ୍ତବ୍ୟ ଦେଇଥିବା କୁହାଯାଉଛି।

## ଜିଏମ୍‌ୟୁରେ ସର୍ବଧର୍ମ ପ୍ରାର୍ଥନା ସଭା

**ସମ୍ବଲପୁର,୨।୧୦(ଶୁଭାଶିଷ ପାଢ଼ୀ):** ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ମହାତ୍ମା ଗାନ୍ଧୀଙ୍କ ୧୫୪ତମ ଓ ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ୧୨୯ତମ ଜୟନ୍ତୀ ପାଳିତ ହୋଇଯାଇଛି। ବିଶ୍ୱ ଅହିଂସା ଦିବସ ଉପଲକ୍ଷେ ବିଶ୍ୱବିଦ୍ୟାଳୟରେ ଏକ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। କୁଳପତି ପ୍ରଫେସର ଏନ୍. ନାଗାରାଜୁ ଭୂଖଣ୍ଡର ସ୍ୱରାଜ ସହିତ ବ୍ୟକ୍ତିର ସ୍ୱରାଜ ଆହ୍ୱାନ ଥିଲା ଜାତିର ପିତାଙ୍କ ମୂଳ ଲକ୍ଷ୍ୟ ବୋଲି ମତ ଦେଇଥିଲେ। ସଭାରେ ମୌଲାନା କାସିବ ରାଜା, ଆଞ୍ଜେଲ ଆଦାଇ କଲାମ୍, ଅଧ୍ୟାପକ ଦୀପକ ସାହୁ, ଅଧ୍ୟାପିକା ପ୍ରଣତି ବଢ଼େଇ ଯଥାକ୍ରମେ କୋରାନ୍, ବାଇବେଲ, ଉପନିଷଦ, ଭଗବତ ଗୀତା ଓ ଗୁରୁଗ୍ରନ୍ଥ ସାହିବ ଉଦ୍ଧାର ପୂର୍ବକ ବିଶ୍ଳେଷଣ କରିଥିଲେ। ବିଶ୍ୱବିଦ୍ୟାଳୟର ଉପକୁଳସଚିବ ପ୍ର. ଉମାଚରଣ ପତି, ପ୍ରଫେସର ଶ୍ୟାମା ପ୍ରସାଦ ଆଚାର୍ଯ୍ୟ, ପ୍ରଫେସର ପ୍ରଦୋଷ ଆଚାର୍ଯ୍ୟ, ପୁଷ୍ପା ସାହାଣୀ, ଡ. ପରିକ୍ଷିତ ଭୋଇଙ୍କ ସମେତ ଅନ୍ୟ କର୍ମଚାରୀ ଓ ଛାତ୍ରୀଛାତ୍ର ସଭାରେ ଉପସ୍ଥିତ ଥିଲେ।

# ଏମ୍‌ସିଏଲ୍ ପକ୍ଷରୁ ସ୍ୱଚ୍ଛତା ଅଭିଯାନ

### ୪ ଜିଲାର ୧୪ ସ୍ଥାନରେ ବିବିଧ କାର୍ଯ୍ୟକ୍ରମ

**ସମ୍ବଲପୁର,୨।୧୦(ବି.ଶଙ୍କର)**

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ପକ୍ଷରୁ ସ୍ୱଚ୍ଛତା ଅଭିଯାନରେ ଶ୍ରମଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୂତନ ଭାରତ ନିର୍ମାଣ ପାଇଁ ଏକ ପ୍ରୟାସରେ କମ୍ପାନୀ କର୍ମଚାରୀମାନେ ଓଡ଼ିଶାର ୪ ଜିଲାର ୧୪ ସ୍ଥାନରେ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଭାରତ ସରକାରଙ୍କ କୋଇଲା ମନ୍ତ୍ରଣାଳୟର ନିର୍ଦ୍ଦେଶ ଅନୁଯାୟୀ କମ୍ପାନୀ ଏହି ଅଭିଯାନ ଆୟୋଜନ କରିଥିଲା। ବୁର୍ଲା ଜାଗୃତି ବିହାରସ୍ଥିତ କମ୍ପାନୀର ମୁଖ୍ୟାଳୟରେ ମୁଖ୍ୟ ଭିଜିଲାନ୍ସ ଅଧିକାରୀ ପି.କେ. ପଟେଲ, ନିର୍ଦ୍ଦେଶକ (ବୈଷୟିକ/ଅପରେଶନ) ଯୁଗଳ କିଶୋର ବୋରା, ନିର୍ଦ୍ଦେଶକ (ଅର୍ଥ) ଅଜିତ କୁମାର ବେହୁରା, ବୈଷୟିକ ନିର୍ଦ୍ଦେଶକ ଏ.କେ. ବାପଟଙ୍କ ନେତୃତ୍ୱରେ


ସ୍ୱଚ୍ଛତା ଅଭିଯାନରେ ଅଧିକାରୀ ଓ କର୍ମଚାରୀ।

କର୍ମଚାରୀମାନେ ହୀରାକୁଦ ଡ୍ୟାମ୍ ନିକଟ ପର୍ଯ୍ୟଟନ ସ୍ଥଳରେ ସଫେଇ କରିଥିଲେ। ବୁର୍ଲା ସହର ନିକଟ ଗ୍ରାମଗୁଡିକରେ ସଫେଇ ସହ ପଥପ୍ରାନ୍ତ ନାଟକ ପରିବେଶିତ ହୋଇଥିଲା। ଏହି ନାଟକ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ସେହିପରି ଅନୁଗୋଳ, ସୁନ୍ଦରଗଡ ଓ ଝାରସୁଗୁଡ଼ା ଜିଲାରେ ମଧ୍ୟ ସ୍ୱଚ୍ଛତା ହିଁ ସେବା ଅଭିଯାନରେ ବିବିଧ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା।

## କିସିଣ୍ଡା କଲେଜରେ ଗାନ୍ଧୀ ଜୟନ୍ତୀ

**ନାକଟିଦେଉଳ,୨।୧୦(ବୈକୁଣ୍ଠ ନାଥ ସାହୁ):** ନାକଟିଦେଉଳ ବ୍ଲକ ଅନ୍ତର୍ଗତ କିସିଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋମବାର ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷା ସୁଶ୍ରିତା ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ରଘୁନାଥ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ତ୍ୟାଗପୂତ ଜୀବନ ବିଷୟରେ ଆଲୋଚନା କରିଥିଲେ। ୟୁଥ୍ ରେଡକ୍ରସର ସ୍ୱେଚ୍ଛାସେବୀମାନେ ପଦଯାତ୍ରାରେ ବାହାରି ଗ୍ରାମ ପରିକ୍ରମା ସହିତ ସଫେଇ କରିଥିଲେ। ଇତିହାସ ଅଧ୍ୟାପିକା ଅନିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଳବିଭାଜିକା ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ



କିଣ୍ଡିରାରେ ସଫେଇ ଅଭିଯାନ।

**କୁଚିଣ୍ଡା,୨।୧୦(ବିରଞ୍ଚି ଦର୍ଜ୍ଜା):** ଭାରତ ସରକାରଙ୍କ ଆହ୍ୱାନକ୍ରମେ ରବିବାର କୁଚିଣ୍ଡା ମୃତ୍ତିକା ସଂରକ୍ଷଣ ବିଭାଗ ଅଧୀନ କିଣ୍ଡିରା ଜଳବିଭାଜିକା ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ହରିବନ୍ଧୁ ସେଠ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସାପ୍ତାହିକ ହାଟ ପ୍ରାଙ୍ଗଣରେ ସଫେଇ ଅଭିଯାନ କରାଯାଇଥିଲା। ଜଳବିଭାଜିକା ପ୍ରକଳ୍ପ ଅଭିଯାନର ସଂଯୋଜିକା ରଞ୍ଜିତା ପଟେଲଙ୍କ ପରିଚାଳନାରେ ହୋଇଥିବା କାର୍ଯ୍ୟକ୍ରମରେ ପ୍ରକଳ୍ପ ପରିଚାଳନା ବିଶେଷଜ୍ଞ ମନୋଜ କୁମାର, ସଙ୍ଗୀତା ପିଙ୍ଗ, ରଘୁନନ୍ଦନ ପାଣିଗ୍ରାହୀ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ କିଣ୍ଡିରା ଜଳବିଭାଜିକା କମିଟି ଓ ମହିଳା ଏସ୍‌ଏଚ୍‌ଜି ସଦସ୍ୟାମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସେହିପରି କୁଚିଣ୍ଡା ବ୍ଲକ ଅଧୀନରେ ରିୱାର୍ଡ ଯୋଜନାରେ କାର୍ଯ୍ୟକାରୀ ହେଉଥିବା କିରା ଶାସନ, କୁଟୁରାଚୁଆଁ, ହାଡିପାଲି, ଖଣ୍ଡୋକଟା, ଅର୍ଜ୍ଜୁନ ବାଉରିଗୋଡା, ରୂପଧର ବାଉରିଗୋଡା, ପତ୍ରାପାଲି, କୁର୍ମିମୁଣ୍ଡା, ଗନମୁଣ୍ଡା ଜଳବିଭାଜିକା ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ହୋଇଥିଲା।

## ସନାତନପାଲିରେ ନିଶାମୁକ୍ତି ଅଭିଯାନ



ଅଭିଯାନରେ ସାମିଲ ହୋଇଥିବା ମହିଳାମାନେ।

**ପଡିଆବାହାଲ,୨।୧୦(ରାଧାମୋହନ ଷଡ଼ଙ୍ଗୀ):** ଗାନ୍ଧୀ ଜୟନ୍ତୀ ଅବସରରେ ଯୁଯୁମୁରା ବ୍ଲକ ଘେନୁପାଲି ପଞ୍ଚାୟତ ସନାତନପାଲିଠାରେ ସବୁଜ ସନାତନପାଲି କୃଷକ ଉତ୍ପାଦକ କମ୍ପାନୀ ତରଫରୁ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ନେଇ ନିଶାମୁକ୍ତି ଅଭିଯାନ ଅନୁଷ୍ଠିତ ହୋଇଯାଇଛି। କର୍ମକର୍ତ୍ତାମାନେ ଘରକୁ ଘର ବୁଲି ନିଶାଠାରୁ ଦୂରେଇ ରହିବାକୁ ସଚେତନ କରିଥିଲେ। ରାସାୟନିକ ସାର ଓ କୀଟନାଶକ ପନିପରିବା ଆଦିକୁ ବିଷାକ୍ତ କରୁଥିବାରୁ ଏହା ବଦଳରେ ଜୈବିକ ଖତ ବ୍ୟବହାର କରିବାକୁ କୁହାଯାଇଥିଲା। ଗାଁରେ ସମସ୍ତେ ମାଦକ ଦ୍ରବ୍ୟ ସହିତ ରାସାୟନିକ ସାର ବ୍ୟବହାର ନ କରିବାକୁ ସଚେତନ କରାଯାଇଥିଲା। ପରିଚାଳନା ନିର୍ଦ୍ଦେଶକ ମନବୋଧ ବାରିକ, ନିର୍ଦ୍ଦେଶକ ସର୍ବୋଜିନି ପ୍ରଧାନ, କୁମାରୀ ପ୍ରଧାନଙ୍କ ନେତୃତ୍ୱରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ସାମିଲ ହୋଇଥିଲେ ।

# ଭାଜପା ପକ୍ଷରୁ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ

### ୫ ବିଶେଷ ବ୍ୟକ୍ତି ସମ୍ବର୍ଦ୍ଧିତ

**ସମ୍ବଲପୁର ୨।୧୦ (ଶୁଭାଶିଷ ପାଢ଼ୀ)**

ଭାଜପା ପକ୍ଷରୁ ଜାତିର ପିତା ମହାତ୍ମା ଗାନ୍ଧୀ ଓ ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମହାନଗର ନିଗମ କମିଶନର କଲୋନୀ ଗାନ୍ଧୀ ଶିଶୁ ଉଦ୍ୟାନଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପୂର୍ବତନ ଜିଲା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ରତ୍ନ ସୁନାଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଭାଜପା ନେତା ସୂର୍ଯ୍ୟ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମାଜ ପ୍ରତି ଉତ୍ସର୍ଗୀକୃତ ଅବଦାନ ପାଇଁ ଦଳିତ ବର୍ଗର ୫ ବିଶେଷ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ରାଜଘାଟରେ କାର୍ଯ୍ୟରତ କୋଭିଡ ଯୋଦ୍ଧା ବିକି ଗଣ୍ଡ, ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ କାର୍ଯ୍ୟ କରୁଥିବା ସଫେଇ କର୍ମଚାରୀ ମଥାମଣି ମହାକୁର ଓ ବେଡା ସେନ୍ଦରିୟା, ଦୁଲଦୁଲି ବାଜାକୁ ଜୀବିକା ଭାବରେ ଗ୍ରହଣ କରି ଅନେକ ଯୁବସମାଜଙ୍କୁ ରୋଜଗାର ଦେଇପାରିଥିବା ଜୀବନ ସାଗର ଓ ସମାଜର ସମସ୍ୟା ପାଇଁ ବିଭିନ୍ନ


ଜୟନ୍ତୀ ଉତ୍ସବରେ ଭାଜପା କର୍ମକର୍ତ୍ତା।

ସମୟରେ ଲଢେଇ ଜାରି ରଖିଥିବା ଆନନ୍ଦ ସୁନା। ପୂର୍ବତନ ଭାଜପା ଜିଲା ଉପସଭାପତି ଶ୍ରୀକାନ୍ତ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ସବିତା ନନ୍ଦ, ଡାକ୍ତର ପ୍ରଭାସ ଦେବତା, ପୂର୍ବତନ ଜିଲା ଭାଜପା ସଭାପତି ଗୋବିନ୍ଦ ଅଗ୍ରୱାଲ, ପୂର୍ବତନ ଜିଲା ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ମହମ୍ମଦ ଅନୱର ଅଲ୍ଲୀ, ପୂର୍ବତନ ଜିଲ୍ଲା ପଛୁଆବର୍ଗ ସଭାପତି ସରୋଜ ସାହୁ, ଜିଲା ଭାଜପା ସମ୍ପାଦିକା ରୁନୁ ପ୍ରଧାନ, ପୂର୍ବତନ ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ଦେଓକିରଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଶିଶୁ ବିଦ୍ୟା ମନ୍ଦିରରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ

**ଜମନକିରା,୨।୧୦(ରବୀନ୍ଦ୍ର ପ୍ରସାଦ ଦାନି):** ଜମନକିରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସୋମବାର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ସୁରଳୀ ମିଶ୍ର ସ୍ୱାଗତ ଭାଷଣ ଓ ଗୁରୁମା ସସ୍ମିତା ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ସଭାପତି ସାଲେକରାମ ପ୍ରଧାନ ଓ ଉପସଭାପତି ଦିଲୀପ କୁମାର ବହିଦାର ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ବିଷୟରେ ଆଲୋଚନା କରିଥିଲେ। ଶେଷରେ ଗୁରୁମା ଛବିରାଣୀ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

**ବିଜେଡିର ଜନସମ୍ପର୍କ କାର୍ଯ୍ୟକ୍ରମ**

**ନର୍ଲା,(ସନ୍ତୋଷ ପାତ୍ର):** କଳାହାଣ୍ଡି ଜିଲା ନର୍ଲା ନିର୍ବାଚନ ମଣ୍ଡଳୀରେ ଗାନ୍ଧି ଜୟନ୍ତୀରେ ବିଜେଡିର ଜନସମ୍ପର୍କ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ନର୍ଲା ନିର୍ବାଚନ ମଣ୍ଡଳୀର ବିଜେଡ଼ି ବ୍ଲକ ସଭାପତି ପରେଶ ପ୍ରଧାନଙ୍କ ନେତୃତ୍ୱରେ ଶହ ଶହ କର୍ମୀ ନର୍ଲା ରୋଡ ଦୁର୍ଗା ମଣ୍ଡପଠାରୁ ନର୍ଲା ଚାରି ଛକ ପର୍ଯ୍ୟନ୍ତ ରାଲି କରିଥିଲେ। ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଜନସମ୍ପର୍କ ପଦଯାତ୍ରା କରିଥିଲେ।

## ସଂକ୍ଷେପରେ

### ୨୦ ଫୁଟ ତଳକୁ ଖସିପଡ଼ିଲା ଟ୍ରକ୍, ଚାଳକ ଆହତ



**ଭବାନୀପାଟଣା,୨।୧୦(ଉତ୍ତମ କୁମାର ଦାଶ)** କଳାହାଣ୍ଡି ଜିଲା ଭବାନୀପାଟଣା ରାୟଗଡା ରାସ୍ତା ଫୁରଲିଝରଣ ନିକଟରେ ସୋମବାର ଏକ ଟ୍ରକ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଟାୟାର ଫାଟି ଯିବାରୁ ଟ୍ରକ୍ ଭାରସାମ୍ୟ ହରାଇ ବ୍ରିଜ୍ ୨୦ ଫୁଟ ତଳକୁ ଖସି ପଡିଥିବା ଜଣାପଡିଛି। ଦୁର୍ଘଟଣାରେ ଟ୍ରକ ଚାଳକ ଆହତ ହୋଇ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଖବର ପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ସନ୍ଧ୍ୟା ହୋଇଥିବାରୁ ଦୁର୍ଘଟଣର ଠିକ ତଥ୍ୟ ବିଷୟରେ ଜଣାପଡି ନ ଥିବାବେଳେ ମଙ୍ଗଳବାର ସକାଳେ ଏହା ଜଣାପଡିବ ବୋଲି ପୋଲିସଠାରୁ ସୂଚନା ମିଳିଛି।

### କଳାହାଣ୍ଡି ସଂଘର୍ଷ ସମିତିର ବୈଠକ, ନୂତନ କର୍ମକର୍ତ୍ତା ଚୟନ

**ଭବାନୀପାଟଣା,୨।୧୦(ଉତ୍ତମ କୁମାର ଦାଶ)** କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ଏକ ହୋଟେଲଠାରେ ସୋମବାର କଳାହାଣ୍ଡି ସଂଘର୍ଷ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତିର ବିଭିନ୍ନ ଦିଗ ଓ ଆଗାମୀ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରାଯାଇଥିଲା। ସମିତି ପରିଚାଳନା ପାଇଁ ନୂତନ କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ରେହେମାନ ଅଲ୍ଲୀ ଖାଁ, ଉପସଭାପତି ସଞ୍ଜୀବ ମହାକୁଡ, ମନୋରଞ୍ଜନ ନାୟକ, ଆଲୋକ ମହାପାତ୍ର, ସାଧାରଣ ସମ୍ପାଦକ ସ୍ୱରାଜ ପାଣିଗ୍ରାହୀ, ସମ୍ପାଦକ ଅମୂଲ୍ୟ ପୋଡ, ଖଗେଶ୍ୱର ମାଝି, ନାରାୟଣ ହଂସ, ସହସମ୍ପାଦକ କପୁର ମାଝି, ଖଲିଆ ପୁଟେଲ, ସଙ୍ଗଠକ ସମ୍ପାଦକ ଲିଙ୍ଗରାଜ ଛତ୍ରିଆ, ଭାଗିରଥି ମାଝି, ମାର୍ଡ ନାଏକ, ଶଙ୍କର ନାଏକ, ଉପଦେଷ୍ଟା ଗୋବର୍ଦ୍ଧନ ଦାଶ, ସନ୍ତୋଷ କୁମାର ମୁଣ୍ଡ, ପ୍ରଶାନ୍ତ ନାଏକ, ସୁରେଶ ମାଝି ପ୍ରମୁଖ ଚୟନ ହୋଇଥିଲେ।

### କାନ୍ଥରେ ଚାପିହୋଇ ଶିଶୁକନ୍ୟା ମୃତ

**କୋକସରା,୨।୧୦(ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ)** କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଥାନା ଅଧୀନ କାଉଡୋଲା ପଞ୍ଚାୟତ କୁସୁମଖୁଣ୍ଟି ଗ୍ରାମରେ ପରିତ୍ୟକ୍ତ କ୍ଲବ ଘର କାନ୍ଥରେ ଚାପି ହୋଇ ଜଣେ ଶିଶୁ କନ୍ୟାର ମୃତ୍ୟୁ ଘଟିଛି। କୁସୁମଖୁଣ୍ଟି ଗ୍ରାମର ପୁରୁନ୍ଦର ଧଙ୍ଗଡା ମାଝି ସୋମବାର ସକାଳେ ଚାଷ ଜମିକୁ ଯାଇଥିଲେ। ଝିଅ କାବ୍ୟାରାଣୀ



ଧଙ୍ଗଡା ମାଝି (୩) ଓ ସ୍ତ୍ରୀ ବୈଦେହି ଛତ୍ରିଆ ଘରେ ଥିଲେ। ପୁରୁନ୍ଦର ଗାଁରୁ ବିବାହିତ କରିଥିବାରୁ ନିଜ ଅଜା ଘରକୁ ବେଳେ ବେଳେ ଶିଶୁ କନ୍ୟା ଏକୁଟିଆ ଯିବାଆସିବା କରିଥାନ୍ତି। ସକାଳେ ଏକୁଟିଆ ନିଜ ଅଜା ଘରକୁ ଯିବା ସମୟରେ ବାଟରେ ଥିବା ଏକ ପରିତ୍ୟକ୍ତ କ୍ଲବ ଘର କାନ୍ଥ ଭୁଷଡି ପଡ଼ିବାରୁ ଚାପି ହୋଇ ଗୁରୁତର ହୋଇଥିଲେ। ପରେ ପରିବାର ଲୋକେ ଉଦ୍ଧାର କରି ଏକ ବାଇକ ଯୋଗେ କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଆମପାଣି ଥାନାରେ ଏକ ଅପମୃତ୍ୟୁ (ନଂ.୭/୨୩) ରୁଜୁ ହୋଇଛି। ଶିଶୁ କନ୍ୟାର ମୃତ୍ୟୁ ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

### ବିଜୁ ପଟ୍ଟନାୟକ ସ୍ନାତକ ମହାବିଦ୍ୟାଳୟରେ ଗାନ୍ଧୀ ଜୟନ୍ତୀ

**ବୋଡେନ,୨।୧୦(ଟିକେଶ୍ୱର ନାଗ୍)** ନୂଆପଡା ଜିଲା ଜାତୀୟ ସେବା ସଂସ୍ଥା ବୋଡ଼େନ ବିଜୁ ପଟ୍ଟନାୟକ ସ୍ନାତକ ବିଦ୍ୟାଳୟରେ ମହାତ୍ମା ଗାନ୍ଧୀ ଜୟନ୍ତୀ ପାଳିତ ହୋଇଛି। କାର୍ଯ୍ୟକ୍ରମ ଅଧିକାରୀ ଡ଼ କିଶୋର କୁମାର କର୍ଣ୍ଣଙ୍କ ପୌରହିତରେ ମହାବିଦ୍ୟାଳୟ ସମସ୍ତ କର୍ମଚାରୀଙ୍କ ସମେତ ଜାତୀୟ ସେବା ସଂସ୍ଥା ସ୍ୱେଚ୍ଛାସେବୀମାନେ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମହାତ୍ମା ଗାନ୍ଧୀଙ୍କ ଫୋଟୋ ଚିତ୍ରରେ ମାଲ୍ୟାପଣ କରାଯାଇ ବାପୁଜୀଙ୍କ ଭୂମିକା ସ୍ୱାଧୀନତା ପାଇଁ କିପରି ଗୁରୁତ୍ୱପୂର୍ଣ୍ଣ ଥିଲା ସେ ବିଷୟରେ ଆଲୋଚନା କରାଯାଇଥିଲା। ଯୁକ୍ତ ୩ ଶେଷ ବର୍ଷର ଛାତ୍ରୀଛାତ୍ର ସୁଶ୍ରୀ ଭବାନୀ ପୋଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

# ଗାନ୍ଧୀ, ଶାସ୍ତ୍ରିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ

- ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ ପାଳିତ
- କୃତୀ ଛାତ୍ରୀଛାତ୍ର ପୁରସ୍କୃତ
- ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ



ଭବାନୀପାଟଣାରେ ଅନୁଷ୍ଠିତ ଜିଲାସ୍ତରୀୟ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ।



କର୍ଲାମୁଣ୍ଡାରେ ଯୁବକ ସଂଘ ଗାଁ ସଫେଇ କରୁଛନ୍ତି।

**ଭବାନୀପାଟଣା,୨।୧୦(ଉତ୍ତମ କୁମାର ଦାଶ)** ଭବାନୀପାଟଣା ଗାନ୍ଧୀ ପାର୍କଠାରେ ସୋମବାର ଜିଲାସ୍ତରୀୟ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରି ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର କୁମାର ସିଂଦେଓ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ତ୍ରିଲୋଚନ ପାତ୍ର, ପୌରପରିଷଦ ଅଧକ୍ଷା ସଂଯୁକ୍ତା ବେହେରା ଯୋଗଦେଇ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି, ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟର୍ପଣ କରିଥିଲେ। ଗାନ୍ଧୀ ପ୍ରାର୍କଠାରେ ଆୟୋଜିତ କାର୍ଯ୍ୟକ୍ରମରେ ହିନ୍ଦୁ ଧର୍ମର ହେମନ୍ତ ମୁଣ୍ଡ, ଇସଲାମ ଧର୍ମର ସାୟେଦ ହାଫିଜ କାସିମ, ସଲିମ ମହମ୍ମଦ, ଖ୍ରୀଷ୍ଟିଆନ ଧର୍ମର ଅମୋଶ କୁମାର ନାୟକ, ଶିଖ ଧର୍ମର ହର୍ଜିନ୍ଦର ସିଂ ପ୍ରତିନିଧି ରୂପେ ଯୋଗଦେଇ ପବିତ୍ର ଗ୍ରନ୍ଥରୁ ବାଣୀ ପାଠ କରିଥିଲେ। ଗାନ୍ଧୀ ଜୟନ୍ତୀ ପୂର୍ବରୁ ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ସାର୍ଟିଫିକେଟ ଓ ପୁରସ୍କାର ପ୍ରଦାନ କରିଥିଲେ। ଛାତ୍ରୀମାନେ ଶେଷରେ 'ବୈଷ୍ଣବ ଜନକେ'ଗାନ କରିଥିଲେ। ଗାନ୍ଧୀ ଓ ଶାସ୍ତ୍ରିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ତଥା ଜାତିର ବିକାଶ ପାଇଁ ନିଜକୁ ପ୍ରସ୍ତୁତ କରିବା ଓ ସହଭାଗୀ ହେବାକୁ ଅତିଥିମାନେ ଆହ୍ୱାନ କରିଥିଲେ। ଗାନ୍ଧୀ ପାର୍କ କାର୍ଯ୍ୟକ୍ରମ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା ପରିଚାଳନା କରିଥିଲେ। ମାଲ୍ୟଅର୍ପଣ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ରାହାସ ବିହାରୀ ବେହେରା, ଜଗ ମୋହନ ପଟ୍ଟନାୟକ, ଭବାନୀ ଶଙ୍କର ନିଆଲ, ଶିକ୍ଷକ ରବି କାନୁନଗୋ, ଅମରେଶ ନେଗି, ସଞ୍ଜୟ ମିଶ୍ର, ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତା, ପୌରପରିଷଦ ସଭ୍ୟ/ସଭ୍ୟା ଭାଗ ନେଇଥିଲେ। ସନ୍ଧ୍ୟାରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ଗାନ୍ଧୀ ଦର୍ଶନ ଓ ବିଚାର ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ରାହାସ ବିହାରୀ ବେହେରା, ଆଲୋଚକ ଭାବେ ବରିଷ୍ଠ ଆଇନଜିବୀ ଜଗନ୍ନାଥ ମୁଣ୍ଡ, ବିଶ୍ୱବିଦ୍ୟାଳୟ କୁଳପତି ଡ ସଞ୍ଜୟ ଶତପଥୀ, ପୌରପରିଷଦ ଅଧକ୍ଷ ସଂଯୁକ୍ତା ବେହେରା, କୃଷ୍ଣା ଅବତାର ଦେଓ, ଅଧ୍ୟାପକ କୈଳାଶ ଚନ୍ଦ୍ର ଦାସ, ଜୟଦେବ ସାହୁ ଯୋଗଦେଇଥିଲେ। ବିରଞ୍ଚି ମୁଣ୍ଡ ସଭା ସଂଚାଳନ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା ସାଗତ ଭାଷଣ ସହ ଆଲୋଚନାଚକ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।

**କର୍ଲାମୁଣ୍ଡା,(ପ୍ରଦୀପ କୁମାର ସାହୁ)** କର୍ଲାମୁଣ୍ଡା ବ୍ଲକର ରେଗଡ଼ା ପଞ୍ଚାୟତ ଭୋଇରମୁଣ୍ଡାଠାରେ ରଗଜାନନ ଯୁବକ ସଂଘ ପକ୍ଷରୁ ଗାନ୍ଧୀଙ୍କ ଜୟନ୍ତୀ ଓ ସ୍ୱଚ୍ଛତା ଦିବସ ପାଳନ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସଂଘ ସଭାପତି ଗିରିଧାରୀ ସାହୁ, ସମ୍ମାନିତ ଅତିଥି ଭାବେ ଉପ ସଭାପତି ସୀମାଞ୍ଚଳ ସହୁ, ସମ୍ପାଦକ ଅଶୋକ ସାହୁ, ସହ ସମ୍ପାଦକ ଜଳନ୍ଧର ସାହୁ, ସଫଳ ଚାଷୀ ତରୁଣୀ ସାହୁ, ଲିଙ୍ଗରାଜ ସାହୁ, ମାଧବୀ ସାହୁ, ପୂର୍ଣ୍ଣମୀ ସାହୁଙ୍କ ସମେତ ସମସ୍ତ ସଦସ୍ୟ, ଛାତ୍ରୀଛାତ୍ର ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ବ୍ଲକ ବିଜେଡି ପକ୍ଷରୁ ବ୍ଲକ ସଭାପତି ସୁରେନ୍ଦ୍ର ସାହୁଙ୍କ ନେତୃତ୍ୱରେ କର୍ମୀମାନେ ରିଷିଡା ବାପୁଜି ହାଇସ୍କୁଲଠାରେ ଥିବା ଗାନ୍ଧୀ ଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିରେ ରିଷିଡା ପଞ୍ଚାୟତ ବିଜେଡି ସଭାପତି ନନ୍ଦ କିଶୋର ରଣା, ଜିଲା ଛାତ୍ର ବିଜେଡି ସଭାପତି ଅଜିତ କୁମାର ସାହୁ, ବ୍ଲକ ଛାତ୍ର ବିଜେଡି ସଭାପତି ସଲିମ ଶେଖର ରଣା, ବ୍ଲକ ଯୁବ ବିଜେଡି ଗଣ ମାଧ୍ୟମ ସଂଯୋଜକ ତ୍ରିସଙ୍କ ରଣା, ରଞ୍ଜନ ନାଏକ ପ୍ରମୁଖ ଉପସ୍ଥିତଥିଲେ।

**ଲାଞ୍ଜିଗଡ଼,(ରମେଶ ଚନ୍ଦ୍ର ନାୟକ)** ଲାଞ୍ଜିଗଡସ୍ଥିତ ଡିଏଭି ବେଦାନ୍ତ ଆନ୍ତର୍ଜାତୀୟ ବିଦ୍ୟାଳୟରେ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଓ ଲାଲ ବାହାଦୁର ଶାସ୍ତ୍ରିଙ୍କ ଜୟନ୍ତୀ ଉପଲକ୍ଷେ 'ଶ୍ରମିକ ସଦଭାବନା' ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ସଦାନନ୍ଦ ହୋତାଙ୍କ ତତ୍ୱାବଧାନରେ ମୁଖ୍ୟଅତିଥି ରୂପେ ବେଦାନ୍ତ ଲିମିଟେଡ଼ର ୱିଙ୍ଗସ କମାଣ୍ଡର ରମଣ ଚୌଧୁରୀ ଓ ମମତାଞ୍ଜଳି ହୋତା ଯୋଗଦାନ କରିଥିଲେ। ସେହିପରି ପ୍ରତ୍ୟକ କାର୍ଯ୍ୟ ପ୍ରତି ସମଭାବ ବ୍ୟକ୍ତ କରିବାକୁ ଯାଇ ବିଦ୍ୟାଳୟର ଗ୍ରୁପ-ଡି କର୍ମଚାରୀଙ୍କୁ ସମ୍ମାନ ଦେଇ ନିଜେ ଶିକ୍ଷକ ଶିକ୍ଷୟିତ୍ରୀମାନେ ବିଦ୍ୟାଳୟ ଓ ତା'ର ଆଖପାଖ ପରିବେଶକୁ ସଫାସୁତରା କରିଥିଲେ। ଶେଷରେ ସାଧାରଣ ସଭା ଆୟୋଜନ କରି ସମସ୍ତ ଗ୍ରୁପ-ଡି କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ଓ ସମ୍ମାନିତ କରିବା ସହ ଆନୁଷ୍ଠାନିକ ରୂପେ କୃତଜ୍ଞତା ଜ୍ଞାପନ କରାଯାଇଥିଲା।

ଲାଞ୍ଜିଗଡ଼ଠାରେ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଓ ଲାଲ ବାହାଦୁର ଶାସ୍ତ୍ରିଙ୍କ ଜନ୍ମଦିବସ ପାଳନ ଉପଲକ୍ଷେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସହରର ଜଗନ୍ନାଥ ମନ୍ଦିର, ଏଟିଏମ ଛକ, ଥାନା ଛକ, ମେଡିକାଲ ଛକ, ହନୁମାନ ମନ୍ଦିର ଛକ, ରାଜାପଡା, ପ୍ରଧାନୀ ପଡା, ପାତ୍ର ପଡା ଓ ସହରର ମୁଖ୍ୟ ରାସ୍ତା ସଫେଇ କରିଥିଲେ। କାର୍ଯ୍ୟକ୍ରମରେ କଳାହାଣ୍ଡି ସ୍ୱତନ୍ତ୍ର ଉନ୍ନୟନ ଅଧକ୍ଷ ଶିବାଜୀ ମାଝି, ଲାଞ୍ଜିଗଡ଼ ଆଞ୍ଚଳିକ ବିକାଶ ପରିଷଦ ସଭାପତି ଶ୍ରୀଧର ପେସନିଆ, ହରିହର ସାଂସ୍କୃତିକ ଅନୁଷ୍ଠାନ ସଭାପତି ରାଜେନ୍ଦ୍ର ପ୍ରତାପ ସିଂ ଦେଓ, ଲାଞ୍ଜିଗଡ଼ ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେସନିଆ, ଲାଞ୍ଜିଗଡ ଯୁବକ ସଙ୍ଘ ସମ୍ପାଦକ ଭୁପେନ୍ଦ୍ର ମହାରଥୀ, ବିନୋଦ ଗଉଡ଼, ସୁବାସ ଚନ୍ଦ୍ର ଅଗ୍ରୱାଲ, ଡାକ୍ତର ନରେନ୍ଦ୍ର ଦାସ, ଶ୍ରୀମୁଖ ଅଗସ୍ତି, ମହେଶ୍ୱର ପତି, କାର୍ତ୍ତିକ ଓଡ଼ିଆ, ସୁନୀଲ କୁମାର ସୁବୁଦ୍ଧି, ଅଗ୍ନିଶମ ବିଭାଗ ଭବାନୀଶଙ୍କର ନନ୍ଦ, ନରେନ୍ଦ୍ର ପଟନାୟକ ସମେତ ଅଞ୍ଚଳର ଶତାଧିକ ଯୁବଗୋଷ୍ଠୀ ସାମିଲ ହୋଇଥିଲେ।

**ଖଡ଼ିଆଳ,(ସୁଜିତ୍ କୁମାର ପ୍ରଧାନ)** ନୂଆପଡା ଜିଲା ଖଡ଼ିଆଳ ବିଶ୍ୱକର୍ମା ଟ୍ରଷ୍ଟ କର୍ମକର୍ତ୍ତାଙ୍କ ପକ୍ଷରୁ ଗାନ୍ଧି ଓ ଶାସ୍ତ୍ରୀ ଜୟନ୍ତୀ ପାଳନ ପରେ ଲକ୍ଷ୍ମୀପୁର ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଆସି ସାମନା ପଟରେ ଥିବା ସମସ୍ତ ଅଳିଆ ଆବର୍ଜନା ସଫା କରିଥିଲେ। ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଟ୍ରଷ୍ଟ ବରିଷ୍ଠ ସଦସ୍ୟ ଜନାର୍ଦନ ପାତ୍ର, ସୁରେନ୍ଦ୍ର କୁମାର ଦଣ୍ଡସେନା, ଶ୍ରୀବତ୍ସ ବାରିକ, ପରୀକ୍ଷିତ ବିଶି, ଲୋକନାଥ ପଣ୍ଡା, ବନମାଳୀ ପୂଝାରୀ, ଯୁଗେଶ୍ୱର ବାରିକ, ଉମାକାନ୍ତ ରାଉତଙ୍କ ସମେତ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶୁଶ୍ରୀ ବାରିକ, ସହଶିକ୍ଷୟିତ୍ରୀ ଗୀତାଞ୍ଜଳି ଚଳାନ ପ୍ରମୁଖ ଉପସ୍ଥିତ ଥିଲେ। ଖଡ଼ିଆଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗାନ୍ଧି ଓ ଶାସ୍ତ୍ରିଜୀ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମହିଳା ଡିଗ୍ରୀ କଲେଜର ଅଧକ୍ଷ୍ୟା ଲିଜା ଆଚାର୍ଯ୍ୟ, ତପନ କୁମାର ଦାସ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ସନାତନ ମିଶ୍ର ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଗୁରୁମା ରଞ୍ଜିତା ବେହେରା, ଗୁରୁଜୀ ଟୁନା ରଞ୍ଜନ ହଂସ, ଗୁରୁମା ରୀନା ମେହେର, ପରିଚାଳନା ସମିତି ସଦସ୍ୟ, ଗୁରୁଜୀ ଗୁରୁମା ଏବଂ ଛାତ୍ରୀଛାତ୍ରଙ୍କ ସହଯୋଗ କରିଥିଲେ। ସେହିପରି ନେହେନା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ ପ୍ରଧାନ ଶିକ୍ଷକ ପୁରନ୍ଦର ସୁନାନୀଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ସତ୍ୟନାରାୟଣ ଦଣ୍ଡସେନା, ସମ୍ମାନିତ ଅତିଥି ଭାବେ ବ୍ରହ୍ମାନନ୍ଦ ରାଉତରାୟ, ଧନଞ୍ଜୟ ଦଣ୍ଡସେନା, କରୁଣାକର ପୁଷ୍ଟି ଯୋଗ ଦେଇଥିଲେ।

**କେସିଙ୍ଗା,(ଡୁମେଶ୍ୱର ସାହୁ)** କେସିଙ୍ଗ ବ୍ଲକ କେନ୍ଦୁପଡାସ୍ଥିତ ଦ୍ରୌଣଚାର୍ଯ୍ୟ ସ୍କୁଲ ଅଧକ୍ଷ୍ୟା ଅର୍ଚ୍ଚନା ଅଗ୍ରୱାଲଙ୍କ ନେତୃତ୍ୱରେ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ବ୍ଲକର ୧୨ଟି ଗ୍ରାମରେ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଫେଇ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଥିଲା। ବ୍ଲକର ଉକ୍ଳେଲା, କିକିଆ, ବୋରିଆ, ସହରର ବଗାଡ଼, ଜାତୀୟ ରାଜପଥ ଭଳି ବିଭିନ୍ନ ଜାଗାରେ ସଫେଇ ଅଭିଯାନ ୯ଗ୍ରୁପ ହୋଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ଲୋକଙ୍କୁ ଫ୍ଲାଗକାର୍ଡ ମାଧ୍ୟମରେ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଞ୍ଚଳବାସୀ ଦ୍ରୌନାଚାର୍ଯ୍ୟ ସ୍କୁଲ ଛାତ୍ରୀଛାତ୍ର, ଶିକ୍ଷକ ଶିକ୍ଷୟିତ୍ରୀ, ସମସ୍ତ କର୍ମଚାରୀଙ୍କୁ ପ୍ରସଂଶା କରିଥିଲେ।

## ଲଡୁକରିଆ ମାଝି ପରିବାରର ନୂଆଁଖାଇ ଭେଟ୍‌ଘାଟ୍

**କୋକସରା,୨।୧୦ (ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ)** କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରାରେ ଲଡୁକରିଆ ମାଝି ବଂଶଜଙ୍କ ମଧ୍ୟରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ତୋଫାନ ମାଝିଙ୍କ ସଭାପତିତ୍ୱରେ ନୂଆଁଖାଇ ଭେଟରେ ମୁଖ୍ୟଅତିଥି ଭାବେ କୈଳାଶ ଚନ୍ଦ୍ର ମାଝି, ମୁଖ୍ୟବକ୍ତା ଭାବେ ନୀଳକଣ୍ଠ ମାଝି, ସମ୍ମାନିତ ଅତିଥି ଭାବେ କର୍ମଚାରୀ ସଂଘ ସଭାପତି ଇଂ.ଦ୍ରୁପ କୁମାର ପାତ୍ର, ବନମାଳୀ ମାଝି, ପ୍ରଫୁଲ୍ଲ ଚନ୍ଦ୍ର ମାଝି, ଗରୁଡ଼ ଧଜ ମାଝି, ସୁଧୀର କୁମାର ପାତ୍ର, ପରିବାରର ବୟୋଜ୍ୟେଷ୍ଠ ରଘୁନାଥ ମାଝି, ଟୋଳି ମାଝି, ଯତୀନ୍ଦ୍ର ମାଝି ପ୍ରମୁଖ ମାଝି ପରିବାରର ନୂଆଁଖାଇ ଭେଟଘାଟରେ ଉପସ୍ଥିତ ରହି ପରମ୍ପରା ଓ ସଂସ୍କୃତିର ଏହି ମହାନ ପର୍ବ ଏମିତି ପିଢ଼ି ପିଢ଼ି ଧରି ଉଜ୍ଜୀବିତ ରହୁ ବୋଲି କହିଥିଲେ। ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ କଳାହାଣ୍ଡି, ନବରଙ୍ଗପୁର, ବସ୍ତର ଅଞ୍ଚଳରୁ ୨୫୦୦ କର୍ମକର୍ତ୍ତା ଯୋଗଦେଇଥିଲେ। ଟେମରା ମାଝି ପରିବାର ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବାଲୁକାକଳାରେ ଗାନ୍ଧିଜୀଙ୍କୁ ଶ୍ରଦ୍ଧାଞ୍ଜଳି

**କର୍ଲାମୁଣ୍ଡା,୨।୧୦(ପ୍ରଦୀପ କୁମାର ସାହୁ):** ଦେଶରେ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ସୋମବାର ପାଳିତ ହେଉଛି। ଏହି ଅବସରରେ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତ ଡଙ୍ଗରମୁଣ୍ଡା ଗ୍ରାମର ବାଲୁକା ଶିଳ୍ପୀ ଓମ୍ ପ୍ରକାଶ ସାହୁ ତାଙ୍କ ବାଲୁକା କଳା ମାଧ୍ୟମରେ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।



## କଂଗ୍ରେସ କାର୍ଯ୍ୟାଳୟରେ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ

**କୋକସରା,୨।୧୦(ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ)** କଳାହାଣ୍ଡି ଜିଲା କୋକସରା ବ୍ଲକ କଂଗ୍ରେସ କାର୍ଯ୍ୟାଳୟରେ ଗାନ୍ଧି ଓ ଶାସ୍ତ୍ରୀଜିଙ୍କ ଜୟନ୍ତୀ ପାଳନ କରାଯାଇଛି। ସେପ୍ଟେମ୍ବର ୨୫ରୁ ଅକ୍ଟୋବର ୧୫ ପର୍ଯ୍ୟନ୍ତ ଓଡ଼ିଶାର ସମସ୍ତ ବ୍ଲକରେ ଘରେ ଘରେ କଂଗ୍ରେସ ଘରେ ଘରେ ହାତ କାର୍ଯ୍ୟକ୍ରମ ଅବସରରେ ଗାଁକୁ ଚାଲ ପଦଯାତ୍ରା ପ୍ରସ୍ତୁତି ବୈଠକ କଂଗ୍ରେସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଲିଙ୍ଗରାଜ ବେହେରାଙ୍କ ସଭାପତିରେ ଜିଲା କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ପାଟ୍ଟଯୋଷୀ, ଜିଲା ଉପସଭାପତି ପୁରୁଷୋତ୍ତମ ଗୁପ୍ତା, ସାଧାରଣ ସମ୍ପାଦକ ରାଜେନ୍ଦ୍ର ନାଏକ, ତ୍ରିଭୁବନ ନାଏକ ଜିଲା କାର୍ଯ୍ୟକାରୀ କମିଟି ସଭ୍ୟ ମଣିଭଦ୍ର ପଣ୍ଡା, ନିମାଇଁ ଧଙ୍ଗ, ମହିଳା କଂଗ୍ରେସ ସଭାନେତ୍ରୀ ମାଧୁରୀ ନିଆଲ, ମୋଟେର ଜୋନ ସଭାପତି ଯତୀନ୍ଦ୍ର ଦଳେଇ, କୋକସରା ଜୋନ ସଭାପତି କମଳ ଲୋଚନ ନାଏକ, ବ୍ଲକ ସମ୍ପାଦକ ଅଭିମନ୍ୟୁ ପଟ୍ଟନାୟକଙ୍କ ସମେତ ବ୍ଲକ ଦଳୀୟ କର୍ମକର୍ତ୍ତାମାନେ ଉପସ୍ଥିତ ରହିଥିଲେ।

## ମା' ଲଙ୍କେଶ୍ୱରୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଅତିଥିମାନଙ୍କ ସହ ଉଭୟ ଦଳର ଖେଳାଳି।

**ଜୁନାଗଡ଼,୨।୧୦(ସୁନୀଲ କୁମାର ସିଂହ)** କଳାହାଣ୍ଡି ଜିଲା ଜୁନାଗଡ଼ ହାଇସ୍କୁଲ ଖେଳ ପଡିଆଠାରେ ସୋମବାର ମା' ଲଙ୍କେଶ୍ୱରୀ କପ ଫୁଟବଲ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି। ଲାଲବାହାଦୁର ଶାସ୍ତ୍ରୀ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଟୁର୍ନାମେଣ୍ଟର ଉଦଘାଟନୀରେ ଲାଲବହାଦୁ କ୍ଲବର ସଭାପତି ଭବାନୀ ପଟ୍ଟନାୟକଙ୍କ ଅଧକ୍ଷତାରେ ଜୁନାଗଡ଼ ନଗରପାଳ ମୁକେଶ ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଫୁଟବଲ ଖେଳାଳି ସଚିତାନନ୍ଦ ବରାଡ଼, ଖଗେଶ୍ୱର ଦଣ୍ଡସେନା, ପଞ୍ଚାନନ ଧଙ୍ଗଡାମାଝି, ସତ୍ୟ ଦଣ୍ଡସେନା ପ୍ରମୁଖ ଯୋଗଦେଇଥିଲେ। ଲାଲବହାଦୁର ଶାସ୍ତ୍ରୀ କ୍ଲବ ସମ୍ପାଦକ ରାଜେଶ ପଣ୍ଡା, ସନ୍ତୋଷ ପଟ୍ଟନାୟକ, ଲୋକନାଥ ଧଙ୍ଗଡାମାଝି, ରତନ ଧଙ୍ଗଡାମାଝି ପ୍ରମୁଖ ଖେଳ ପରିଚଳନା କରିଥିଲେ। ଲାଲବହାଦୁର ଶାସ୍ତ୍ରୀ କ୍ଲବ ବନାମ ନବମ ଆଇଆରବି ବାଟାଲିୟନ ମଧ୍ୟରେ ପ୍ରଥମ ମ୍ୟାଚ ହୋଇଥିଲା। ଏଟୁର୍ନାମେଣ୍ଟରେ ଅନେକ ଦଳ ଭାଗ ନେଇଥିବା ବେଳେ ଆସନ୍ତା ୬ ତାରିଖ ଖଣ୍ଡାବସାରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ସହଯୋଗ କଲେ ସାଇବର ଅପରାଧ ମୁକ୍ତ ଜିଲା ହେବ ନୂଆପଡ଼ା

**ସାଇବର ଅପରାଧ ସଚେତନତା ରଥ ଉଦ୍‌ଘାଟିତ**

**ନୂଆପଡ଼ା,୨।୧୦(ମକାରୁ ବେମାଲ)** ନୂଆପଡ଼ା ଜିଲା ପୋଲିସ ଓ ଜିଲା ପ୍ରଶାସନ ପକ୍ଷରୁ ସାଇବର ଅପରାଧ ଉପରେ ସଚେତନତା ରଥ ଶୁଭାରମ୍ଭ ହୋଇଯାଇଛି। ଜିଲା ଆରକ୍ଷୀ ଅଧୀକ୍ଷକ ଜିଆର ରଘବେନ୍ଦ୍ରଙ୍କ ଅଧକ୍ଷତାରେ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ମୁଖ୍ୟଅତିଥି, କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ବଲାଙ୍ଗୀର ଆଞ୍ଚଳିକ ବ୍ୟାଙ୍କ ମ୍ୟାନେଜର ଭଗତ ବେହେରା, ଜିଲାପାଳ ହେମକାନ୍ତ ସାଏ, ୨୧୬ ବାଟାଲିୟନ ସେକେଣ୍ଡ କମାଣ୍ଡାଣ୍ଟ ଆରସି ମିଶ୍ର ପ୍ରମୁଖ ଯୋଗଦେଇ ସାଇବର ଅପରାଧ ରଥ ଶୁଭାରମ୍ଭ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଦର ବ୍ଲକ ଅଧକ୍ଷା ତରେଶ୍ୱରି ସାହୁ, ଖରିଆର ରୋଡ ଏନଏସି ଅଧକ୍ଷା ସୋନିଆ ଜେନ, ଜିଲା ପରିଷଦ ଉପାଧକ୍ଷ ଦୀପିକା ଦୀପ, ଉମା ଠାକୁର ପ୍ରମୁଖ ଉପସ୍ଥିତ ଥିଲେ। ସଚେତନ ରଥ ଆସନ୍ତା ୧୫ ପର୍ଯ୍ୟନ୍ତ ଜିଲାର ପ୍ରତେକ ବ୍ଲକ, ପଞ୍ଚାୟତ, ଥାନା, ଜନଗହଳି ସ୍ଥାନକୁ ଯାଇ ଲୋକଙ୍କୁ ସଚେତନ କରିବ। ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କୁ ନେଇ ସାଇବର ଅପରାଧ ଉପରେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହେବ। ବର୍ତ୍ତମାନ ଇଣ୍ଟରନେଟ ଯୁଗ ଲୋକେ ଅଧିକ ସାଇବର ଠକେଇର ଶିକାର ହେଉଛନ୍ତି। ଯିଏ ଯଦି ଏପ୍ରକାର ଠକେଇର ଶିକାର ହେଉଛନ୍ତି ସାଙ୍ଗେ ସାଙ୍ଗେ ୧୯୩୦କୁ କଲ କରନ୍ତୁ ନ ହେଲେ ନିକଟସ୍ଥ ଥାନାକୁ ଜଣାଇବାକୁ ଅନୁରୋଧ କରିଛନ୍ତି। କାର୍ଯ୍ୟକ୍ରମ ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ସମେତ ଯୁବ ଗୋଷ୍ଠି, ସ୍ୱୟଂ ସହାୟକ ମହିଳା ଗୋଷ୍ଠି, ସାମାଜିକ କର୍ମୀ, ଛାତ୍ରୀଛାତ୍ର, ଜନପ୍ରତିନିଧି ସମସ୍ତେ ସହଯୋଗ କଲେ ନୂଆପଡା ସାଇବର ଅପରାଧ ମୁକ୍ତ ଜିଲା ଭାବେ ଗଢି ତୋଳିବ ବୋଲି ଅତିଥିମାନେ କହିଥିଲେ।




ସାଇବର ଅପରାଧ ଉପରେ ସଚେତନତା ରଥ ଉଦ୍‌ଘାଟିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

## ବୌଦ୍ଧରେ ସ୍ୱତନ୍ତ୍ର ଗ୍ରାମସଭାକୁ ବର୍ଜନ କଲେ ସରପଞ୍ଚ

ବୌଦ୍ଧ, (ଅଜିତ କୁମାର ବାରିକ): ସାରା ରାଜ୍ୟରେ ସରପଞ୍ଚମାନେ ୧୫ ଦଫା ଦାବି ନେଇ ଆନ୍ଦୋଳନ ଚାଲୁରଖିଥିବା ବେଳେ ଏହି ଆନ୍ଦୋଳନରେ ବୌଦ୍ଧ ଜିଲାର ୩ଟି ବ୍ଲକର ସରପଞ୍ଚମାନେ ସାମିଲ ହୋଇ ଆନ୍ଦୋଳନ ଚଳାଇ ରଖିଛନ୍ତି। ସୋମବାର ଜିଲାରେ ହୋଇଥିବା ସ୍ୱତନ୍ତ୍ର ଗ୍ରାମସଭାକୁ ବର୍ଜନ କରିଥିବା ଜଣାପଡିଛି। ରାଜ୍ୟ ସରପଞ୍ଚ ସଂଘ ନିର୍ଦ୍ଦେଶରେ ବୌଦ୍ଧ ଜିଲା ସରପଞ୍ଚ ସଂଘ ସଭାପତି ଅରୁଣ ବାଘଙ୍କ ନେତୃତ୍ୱରେ ଜିଲାର କଣ୍ଟାମାଳ, ବୌଦ୍ଧ ଓ ହରଭଙ୍ଗା ବ୍ଲକର ସମସ୍ତ ପଞ୍ଚାୟତର ଗ୍ରାମସଭାକୁ ବର୍ଜନ କରିଥିଲେ।

## ସଂକ୍ଷେପରେ

### ପୀୟୂଷ ପଣ୍ଡା ଜିଲା ଯୋଜନା କମିଟି ସଭ୍ୟ

ସୋନପୁର,୨।୧୦(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଯୋଜନା କମିଟି ସଭ୍ୟ ଭାବେ ଯୁବ ନେତା ପୀୟୂଷ କୁମାର ପଣ୍ଡା



ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ପଣ୍ଡା ଜିଲାର ୩ଟି ଅର୍ବାନ ଲୋକାଲ ବଡି କାଉନସିଲରଙ୍କ ମଧ୍ୟରୁ ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିଲେ। ସୁବର୍ଣ୍ଣପୁର ପୌର ପରିଷଦର ୮ନମ୍ବର ୱାର୍ଡରୁ କାଉନସିଲର ଥିବା ପଣ୍ଡା ଜିଲା କ୍ରୀଡା ସଂଘର ସମ୍ପାଦକ ଅଛନ୍ତି। ସେ ଜଣେ ଯୁବ ସଙ୍ଗଠକ ଭାବେ ବେଶ ପରିଚିତ। ଜିଲା ଯୋଜନା କମିଟିରେ ମୋଟ ସଦସ୍ୟଙ୍କ ସଂଖ୍ୟା ୧୫ । ପୂର୍ବରୁ ଜିଲା ପରିଷଦ କୋଟାରୁ ୧୧ ଜଣ ସଭ୍ୟ ନିର୍ବାଚିତ ହୋଇଥିଲେ। ଏହି କମିଟିରେ ଜିଲା ପରିଷଦ ଅଧ୍ୟକ୍ଷା ମଧ୍ୟ ଜଣେ ସଭ୍ୟ। ସେହିପରି ଜିଲାପାଳ ମେମ୍ବର ସେକ୍ରେଟେରୀ ଓ ଜଣେ ବିଶେଷଜ୍ଞଙ୍କୁ କମିଟିରେ ସଭ୍ୟ ଭାବେ ନିଆ ଯାଇଥାଏ। ଏହି କମିଟି ଦ୍ୱାରା ଜିଲା ଯୋଜନା ଓ ବିଜୁ କେବିକେ ପ୍ରକଳ୍ପ ଅନୁମୋଦିତ ହୋଇଥାଏ।

### ହୃଦ୍‌ଘାତରେ ଯୁବଚାଷୀ ମୃତ

ଅମରପାଲି,୨।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ପିତାମହୁଲ ଗ୍ରାମର ଯୁବଚାଷୀ ମିଥୁନ ପଣ୍ଡା(୩୨)ଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ରବିବାର



ଅସୁସ୍ଥ ହେବା ପରେ ତାଙ୍କୁ ସମ୍ବଲପୁରର ଏକ ଘରୋଇ ଡାକ୍ତରଖାନା ଓ ପରେ ବରଗଡ଼ର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ସେ ଆଧୁନିକ ପ୍ରଣାଳୀରେ ଧାନ ଓ କପା ଚାଷ କରୁଥିଲେ। ଗତ ମାର୍ଚ୍ଚରେ ତାଙ୍କ ବିବାହ ହୋଇଥିଲା। ଘରେ ତାଙ୍କର ମା' ବାପା ଓ ସ୍ତ୍ରୀ ଅଛନ୍ତି। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶେଷଦର୍ଶନ ପାଇଁ ପିତାମହୁଲ ସମିତି ସଭ୍ୟ ସଇନ୍ଦୁ ସାହୁ, ସମାଜସେବୀ ଦୟାଶୀଳ ଭୋଇ, ଯୁବନେତା ଭୀଷ୍ମ ଦନ୍ତା, ଭାଗିରଥୀ ମାଝି, ଦିବ୍ୟଲୋଚନ ଗଡୁଆ, ସୁଜିତ ସେଠ ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ମହାନଦୀ କୂଳ ଶ୍ମଶାନରେ ଅନ୍ତିମ ସତ୍କାର କରାଯାଇଥିଲା। ତାଙ୍କ ପିତା ମୁଖାଗ୍ନି ଦେଇଥିଲେ।

# ଗାନ୍ଧୀ, ଶାସ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

### ସୁବର୍ଣ୍ଣପୁରରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ

ସୋନପୁର,୨।୧୦(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁରରେ ଜିଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ସଂସ୍କୃତି ଭବନ ପରିସରରେ ସୋମବାର ପାଳିତ ହୋଇଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ଜିଲାପାଳ ବିମଳେନ୍ଦୁ ରାୟ ସଭାପତିତ୍ୱ କରି ଛାତ୍ରୀଛାତ୍ରମାନଙ୍କୁ ମହାତ୍ମା ଗାନ୍ଧୀ ଓ ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ସଭାରେ ସମ୍ମାନିତ ଅତିଥି ଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ଅମରେଶ କୁମାର ପଣ୍ଡା, ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ଓ ଅଞ୍ଜଳିନା ପଧାନ ଯୋଗଦାନ କରି ଛାତ୍ରୀଛାତ୍ରମାନେ ଦେଶକୁ ଭଲ ପାଇବା ସହ ଭବିଷ୍ୟତରେ ଦେଶସେବାରେ ନିୟୋଜିତ ହେବାକୁ କହିଥିଲେ। ବକ୍ତା ଭାବରେ ବିନିକା ସିଦ୍ଧାର୍ଥ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଧୀରେନ୍ଦ୍ର କୁମାର ନାୟକ ଓ ସାହିତ୍ୟିକ ଦୀପକ ରଞ୍ଜନ ମିଶ୍ର ଯୋଗଦେଇ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ଶିକ୍ଷକ ପୁଷ୍ପକ ରାୟ ଓ ପ୍ରତିଦୀପ୍ତ ରାୟ ଗାନ୍ଧୀଜୀଙ୍କ ପ୍ରିୟ ଭଜନ ବୈଷ୍ଣବ ଜନ ତୋ ତେନେ କହିଏ ଓ ରଘୁପତି ରାଘବ ରାଜାରାମ ପରିବେଷଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସର୍ବଧର୍ମ ପ୍ରାର୍ଥନା ସଭାରେ ପଣ୍ଡିତ ଲକ୍ଷ୍ମୀନାରାୟଣ ପୂଜାରୀ ଭାଗବତ ଗୀତା, ଫାଦର ଲାଲମୋହନ ଦିଗାଲ ବାଇବେଲ, ଜନାବ ମହମ୍ମଦ ରଫିକ୍ କୋରାନ ଓ ଧୀମାନ ସୁରେଶ ବାଗ ବୌଦ୍ଧ ଧର୍ମ ଗ୍ରନ୍ଥ ଆବୃତ୍ତି କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଜୟନ୍ତୀ ସଭାରେ ଜିଲା ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀ ଓ ଜିଲା ସଂସ୍କୃତି ଅଧିକାରୀ ଯମୁନା ପଧାନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଏବଂ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ବରିଷ୍ଠ ନାଗରିକ ସଂଘର କର୍ମକର୍ତ୍ତା ଯୋଗଦାନ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ବିଦ୍ୟାପତି ପଣ୍ଡା ସଭାକୁ ସଂଯୋଜନା କରିଥିଲେ। ପ୍ରାତଃ ସମୟରେ ସହରରେ ରାମଧୂନ ପରିବେଷଣ କରିବା ସହିତ ଗାନ୍ଧୀ ପଡିଆ ନିକଟରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରା ଯାଇଥିଲା। ସମସ୍ତ କାର୍ଯ୍ୟକ୍ରମ ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।




ଜୟନ୍ତୀ ପାଳନ ଅବସରରେ ମଞ୍ଚାସୀନ ଜିଲାପାଳ, ଏସ୍‌ପି ଓ ବିଭିନ୍ନ ଧର୍ମର ଧର୍ମଗୁରୁ ।

# ସଚେତନ ହେଲେ ସାଇବର କ୍ରାଇମ ରୋକାଯାଇପାରିବ




ସାଇବର ସଚେତନତା ରଥର ଶୁଭାରମ୍ଭରେ ଉପସ୍ଥିତ ଅତିଥି।

### ବୌଦ୍ଧରେ ଗଡ଼ିଲା ସାଇବର ସୁରକ୍ଷା ଅଭିଯାନ ରଥ

ବୌଦ୍ଧ,୨।୧୦(ଅଜିତ କୁମାର ବାରିକ)

ବୌଦ୍ଧ ଜିଲାରେ ସାଇବର ଅପରାଧକୁ ରୋକାଯିବା ପାଇଁ ସୋମବାର ଠାରୁ ସାଇବର ସୁରକ୍ଷା ଅଭିଯାନ ରଥ ଶୁଭାରମ୍ଭ ହୋଇଛି। ଜିଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦଙ୍କ ଅଧ୍ୟକ୍ଷତାରେ ସହରର ମର୍ଯ୍ୟାଦାକୁଦ ବ୍ରିଜ ଛକଠାରେ ଏକ ସଭା କରି ଏହି ରଥର ଶୁଭାରମ୍ଭ କରାଯାଇଥିଲା। ଏହି ସଭାରେ ଅତିଥି ଭାବେ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ, ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟଭଞ୍ଜନ ମଦନମୋହନ ପାତ୍ର ଯୋଗ ଦେଇଥିଲେ। ଏହି ସଚେତନତା ରଥ ଜିଲାର ବିଭିନ୍ନ ଜନଗହଳି ସ୍ଥାନ, ଶିକ୍ଷାନୁଷ୍ଠାନ, ସମସ୍ତ ବ୍ଲକ ଅଞ୍ଚଳରେ ବୁଲି ସଚେତନତା ସୃଷ୍ଟି କରିବ। ଏହା ସହ ଅନଲାଇନ ଓ ଅଫଲାଇନ ମାଧ୍ୟମରେ ମଧ୍ୟ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସମସ୍ତେ ସଚେତନ ରହିଲେ ସାଇବର କ୍ରାଇମକୁ ରୋକାଯାଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ରଥର ଶୁଭାରମ୍ଭ ସମୟରେ ସହରର ବୁଦ୍ଧିଜୀବୀ, ସାଧାରଣ ଜନତା ଓ ଜିଲା ପୋଲିସର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଛାତ୍ରୀଛାତ୍ରଙ୍କ ପ୍ରତିଭା ବିକାଶର ମାଧ୍ୟମ ସୁରଭି




ସୁରଭି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ କୃତୀ ଛାତ୍ରୀଛାତ୍ରମାନେ।

### କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ଡୁଙ୍ଗୁରିପାଲି, ୨।୧୦ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ଗମ୍ଭାରୀପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଡୁଙ୍ଗୁରିପାଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ କିଷାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁରଭି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏବିଓ ବଟକୃଷ୍ଣ ପାଢ଼ୀ, ଡୁଙ୍ଗୁରିପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କରମଚନ୍ଦ୍ର ବାରିକ, ସ୍ଥାନୀୟ ବିଦ୍ୟାଳୟର ଚେୟାରମ୍ୟାନ ଝିଲିରାଣୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୁରଭି କାର୍ଯ୍ୟକ୍ରମର ସଂଯୋଜକ ସିଆରସିସି ଥବିର ଦୋରା ଅତିଥିମାନଙ୍କ ପରିଚୟ ପ୍ରଦାନ ଓ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ମତ ପ୍ରକାଶ କରିଥିଲେ। ସଭାକୁ ଦିଲୀପ କୁମାର ପଧାନ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବକ୍ତୃତା, କୁଇଜ୍, ପ୍ରବନ୍ଧ ଲିଖନ, ବିତର୍କ, ଚିତ୍ରାଙ୍କନ, ସଙ୍ଗୀତ, ଓଡ଼ିଆ ହସ୍ତାକ୍ଷର, ଲିଖନ ଚିତ୍ରକଳା, ଶିଳ୍ପକଳା ଏବଂ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ତିରୁପତି ମେହେର, ନିରମାଞ୍ଜରୀ ପଣ୍ଡା, ଲୀଳାବତୀ ମେହେର, ଅଶୋକ କୁମାର ସାହୁ, ନିତ୍ୟାନନ୍ଦ ଦୀପ, ନିହାରିକା ଗୁରୁ, ପଦ୍ମିନୀ ସାହୁ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ବିଚାରକ ଭାବେ ଦାୟିତ୍ୱରେ ଥିଲେ। ଦ୍ୱିତୀୟ ପର୍ଯ୍ୟାୟ ଉଦ୍‌ଯାପନୀ ଉତ୍ସବରେ ଛଞ୍ଚାନୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ରନାଥ ଯୁଆଡ଼ି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ଶୁଖା କ୍ଲଷ୍ଟର ସିଆରସିସି ସୁରେଶ କୁମାର ନାଏକ ଯୋଗଦେଇଥିଲେ। କ୍ଲଷ୍ଟର ଅଧିନରେ ଥିବା ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରି ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ଥିଲେ। ବିଭିନ୍ନ ବିଭାଗରୁ ଉତ୍ତୀର୍ଣ୍ଣ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ବଣ୍ଟନ କରିଥିଲେ। କୃତୀତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗ ନେଇପାରିବେ ବୋଲି ଥବିର ଦୋରା ପ୍ରକାଶ କରିଛନ୍ତି। ଶେଷରେ ଶିକ୍ଷକ କେଶବ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

### ଏକ ପଥେ ଆମେ ଅନେକ ପଥିକ କାର୍ଯ୍ୟକ୍ରମ

ଅମରପାଲି,୨।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅନ୍ନପୂର୍ଣ୍ଣା ରେସିଡେନସି ସଭାଗୃହରେ ସଦ୍‌ଭାବନା ସମିତି ତରଫରୁ ଏକ ପଥେ ଆମେ ଅନେକ ପଥିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ବ୍ଲକ ସଦର ସଦ୍‌ଭାବନା କମିଟି ସଭାପତି ଯୁଧିଷ୍ଠିର ଖମାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଜିଲା ଶାଖା ସଂଯୋଜକ ନାରାୟଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ଜାତି ଓ ସମାଜ ଭିତରେ ଥିବା ଭେଦ ଦୂର କରି ଏକ ପଥେ ଆମେ ଅନେକ ପଥିକ ବୋଲି ମତବ୍ୟକ୍ତ କରିଥିଲେ। ଜିଲା ସମିତିର ସଦସ୍ୟ ଜନାର୍ଦ୍ଦନ ନାଏକ ମୁଖ୍ୟବକ୍ତା ଭାବରେ ଯୋଗଦେଇ ବିଭିନ୍ନ ଲୋକଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ। ତିନୋଟି ପର୍ଯ୍ୟାୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦଫାରେ ସଦ୍‌ଭାବନା ବୈଠକର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ ଜନାର୍ଦ୍ଦନ ନାଏକ। ଏହି କାର୍ଯ୍ୟକ୍ରମରେ ବୀରମହାରାଜପୁର ଅଞ୍ଚଳର ବିଭିନ୍ନ ସମାଜର ଶତାଧିକ ବ୍ୟକ୍ତି ଓ ବୁଦ୍ଧିଜୀବୀ ସାମିଲ ହୋଇଥିଲେ। ମହେନ୍ଦ୍ର ମହାଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଞ୍ଜେଇ ସହ ୨ ବାଇକ୍ ଜବତ: ୩ ଗିରଫ



ଗଞ୍ଜେଇ ଚୋରାଚାଲାଣ ଘଟଣାରେ ଗିରଫ ୩ ଅଭିଯୁକ୍ତ ।

### ସୁବଳୟା-କଦଳୀଗଡ଼ ରାସ୍ତାରେ ଚଢ଼ାଉ

ସୁବଳୟା,୨।୧୦(ଜୟାନନ୍ଦ ରଥ)

ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ପୋଲିସ ସୁବଳୟା-କଦଳୀଗଡ ରାସ୍ତାର ଆମ୍ବଝରି ଛକରେ ଚଢାଉ କରି ଗଞ୍ଜେଇ ଚୋରାଚାଲାଣକାରୀଙ୍କୁ ଧରିବାରେ ସକ୍ଷମ ହୋଇଛି। ଏହି ଘଟଣାରେ ବାଇକ୍‌ରେ ଗଞ୍ଜେଇ ଚୋରାଚାଲଣ କରୁଥିବା ବୌଦ୍ଧ ଜିଲା କଣ୍ଟାମାଳ ଥାନା ରୁଣ୍ଡିମହୁଲ ଗ୍ରାମର ଶମ୍ଭୁ ସାହୁ, ନଟବର ମନହରୀ ଓ ବୌଦ୍ଧ ଜିଲା ମନମୁଣ୍ଡା ଥାନା ଝିଙ୍କରପାଲି ଗ୍ରାମର ଅମରେଶ ଖଡୁଆଙ୍କୁ ଗିରଫ କରାଯାଇଛି। ସୋମବାର ୩ ଅଭିଯୁକ୍ତଙ୍କୁ ପୋଲିସ କୋର୍ଟଚାଲାଣ କରିଛି। ବୀରମହାରାଜପୁର ଅତିରିକ୍ତ ତହସିଲଦାର ତଥା ମାଜିଷ୍ଟ୍ରେଟ୍ ସ୍ୱାଗତ କୁମାର ପଣ୍ଡାଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇଥିଲା। ଗଞ୍ଜେଇର ପରିମାଣ ୫ କିଲୋ ୯୦୦ଗ୍ରାମ ବୋଲି ଜଣାପଡିଛି। ପୋଲିସ ଗଞ୍ଜେଇ ସହିତ ବ୍ୟବହୃତ ବାଇକ୍ ନଂ. ଓଡି ୩୧-୯୮୪୦ ଏବଂ ଓଡି ୨୭-୧୬୨୨କୁ ଜବତ କରିଛି। ଥାନାରେ ଏକ ମାମଲା (ନଂ.୧୬୭/୨୩) ରୁଜୁ ହୋଇଛି। ଏହି ଘଟଣାରେ ଅଧିକ ତଦନ୍ତ ଜାରି ରହିଥିବା ସୁବଳୟା ଥାନା ଅଧିକାରୀ ସୁଶାନ୍ତ କୁମାର ପଧାନ ସୂଚନା ଦେଇଛନ୍ତି ।

# ବୌଦ୍ଧ ଆର୍ଟସ ଟେମ୍ପୁଲ ପକ୍ଷରୁ ବେଲ୍ଟ ପ୍ରତିଯୋଗିତା

ବୌଦ୍ଧ,୨।୧୦(ଅଜିତ କୁମାର ବାରିକ)

ବୌଦ୍ଧ ଆର୍ଟସ ଟେମ୍ପୁଲ ପକ୍ଷରୁ ସୋମବାର ରାମଲିଳା ପଡିଆଠାରେ କ୍ୟାରେଟି ବେଲ୍ଟ ଗ୍ରେଡିଙ୍ଗ ଟେଷ୍ଟ ପ୍ରତିଯୋଗିତା ମାଷ୍ଟର ସୁଧିର କୁମାର ବାରିକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତାରେ ମୁଖ୍ୟ ଅତିଥିଭାବେ ଗୁରୁଶ୍ରୀ ଡ. ଜ୍ଞାନରଞ୍ଜନ ମହାନ୍ତି ଯୋଗ ଦେଇଥିଲେ। ସମସ୍ତ କୁନି ପ୍ରତିଯୋଗୀଙ୍କୁ କ୍ୟାରେଟି ସମ୍ପର୍କରେ ସୂଚନା ଦେଇ ଆଗାମୀ ଦିନରେ କିଭଳି ନିଜର ଆତ୍ମରକ୍ଷା କୌଶଳ କରିବା ସହ ଅସୁବିଧାରୁ କିପରି ଶତ୍ରୁଠାରୁ ରକ୍ଷା ପାଇପାରିବ ସେ ନେଇ ବିଭିନ୍ନ କୌଶଳ ଶିଖାଇଥିଲେ। ବେଲ୍ଟ ଗ୍ରେଡିଙ୍ଗ ଟେଷ୍ଟରେ ସୋନପୁରର ଗୁରୁ ସୁଶାନ୍ତ କୁମ୍ଭାର, ସରୋଜ ପୂଜାରୀ, ବରଗଡର ସରୋଜ ନାଏକ, ବଲାଙ୍ଗିରର ଚନ୍ଦ୍ରଶେଖର ବାହୁକ ବିଚାରକ ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ମହାନ୍ତିଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।



ବେଲ୍ଟ ଗ୍ରେଡିଙ୍ଗ ଟେଷ୍ଟ ପ୍ରତିଯୋଗିତାର ପ୍ରତିଯୋଗୀ।

### ବର୍ଷାରେ ଭାଙ୍ଗିଲା ଘର



ବାଉଁଶୁଣୀ, ୨।୧୦(ଦେବାଶୀଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ଥାନା ମୁଣ୍ଡିପଦର ଗ୍ରାମପଞ୍ଚାୟତ ପଲସପାଟ ଗ୍ରାମରେ ସୋମବାର ଅପରାହ୍ନ ୫ଟାରେ ଘରର କାନ୍ଥ ଭୁଶୁଡ଼ି ପଡିବା ଫଳରେ ପରିବାରର ୫ଜଣ ସଦସ୍ୟ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଗତ ୩ ଦିନ ଧରି ସ୍ଥାନୀୟ ଅଞ୍ଚଳରେ ଲଘୁଚାପଜନିତ ବର୍ଷା ଲାଗି ରହିଥିବାବେଳେ ପଲସପାଟ ଗ୍ରାମର ଇନ୍ଦ୍ରମଣି ପ୍ରଧାନଙ୍କ ମାଟିକାନ୍ଥ ଘର ଭୁଶୁଡ଼ି ପଡିଥିଲା। ସୌଭାଗ୍ୟକୁ କାନ୍ଥ ଭୁଶୁଡ଼ି ପଡିବା ସମୟରେ ଘର ମଧ୍ୟରେ ପରିବାରର କୌଣସି ସଦସ୍ୟ ନ ଥିବା ହେତୁ ବର୍ତ୍ତିଯାଇଥିବା ଦେଖିବାକୁ ମିଳିଛି। ଇନ୍ଦ୍ରମଣି ପ୍ରଧାନ ଜଣେ ଗରିବ ବ୍ୟକ୍ତି ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ରାଜସ୍ୱ ନିରୀକ୍ଷକଙ୍କ ନିକଟରେ ଗ୍ରାମବାସୀ ଦାବି କରିଛନ୍ତି।

# ବ୍ଲକ କଂଗ୍ରେସ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ



ବ୍ଲକ କଂଗ୍ରେସ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳନ ମୁହୂର୍ତ୍ତ।

ଡୁଙ୍ଗୁରିପାଲି, ୨।୧୦(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ କଂଗ୍ରେସ ପକ୍ଷରୁ ଡୁଙ୍ଗୁରିପାଲି କୁଦେଇପଡ଼ାଠାରେ ସୋମବାର ଜାତିରଜନକ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳନ କରାଯାଇଛି। ବ୍ଲକ କଂଗ୍ରେସ କମିଟି ସଭାପତି ବୀରେନ୍ଦ୍ର ଯୁଆଡ଼ିଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗାନ୍ଧୀଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦିଆଯାଇ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ସମ୍ପାଦକ ପାଣ୍ଡବ ତ୍ରିପାଠୀ, ଛନକ ସାହୁ, ରାଜୀନ୍ଦ୍ର ସା, ବିଭୂତିଭୂଷଣ ଚୌହାନ, ପଞ୍ଚାନନ ତାଣ୍ଡି, ଜଗତ ପ୍ରସାଦ ଜାଲ, ମୁରଲୀ ବରିହା, ହାଡୁ, ବଳଦେବ, ବଇଦାର, ଯଶୋବନ୍ତ, ଶ୍ରବଣ ପ୍ରମୁଖ ଯୋଗଦେଇଥିଲେ।

# କଣ୍ଟାମାଳରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ

ଘଣ୍ଟାପଡ଼ା, ୨।୧୦(ପ୍ରଭାତ କୁମାର ସାହୁ)

କେନ୍ଦ୍ର ସରକାରଙ୍କ ସମସ୍ତ ପ୍ରତିବନ୍ଧକ ସତ୍ତ୍ୱେ ଓଡିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତାଧୀନ ବିଜୁ ଜନତା ଦଳ ସରକାର ରାଜ୍ୟର ପ୍ରଗତି ଓ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଓ ସରକାରଙ୍କ ଜନକଲ୍ୟାଣ ଯୋଜନାର ସଫଳତା କଥା ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ସୋମବାର ଗାନ୍ଧୀ ଜୟନ୍ତୀଠାରୁ ମାସ ବ୍ୟାପି ହେବାକୁ ଥିବା ଜନସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ କଣ୍ଟାମାଳରୁ ହୋଇଯାଇଛି। ଏହି ଅବସରରେ ବିଜେଡି ଯୁବନେତା ସୁଧାଂଶୁ ରଣା, ବିଜେଡି ମହିଳା ନେତ୍ରୀ ସସ୍ମିତା ସେନାପତି, ବୌଦ୍ଧ ଜିଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, କଣ୍ଟାମାଳ ବ୍ଲକ ଉପାଧ୍ୟକ୍ଷ ମହେନ୍ଦ୍ର ରଣା, କଣ୍ଟାମାଳ ଯୁବ ବିଜେଡି ସଭାପତି ଶମ୍ଭୁ ପ୍ରସାଦ ସାହୁ, ବ୍ଲକ ବିଜେଡି ସଭାପତି ପ୍ରେମରାଜ ରଣା, ବିଜେଡି ଜିଲା ଉପସଭାପତି ସୁଧୀର ମହାକୁଡ଼, ଆଇନଜୀବୀ ରାଧାବଲ୍ଲଭ ପ୍ରଧାନ, ସୁରେଶଚନ୍ଦ୍ର ରଣା, ମୁରଲୀ ସେଠି ସମେତ ବହୁ ସଂଖ୍ୟାରେ ବିଜେଡି କର୍ମୀ କଣ୍ଟାମାଳ ପୂର୍ତ୍ତ ବିଭାଗ ବଙ୍ଗଳାରୁ ବାହାରି ବିଜୁପଟ୍ଟନାୟକ ଛକସ୍ଥିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ଗାନ୍ଧି ଜୟନ୍ତୀ ଅବସରରେ ବିଭିନ୍ନ ସ୍ଲୋଗାନ ସହ ପଦଯାତ୍ରାର ଶୁଭାରମ୍ଭ ହୋଇଥିଲା। ବିଜେଡିର କର୍ମକର୍ତ୍ତା ଯୋଗ ଦେଇଥିଲେ।



ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ ଅବସରରେ ଦଳୀୟ କର୍ମୀ।

# ସମ୍ବର୍ଦ୍ଧିତ ହେଲେ ଲୋକ କଳାକାର

### ଲୋକକଳା ଗ୍ରାମ କର୍ଡ଼ଙ୍ଗରେ ଗାନ୍ଧୀ ଜୟନ୍ତୀ

ସୋନପୁର/ ବିନିକା,୨।୧୦(ମୃତ୍ୟୁଞ୍ଜୟ ଶତପଥୀ/ରାମଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ପ୍ରଶାସନ ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଲୋକକଳା ଗ୍ରାମ କର୍ଡ଼ଙ୍ଗଠାରେ ଗାନ୍ଧୀ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ଲୋକକଳା ଗ୍ରାମରେ ଜିଲାର ବିଭିନ୍ନ ବ୍ଲକର କଳାକାର ସଂଘ ଯୋଗଦାନ କରି ଏକକ ଓ ଦଳଗତ ଦେଶାତ୍ମବୋଧକ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ସ୍ଥାନୀୟ ସଂକୀର୍ତ୍ତନ୍ୟ ଦଳ ରଘୁପତି ରାଘବ ରାଜା ରାମ ଗାନ ପୂର୍ବକ ଗ୍ରାମ ପରିକ୍ରମା କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଯମୁନା ପଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପଧାନ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ବିନିକା ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ରୀତିକା ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ କଳାକାର ନିରାକାର ଦେହୁରୀ ଓ ପ୍ରଦୀପ ବାରିକ ପରିଚାଳନା କରିଥିଲେ। ଲୋକକଳା କାର୍ଯ୍ୟକ୍ରମରେ ପୂର୍ଣ୍ଣମାସୀ ସଂକୀର୍ତ୍ତନ୍ୟ ମଣ୍ଡଳୀ ଓ ଦଧିବାମନ ମହିଳା ସଂକୀର୍ତ୍ତନ୍ୟ ମଣ୍ଡଳୀ କର୍ଡ଼ଙ୍ଗ, ମା'ମାଉଳି ମହିଳା ସଂକୀର୍ତ୍ତନ୍ୟ ମଣ୍ଡଳୀ ସଂସାମୁରା, ମହିଳା ସଂକୀର୍ତ୍ତନ୍ୟ ମଣ୍ଡଳୀ ଗରିଆମୁଣ୍ଡା, ଦିବ୍ୟାଙ୍ଗ ଛାତ୍ରୀ ମନଭାଙ୍ଗି ଭୋଇଙ୍କ ଦ୍ୱାରା ଭଜନ, ଗ୍ରାମର ଲୀଳା ନାଟକର କଳାକାର ବୃନ୍ଦଙ୍କ ଦ୍ୱାରା ମଞ୍ଚକଳା ପରିବେଷଣ, କଳାକାର ତାରକ ଆଡ଼ୁଆଡ଼ି ଓ ସାଥୀଙ୍କ ଦ୍ୱାରା କରମସାନି ଲୋକ ନୃତ୍ୟ ତଥା ଗ୍ରାମର କଳାକାରଙ୍କ ଦ୍ୱାରା ଚିତ୍ତା କର୍ଷକ ବାଡ଼ି ଖେଳ ସହିତ କଳା କୌଶଳ ଦର୍ଶକଙ୍କୁ ବର୍ଷା ସତ୍ତ୍ୱେ ବାନ୍ଧି ରଖିଥିଲା। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସ୍ଥାନୀୟ କଳାକାର, ଗ୍ରାମର ବରିଷ୍ଠ ବ୍ୟକ୍ତି ସହଯୋଗ କରିଥିଲେ। ଉପସ୍ଥିତ ସମସ୍ତ କଳାକାରଙ୍କୁ ପ୍ରମାଣପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।



କର୍ଡ଼ଙ୍ଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଓ କଳାକାର।



## ଆଜି କ'ଣ କେଉଁଠି

ରାଉରକେଲା

- ବିଏମ୍ଏସ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ବିଶ୍ରା ଛକ, ସକାଳ ସାଢେ ୭ଟା ।
- ଇଣ୍ଡକଶନ କାର୍ଯ୍ୟକ୍ରମ, ରାଉରକେଲା ଏନ୍ଆଇଟି, ସକାଳ ୯ଟା।
- ବିଜେପିର ଖବରଦାତା ସମ୍ମିଳନୀ,ସ୍ଥାନ-ସେକ୍ଟର-୩,ସମୟ;- ସକାଳ ୧୦ଟା।
- ଲତା ମଙ୍ଗେଶକରଙ୍କ ଜୟନ୍ତୀ ପାଳନ, ସିଭିକ ସେଣ୍ଟର, ସକାଳ ସାଢେ ୬ଟା ।
- ସିଆଇଟିୟୁ ଓ ସଂଯୁକ୍ତ କିଷାନ ମୋର୍ଚ୍ଚାର ବିକ୍ଷୋଭ, ସେକ୍ଟର-୨ ବିଜୁ ପଟ୍ଟନାୟକ ଛକ, ଅପରାହ୍ନ ୫ଟା।
- ଏସ୍ପିଙ୍କୁ ସ୍ମାରକପତ୍ର ପ୍ରଦାନ, ଉଦିତନଗର, ସକାଳ ୧୦ଟା।

## ସଂକ୍ଷେପରେ

### ଭୁଶୁଡ଼ିଲା ବିଦ୍ୟୁତ୍ ଖୁଣ୍ଟ

ରାଉରକେଲା,୨।୧୦(ସଙ୍ଗୀତା ଜେନା): ଗତ ରବିବାର ପ୍ରବଳ ବର୍ଷା ଓ ପବନ ଯୋଗୁ ରାଉରକେଲା ସେକ୍ଟର-୨ ଖରିଆବାହାଲ ବସ୍ତି ନିକଟରେ ଗୋଟିଏ ବିଦ୍ୟୁତ୍ ଖୁଣ୍ଟ ଭୁଶୁଡ଼ି ପଡ଼ିଥିଲା। ତେବେ ଏଥିରେ କାହାର କୌଣସି କ୍ଷତି ହୋଇନାହିଁ। ସୋମବାର ସକାଳେ ଟାଟା ପାୱାର ପକ୍ଷରୁ ଏହାକୁ ମରାମତି କରାଯାଇଥିବା ଦେଖିବାକୁ ମିଳିଛି।

### ଭାଲୁ ଆକ୍ରମଣରେ ଗୁରୁତର ମହିଳା ବୁର୍ଲା ସ୍ଥାନାନ୍ତର

ରାଉରକେଲା,୨।୧୦(ଦିନେଶ ମିଶ୍ର): ଭାଲୁ ଆକ୍ରମଣରେ ଗୁରୁତର ହୋଇ ଆରଜିଏଚରେ ଚିକିତ୍ସିତ ହେଉଥିବା ଜଣେ ମହିଳାଙ୍କୁ ସୋମବାର ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ମହିଳା ହେଲେ ବଣେଇ ନରେନ୍ଦ୍ର ଅଞ୍ଚଳର ବିନି ଖାଲକୋ(୫୫)। ସୂଚନାଯୋଗ୍ୟ, ବିନି ଗତ ୩୦ ତାରିଖରେ ଘର ପାଖ ଜଙ୍ଗଲକୁ କେନ୍ଦୁପତ୍ର ତୋଳିବାକୁ ଯାଇଥିଲେ । ଜଙ୍ଗଲରେ କେନ୍ଦୁପତ୍ର ତୋଳୁଥିବା ସମୟରେ ବିନିଙ୍କ ପଛପଟୁ ଏକ ଭାଲୁ ଆସି ତାଙ୍କ ବାମଗୋଡ ଜଙ୍ଘକୁ କାମୁଡି ଦେଇଥିଲା। ଫଳରେ ସେ ତଳେ ପଡି ଚିତ୍କାର କରୁଥିବା ସମୟରେ ଜଙ୍ଗଲରେ ଥିବା ଅନ୍ୟ ଲୋକେ ଦୌଡି ଆସି ତାଙ୍କୁ ଉଦ୍ଧାର କରିଥିଲେ। ପରେ ପରିବାର ଲୋକେ ତାଙ୍କୁ ପ୍ରଥମେ ବଣେଇ ସରକାରୀ ଡାକ୍ତରଖାନା ଏବଂ ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଏକ ଆମ୍ବୁଲାନ୍ସ ଯୋଗେ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସା ଲାଗି ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ସୋମବାର ବୁର୍ଲା ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି।

### ଟ୍ରକ୍ ଧକ୍କାରେ ଜଣେ ଆହତ, ୧ ଗିରଫ

ରାଉରକେଲା,୨।୧୦(ସଙ୍ଗୀତା ଜେନା): ସେକ୍ଟର-୨୧ ନୟାବଜାର ଛକରେ ରବିବାର ଟ୍ରକ୍ (ନଂ.ଓଡ଼ି୧୪ଏଏ/୪୮୧୬) ଧକ୍କାରେ ଜଣେ ଆହତ ହୋଇଛନ୍ତି। ଏ ନେଇ ପ୍ଲାଣ୍ଟସାଇଟ୍ ଥାନାରେ ଅଭିଯୋଗ ହେବା ପରେ ପୋଲିସ ସୋମବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ପଶ୍ଚିମବଙ୍ଗ ବିରଭୂମ ଜିଲାର ଟ୍ରକ୍ ଚାଳକ ରାମପ୍ରସାଦ ଫୌଜଦାର(୪୯)। ଏ ନେଇ ପୋଲିସ ଏକ ମାମଲା (ନଂ.୩୪୩/୨୩) ରୁଜୁ କରିଛି।

# ଗାନ୍ଧୀ, ଶାସ୍ତ୍ରୀଙ୍କ ଅବଦାନ ଅତୁଳନୀୟ

ରାଉରକେଲା,୨।୧୦(ଦିନେଶ ମିଶ୍ର)



ପାନପୋଷ ଛକ ସ୍ଥିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମନ୍ତ୍ରୀ ମାଲ୍ୟାର୍ପଣ କରୁଛନ୍ତି।

ରାଉରକେଲା ମହାନଗର ନିଗମ ଓ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୋମବାର ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ବିଶାଳ ଶୋଭାଯାତ୍ରା କରାଯାଇଥିଲା। ଗତ ସେପ୍ଟେମ୍ବର ୧୭ ତାରିଖରୁ ଆରମ୍ଭ ହୋଇଥିବା ଇଣ୍ଡିଆନ ସ୍ୱଚ୍ଛତା ଲିଗ୍ର ଶେଷ ଦିବସରେ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଅଧୀନରେ ରାଉରକେଲା ବୁଲ୍ ଟିମ୍ ପକ୍ଷରୁ ସହରକୁ ବର୍ଜ୍ୟମୁକ୍ତ କରିବା ପାଇଁ ଆଇଟିଆଇ ଫ୍ଲାଏ ଓଭର ଛକରୁ ସଚେତନତା ଶୋଭାଯାତ୍ରା ବାହାରିଥିଲା। ଏଥିରେ ସଫେଇ କର୍ମୀ, ଛାତ୍ରୀଛାତ୍ର, ଏସଏଚଜି ମହିଳା, ଆରଏମସି କର୍ମଚାରୀ, ସାମାଜିକ ଅନୁଷ୍ଠାନ ତଥା ଜନସାଧାରଣ ସାମିଲ ହୋଇଥିଲେ। ଏହାସହ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆମ୍ବେଦକର ଛକରୁ ଏକ ଶାନ୍ତି ଶୋଭାଯାତ୍ରା ବାହାରିଥିଲା। ଏହାକୁ ରାଉରକେଲା ଅତିରିକ୍ତ ଜିଲାପାଳ ତଥା ମହାନଗର ନିଗମ ଆୟୁକ୍ତ ଡା. ଶୁଭଙ୍କର ମହାପାତ୍ର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଉଭୟ ଶୋଭାଯାତ୍ରା ପାନପୋଷ ଛକରେ ପହଞ୍ଚିବା ପରେ ସେଠାରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଏଡିଏମ୍ ମହାପାତ୍ର ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଡେପୁଟି କମିଶନର ସୁଧାଂଶୁ ଭୋଇ, ସୀତାଦେବୀ ମାଝୀ, ରୋନିତ କୁମାର, ସୁକାନ୍ତ କୁମାର ବେହୁରିଆ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିପରି ସ୍ୱଚ୍ଛତାକୁ ନେଇ ଛାତ୍ରୀଛାତ୍ରମାନେ

## ରାଉରକେଲାର ବିଭିନ୍ନ ସ୍ଥାନରେ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ

ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହାସହ ଭାରତକୁ ନିଶାମୁକ୍ତ କରିବା ପାଇଁ ଏକ ସଚେତନଧର୍ମୀ ନାଟକ ପରିବେଷଣ କରାଯାଇଥିଲା।

ସେହିପରି ରାଉରକେଲା ବିଜେଡି ପକ୍ଷରୁ ପାନପୋଷ ଛକସ୍ଥିତ ଗାନ୍ଧୀଜିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କୋଏଲନଗର କଲ୍ୟାଣ ମଣ୍ଡପରେ ଜୀବନବିନ୍ଦୁ, ଓଡିଶା ମୋ ପରିବାର ଓ ଜୀବାତ୍ମା ସେବା ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର କରି ୨୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ରାଉରକେଲା ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ଅନ୍ତର୍ଜାତୀୟ ଅହିସାଂ ଦିବସ ପାଳିତ ହୋଇଛି। ଏଥିରେ ଇତିହାସ ଗବେଷକ ପ୍ରଫେସର ଡ. ପ୍ରଭାତ ମଲ୍ଲିକ ଅତିଥି ଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର ବିଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଇତିହାସ ବିଭାଗର ମୁଖ୍ୟ ଡ. ବାସନ୍ତୀ କୁଜୁର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମହାତ୍ମାଗାନ୍ଧୀ ଶାନ୍ତି ଓ ଅହିସାଂର ପ୍ରତୀକ ଥିଲେ। ଦେଶ ସ୍ୱାଧୀନ ସମୟରେ ମହାତ୍ମାଗାନ୍ଧୀ ଅବଦାନ ଅତୁଳନୀୟ ବୋଲି ମତପ୍ରକାଶ ପାଇଥିଲା। ଏହି ଅବସରରେ କଲେଜ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଗାନ୍ଧୀଜିଙ୍କ ଧର୍ମନିରପେକ୍ଷତା ସମ୍ପର୍କରେ ଏକ କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା। ଅଧ୍ୟାପକ ସମୀର ସୌରଭ ପୃଷ୍ଟିଙ୍କ ନେତୃତ୍ୱରେ ଶପଥପାଠ ହୋଇଥିଲା। ଅଧ୍ୟାପିକା ରଞ୍ଜିତା ଓରାମ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବାବେଳେ ଅଧ୍ୟାପକ ସମୀର କଂସାରୀ ଧନ୍ୟବାଦ ଅର୍ପଣ କରିଥିଲେ।

ଆର୍ଆର୍ଆର୍ସି ପକ୍ଷରୁ ରାଉରକେଲା ରେଲୱେ ଷ୍ଟେଶନ ପରିସରକୁ ସଫା କରାଯାଇଥିଲା। ଏଥିରେ ରାଉରକେଲା ଏଡିଏମ୍ ଡ. ଶୁଭଙ୍କର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜନସାଧାରଣଙ୍କୁ ଶପଥପାଠ କରାଇଥିଲେ। ଅଧ୍ୟକ୍ଷ ରାମଚନ୍ଦ୍ର ବେହେରାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ ରୟାଲ ଓ କୁଇନର ଅଜୟ ଅଗ୍ରୱାଲ, ସୁଧୀର ଲାଥ, ରାକେଶ ଅଗ୍ରୱାଲ ପ୍ରମୁଖ ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇଥିଲେ। ଛେଣ୍ଡସ୍ଥିତ ଗୋପବନ୍ଧୁ ପାଠାଗାର ସତ୍ୟବାଦୀ ପ୍ରକୋଷ୍ଠ ପରିସରରେ ମହାତ୍ମାଗାନ୍ଧୀ ଓ ଲାଲ ବାହାଦୂର ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଛି। ଇଞ୍ଜିନିୟର ଅଭୟ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗାନ୍ଧୀଙ୍କ ଆଦର୍ଶ ଜୀବନ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟ ଯବାନ, ଜୟ କିଷାନ ସ୍ଲୋଗାନ ମହତ୍ୱ ଉପରେ ମତପ୍ରକାଶ କରିଥିଲେ। ସଭାରେ ଡକ୍ଟର ପ୍ରଭାତ କୁମାର ମଲ୍ଲିକ ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ଥିଲେ। ସଭାପତି ଇଂ. ନବଘନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସେହିପରି ମହାତ୍ମାଗାନ୍ଧୀ ଜୟନ୍ତୀ କମିଟି ପକ୍ଷରୁ ସଭାପତି ପ୍ରସନ୍ନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଛି। ଏଥିରେ କମିଟିର ସାଧାରଣ ସମ୍ପାଦିକା ସବିତା ଖାତୁନଙ୍କ ସହ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ। ସେହିପରି ସେକ୍ଟର-୧୮ ସ୍ଥିତ ଗାନ୍ଧିଜୀଙ୍କ ପାର୍କରେ ଥିବା ଗାନ୍ଧୀ ପ୍ରତିମୂର୍ତ୍ତିରେ ଭାଜପା ନେତୃବୃନ୍ଦ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ଭାଜପାର ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ଧୀରେନ ସେନାପତି, ଜଗବନ୍ଧୁ ବେହେରା, ଗଙ୍ଗାଧର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ରାଉରକେଲା ଭାଜପା ପକ୍ଷରୁ ପାନପୋଷ ସ୍ଥିତ ଗାନ୍ଧୀ ପ୍ରତିମୂର୍ତ୍ତିରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରାୟ ଗାନ୍ଧିଜୀଙ୍କୁ ମାଲ୍ୟାର୍ପଣ କରିଥିଲେ। ବାସନ୍ତୀ କଲୋନୀ ସ୍ଥିତ ଡିଏଭି ପବ୍ଲିକ ସ୍କୁଲ ପରିସରରେ ପ୍ରଧାନ ଶିକ୍ଷକ ଲୋକନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ଦୁଇଜଣ ମହାପୁରୁଷଙ୍କ ଜୀବନୀ ଓ ଦେଶ ପ୍ରତି ବଳିଦାନ ଉପରେ ବକ୍ତାମାନେ ମତପ୍ରକାଶ କରିଥିଲେ। ବରିଷ୍ଠ ଶିକ୍ଷକ ପୁଲିଙ୍ଗ ରାଉତ ରାମଧୁନ ଗାନ କରିଥିବାବେଳେ ଶିକ୍ଷୟିତ୍ରୀ ସ୍ମିତା ସୁଚରିତା କବିତା ଆବୃତ୍ତି କରିଥିଲେ।

## ଉତ୍କଳ ସ୍ନେହୀ ମହିଳା ସମିତିର ବୟସ୍କ ଦିବସ ପାଳିତ

ରାଉରକେଲା,୨।୧୦(ଦିନେଶ ମିଶ୍ର)

ରାଉରକେଲାର ଉତ୍କଳ ସ୍ନେହୀ ମହିଳା ସମିତି ଆନୁକୂଲ୍ୟରେ ଆନ୍ତର୍ଜାତିକ ବୟସ୍କ ଦିବସ ସେକ୍ଟର-୧୯ ସ୍ଥିତ ସରୋବର ପରିସରରେ ସୋମବାର ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ପଙ୍କଜ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୟସ୍କ ବ୍ୟକ୍ତିମାନେ କିଭଳି ସୁସ୍ଥ ରହିବେ ଓ ସେମାନଙ୍କ ଜୀବନର ଅନ୍ତିମ ସମୟ ପର୍ଯ୍ୟନ୍ତ ମାନସିକ ସ୍ୱାସ୍ଥ୍ୟ କିପରି ଭଲ ରହିବ ସେ ନେଇ ଅବଗତ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ପ୍ରଫେସର ସୋମନାଥ ମିଶ୍ରଙ୍କ ସହଧର୍ମିଣୀ ସୁଷମା ମିଶ୍ର ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିବାବେଳେ ପ୍ରୀତି ସାହୁ ଭଜନ ପରିବେଷଣ କରିଥିଲେ। ଡାକ୍ତର ସଞ୍ଜୁ ସାହୁ ଆକ୍ୟୁପ୍ରେସର ଚିକିତ୍ସା ଉପରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପିକା କସ୍ତୁରୀ ନାୟକଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ସବିତା ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ନମିତା ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିଲେ। ବୟସ୍କଙ୍କ ଉପରେ ବିଜୟଲକ୍ଷ୍ମୀ ପଟ୍ଟନାୟକ ଏକ ପ୍ରବନ୍ଧ ପାଠ କରିଥିଲେ। ପରେ ମଞ୍ଜୁବାଳା ମହାପାତ୍ର, ଅନିମା ବିଶ୍ୱାଳ, ସୁପ୍ରଭା ସାହୁ, ପ୍ରୀତି ସାହୁ ପ୍ରମୁଖ କୀର୍ତ୍ତନ ପରିବେଷଣ କରିଥିଲେ। ମହିଳା ସମିତିର ନନ୍ଦିତା ପାତ୍ର, ନିବେଦିତା ସାହୁ, ନଳିନୀ ନନ୍ଦ ସୁପ୍ରିୟା ମହାନ୍ତି, ଇନ୍ଦିରା ମହାନ୍ତି, ସାବିତ୍ରୀ ଦାସ, ଗୀତା ସେନାପତି, ରଶ୍ମିତା ସାହୁ, ସିପ୍ରା ସାମନ୍ତରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନରେ ସହଯୋଗ କରିଥିଲେ। ଶେଷରେ ବିଜୟଲକ୍ଷ୍ମୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସର୍ବଧର୍ମ ସମନ୍ୱୟ ବାର୍ତ୍ତା ଦେଲା ଗାନ୍ଧୀ ଜୟନ୍ତୀ



ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ନୃତ୍ୟ ନାଟିକା ପରିବେଷଣ କରାଯାଉଛି ।

ରାଉରକେଲା,୨।୧୦(ବିପ୍ଳବ ରଞ୍ଜନ ଦାଶ)

ମାହାତ୍ମା ଗାନ୍ଧୀଙ୍କ ୧୫୪ତମ ଜୟନ୍ତୀ ସମାରୋହ ସୋମବାର ସିଭିକ ସେଣ୍ଟରଠାରେ ଜିଲା ପ୍ରଶାସନ ଓ ଆରଏସପି ପକ୍ଷରୁ ପାଳିତ ହୋଇଯାଇଛି। ଏଥିରେ ରାଉରକେଲାର ବହୁ ବରିଷ୍ଠ ବ୍ୟକ୍ତି ଯୋଗଦେଇ ଗାନ୍ଧିଜୀଙ୍କ ପଟ୍ଟଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରି ଗାନ୍ଧିଜୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଆର୍ଏସ୍ପି ଓ ବୋକାରେ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ, କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର୍. ସୂର୍ଯ୍ୟବଂଶୀ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ବି. କେ ହୋତା, କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା ତଥା ଆରଏସପିର ବହୁ ଅନ୍ୟ ବରିଷ୍ଠ ଅଧିକାରୀ, ଓଡିଶା ସରକାରଙ୍କ ବହୁ ବରିଷ୍ଠ ପଦାଧିକାରୀ ଓ ବହୁସଂଖ୍ୟକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। କଣ୍ଠଶିଳ୍ପୀ ଆଶାଲତା ଷଡଙ୍ଗୀ ଏବଂ ସିଂହାରୀ କଳା ନିକେତନର କଳାକାର ମାହାତ୍ମା ଗାନ୍ଧୀଙ୍କ ପ୍ରିୟ ଭଜନ ବୈଷ୍ଣବ ଜନ ତୋ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ କେନ୍ଦ୍ରବିନ୍ଦୁ ଥିଲା ସର୍ବଧର୍ମ ସମନ୍ୱୟ ଆଧାରିତ ଗୁରୁ ସିଂହ ସଭାର ସଦସ୍ୟ ମାନଙ୍କ ଦ୍ୱାରା ଗୁରୁ ଗ୍ରନ୍ଥ, ସେକ୍ରେଡ ହାର୍ଟ କାଥେଡ୍ରାଲ ଚର୍ଚ୍ଚ ହମିରପୁର ସଦସ୍ୟଙ୍କ ଦ୍ୱାରା ବାଇବେଲ, ଇସ୍ପାତ ଅମନ ସେକ୍ଟର-୧୫ର ସଦସ୍ୟଙ୍କ ଦ୍ୱାରା କୋରାନ ଏବଂ ଚିନ୍ମୟ ବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କ ଦ୍ୱାରା ଭାଗବତ ଗୀତାରୁ କିଛି ପଂକ୍ତିର ଆବୃତ୍ତି ଓ ବାପୁଙ୍କ ଅତି ପ୍ରୀୟ ରାମଧୁନ ଗୀତ ସଙ୍ଗୀତ। ଗୁରୁ ନରେନ୍ଦ୍ର ନାୟକଙ୍କ ନେତୃତ୍ୱରେ ଗାନ୍ଧାର କୋମଲ ଏକାଡେମୀର କଳାକାରମାନେ ବଂଶୀ ବାଦନ ଏବଂ ଗାନ୍ଧିଜୀଙ୍କ ଜୀବନ ଆଦର୍ଶ ଉପରେ ସାଗର ରିଦମ୍ସ ପକ୍ଷରୁ ଏକ ନୃତ୍ୟନାଟିକା ପରିବେଷଣ କରାଯାଇଥିଲା। ଲୋକ ସମ୍ପର୍କ ବିଭାଗର ସହକାରୀ ପ୍ରବନ୍ଧକ ଶଶାଙ୍କ ଶେଖର ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମାରୋହ ପ୍ରାରମ୍ଭରେ ଡିଆଇସି ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଇସ୍ପାତ ସେଣ୍ଟ୍ରାଲ ମାର୍କେଟ ନିକଟ ମହାତ୍ମା ଗାନ୍ଧୀ ଉଦ୍ୟାନରେ ସ୍ଥାପିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଇରମ ଶହୀଦଙ୍କ ସ୍ମୃତି ଦିବସ ପାଳିତ

ରାଉରକେଲା,୨।୧୦(ବିପ୍ଳବ ରନ ଦାଶ)

ରାଉରକେଲା ସାମାଜିକ ଅନୁଷ୍ଠାନ ଧାମରା ସଂଘ ପକ୍ଷରୁ ରବିବାର ସଭାପତି ପ୍ରଶାନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ଇରମ ଶହୀଦଙ୍କ ସ୍ମୃତିରେ ଲୁଣିଆ ଓ ଉତ୍ତମ ଶହୀଦ ଦିବସ ପାଳିତ ହୋଇଯାଇଛି। ଏଥିରେ ରାଉରକେଲା ଏଡିଏମ୍ ଡ. ଶୁଭଙ୍କର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ୧୯୪୨ ସେପ୍ଟେମ୍ବର ୨୮ରେ ଭଦ୍ରକ ଜିଲା ବାସୁଦେବପୁରରୁ ୧୬କିମି ଦୂର ଇରମରେ ସଂଘଟିତ ଘଟଣାର ସ୍ମୃତିଚାରଣ କରିଥିଲେ। ଜାମସେଦପୁର ଶ୍ରମିକ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସତ୍ୟପ୍ରିୟ ମହାଲିକ ମୁଖ୍ୟବକ୍ତା ଭାବେ ଯୋଗ ଦେଇ କହିଥିଲେ, ଭଦ୍ରକର ଶହୀଦମାନଙ୍କ ବିଷୟରେ ସ୍ୱତନ୍ତ୍ର ଭାବେ ଜୀବନୀ ପୁସ୍ତିକା ସରକାରଙ୍କ ତରଫରୁ ପ୍ରକାଶ ପାଇବା କଥା। ଓଡିଆମାନଙ୍କ ସରଳତା ପାଇଁ କଳିଙ୍ଗ ସାଗର ଆଜି ବଙ୍ଗୋପସାଗରରେ ରୂପାନ୍ତରିତ ହୋଇଯାଇଛି। ଆମ ସଂସ୍କୃତି, ପରମ୍ପରା ଓ ସମ୍ପର୍କ ଅବକ୍ଷୟ ହୋଇଚାଲିଛି ବୋଲି ମହାଲିକ ପ୍ରକାଶ କରିଥିଲେ। ସାଧାରଣ ସମ୍ପାଦକ ଭଗବାନ ରାଉତ ଇରମକୁ ବୀରଭୂମି ଓ ଭଦ୍ରକକୁ ତ୍ୟାଗଭୂମି ବୋଲି ଅଭିହିତ କରିବା ସହ ଧାମରା ସଂଘ ଦୀର୍ଘ ୩୪ ବର୍ଷ ଧରି ସର୍ବଦା ନିଜର ସଂସ୍କୃତି, ପରମ୍ପରା ସୁରକ୍ଷାକୁ ନେଇ ସର୍ବଦା ଯତ୍ନଶୀଳ ବୋଲି ସେ କହିଥିଲେ। ପରେ ଶହୀଦଙ୍କ ଉଦ୍ଦେଶ୍ୟରେ ରାଉରକେଲାର ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ପକ୍ଷରୁ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ସହସାଧାରଣ ସମ୍ପାଦକ ଅକ୍ଷୟ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ସାଂସ୍କୃତିକ ସମ୍ପାଦକ ସୁଶାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଉପସଭାପତି ଉପେନ୍ଦ୍ର ନାୟକ, ରତ୍ନାକର ବଳ, ନିତ୍ୟାନନ୍ଦ ବିଶ୍ୱାଳ, ଶ୍ରୀବସ୍ତ କୁଅଁର, ରମାକାନ୍ତ ପରିଡା, ବାଳକୃଷ୍ଣ ସ୍ୱାଇଁ, ଅମୂଲ୍ୟ ସେଠୀ, ଜ୍ଞାନରଞ୍ଜନ କର, କୁଳମଣି ଓଝା ପ୍ରମୁଖ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ଗଡ଼ିଲା ସାଇବର ସୁରକ୍ଷା ସଚେତନତା ରଥ

ରାଉରକେଲା,୨।୧୦(ବିପ୍ଳବ ରଞ୍ଜନ ଦାଶ)



ଆରକ୍ଷୀ ଅଧୀକ୍ଷକ ପତାକା ଦେଖାଇ ରଥର ଶୁଭାରମ୍ଭ କରୁଛନ୍ତି।

ରାଉରକେଲା ଏସ୍ପି ମିତ୍ରଭାନୁ ମହାପାତ୍ର ସୋମବାର ସକାଳ ୯ାରେ ପତାକା ଦେଖାଇ ସାଇବର ସୁରକ୍ଷା ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ଏହି ରଥ ଏସ୍ପି ଅଫିସ ସମ୍ମୁଖରୁ ବାହାରି ସହରର ପ୍ରତ୍ୟେକ ଅଞ୍ଚଳକୁ ଯାଇ ସହରବାସୀଙ୍କୁ ସାଇବର ଅପରାଧ ସମ୍ପର୍କରେ ସଚେତନ କରାଇବ। ଆସନ୍ତା ୧୫ତାରିଖ ଯାଏ ଏହି ରଥ ଚାଲିବ। ରାଉରକେଲା ପୋଲିସ ଜିଲା ଅଧୀନ ବିଭିନ୍ନ ଥାନା ଓ ବ୍ଲକ ଅଞ୍ଚଳରେ ଲୋକଙ୍କୁ ସଚେତନ କରାଇବ ବୋଲି ମହାପାତ୍ର କହିଛନ୍ତି। ସାଇବର ସୁରକ୍ଷା ରଥ ଉଦିତନଗର ଥାନା ଅଧୀନ କୁମ୍ଭାର ପଡା, ବାସନ୍ତୀ କଲୋନୀ, ସାରନା ଛକ, ପାୱାର ହାଉସ ରୋଡ, ଉଦିତ ନଗର ଆମ୍ବେଦକର ଛକ, ହନୁମାନ ବାଟିକା ଛକ ପ୍ରମୁଖ ଅଞ୍ଚଳ ପରିଭ୍ରମଣ କରି ଲୋକମାନଙ୍କ ମଧ୍ୟରେ ସାଇବର ସୁରକ୍ଷା ଉପରେ ସଚେତନତା ବାର୍ତ୍ତା ବାଣ୍ଟିଛି। ଆଜିର କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନିଳ କୁମାର ପ୍ରଧାନ, ପାନପୋଷ ଏସ୍ଡିପିଓ ଉପାସନା ପାଢୀ, ଡିଏସ୍ପି ଭୀମସେନ ନାୟକ, ହାବିଲଦାର ମେଜର ପ୍ରମୋଦ କୁମାର ସେଠୀ. ଏସ୍ଆଇ ସୁଜିତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କମୁଛି ଭୋଟର ସଂଖ୍ୟା, ତ୍ରୁଟିଶୂନ୍ୟ ତାଲିକାକୁ ଗୁରୁତ୍ୱ

ରାଉରକେଲା,୨।୧୦(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା-୧୨, ରଘୁନାଥପାଲ୍ଲୀ-୧୧ ଏବଂ ବୀରମିତ୍ରପୁର-୧୦ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଜିଲା ପ୍ରଶାସନ ପକ୍ଷରୁ ନିର୍ଭୁଲ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ କରାଯାଇଛି। ଏହାମଧ୍ୟରେ ରାଉରକେଲା ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୯୭ଜଣ ବିଏଲଓ ଏବଂ ୧୯ ଜଣ ସୁପରଭାଇଜର ୧୯୩ଟି ବୁଥ ଅଧୀନ ପ୍ରତି ଘରକୁ ଘର ଯାଇ ଭୋଟର ତାଲିକା ପ୍ରସ୍ତୁତ କରିଛନ୍ତି। ଏହି ତାଲିକା ଅନୁସାରେ, ରାଉରକେଲା ବିଧାନସଭା କ୍ଷେତ୍ରରେ ମୋଟ୍ ୧ଲକ୍ଷ ୮୪ହଜାର ୩୦୮ଜଣ ଭୋଟର ରହିଛନ୍ତି। ସେଥିମଧ୍ୟରେ ପୁରୁଷ ଭୋଟରଙ୍କ ସଂଖ୍ୟା ୯୩ ହଜାର ୯୦୨ ଓ ମହିଳା ଭୋଟରଙ୍କ ସଂଖ୍ୟା ୯୦ ହଜାର ୪୦୬ ରହିଛି। ସେହିପରି ରଘୁନାଥପାଲି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୯୩ଜଣ ବିଏଲଓ ଓ ୧୭ଜଣ ସୁପରଭାଇଜର ୧୯୭ଟି ବୁଥ ଅଧୀନ ପ୍ରତି ଘରକୁ ଯାଇ ତାଲିକା ପ୍ରସ୍ତୁତ କରିଛନ୍ତି। ଉକ୍ତ ନିର୍ବାଚନ ମଣ୍ଡଳୀରେ ୧ଲକ୍ଷ ୩୭ ହଜାର ଭୋଟର ରହିଥିବା ବେଳେ ପୁରୁଷ ଭୋଟରଙ୍କ ସଂଖ୍ୟା ୬୮ହଜାର ୯୧୧ ଓ ମହିଳା ଭୋଟରଙ୍କ ସଂଖ୍ୟା ୬୮ହଜାର ୪୧୨ ରହିଛି। ସେହିପରି ବୀରମିତ୍ରପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ୩୦୧ଟି ବୁଥ ଅଧୀନରେ ସର୍ବମୋଟ ୨ଲକ୍ଷ ୩୫ହଜାର ଭୋଟର ଥିବା ବେଳେ ପୁରୁଷ ଭୋଟରଙ୍କ ସଂଖ୍ୟା ୧ଲକ୍ଷ ୧୬ହଜାର ୫୩ ଓ ମହିଳା ଭୋଟରଙ୍କ ସଂଖ୍ୟା ୧ଲକ୍ଷ ୧୯ହଜାର ୩୭୯ ରହିଛି। ନୂତନ ଭୋଟର ତାଲିକା ଅନୁସାରେ ଉକ୍ତ ୩ ନିର୍ବାଚନ ମଣ୍ଡଳୀରେ ପୂର୍ବାପେକ୍ଷା ମତଦାତା ସଂଖ୍ୟା ବହୁମାତ୍ରାରେ ହ୍ରାସ ପାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ପୂର୍ବରୁ ଭୋଟର ସଂଶୋଧନ କାର୍ଯ୍ୟକ୍ରମରେ ଅନେକ ମୃତ, ନିର୍ବାଚନ ମଣ୍ଡଳୀରେ ଦୀର୍ଘବର୍ଷ ଧରି ବସବାସ କରୁ ନ ଥିବା ଓ ବିବାହିତ ମହିଳା ଭୋଟରଙ୍କ ନାଁ ତାଲିକାରୁ ନ କଟିବା ଏହାର ମୁଖ୍ୟକାରଣ। ତେବେ ଚଳିତ ଭୋଟର ତାଲିକା ସଂଶୋଧନରେ ଯେଭଳି କୌଣସି ତ୍ରୁଟି ନ ହୁଏ ସେଥିପ୍ରତି ଯତ୍ନବାନ ସହକାରେ ବିଏଲଓ ଆପ୍ ମାଧ୍ୟମରେ ମୃତ ଭୋଟର, ରହୁ ନ ଥିବା ଭୋଟର ଓ ବିବାହ ହୋଇ ଅନ୍ୟତ୍ର ଥିବା ଭୋଟରଙ୍କ ନାଁ କଟାଯାଉଛି। ଫଳରେ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ ହେବା ସହ ନିର୍ବାଚନ ସମୟରେ ଠିକ୍ ଭାବେ ମତଦାନ ପ୍ରତିଶତ ଆକଳନ କରାଯାଇପାରିବ ବୋଲି ସହକାରୀ ଜିଲାପାଳ ଗୋପବନ୍ଧୁ ନାଇକ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ୬ଲକ୍ଷ ପ୍ରତିଶ୍ରୁତି ପରେ ଉଠିଲା ବୃଦ୍ଧଙ୍କ ମୃତଦେହ

**ଟେନ୍ସା,୨।୧୦(ସମୀର କୁମାର ପାଢ଼ୀ):** ସୁନ୍ଦରଗଡ଼ ଜିଲା କୋଇଡ଼ା ଫରେଷ୍ଟ ରେଞ୍ଜରେ ରବିବାର ଦନ୍ତା ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। କ୍ଷତିପୂରଣ ଦାବିରେ ଗ୍ରାମବାସୀ ମୃତଦେହ ଉଠାଇବାକୁ ଦେଇ ନ ଥିଲେ। ଘଟଣା ସ୍ଥଳରେ ଉତ୍ତେଜନା ଲାଗି ଥିବାରୁ କୋଇଡା ପୋଲିସ ପହଞ୍ଚି ଲୋକଙ୍କୁ ବୁଝା ସୁଜା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଜଙ୍ଗଲ ବିଭାଗ ପକ୍ଷରୁ ୬ ଲକ୍ଷ ଟଙ୍କା ମିଳିବା ନେଇ ପ୍ରତିଶ୍ରୁତି ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଡାକ୍ତରଖାନାକୁ ପଠାଇଥିଲା। ସୂଚନାଯୋଗ୍ୟ, କୋଇଡା ରେଞ୍ଜର ତେନ୍ତୁଳିଢ଼ି ଗ୍ରାମ ଅନ୍ତର୍ଗତ କାଟାସାହି ଗ୍ରାମରେ ରବିବାର ଏକ ଦନ୍ତା ପଶି ଆସିଥିଲା। ଗ୍ରାମରେ ବୁଲାବୁଲି କରୁଥିବା ବୁଲାଙ୍କୁ ଶୁଣ୍ଢରେ ଉଠାଇ ଦଳି ଚକଟି ଦେଇଥିଲା। ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ କୋଇଡା ରେଞ୍ଜ ଅଧିକାରୀ ଗୌତମ ପ୍ରଧାନ କର୍ମଚାରୀଙ୍କ ସହ ଘଟଣା ସ୍ଥଳରେ ପହଞ୍ଚି ହାତୀକୁ ଘୋଉଡାଇ ଥିଲେ ।

### ଗୋଷ୍ଠୀ ଶୌଚାଳୟରେ ତାଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି



**ବିଶ୍ରା,୨।୧୦( ବଟକୃଷ୍ଣ ସ୍ୱାଇଁ):** ବିଶ୍ରା ସାପ୍ତାହିକ ବଜାରରେ ଚାଷୀଙ୍କ ସୁବିଧା ପାଇଁ ବ୍ଲକ ତରଫରୁ ୫ ଲକ୍ଷ ଟଙ୍କା ବ୍ୟୟରେ ଶୌଚାଳୟ ନିର୍ମାଣ ହେଲା। ଗୋଟିଏ ମହିଳା ଓ ପୁରୁଷ ଶୌଚାଳୟ ରହିଲା। ହେଲେ ଆଜିକୁ ୩ ବର୍ଷ ଧରି ଉକ୍ତ ଶୌଚାଳୟରେ ତାଲାପଡ଼ିଛି। ଫଳରେ ସାପ୍ତାହିକ ବଜାରକୁ ଆସିଥିବା ଚାଷୀ ଓ ଅନ୍ୟମାନେ ଅସୁବିଧା ଭୋଗୁଛନ୍ତି। ବିଶେଷ କରି ମହିଳାମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଶୌଚାଳୟ ନ ଖୋଲିବାରୁ ପାଇଖାନା ଭିତରେ ପାଇପ ଲାଇନ୍ ଫାଟି ପାଣି ବାହାରି ରାସ୍ତାରେ ଜମା ହେଉଛି। ଏ ବିଷୟରେ ସ୍ଥାନୀୟ ସରପଞ୍ଚ ସୁରୋଜ ନାୟକଙ୍କୁ ପଚାରିବାରୁ, ମତେ ପରିଚାଳନା ପାଇଁ ଦାୟିତ୍ୱ ଦିଆଯାଇନାହିଁ ବୋଲି କହିଥିଲେ। ତେବେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

### ଭାଜପାର ସେବା ସପ୍ତାହ, ରକ୍ତଦାନ ଶିବିର



**ସୁନ୍ଦରଗଡ,୨।୧୦(ଜୟ ନାରାୟଣ ମେଣ୍ଡୁଲି):** ଭାଜପା ସୁନ୍ଦରଗଡ଼ ସାଂଗଠନିକ ଜିଲା ନିର୍ବାଚନ ମଣ୍ଡଳୀ ପକ୍ଷରୁ ମୁଖ୍ୟ ଡାକ୍ତରଖାନାର ରକ୍ତ ଭଣ୍ଡାର ଠାରେ ଏକ ରକ୍ତଦାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ମୁଖ୍ୟ ଅତିଥିଭାବେ ବିଧାୟିକା ତଥା ରାଜ୍ୟ ଉପସଭାନେତ୍ରୀ କୁସୁମ ଟେଟେ ଉଦ୍‌ଘାଟନ କରିଥିଲେ। ସମସ୍ତ ରକ୍ତଦାତାଙ୍କୁ ମୁଖ୍ୟ ଅତିଥି ବିଧାୟିକା ଟେଟେ ଉତ୍ସାହିତ କରିବା ସହିତ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସାଧାରଣ ସମ୍ପାଦକ ସୁଖଲାଲ ମୁଣ୍ଡା, ଯଶୋବନ୍ତ ନାଏକ, ରାଜ୍ୟ ପରିଷଦ ସଭ୍ୟା ଅଞ୍ଜନା ପଟେଲ, ଏସସି ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଜା କାକ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ସୁଜିତ ନାଏକ, ମନୋଜ ପୁରୋହିତ, କାଉନସିଲର ରମେଶ ସୋରେଙ୍ଗ, ଜିଲା ମହିଳା ଉପସଭାନେତ୍ରୀ କାନନାଲା ବେହେରା, ମଝାପଡ଼ା ମଣ୍ଡଳ କାର୍ଯ୍ୟକାରୀ ସଭାପତି ରାଜକୁମାର କିଷାନ, ସୁନୀଲ ପଟେଲ, ସଞ୍ଜୀବ ପଟେଲ, ହରିପ୍ରିୟା ପଟେଲ, ନିବେଦିତା ପଟେଲ, ତପନ ପଟେଲ, ମୋହନ ଗିରି ଦେଓଙ୍କ ସମେତ ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳୀର କାର୍ଯ୍ୟକର୍ତ୍ତା ଓ ସ୍ୱେଚ୍ଛାକୃତ ରକ୍ତଦାତା ପ୍ରମୁଖ ଯୋଗଦେଇଥିଲେ।



ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ତେଲିଘନାସ୍ଥିତ ଆମ୍ବବଗିଚା ଠାରେ ସ୍ୱେଚ୍ଛାସେବୀ ସଙ୍ଗଠନ ଆଙ୍ଗନା ପକ୍ଷରୁ ମହିଳାମାନେ ଆଦିବାସୀ ନୃତ୍ୟ ପରିବେଷଣ କରୁଛନ୍ତି।

# ଆଦିବାସୀ ସଂସ୍କୃତି, ପରମ୍ପରା, ଜ୍ଞାନ ପ୍ରସାରଣ କାର୍ଯ୍ୟକ୍ରମ

**କୁତ୍ରା,୨।୧୦(ଦେବାଶିଷ ସାହୁ)**

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ତେଲିଘନାସ୍ଥିତ ଆମ୍ବବଗିଚା ଠାରେ ସ୍ୱେଚ୍ଛାସେବୀ ସଙ୍ଗଠନ ଆଙ୍ଗନା ପକ୍ଷରୁ ଆଦିବାସୀ ସଂସ୍କୃତି, ପରମ୍ପରା ଓ ଜ୍ଞାନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ମହାରାଜମାନେ ଉପସ୍ଥିତ ରହି ଆଦିବାସୀଙ୍କ ସଂସ୍କୃତି, ପରମ୍ପରା ବିଷୟରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଆଜିକାଲିର ଯୁବପିଢିଙ୍କୁ ତାଙ୍କ ସଂସ୍କୃତି ପରମ୍ପରା ବିଷୟରେ ଜ୍ଞାନ ପ୍ରଦାନ କରିବା ଏବଂ ଭବିଷ୍ୟତରେ ଏହାକୁ ବଜାୟ ରଖିବା ପାଇଁ ପରାମର୍ଶ ପ୍ରଦାନ କରାଯାଇଥିଲା। ପରେ ଆଦିବାସୀ ପରମ୍ପରା ନୃତ୍ୟ, ସଙ୍ଗୀତ, ପତ୍ର ଖଲି ଓ ଦନା ତିଆରି କରିବା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହା ସହିତ ଛୋଟଛୋଟ ପିଲାଙ୍କ ମଧ୍ୟରେ ଚିତ୍ରାଙ୍କନ ତଥା ଅନ୍ୟାନ୍ୟ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ନୃତ୍ୟ ଦଳ ଯୋଗଦେଇଥିଲେ। ଆଙ୍ଗନା ସମ୍ପାଦକ ମିନାକୁମାରି ଏକ୍କା ସ୍ୱାଗତ ଅଭିଭାଷଣ ଦେଇଥିଲେ। କୋଡ଼ିନେଟର କାଶ୍ମୀର ଟପ୍ପୋ, ଦୀପକ ମିଞ୍ଜ ଓ ଆଙ୍ଗନାର ଅନ୍ୟାନ୍ୟ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଜେଡିର ଗାନ୍ଧୀ ଜୟନ୍ତୀ, ଜନସମ୍ପର୍କ ପଦଯାତ୍ରା

**ସମ୍ବଲପୁର,୨।୧୦(ବି.ଶଙ୍କର)**

ସମ୍ବଲପୁର ମହାନଗର ନିଗମ (ଏସ୍ଏମ୍ସି) ବିଜେଡି ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳନ ସହ ସମ୍ବଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଜନ ସମ୍ପର୍କ ପଦଯାତ୍ରା ଶୁଭାରମ୍ଭ ହୋଇଛି। ଭତରାସ୍ଥିତ ଗାନ୍ଧୀ ମନ୍ଦିରରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଏସ୍ଏମ୍ସି ବିଜେଡି ସଭାପତି ସତୀଶ ବିଶିଙ୍କ ନେତୃତ୍ୱରେ ମହାନଗର ନିଗମ ୱାର୍ଡ ନଂ.୩୭ରେ ଜନସମ୍ପର୍କ ପଦଯାତ୍ରା ବାହାରି ପଡା ପରିକ୍ରମା କରିଥିଲା। ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଇଂ. ସିଦ୍ଧାର୍ଥ ଦାସ, ଜିଲା ଉପସଭାପତି ଦେବାଶିଷ ନନ୍ଦ, ବସନ୍ତ ମିଶ୍ର, ବିଜୁ ଯୁବ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ହୀରାଲାଲ ବେହେରା, ଜିଲା ସାଧାରଣ ସମ୍ପାଦକ ପ୍ରଦୋଷ ମହାନ୍ତି, ପ୍ରଦୀପ କୁମାର ରାଉତରାୟ, ସୁରେନ୍ଦ୍ର ବିଶ୍ୱାଳ, ଭୋଲା ମହନ୍ତମ, ଦିଲୀପ ଦାସ, ଜିଲା ମହିଳା ସଭାନେତ୍ରୀ ବନ୍ଦିତାରାଣୀ ମିଶ୍ର, କବିତା ପୁରୋହିତ, ଉଷା ପ୍ରଧାନ, ମହାନଗର ସଭାନେତ୍ରୀ ଡାକ୍ତର ସଂଯୁକ୍ତା ମେହେର, ରାଜ୍ୟ ସମ୍ପାଦିକା କଳ୍ପନା ମିଶ୍ର, ଜିଲା ସମ୍ପାଦିକା ସୁରେଖା ସାହୁ ପ୍ରମୁଖ ସାମିଲ ଥିଲେ। ଏଥିସହ ହାୱା ମଇଦାନ ସ୍ଥିତ ଗାନ୍ଧିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରିବା ଲକ୍ଷ୍ୟ ନେଇ ଜନ ସମ୍ପର୍କ ପଦଯାତ୍ରା କରାଯାଉଛି ବୋଲି ପୂର୍ବତନ ବିଧାୟିକା ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦିକା ଡା. ରାସେଶ୍ୱରୀ ପାଣିଗ୍ରାହୀ ସୂଚିତ କରିଛନ୍ତି।



ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

# ଶିକ୍ଷା ସଚେତନତା ରଥ ଉଦ୍‌ଘାଟିତ



ଶିକ୍ଷା ସଚେତନତା ରଥ ଉଦ୍‌ଘାଟନ କରାଯାଉଛି।

**ଜମନକିରା,୨।୧୦:(ରବୀନ୍ଦ୍ର ପ୍ରସାଦ ଦାନି)**

ଜମନକିରା ଗୋଷ୍ଠୀ ଶିକ୍ଷା ବିଭାଗ ପକ୍ଷରୁ ସୋମବାର ଶିକ୍ଷା ସଚେତନତା ରଥର ଶୁଭ ଉଦ୍‌ଘାଟନ କରାଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁକ୍ମଣ କୁମାର ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଦେବକୀ ନାଏକ, ବିଡ଼ିଓ ପ୍ରସନ୍ନ କୁମାର ପଟେଲ, ଜିଲା ପରିଷଦ ଜୋନ ୧ ସଭ୍ୟା ସୁଜାତା ଖୁଣ୍ଟିଆ ପ୍ରମୁଖ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ୭ଦିନ ଧରି ବ୍ଲକ ଅଞ୍ଚଳରେ ପରିଭ୍ରମଣ କରି ଅଧା ପାଠ ଛାଡୁଥିବା ପିଲାଙ୍କୁ ପୁନର୍ବାର ପାଠ ପଢ଼ିବା ପାଇଁ ସଚେତନ କରିବ ବୋଲି ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ଜମନକିରା ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଆନନ୍ଦ ଚନ୍ଦ୍ର ସାହୁ, କଦଳିମୁଣ୍ଡା ସାଧନ କେନ୍ଦ୍ର ସଂଯୋଜକ ଯକ୍ତା ପ୍ରଧାନ, ସହକାରୀ ଶିକ୍ଷୟିତ୍ରୀ ମିନତି ମଲ୍ଲିକ, ପ୍ରାଥମିକ ସ୍କୁଲ ସଂଘ ସଭାପତି ଭୁବନେଶ୍ୱର ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ।

# ଟ୍ୟାଙ୍କର ଚାପାରେ ଜଣେ ମୃତ, ରାସ୍ତା ଅବରୋଧ



ଜାତୀୟ ରାଜପଥ ଅବରୋଧ କରାଯାଇଛି ।

**ସମ୍ବଲପୁର,୨।୧୦(ଶୁଭାଶିଷ ପାଢ଼ୀ):**

ସମ୍ବଲପୁର କ୍ଷେତରାଜପୁର ଥାନା ୫୫ନଂ. ଜାତୀୟ ରାଜପଥର ଲକ୍ଷ୍ମୀଡୁଙ୍ଗୁରୀଠାରେ ଟ୍ୟାଙ୍କର ଚାପାରେ ଧନୁ କଠାର (୪୫)ଙ୍କ ମୃତ୍ୟୁ ଘଟିଥିବା ବେଳେ ଫୁଲ ସିଂ ସିଧାର (୩୫) ଓ ବବୁଲୁ ଥପ୍ପା (୨୯) ଗୁରୁତର ହୋଇଛନ୍ତି। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ରେମେଡ ଛକରେ ରାଜପଥ ଅବରୋଧ କରିଥିଲେ। ଅଞ୍ଚଳବାସୀଙ୍କ ବୁଝାଇବାରେ ପୋଲିସ ବିଫଳ ହେବାରୁ ପ୍ରାୟ ୪ ଘଣ୍ଟା ଧରି ଯାତାୟାତ ଠପ ହୋଇପଡିଥିଲା। ମୃତକ ପରିବାର ବର୍ଗଙ୍କୁ ସରକାରୀ ଚାକିରି ଓ କ୍ଷତିପୂରଣ ଦେବାକୁ ଦାବି କରି ରାସ୍ତରୋକୋ କରିଥିଲେ। ଏଥିଯୋଗୁ ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଯାନବାହନ ଅଟକି ରହିଥିଲା। ଏପରିକି ବୁର୍ଲା ଭିମ୍ସାରକୁ ଯାଉଥିବା ଆମ୍ବୁଲାନ୍ସ ମଧ୍ୟ ଅଟକି ଯାଇଥିଲା। ଶେଷରେ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତା ଅବରୋଧ ହଟିଥିଲା। ଏ ସମ୍ପର୍କରେ କ୍ଷେତରାଜପୁର ଥାନା ଅଧିକାରିଣୀ ପ୍ରିୟଙ୍କା ରାଉତରାୟ କହିଛନ୍ତି, ଦୁର୍ଘଟଣା ଘଟାଇଥିବା ଟ୍ୟାଙ୍କର ଜବତ କରାଯାଇଛି । ଏନେଇ ୨୫୧/୨୩ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି ବୋଲି କହିଥିଲେ।

# ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ
## ଚାରପାଲି ଚାମ୍ପିୟନ

**ବଡ଼ଗାଁ, ୨।୧୦( ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ସ୍ଥିତ ଗିରିପଡାରେ ଗତ ୩୦ରୁ ଆରମ୍ଭ ହୋଇଥିବା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି। ୧୬ଟି ଟିମ୍ ଅଂଶଗ୍ରହଣ କରିଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଚାରପାଲି ଓ ବ୍ଲକପଡା ମଧ୍ୟରେ ହୋଇଥିଲା। ୫-୩ ଗୋଲ୍‌ରେ ଚାରପାଲି ଟିମ୍ ବ୍ଲକପଡାକୁ ହରାଇ ଚାମ୍ପିୟନ ହୋଇଛି। ଚାରପାଲି ଟିମ୍‌ର ବବଲୁ ବେଷ୍ଟ ଡିଫେଣ୍ଡର, ସୁରଜ ବେଷ୍ଟ ଗୋଲକିପର ଓ ବ୍ଲକପଡା ଟିମ୍‌ର ରଞ୍ଜିତ ମଇଲଙ୍କୁ ବେଷ୍ଟ ସ୍କୋରର ଭାବେ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ମୁଖ୍ୟ ଅତିଥି, ରାଜେନ୍ଦ୍ର କିଷାନ, ପିଣ୍ଟୁ ନାଏକ ସମ୍ମାନିତ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ୧୫ ହଜାର ଟଙ୍କା ସହିତ ଟ୍ରଫି, ଉପବିଜେତା ଟିମ୍‌କୁ ୧୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ। ଡାଇମଣ୍ଡ ମିଞ୍ଜ, ପଟେଲ ଏକ୍କା, ରାଜା ବାଗ, ଅଶୋକ ଖଡିଆ ଖେଳ ପରିଚାଳନା କରିଥିଲେ।

# ଜିଲା କଂଗ୍ରେସର ଗାନ୍ଧୀ ଜୟନ୍ତୀ, ପଦଯାତ୍ରା



କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଦଳୀୟ କର୍ମକର୍ତ୍ତା।

**ସମ୍ବଲପୁର,୨।୧୦(ବି.ଶଙ୍କର)**

ମହାତ୍ମା ଗାନ୍ଧୀ ଓ ଲାଲବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ଉପଲକ୍ଷେ ସମ୍ବଲପୁର ଜିଲା କଂଗ୍ରେସ ପକ୍ଷରୁ ସୋମବାର ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସକାଳେ ଜିଲା କଂଗ୍ରେସ କିମିଟି ସଭାପତି ରାଜେନ୍ଦ୍ର ଛତ୍ରିଆଙ୍କ ସଭାପତିତ୍ୱରେ ଜୟନ୍ତୀ ସଭା ହୋଇଥିଲା। ନେତା ଓ କର୍ମୀମାନେ ଗାନ୍ଧୀ ଏବଂ ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ପୂର୍ବାହ୍ନ ୧୧ଟାରେ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଭତରାସ୍ଥିତ ଗାନ୍ଧୀ ମନ୍ଦିରରେ ପୁଷ୍ପ ଅର୍ପଣ କରାଯାଇଥିଲା । ଏହାପରେ ପଦଯାତ୍ରା ବାହାରି ଅଞ୍ଚଳ ପରିକ୍ରମା କରି ଜେଲ ଛକ ନିକଟସ୍ଥ ହାୱା ମଇଦାନରେ ପହଞ୍ଚିଥିଲା। ସେଠାରେ ମଧ୍ୟ ଗାନ୍ଧିଜୀଙ୍କ ପୂର୍ଣ୍ଣ ଅବୟବରେ ମାଲ୍ୟାର୍ପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରେଙ୍ଗାଲିର ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡିଆ, ସୁରେଶ୍ୱର ମିଶ୍ର, ନିରଞ୍ଜନ ତ୍ରିପାଠୀ, ଦୁଲାଲ ଚନ୍ଦ୍ର ପ୍ରଧାନ, ଅମିତ କୁମାର ଗୁରୁ, ସୁତପା ମିତ୍ର, ଜିତେନ୍ଦ୍ର ପ୍ରଧାନ, ବିଜୟଲକ୍ଷ୍ମୀ ବେହେରା ପ୍ରମୁଖ ସାମିଲ ଥିଲେ।

# ପଞ୍ଚଦିବସୀୟ ଫୁଟବଲ: ବସାସାହି ଚାମ୍ପିୟନ

**ଦେବଗଡ, ୨।୧୦(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ ଜିଲା ବରକୋଟ ବ୍ଲକ କଣ୍ଡାପାଲି ଗ୍ରାମ ପଞ୍ଚାୟତ ସଦର ମହକୁମାରେ ଜୟ ମା' ଗ୍ରାମଶ୍ରୀ କ୍ଲବ ଆନୁକୂଲ୍ୟରେ ଗତ ୨୮ ତାରିଖଠାରୁ ଆରମ୍ଭ ହୋଇଥିବା ପଞ୍ଚଦିବସୀୟ ଫୁଟବଲ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ବସାସାହି(ଦଲକି) ଫୁଟବଲ ଦଳ ଓ ମା' ସମଲେଶ୍ୱରୀ ଫୁଟବଲ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ବସାସାହି(ଦଲକି)ଫୁଟବଲ ଦଳ ଚାମ୍ପିୟନ ହୋଇଥିଲା। ସନ୍ଧ୍ୟାରେ ଆୟୋଜକ ଜୟ ମା' ଗ୍ରାମଶ୍ରୀ କ୍ଲବର ସଭାପତି ରାଜୁ ମହାକୁଳଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ବିଜେଡି ପର୍ଯ୍ୟବେକ୍ଷକ ଅମରେନ୍ଦ୍ର ଜେନା, ସମ୍ମାନୀତ ଅତିଥି ଭାବେ ଜିଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ବାରକୋଟ ବ୍ଲକ ବିଜେଡି ସଭାପତି ହୀରାଲାଲ ସାହୁ ଚାମ୍ପିୟନ ବସାସାହି(ଦଲକି) ଫୁଟବଲ ଦଳ ଓ ରନର ଅପ ମା' ସମଲେଶ୍ୱରୀ ଫୁଟବଲ ଦଳକୁ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଜୟ ମା' ଗ୍ରାମଶ୍ରୀ କ୍ଲବର ସମ୍ପାଦକ ନବୀନ କିଷାନ ଧନ୍ୟବାଦ ଅର୍ପଣ କରିଥିଲେ।



ଟ୍ରଫି ସହ ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳ।

# ସରକାରଙ୍କ ଉନ୍ନତିମୂଳକ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଅ

**ଲହୁଣୀପଡ଼ା,୨।୧୦(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡ଼ାରେ ସୋମବାର ବଣେଇଁ ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ତରଫରୁ ଜନ ସମ୍ପର୍କ ପଦଯାତ୍ରା ଶୁଭାରମ୍ଭ କରାଯାଇଥିଲା। ବିଜେଡିର ସମସ୍ତ କର୍ମକର୍ତ୍ତା ଓ କର୍ମୀ ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ଏକତ୍ରିତ ହୋଇଥିଲେ। ଲହୁଣୀପଡ଼ା ବ୍ଲକ ଛକ ଠାରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ପାରମ୍ପରିକ ବାଦ୍ୟ ନୃତ୍ୟର ତାଳେ ତାଳେ ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ସମ୍ପର୍କରେ ସ୍ଲୋଗାନ ଦେଇ ଜନ ସମ୍ପର୍କ ବିରାଟ ଶୋଭାଯାତ୍ରା ବାହାରିଥିଲା। ଏହି ପଦଯାତ୍ରା ଗାନ୍ଧୀ ଛକଠାରୁ ବାହାରି ଶୁକପାଲି ଦେଇ ଲହୁଣୀପଡ଼ା ସହର ପରିକ୍ରମା କରି କଲ୍ୟାଣ ମଣ୍ଡପ ଠାରେ ପହଞ୍ଚିଥିଲା। ସେଠାରେ ଏକ ସାଧାରଣ ସଭା ବ୍ଲକ ଉପ ସଭାପତି ପ୍ୟାରା ବାର୍ଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ରାଉରକେଲା ସାଙ୍ଗଠନିକ ଜିଲା ସଭାପତି ହାଲୁ ମୁଣ୍ଡାରୀ, ମୁଖ୍ୟ ବକ୍ତା କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ପୂର୍ବତନ



ବିଜେଡି ପକ୍ଷରୁ ବାହାରିଥିବା ରାଲି।

**ବିଜେଡିର ଜନ ସମ୍ପର୍କ ପଦଯାତ୍ରା**

ଜିଲା ପରିଷଦ ଅଧ୍ୟକ୍ଷ ରଣଜିତ କିଷାନ, ଜିଲା ପରିଷଦ ଉପାଧ୍ୟକ୍ଷ କମଲ ଲାକ୍ରା, ଜିଲା ପରିଷଦ ସଦସ୍ୟା ଜୁଲିଆନି କାଣ୍ଡିର, ଶୁଶିଳା ନାୟକ, ବିର ବିଚିତ୍ର ସେନ ନାୟକ, କୋଇଡ଼ା ବ୍ଲକ ପୂର୍ବତନ ଅଧ୍ୟକ୍ଷା ଏମେଲେନ ଟପ୍ପୋ ପ୍ରମୁଖ ମହାତ୍ମା ଗାନ୍ଧୀ, ଲାଲ ବାହାଦୂର ଶାସ୍ତ୍ରୀ, ବିଜୁ ପଟ୍ଟନାୟକଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ବଣେଇଁ ବ୍ଲକ ସଭାପତି ରଘୁନାଥ ସାହୁ ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରକାର ଉନ୍ନୟନ ମୂଳକ ଯୋଜନା ପ୍ରତ୍ୟେକ ପରିବାରର ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ ପହଞ୍ଚାଇବା ପାଇଁ କର୍ମୀଙ୍କୁ ବକ୍ତବ୍ୟ ମାଧ୍ୟମରେ ଅତିଥିମାନେ ଆହ୍ୱାନ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଖୁଣ୍ଟୁଗାଁ ସରପଞ୍ଚ ସୁମିତ୍ରା ଚାରଡିଆ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଧରଣୀଧର ମାହାନ୍ତ, ଭାସ୍କର କୁମୁରା, ସାବିତ୍ରୀ ମୁଖୀ ପ୍ରମୁଖ ବିଭିନ୍ନ ଦଳରୁ ଆସି ବିଜେଡିରେ ଯୋଗ ଦେଇଥିବାରୁ ଦଳ ପକ୍ଷରୁ ଦଳୀୟ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ କରାଯାଇଥିଲା। ଏହି ଜନ ସମ୍ପର୍କ ପଦଯାତ୍ରାରେ ବ୍ଲକ ସଭାପତି କରୁଣାକର ପାତ୍ର, ରାସଲ ଓରାମ ରଘୁନାଥ ସାହ, ମହିଳା ବ୍ଲକ ସଭାପତି ଦମୟନ୍ତି ସାଣ୍ଡିଲ, ପ୍ରିୟଙ୍କା ପ୍ରଧାନ, ଜୟନ୍ତୀ ମାହାନ୍ତ, ଦ୍ରୌପଦୀ କିଷାନ, ପୂର୍ବତନ ଜିଲା ପରିଷଦ ମିତାରାଣୀ ନାୟକ, କେଦାର କୁମାର ମାହାନ୍ତଙ୍କ ସମେତ ରମେଶ ନାୟକ, ଉମେଶ ରାୟ, ବାପି ଖଟୁଆ, ଖୁଣ୍ଟୁଗାଁ ଲ୍ୟାମ୍ପ ସଭାପତି ଅଜୟ କୁମାର ନାୟକଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ଆସିଥିବା ସରପଞ୍ଚ, ସମିତି ସଭ୍ୟା ସଭ୍ୟ, କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ଉପସ୍ଥିତ ଥିଲେ। ସଭା ଶେଷରେ ବ୍ଲକ କାର୍ଯ୍ୟକାରୀ ସଭାପତି ଗୁରୁ ଚରଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ମାଙ୍କଡ଼ କାମୁଡ଼ାରେ ବୃଦ୍ଧା ଆହତ

ଦେଓଗାଁ, ୨।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଅନ୍ତର୍ଗତ ଚନ୍ଦ୍ରପୁର ଗାଁରେ ମାଙ୍କଡ କାମୁଡାରେ ଜଣେ ବୃଦ୍ଧା ଗୁରୁତର ଆହତ ହୋଇଛନ୍ତି। ସେ ହେଲେ କ୍ଷୀର ହରପାଲ(୭୦)। କ୍ଷୀର ତାଙ୍କ ଘର ଅଗଣାରେ ବସିଥିବା ବେଳେ ହଠାତ ଏକ ମାଙ୍କଡ ତାଙ୍କ ନିକଟକୁ ଆସି ବାମଗୋଡକୁ କମୁଡି ଥିଲା। କେତେଜଣ ଲୋକ ସେଠାରେ ପହଞ୍ଚିବାରେ ମାଙ୍କଡ ତାଙ୍କୁ ଛାଡି ପଳାଇ ଥିଲା। ଆହତଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲରେ ଭର୍ତ୍ତି କରାଯାଇଛି। ଉକ୍ତ ମାଙ୍କଡ ସ୍ଥାନୀୟ ଡକୁଆପଡାରେ ମଧ ୨ଜଣଙ୍କୁ କମୁଡି ଥିବା ଅଭିଯୋଗ ହୋଇଛି। ରେଞ୍ଜର ଯୁଧିଷ୍ଠିର ଜାଲଙ୍କୁ ପଚାରିବାରୁ ମାଙ୍କଡକୁ ଧରିବା ପ୍ରୟାସ କରାଯିବ ବୋଲି କହିଥିଲେ।

### ଶୌର୍ଯ୍ୟ ଜାଗରଣ ରଥକୁ ସ୍ୱାଗତ

କଣ୍ଟାବାଞ୍ଜି, ୨।୧୦(ଗୁରୁଦୟାଲ ହଂସ)

କଣ୍ଟାବାଞ୍ଜି ସହରରେ ସୋମବାର ସୌର୍ଯ୍ୟ ଜାଗରଣ ରଥକୁ ଭବ୍ୟ ସ୍ୱାଗତ କରାଯାଇଛି। ନୂଆପଡା ଜିଲାରୁ ବଲାଙ୍ଗୀର ଜିଲାର ତୁରେକେଲା ପଟୁ ଶୌର୍ଯ୍ୟ ଜାଗରଣ ରଥକୁ ସ୍ଥାନୀୟ ମା' କାଳି ମନ୍ଦିର ପଶ୍ଚିମ ଦ୍ୱାର ନିକଟରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏକ ବିରାଟ ବାଇକ ରାଲି ନଗର ପରିକ୍ରମା କରିଥିଲା। ସ୍ଥାନୀୟ ବିଶ୍ୱ ହିନ୍ଦୁ ପରିଷଦ ଏବଂ ଶ୍ରୀରାମ ସେନା ରାଲିରେ ସାମିଲ ହୋଇଥିଲା। ଏହି ରାଲିରେ ବିଶ୍ୱ ହିନ୍ଦୁ ପରିଷଦର ମୋହନଲାଲ ଶର୍ମା, ତୀର୍ଥ ସିଂ ଠାକୁର, ଯୁଗଳ ଖଣ୍ଡେଲୱାଲ, ପପୁ ଯୁଏଡ ପ୍ରମୁଖ ସାମିଲ ଥିଲେ।

### ଗାନ୍ଧୀ, ଶାସ୍ତ୍ରୀ ବେଶରେ ସଜ୍ଜିତ ହେଲେ ଛାତ୍ରୀଛାତ୍ର

ଟିଟିଲାଗଡ଼, ୨।୧୦(ଶରତ ମିଶ୍ର)

ବଲାଙ୍ଗୀର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଧାନଆଚାର୍ଯ୍ୟ ଶ୍ୟାମସୁନ୍ଦର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନିକଟସ୍ଥ ପାଓମେକ୍ସ ଗ୍ରାଫାଇଟସ ଇଣ୍ଡିଆ ଲିମିଟେଡର ଅତିରିକ୍ତ ଜେନେରାଲ ମ୍ୟାନେଜର ଡ:ସରୋଜ କୁମାର ନାୟକ ଯୋଗଦେଇ ଉଭୟ ମହାପୁରୁଷଙ୍କ ଜୀବନୀର ସ୍ମୃତିଚାରଣ କରିଥିଲେ। ଶିଶୁ ମନ୍ଦିର ପରିଚାଳନା ସମିତି ସଭାପତି ଜ୍ୟୋତିପ୍ରକାଶ ଗଡତ୍ୟା ସ୍ୱରଚିତ କବିତା ମାଧ୍ୟମରେ ଉଭୟ ମହାପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରିଚାଳନା ସମିତି ଯୁଗ୍ମ ସମ୍ପାଦକ ମାନସ ରଞ୍ଜନ ସେଠ ଓ ପାଓମେକ୍ସର ସୁରକ୍ଷା ଅଧିକାରୀ ଶିବଲାଲଜୀ ଓ ଗୋବର୍ଦ୍ଧନ ତ୍ରିପାଠୀ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ, ପ୍ରଶ୍ନମଞ୍ଚ ଓ ମହାତ୍ମା ଗାନ୍ଧୀ ଓ ଶାସ୍ତ୍ରୀଜୀଙ୍କ ବେଶ ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥଇଲା। ଅନୁଷ୍ଠାନ ସଭାପତି ଗଡତ୍ୟା ସାମୂହିକ ପ୍ରଶ୍ନମଞ୍ଚ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ସହପ୍ରଧାନ ଆଚାର୍ଯ୍ୟ ନୃପରାଜ ସେଠ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଆଚାର୍ଯ୍ୟ ପଙ୍କଜ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ଗାନ୍ଧୀ ଜୟନ୍ତୀରେ ସଭା, ରାଲି

ଖପ୍ରାଖୋଲ, ୨।୧୦(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଅଧ୍ୟକ୍ଷା ଦମୟନ୍ତୀ ମହାରଣା ଗାନ୍ଧୀ ଓ ଶାସ୍ତ୍ରିଜୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ପରେ ଏକ ଶୋଭାଯାତ୍ରାରେ ପିଲାମାନେ ଗାଁ ପରିକ୍ରମା କରିଥିଲେ। ସେହି ପରି ସ୍ଥାନୀୟ ଉଚ୍ଚ ବିଦ୍ୟାଳୟରେ ମଧ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଇସପାଳ ସୁନାଙ୍କ ନେତୃତ୍ୱରେ ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ଗାଁ ପରିକ୍ରମା କରିଥିଲେ।

### ଗାନ୍ଧୀ ଜୟନ୍ତୀରେ ସ୍ୱାସ୍ଥ୍ୟ ଶିବିର

ଲୋଇସିଂହା, ୨।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ)ରେ ଲୋଇସିଂହା ନିର୍ବାଚନ



ମଣ୍ଡଳୀ ଭାଜପା ଓ ସ୍ଥାନୀୟ ପଲ୍ଲୀ ଆଲୋକ ପାଠାଗାର ତରଫରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି, ବରିଷ୍ଠ ନାଗରିକ ଦାମୋଦାର ବିଶ୍ୱାଳ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଏହି ଉପଲକ୍ଷେ ଆୟୋଜିତ ସ୍ୱାସ୍ଥ୍ୟ ଶିବିରକୁ ଉଦ୍‌ଘାଟନ କରିଥିଲେ ବିଧାୟକ ମହାଲିଙ୍ଗ। ଶିବିରରେ ଏମଏଚୟୁ ଡା ସୁଚିତ୍ର ନାଏକ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ପ୍ରଦାନ କରିଥିଲେ। ଅନୁଷ୍ଠାନ ସମ୍ପାଦକ ପ୍ରଶାନ୍ତ କାର୍ଯ୍ୟକ୍ରମ ନାୟକ ପରିଚାଳନା କରିଥିଲେ।

# ଲୋଭ ଛାଡ଼, ସୁରକ୍ଷିତ ରୁହ




ବଲାଙ୍ଗୀର କୋଶଳ କଳା ମଣ୍ଡଳ ପଡିଆରେ ସାଇବର ସଚେତନତା ଅଭିଯାନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

- ଜିଲାର ସହରାଞ୍ଚଳ, ଗ୍ରାମାଞ୍ଚଳ ପରିକ୍ରମା କରିବ ସାଇବର ରଥ
- ଜାରି ହେଲା ସାଇବର ସହାୟତା ନମ୍ବର ୧୯୩୦

ବଲାଙ୍ଗୀର, ୨।୧୦ (ବୀରେନ୍ଦ୍ର କୁମାର ଝାଙ୍କର)

ଜନସାଧାରଣଙ୍କୁ ସାଇବର ଠକାମିରୁ ସୁରକ୍ଷା ଦେବାକୁ ଯାଇ ଓଡ଼ିଶାରେ ଆରମ୍ଭ ହୋଇଥିବା ସାଇବର ସୁରକ୍ଷା ଅଭିଯାନ ସୋମବାରଠାରୁ ବଲାଙ୍ଗୀର ଜିଲାରେ ଶୁଭାରମ୍ଭ ହୋଇଛି। ଏସ୍‌ପି ଋଷିକେଶ ଦ୍ୟାନେଦେଓ ଖିଲାରୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ କୋଶଳ କଳା ମଣ୍ଡଳ ପଡିଆ ସ୍ଥିତ ମଞ୍ଚରେ ଆୟୋଜିତ ସାଇବର ସଚେତନତା ସଭାରେ ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶି, ଜିଲା ପରିଷଦ ଚେୟାରମ୍ୟାନ୍ ଦେବକୀ ସାହୁ, ମ୍ୟୁନିସିପାଲିଟି ଚେୟାରମେନ ଲିକା ସାହୁ, ଜିଲା ଦୌରା ଓ ସେସନ୍ ଜଜ୍ ଲଲାଟେନ୍ଦୁ ଜେନା, ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତି ଡ. ଉମାବଲଭ ମହାପାତ୍ର ମଞ୍ଚାସୀନ ଥିଲେ। ବଲାଙ୍ଗୀର ଜିଲାରେ ସଚେତନତା ଉଦ୍ଦେଶ୍ୟରେ ପରିକ୍ରମା କରିବାକୁ ଥିବା ସାଇବର ସଚେନତା ରଥକୁ ଅତିଥିମାନେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥଟି ବଲାଙ୍ଗୀର ଜିଲାର ସମସ୍ତ ସହରାଞ୍ଚଳ, ୧୪ଟି ବ୍ଲକର ଗ୍ରାମାଞ୍ଚଳ ପରିକ୍ରମା କରିବ। ସଭାରେ ସାଇବର ସଚେନତା ନମ୍ବର ୧୯୩୦ କିମ୍ବା ୧୧୨ ହେଲ୍ପଲାଇନ ନମ୍ବର ଜାରି କରାଯାଇଥିବା ସୂଚନା ଦିଆଯାଇଥିଲା। ମୁଖ୍ୟଅତିଥି ସାଂସଦ ବିଶି ଜନସାଧାରଣଙ୍କୁ ଲୋଭରେ ନପଡି ନିଜର କଷ୍ଟୋପାର୍ଜିତ ଟଙ୍କାକୁ ସୁରକ୍ଷିତ ରଖନ୍ତୁ ବୋଲି କହିଥିଲେ। ଜିଲା ପରିଷଦ ଅଧକ୍ଷା ଓ ପୌରାଧକ୍ଷା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହି ସାଇବର ସଚେତନତା ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିଥିଲେ। ଜିଲା ଦୌରା ଜଜ୍ ଜେନା ତାଙ୍କ ବକ୍ତବ୍ୟରେ ବିଭିନ୍ନ ସାଇବର ଅପରାଧ ସମ୍ପର୍କିତ ଠକାମି ଏବଂ ମାମଲା ଉପରେ କହି ଜନସାଧାରଣଙ୍କୁ ସଚେତନ କରିଥିଲେ। ଅତିରିକ୍ତ ଜିଲାପାଳ ଧରୁଆ ନିଜର ଟଙ୍କାକୁ ସୁରକ୍ଷିତ ରଖିବା ପାଇଁ ପ୍ରଥମେ ନିଜକୁ ହିଁ ସଚେତନ ହେବାକୁ ପଡିବ ବୋଲି କହିଥିଲେ। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତି ମହାପାତ୍ର ଛାତ୍ରୀଛାତମାନେ ସଚେତନ ହେବା ସହ ଲୋକଙ୍କୁ ସଚେତନ କରିବାକୁ ପରାମର୍ଶ ଦେଇଥିଲେ। ଏସ୍‌ପି ଖିଲାରୀ ସମସ୍ତ ଜନସାଧାରଣ, ସ୍କୁଲ କଲେଜ ଛାତ୍ରୀଛାତ୍ର, ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ, ଆଶା, ଅଙ୍ଗନୱାଡି କର୍ମୀ, ମିଶନଶକ୍ତି ସଦସ୍ୟା ଓ ଜନସାଧାରଣଙ୍କୁ ସାଇବର ସଚେତନତା ପାଇଁ ପରାମର୍ଶ ଦେଇଥିଲେ। ଗୋଟିଏ ଲୋନ ଆପ୍, ଅଶ୍ଳୀଳତାକୁ, ଓଟିପି, ମୋବାଇଲ, ଇଣ୍ଟରନେଟ୍, ଅନ୍‌ଲାଇନ୍, କମ୍ପ୍ୟୁଟର ବ୍ୟବହାରକୁ ସତର୍କତାର ସହ ପରିଚାଳାନା କରିବାକୁ କହିଥିଲେ। ଏହି ରଥ ଆସନ୍ତା ଅକ୍ଟୋବର ମାସ ୧୫ ତାରିଖ ଯାଏ ଜିଲାର ବିଭିନ୍ନ ଅଞ୍ଚଳର ସ୍କୁଲ, କଲେଜ, ଜନଗହଳିପୂର୍ଣ୍ଣ ସ୍ଥାନ ପରିକ୍ରମା କରିବ। କୁଇଜ ପ୍ରତିଯୋଗିତା, ପଥପ୍ରାନ୍ତ ନାଟକର ମାଧ୍ୟମରେ ସଚେତନତା କରାଯିବ ବୋଲି ସୂଚନା ଦିଆଯାଇଥିଲା। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସାଇବର ସଚେତନତା ସୃଷ୍ଟି କରାଯାଇଥିଲା।

## ୧୮ ଦାଦନ ଶ୍ରମିକ ଉଦ୍ଧାର



ଫାର୍ମ ହାଉସରୁ ପୋଲିସ ଉଦ୍ଧାର କରିଥିବା ଶ୍ରମିକମାନେ।

ଲାଠୋର, ୨।୧୦(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଲାଠୋର ଥାନା ଅଧିନ ପିପଲବାହାଲର ଜଣେ ଦାଦନ ସର୍ଦ୍ଦାରଙ୍କ ଫାର୍ମ ହାଉସରୁ ରବିବାର ବିଳମ୍ବିତ ରାତିରେ ପୋଲିସ ବାହାର ରାଜ୍ୟକୁ ଚାଲାଣ ପାଇଁ ରଖାଯାଇଥିବା ୧୮ଜଣ ଦାଦନ ଶ୍ରମିକ ଓ ୬ଶିଶୁଙ୍କୁ ଉଦ୍ଧାର କରିଛି। ସର୍ଦ୍ଦାର ମୁଜିବ ଖାନ ନୂଆପଡ଼ା ଜିଲା ଉଡ଼ାର ଏବଂ ଅନୁଗୋଳ ଜିଲା ରାଇଝଡ଼ାଙ୍ଗ ଗ୍ରାମର ଏହି ଶ୍ରମିକଙ୍କୁ ଆଣି ପିପଲବାହାଲ ଗ୍ରାମସ୍ଥିତ ନିଜ ଫାର୍ମ ହାଉସ୍‌ରେ ରଖିଥିଲେ। କୌଣସି ସୂତ୍ରରୁ ଖବର ପାଇ ଲାଠୋର ଥାନା ଅଧିକାରୀ ରବିବାର ବିଳମ୍ବିତ ରାତିରେ ଉକ୍ତ ଫାର୍ମ ହାଉସରେ ସଦଳବଳ ଚଢାଉ କରିଥିଲେ। ଚଢାଉ ଖବର ପାଇ ମୁଜିବ ସେଠାରୁ ଫେରାର ହୋଇ ଯାଇଥିବା ବେଳେ ତାଙ୍କ ପୁଅ ଅସପାଖ ଖାନ ଧରା ପଡ଼ିଥିଲେ। ଶ୍ରମିକମାନଙ୍କୁ ସେଠାରୁ ଉଦ୍ଧାର ପରେ ଠିକଣା ପଚାରି

### ଚାଲାଣ ପାଇଁ ଫାର୍ମ ହାଉସରେ ରଖିଥିଲେ ସର୍ଦ୍ଦାର

ପୋଲିସ ସେମାନଙ୍କ ଘରକୁ ଛାଡ଼ିବାର ବ୍ୟବସ୍ଥା କରିଥିଲା। ଶ୍ରମିକ ଚାଲାଣ ନେଇ କୌଣସି କାଗଜପତ୍ର ଅସପାଖ ଦେଖାଇ ନ ପାରିବାରୁ ତାଙ୍କ ବିରୋଧରେ ଲାଠୋର ଥାନାରେ ଦଫା ୩୭୦, ୩୭୪, ୪୨୦, ୩୪ ଆଇପିସି ଏବଂ ୨୫ ଆଇଏସଏମଡ଼ବ୍ଲୁ ଆକ୍ଟରେ ଏକ ମାମଲା(୧୪୩/୨୩)ରୁଜୁ କରି ଅସପାଖଙ୍କୁ ପାଟଣାଗଡ଼ କୋର୍ଟକୁ ସୋମବାର ଚାଲାଣ କରାଯାଇଥିବା ଥାନା ଅଧିକାରୀ ଝସକେତନ ଭୋଇ କହିଛନ୍ତି। ଦାଦନ ସର୍ଦ୍ଦାରମାନେ ବିଭିନ୍ନ ରାଜ୍ୟକୁ ରେଳ ଯୋଗେ ଶ୍ରମିକ ଚାଲାଣ କରୁଥିବା ବେଳେ ଚଳିତ ବର୍ଷ ଏହା ହେଉଛି ପ୍ରଥମ ଘଟଣା। ଲାଠୋର ପୋଲିସ ବେଆଇନ ଦାଦନ ଶ୍ରମିକ ଚାଲାଣ ରୋକିବାକୁ ଚଢାଉ କରୁଥିବା ବେଳେ ଶ୍ରମ ବିଭାଗ ନୀରବଦ୍ରଷ୍ଟା ସାଜିଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି।

## ସଚେତନତା ରାଲି, ସଫେଇ ଅଭିଯାନ



କଣ୍ଟାବାଞ୍ଜି ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀମାନେ ସ୍ୱଚ୍ଛତା ରାଲିରେ ଯାଉଛନ୍ତି।

କଣ୍ଟାବାଞ୍ଜି, ୨।୧୦(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀମାନେ ଗାନ୍ଧୀ ଜୟନ୍ତୀରେ ଏକ ସ୍ୱଚ୍ଛତା ରାଲିରେ ସୋମବାର ନଗରପରିକ୍ରମା କରିଥଇଲେ। ସକାଳୁ ଛାତ୍ରୀମାନେ ରାମଧୁନ ଗାନ କରି ସ୍ୱଚ୍ଛ ଭାରତ ଅଭିଯାନକୁ ସଫଳ କରିବା ପାଇଁ ବାର୍ତ୍ତା ଦେଇଥିଲେ। ସଚେତନତା ରାଲିରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀମାନେ ସାମିଲ ଥିଲେ।

### ଶୌର୍ଯ୍ୟ ଜାଗରଣ ରଥକୁ ସ୍ୱାଗତ

ମୁରିବାହାଲ, ୨।୧୦(ଶ୍ରୀବସ୍ତ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲଠାରେ ସୋମବାର ଶୌର୍ଯ୍ୟ ଜାଗରଣ ରଥ ପହଞ୍ଚିବା ପରେ ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ମାତୃଶକ୍ତି ଓ ଦୁର୍ଗା ବାହିନୀ ତରଫରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ବଜରଙ୍ଗ ଦଳ ମୁରିବାହାଲ ମଣ୍ଡଳ ପ୍ରମୁଖ ସୁଧାଂଶୁ ଶେଖର ପୋଢ଼ ଯାଦବ, ପଦ୍ମଲୋଚନ ସାହୁ, ଦିବ୍ୟସୁନ୍ଦର ସାହୁ, ବିଶ୍ୱହିନ୍ଦୁ ପରିଷଦ ଟିଟିଲାଗଡ଼ ଜିଲା ଉପ ସଭାପତି ରାଜୀବ ମହାନ୍ତି, ମୁରିବାହାଲ ମଣ୍ଡଳ ସଭାପତି ବିରାଜ କୁମାର ମହାନ୍ତି, ଆରଏସ୍‌ଏସ୍ ଜିଲା କାର୍ଯ୍ୟବାହ ପ୍ରସାଦି କମ୍ପ, ମାତୃଶକ୍ତିରୁ ତପସ୍ୱିନୀ ପୋଢ଼ ଓ ସୁଭାଷିନୀ ମହାରଣା, ଦୁର୍ଗା ବାହିନୀ ଜିଲା ସଂଯୋଜିକା ଅଙ୍କିତା ଖମାରୀ ଓ ପୁଷ୍ପାଞ୍ଜଳି ମେହର, ରାଧାକୃଷ୍ଣ ମନ୍ଦିର କମିଟିର ସୁଧୀର କୁମାର ପାଣି, ଭୀଷ୍ମରାଜ ମେହେର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ରଥ ବଙ୍ଗୋମୁଣ୍ଡ ଅଭିମୁଖେ ଯାତ୍ରା କରିଥିଲା।

## ରାଣୀପୁର ଝରିଆଲରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ




ରାଣୀପୁର-ଝରିଆଲରେ ସଫେଇରେ ସାମିଲ ଯୁବଗୋଷ୍ଠୀ ଓ କର୍ମକର୍ତ୍ତା।

ଟିଟିଲାଗଡ଼, ୨।୧୦(ଶରତ ମିଶ୍ର)

ପବିତ୍ର ଗାନ୍ଧି ଜୟନ୍ତୀରେ ବଲାଙ୍ଗର ଜିଲା ରାଣୀପୁର ଝରିଆଲରେ ସ୍ୱଚ୍ଛତା ହିଁ ସେବା ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ପର୍ଯ୍ୟଟନ ଅଧିକାରୀ ରବୀନ୍ଦ୍ର କୁମାର ଦଲାଇ, ବଙ୍ଗୋମୁଣ୍ଡା ତହସିଲଦାର ଯୋଗେଶ୍ୱର ଧରୁଆ, ଅବସରପ୍ରାପ୍ତ ଏଇ ନରେଶ ପ୍ରସାଦ ସିହ୍ନା, ଆରଆଇ ରାକେଶ ବେହେରା, ରାଣୀପୁର ଝରିଆଲ ମନ୍ଦିର କମିଟି ସଭାପତି ମାଣିକଚନ୍ଦ ଜୈନ, ଆବାହକ ଅନିଲ କୁମାର ତ୍ରିପାଠୀ, କ୍ଷୀରସିନ୍ଧୁ ଭୋଇ, ମଞ୍ଜେସ ମେହେର, ଗୋପିନାଥ ସାହୁ, ଝରିଆଲ ସରପଞ୍ଚ ଭରଦ୍ୱାଜ ଗହୀରଙ୍କ ନେତୃତ୍ୱରେ ରାଣୀପୁର ଝରିଆଲ ଯୁବାମଞ୍ଚର ସଦସ୍ୟମାନେ ଚଉଷଠି ଯୋଗିନୀ ମନ୍ଦିର ନିକଟ ସଫେଇ କରିଥିଲେ। ଏଥିସହ ସୋମେଶ୍ୱର ମନ୍ଦିର ନିକଟ ସଫେଇ, ଲକ୍ଷ୍ମୀ ଦେଉଳ ମନ୍ଦିର ଉପରେ ଉଠିଥିବା ବରଗଛ କଟାଯାଇଥିଲା। ଏଥିସହ ପାଖରେ ପଡିଥିବା ପାଣୀ ପ୍ୟାକେଟ, ବୋତଲ ସଫେଇ କରାଯାଇଥିଲା। ଜିଲାପାଳ ଚଞ୍ଚଳ ରାଣାଙ୍କ ନିର୍ଦ୍ଦେଶରେ ଜିଲା ପ୍ରଶାସନ ତରଫରୁ ସ୍ୱଚ୍ଛତା ହିଁ ସେବା ଉଦ୍ଦେଶ୍ୟରେ ଏକ ଗଣ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ଲାଷ୍ଟିକ ମୁକ୍ତ ଓ ସ୍ୱଚ୍ଛତାର ନାରା ଏଥିରେ ଦିଆଯାଇଥିଲା।

## 'ଗଣତନ୍ତ୍ରକୁ ସୁରକ୍ଷିତ ରଖିବ ଗାନ୍ଧୀ ବିଚାର'

ବଲାଙ୍ଗୀର, ୨।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ଗାନ୍ଧୀ ସ୍ମୃତି କମିଟି ପକ୍ଷରୁ ସ୍ଥାନୀୟ ଗାନ୍ଧୀ ଭବନ ସମ୍ମୁଖସ୍ଥ ଗାନ୍ଧୀ ପ୍ରତିମୂର୍ତ୍ତିରେ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଆଜିର ସମୟରେ ଗଣତନ୍ତ୍ରକୁ ସୁରକ୍ଷିତ ରଖିବାକୁ ହେଲେ ଗାନ୍ଧୀ ବିଚାର ଓ ଦର୍ଶନ ସବୁଠୁ ମହତ୍ୱପୂର୍ଣ୍ଣ ବୋଲି ବକ୍ତାମାନେ କହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମଗ୍ର ବିଶ୍ୱ ଆଜି ଗାନ୍ଧୀଙ୍କୁ ସମ୍ମାନ ପ୍ରଦର୍ଶନ କରୁଛନ୍ତି। ଏହା ଭାରତୀୟମାନଙ୍କ ପାଇଁ ଗର୍ବର ବିଷୟ ବୋଲି କହିଥିଲେ। ମହାତ୍ମା ଗାନ୍ଧୀ ମାନବିକତାର ଜୀବନ୍ତ ପ୍ରତିମୂର୍ତ୍ତି ଥିଲେ ବୋଲି ବକ୍ତାମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସୂଚନା କର୍ମୀ ହେମନ୍ତ ପଣ୍ଡା, ପ୍ରେସ କ୍ଲବ ସଭାପତି ଅରୁଣ ମିଶ୍ର, ବରିଷ୍ଠ ସାମ୍ବାଦିକ ବୀରେନ୍ଦ୍ର କୁମାର ଝାଙ୍କର, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବିଶ୍ୱମୟ ପୂଜାରୀ, କମ୍ବୁପାଣି ପୂଜାରୀ, ଦିଲୀପ ସାହୁ, କୋଶଲେଶ୍ୱର ମହାପାତ୍ର, ବିଚିତ୍ର ନଦପୁଟା, ଅସିତ ସାହୁ, ଦଶରଥ ବେହେରା, ହରେକୃଷ୍ଣ ରାଜପୁତ ବକ୍ତବ୍ୟ ରଖିଥିଲେ। ଆବାହକ ଯୁଜେଷ୍ଟି ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଯୁଗ୍ମ ଆବାହକ ପ୍ରଶାନ୍ତ ମହାକୁର ଧନ୍ୟବାଦ ଦେଇଥିଲେ।



ବଲାଙ୍ଗୀର ଗାନ୍ଧୀ ସ୍ମୃତି କମିଟି ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

## ଚିଲଡ୍ରେନ ପାର୍କରେ ସଫେଇ କାର୍ଯ୍ୟକ୍ରମ

କଣ୍ଟାବାଞ୍ଜି, ୨।୧୦(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବିର୍ଣ୍ଣା ରୋଡସ୍ଥିତ ଏନଏସିର ଚିଲଡ୍ରେନ ପାର୍କରେ ସୋମବାର ସଫେଇ ଅଭିଯାନ କରାଯାଇଛି। ମହାତ୍ମା ଗାନ୍ଧୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳନ ଅବସରରେ ଏହି ଅଭିଯାନ କରାଯାଇଛି। ସ୍ଥାନୀୟ ଚିଲଡ୍ରେନ ପାର୍କ ନିର୍ମାଣ ହେବା ଦିନଠାରୁ ଏନଏସି କର୍ତ୍ତୃପକ୍ଷ ରକ୍ଷଣାବେକ୍ଷଣା କରୁନାହାନ୍ତି। ଏଥିଯୋଗୁ ପାର୍କ ଅସାମାଜିକ ବ୍ୟକ୍ତିବିଶେଷଙ୍କ ଆଡ୍ଡାସ୍ଥଳି ଯୋଗୁ ପରିତ୍ୟକ୍ତ ହୋଇ ପଡିଛି। ଏହି ଅଳିଆ ଆବର୍ଜନାକୁ ସାମାଜିକ କର୍ମୀ ସୁରଥ ବେହେରା, ଅଧାପକ ରୋହିତ କୁମାର କୁମ୍ଭାର, ବେଣୁଧର ନାଗ, ଆଇନଜୀବୀ ନବିନ କୁମାର ଦୀପ, ଗୁରୁଦୟାଲ ହଂସ ସୋମବାର ସଫା ସୁତୁରା କରିଥିଲେ। ସେହିପରି ୱାର୍ଡ ନଂ.୧୪ରେ ଥିବା ବିବେକାନନ୍ଦ ନଗର ବାସିନ୍ଦା ମଧ ପାର୍କକୁ ସଂଯୋଗ କରୁଥିବା ରାସ୍ତାରୁ ଅଳିଆ ଆବର୍ଜନା ସଫା କରିଛନ୍ତି।

## ଶିଶୁ ମନ୍ଦିରରେ ଅଭିଭାବକ ସମ୍ମିଳନୀ

ଦେଓଗାଁ, ୧।୧୦ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗାନ୍ଧୀ ଜୟନ୍ତୀ ଅବସରରେ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆଚାର୍ଯ୍ୟ କୁନୁ ସାହୁଙ୍କ ସଂଯୋଜନା ତଥା ପରିଚାଳନା କମିଟି ସଭାପତି ଡା. ଶିବବ୍ରତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ପରିଚାଳନା କମିଟି ସମ୍ପାଦିକା ଜୟନ୍ତୀ ମିଶ୍ର ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ସା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଭିଭାବକମାନେ ଶିଶୁ ମନ୍ଦିରର ସର୍ବାଙ୍ଗୀନ ବିକାଶ ଉପରେ ମତ ରଖିଥିଲେ। ପୁରାତନ କମିଟିକୁ ଭାଙ୍ଗି ନୂତନ ପରିଚାଳନା କମିଟି ଗଠନ ଶିକ୍ଷା ବିକାଶ ସମିତିର ନିୟମକୁ ଉଲଙ୍ଘନ କରି ଗଠନ କରାଯାଇଛି ବୋଲି ଅଭିଭାବକମାନେ ଅଭିଯୋଗ କରିଥିଲେ। ନିୟମାନୁସାରେ ପୁନଶ୍ଚ ନୂତନ ପରିଚାଳନା କମିଟି ଗଠନ ପାଇଁ ସେମାନେ ଦାବି କରିଥିଲେ। ଏହି ପରୀପେକ୍ଷୀରେ ଏକ ୧୦ ଜଣିଆ ଅର୍ଥନୈତିକ କମିଟି ଗଠନ କରାଯାଇଥିଲା। ଆଚାର୍ଯ୍ୟ ଭବାନୀ ଶଙ୍କର ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ଗାନ୍ଧୀ ଦର୍ଶନ ବିଶ୍ୱରେ ଅନନ୍ୟ

ଟିଟିଲାଗଡ଼, ୨।୧୦(ଶରତ ମିଶ୍ର)




ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ।

ମହାତ୍ମା ଗାନ୍ଧୀ ବିଶ୍ୱରେ ଏକ ବିରଳ ଚରିତ୍ର। କେବଳ ଏମିତି କିଏ କହିଦେଲେ ଯେ ସେ ମହାତ୍ମା ହୋଇଗଲେ ତାହା ନୁହେଁ। ମହାତ୍ମା, ଉତ୍କଳମଣି ଏକ ଉପାଧି ନୁହେଁ, ତ୍ୟାଗ ଓ ସେବାର ପରିଣାମ ବୋଲି ଟିଟିଲାଗଡ଼ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସ୍ଥାନୀୟ ପୌର କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ମହାତ୍ମା ଗାନ୍ଧୀ ଏବଂ ଲାଲବାହାଦୁର ଶାସ୍ତ୍ରୀ ଜୟନ୍ତୀ ଅବସରରେ ମୁଖ୍ୟବକ୍ତା କେସିଙ୍ଗା କଲେଜ ଅଧକ୍ଷ ସୁଶାନ୍ତ ପାଢ଼ି କହିଛନ୍ତି। ଶାସ୍ତ୍ରୀ ଏକ ସାଧାରଣ ପରିବାରରୁ ଆସି ଦେଶ ପାଇଁ ଦୃଷ୍ଟାନ୍ତମୂଳକ କାର୍ଯ୍ୟ କରିଯାଇଛନ୍ତି। ମନରେ ଦୟାକ୍ଷମା ଭାବ ଉଭୟ ମହାପୁରୁଷଙ୍କୁ ଅମର କରିଛି। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ମାନବ ସମାଜ ସଂସ୍କାରିତ ହେବ ବୋଲି ମୁଖ୍ୟବକ୍ତା ପାଢ଼ି କହିଛନ୍ତି। କାର୍ଯ୍ୟକ୍ରମରେ ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଦେଶ ତଥା ସମାଜ ପାଇଁ ଉଭୟ ଗାନ୍ଧିଜୀ ଏବଂ ଶାସ୍ତ୍ରୀଙ୍କ ଅବଦାନ ସମ୍ପର୍କରେ କହିଥିଲେ। ପୌର ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉପଜିଲାପାଳ ଦୟାମୟ ପାଢ଼ି, ପୌର ଉପାଧକ୍ଷା ପୁଷ୍ପାମଞ୍ଜରୀ ଜାଲ, ବ୍ଲକ ଉପାଧକ୍ଷ ଜଗତରାମ ରଣା ମଞ୍ଚାସୀନ ଥିଲେ। ସଭାରେ ନିମନ୍ତ୍ରିତ ମୁଫତି ମହମ୍ମଦ ରଜା, ବ୍ରାହ୍ମଣ ସମାଜ ସଭାପତି ବିଶ୍ୱରାମ ଠାକୁର, ଜୈନ ସମାଜ ପ୍ରତିନିଧି ଓମପ୍ରକାଶ ଜୈନ, ଖ୍ରୀଷ୍ଟିଆନ ଆଚାର୍ଯ୍ୟ ଜ୍ୟୋତି ରଞ୍ଜନ ପାଇକ ପ୍ରମୁଖ ଗାନ୍ଧୀଙ୍କ ଶାନ୍ତି ଅହିଂସା ପଥକୁ ଆବୋରି ନେବା ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀଙ୍କ ପ୍ରତିନିଧି ଅରୁଣ ମିଶ୍ର, ପ୍ରେମ ଜୈନ, ତ୍ରିନାଥ ସରାଫ, ପୂର୍ବତନ ପୌରାଧକ୍ଷ ଗୋବର୍ଦ୍ଧନ ନାଗ, ବନମାଳୀ ଦାଶ, ଅଲେଖ ଦଳବେହେରା, କାଉନସିଲର ଗୋପାଳକୃଷ୍ଣ ବେହେରା, ରୋଟାରି କ୍ଲବ ସଭାପତି ମହେଶ ଇନ୍ଦୋରିଆ, ସମ୍ପାଦକ ପ୍ରମୋଦ ପାଲ, ପଙ୍କଜ ପାଢ଼ି, ଗୁଲାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝି ଧନ୍ୟବାଦ ଜ୍ଞାପନ କରିଥିଲେ।

## ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ଲୋଇସିଂହା, ୨।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଚିକତ୍ସା ଅଧିକାରୀ ଡା.ବେଣୁଧର ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିପିଏମ୍ ସନ୍ତୋଷ କୁମାର ଦୋରା, ପିଏଚ୍‌ଇଓ ଭାରତୀ ସାହୁ, ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ଏବଂ ସ୍ୱେଚ୍ଛାସେବୀ ଯୋଗଦାନ କରିଥିଲେ। ହସ୍ପିଟାଲ କର୍ମଚାରୀ ସଫେଇ କରିବା ସହ ସ୍ୱଚ୍ଛତାର ଶପଥ ପାଠ କରିଥିଲେ। ସେହିପରି କୁଟାସିଂହା ପଞ୍ଚାୟତ ଡୁଙ୍ଗରିପାଲି ଗ୍ରାମରେ ମଣ୍ଡଳ ସଭାପତି ପିତାମ୍ବର କଣ୍ଟାଙ୍କ ତତ୍ତ୍ୱାବଧାନରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ସାଙ୍ଗକୁ ରାସ୍ତା ପାର୍ଶ୍ୱ ପଡିଆରେ ବିଭିନ୍ନ ପ୍ରକାର ଚାରା ରୋପଣ କରାଯାଇଛି। ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ମାହାରପାଲି ସ୍ୱାସ୍ଥ୍ୟକେନ୍ଦ୍ରରେ ଜିଲା ଯୁବମୋର୍ଚ୍ଚା ସଭାପତି ଅମରଜିତ ପଟେଲଙ୍କ ନେତୃତ୍ୱରେ ଭାଜପା ଯୁବ ମୋର୍ଚ୍ଚା ଓ ସରଗାଡ ମନିଂଷ୍ଟାର ପକ୍ଷରୁ ଗାନ୍ଧୀ ଜୟନ୍ତୀରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ପୂର୍ବ ତଟ ରେଳପଥ**

ନିଲାମ କାଟ୍‌ଲଗ୍ ନଂ.PnU-T-KUR-23-24
ପେ ଆଣ୍ଡ ୟୁଜ୍ ଶୌଚାଳୟ ପାଇଁ ଇ-ନିଲାମ

**ଷ୍ଟେସନ ଏବଂ ସ୍ଥାନ :** (1) କଟକ-ପେ ଆଣ୍ଡ ୟୁଜ୍ (P&U)ଶୌଚାଳୟ (ପ୍ଲାଟଫର୍ମ ନଂ.1, ଭଦ୍ରକ ସୀମାରେ), (2) ଯାଜପୁର କେନ୍ଦୁଝର ରୋଡ଼-ପେ ଆଣ୍ଡ ୟୁଜ୍ ଶୌଚାଳୟ (P&U) (ପ୍ରି-ଫାବ୍ରିକେଟେଡ୍) (ପରିଚଳନ କ୍ଷେତ୍ରରେ), (3) ଭଦ୍ରକ-ପେ ଆଣ୍ଡ ୟୁଜ୍ ଶୌଚାଳୟ (P&U) (ପ୍ଲାଟଫର୍ମ ନଂ.1 ଏବଂ 2, ମଧ୍ୟଭାଗରେ)।

**ନିଲାମ ଆରମ୍ଭ ହେବା ତାରିଖ ଏବଂ ସମୟ :** ତା.13.10.2023 ରିଖ 1100 ଘଟିକାରେ (କ୍ରମ ସଂ.1, 2 ଏବଂ 3 ନିମନ୍ତେ)।

**ନିଲାମ ଶେଷ ହେବା ତାରିଖ :** ତା.13.10.2023 ରିଖ (କ୍ରମ ସଂ.1, 2 ଏବଂ 3 ନିମନ୍ତେ) ଏବଂ ନିଲାମ ଶେଷ ହେବା ସମୟ : 1130 ଘଟିକାରେ (କ୍ରମ ସଂ.1 ପାଇଁ), 1140 ଘଟିକାରେ (କ୍ରମ ସଂ.2 ପାଇଁ) ଏବଂ 1150 ଘଟିକା(କ୍ରମ ସଂ.3 ପାଇଁ)।

ନିଲାମ କାଟ୍‌ଲଗ୍ ନଂ.Prkng-KUR-23-47
ପାର୍କିଙ୍ଗ୍ ଷ୍ଟାଣ୍ଡ ପାଇଁ ଇ-ନିଲାମ

**ଷ୍ଟେସନ ଏବଂ ସ୍ଥାନ :** (1) ରାଜସୁନାଖଳା-2 ଚକିଆ (ଷ୍ଟେସନ ବିଲ୍ଡିଙ୍ଗର ବେସ୍‌ମେଣ୍ଟରେ), (2) ନିରାକାରପୁର - ମିଶ୍ରିତ - 2 ତଥା 4 ଚକିଆ (ପରିଚଳନ କ୍ଷେତ୍ର ନିକଟରେ)।

**ନିଲାମ ଆରମ୍ଭ ହେବା ତାରିଖ ଏବଂ ସମୟ :** ତା.13.10.2023 ରିଖ 1300 ଘଟିକାରେ (କ୍ରମ ସଂ.1 ଏବଂ 2 ନିମନ୍ତେ)।

**ନିଲାମ ଶେଷ ହେବା ତାରିଖ :** ତା.13.10.2023 ରିଖ (କ୍ରମ ସଂ.1 ଏବଂ 2 ନିମନ୍ତେ) ଏବଂ ନିଲାମ ଶେଷ ହେବା ସମୟ : 1330 ଘଟିକା (କ୍ରମ ସଂ.1 ପାଇଁ) ଏବଂ 1340 ଘଟିକା (କ୍ରମ ସଂ.2 ପାଇଁ)।

ଦ୍ରଷ୍ଟବ୍ୟ: ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡ଼ରଙ୍କୁ ୱେବ୍‌ସାଇଟ୍ https://www.ireps.gov.in ର ଇ-ଅକ୍ସନ ଲିଲିଜ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ଼
PR-634/O/23-24

## ସଂକ୍ଷେପରେ

### ଶ୍ୱଶୁର ଘରେ ଜ୍ୱାଇଁଙ୍କ ଆତ୍ମହତ୍ୟା

**ବାଲିଶଙ୍କରା,୨।୧୦(ହୃଦାନନ୍ଦ ବାରିକ):** ତଳସରା ଥାନା ଅନ୍ତର୍ଗତ ତୁମୁଲିଆ ଗ୍ରାମରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ସୋମବାର ପୋଲିସ ଜବତ କରିଛି। ମୃତକ ହେଲେ ଯଇପାଲ ରାମ (୩୫)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କ ହସ୍ତାନ୍ତର କରିଛି। ଏଥିସହ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଯାଇପାଲ ମାନସିକ ବିକୃତ ଯୋଗୁ ଗତ ୮ ଦିନ ପୂର୍ବରୁ ନିଜ ଶ୍ୱଶୁର ଘର ତୁମୁଲିଆ ଗ୍ରାମକୁ ଆସି ଚିକିତ୍ସିତ ହେଉଥିଲେ। ସୋମବାର ଶ୍ୱଶୁର ଘର ଲୋକେ ବିଲକୁ ଯାଇଥିବା ବେଳେ ଘରେ ଦୈଡିରେ ଝୁଲିପଡ଼ିଥିଲେ। ପରିବାର ଲୋକେ ଘରକୁ ଫେରିବା ପରେ ଯଇପାଲଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ପାଇଥିଲେ।

### ଘରେ ଘରେ ପହଞ୍ଚିବ ବିକାଶର ବାର୍ତ୍ତା
#### ସୁନ୍ଦରଗଡରେ ବିଜେଡିର ପଦଯାତ୍ରା

**ସୁନ୍ଦରଗଡ଼,୨।୧୦( ଜୟ ନାରାୟଣ ମେଣ୍ଡୁଲି):** ସୁନ୍ଦରଗଡ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଟାଙ୍ଗରପାଲି ବ୍ଲକ ସାନପତ୍ରାପାଲି ଗ୍ରାମରେ ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଯୋଗେଶ କୁମାର ସିଂହଙ୍କ ନେତୃତ୍ୱରେ ଏବଂ ବ୍ଲକ ସଭାପତି ଶୁଭମ୍ ଦାସଙ୍କ ସଭାପତିତ୍ୱରେ ବିରାଟ ପଦଯାତ୍ରା ଏବଂ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ସଂଖ୍ୟାରେ ଜନ ସାଧାରଣ ଏବଂ ଦଳୀୟ କର୍ମକର୍ତ୍ତା ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ ବିକାଶ ମୂଳକ କାର୍ଯ୍ୟର ବାର୍ତ୍ତା ଘରେ ଘରେ ପହଞ୍ଚାଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ତଳସରାର ପୂର୍ବତନ ବିଧାୟକ ଡା. ପ୍ରଫୁଲ୍ଲ ମାଝି, ମହିଳା ସଭାନେତ୍ରୀ ରଞ୍ଜନା ପଣ୍ଡା, ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ନାଏକ, ଗେଲବତି ପଟେଲ, ସୁମନ୍ତ ପଣ୍ଡା, କୃଷ୍ଣ ପଣ୍ଡା, ଜଟିଆ ମୁଣ୍ଡା, ବୀରେନ୍ଦ୍ର ପଟେଲ, ରାମଚନ୍ଦ୍ର ନାୟକ, ଦୁର୍ଗେଶ ପଟେଲ୍, ମହେଶ୍ୱର ଓରାମ, ସନ୍ୟାସୀ ସାହୁ, ଏକାନ୍ତ ପ୍ରଧାନ, ଅଜିତ ସିଂହ, ଏମ୍‌ଡି କଲିମ୍, ରିତେଶ ସିଂହ, ହେମନ୍ତ ପାଢ଼ୀ ଉପସ୍ଥିତ ଥିଲେ।



ସୁନ୍ଦରଗଡ଼ ଜିଲା ପ୍ରଶାସନ ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀରେ ପ୍ରାର୍ଥନା ସଭା ଚାଲିଛି।



କାର୍ଯ୍ୟକ୍ରମରେ ଉପସ୍ଥିତ ସ୍କାଉଟ୍ ଗାଇଡ୍।

# ଗାନ୍ଧିଜୀଙ୍କ ସେବା, ଆଦର୍ଶ ଅନୁକରଣୀୟ

**ସୁନ୍ଦରଗଡ଼,୨।୧୦(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଜିଲା ସଦର ମହକୁମାରେ ସୂଚନା ଓ ଲୋକ ସଂପର୍କ କାର୍ଯ୍ୟାଳୟରେ ଗାନ୍ଧି ଜୟନ୍ତୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଜୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସହର ମଧ୍ୟରେ ରାମଧୁନ ପରିବେଷଣ କରାଯାଇଥିଲା। ଏଥିସହ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସଚେତନତା ଶୋଭାଯାତ୍ରା କରାଯାଇଥିଲା। ସେହିପରି ସହର ମଧ୍ୟରେ ଏବଂ ଜିଲା କାର୍ଯ୍ୟାଳୟ ପରିସରରେ ଥିବା ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ସର୍ବଧର୍ମ ପ୍ରାର୍ଥନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ହେମନ୍ତ କୁମାର ଦାଶ, ଜନାବ ମୁକ୍ତାର ଅହମ୍ମଦ, ରବିନ୍ଦର୍ କୌର, ରେଭ୍ ସେଜାନ ସୁରିନ ପ୍ରମୁଖ ବିଭିନ୍ନ ଧର୍ମ ଗୁରୁ ମାନେ ନିଜ ନିଜ ଧର୍ମଗ୍ରନ୍ଥରୁ ପଂକ୍ତିମାନ ଉଚ୍ଚାରଣ କରିଥିଲେ। କାର୍ଯ୍ୟକ୍ରମରେ କଳାକାରଙ୍କ ଦ୍ୱାରା ଗାନ୍ଧୀଜୀଙ୍କ ପ୍ରିୟ ଆଶ୍ରମ ଭଜନ ପରିବେଷଣ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। କୃତି ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ପୁରସ୍କୃତ କରିଥିଲେ। ସେହିଭଳି ସ୍ଥାନୀୟ ସରକାରୀ କଲେଜରେ ଗାନ୍ଧୀଜୀଙ୍କ ବିଚାର ଓ ଆଦର୍ଶ ଉପରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଏଥିରେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ ଓ ସରକାରୀ ମହିଳା କଲେଜର ଅତିଥି ଅଧ୍ୟାପିକା ସୁସ୍ମିତା ଭୋଇ ବକ୍ତା ଭାବେ ଯୋଗ ଦେଇ ଗାନ୍ଧିଜୀଙ୍କ ଜୀବନୀ ତଥା ତାଙ୍କର ବିଚାର ଓ ଆଦର୍ଶ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଆଲୋଚନା ଚକ୍ରରେ କଲେଜ ଅଧ୍ୟକ୍ଷ ଡା. ଲଳିତ ରଞ୍ଜନ ସାହୁ ତଥା ସମସ୍ତ ଅଧ୍ୟାପକ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ଡ. ପରାଗ ହର୍ଷଦ ଗଭାଲି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ମନୋଜ ମହାଜନ, ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ , ଅଭିମନ୍ୟୁ ମାଝି, ସଦର ଉପଜିଲାପାଳ ଦାଶରଥି ସରାବୁ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଧୀରେନ୍ଦ୍ର କୁମାର ସେଠୀ, ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ, ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ, ଡେପୁଟି କଲେକ୍ଟର କୁନ୍ତୀ ନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ ହାବଡା ସିଂ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ତଥା ଅନ୍ୟାନ୍ୟ ଅଧିକାରୀ, ବରିଷ୍ଠ ନାଗରିକ, ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଡ. ଅନନ୍ତ ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।



**କୁଆଁରମୁଣ୍ଡା( ମହେନ୍ଦ୍ର ସାହୁ):** କୁଆଁରମୁଣ୍ଡା ବ୍ଲକ ଓ ବୀରମିତ୍ରପୁର ସହରରେ ମହାତ୍ମା ଗାନ୍ଧି ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କଚାରୁ ହାଇ ସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ଓ ବରିଷ୍ଠ ଶିକ୍ଷକ ଶିବ ପ୍ରସାଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। କୃତି ପ୍ରତିଯୋଗୀଙ୍କୁ ସ୍କୁଲ ତରଫରୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ବ୍ଲକ ଲିଙ୍କ ରୋଡରୁ ସିଟି ସ୍କୁଲ୍ ପର୍ଯ୍ୟନ୍ତ ଦୀର୍ଘ ଏକ କିମି ରାସ୍ତା ଓ ନାଳ ସଫା କରାଯାଇଥିଲା। ସଂଘ ସଭାପତି ଶିବ ନାରାୟଣ ସାହୁ, ସମ୍ପାଦକ ଗଙ୍ଗାଧର ରଣା,ମହେଶ୍ୱର ମିଶ୍ର,ରବୀନ୍ଦ୍ର ସାହୁ, ସୀତାକାନ୍ତ ସାହୁ, ଉଦୟ ପାତ୍ର ପ୍ରମୁଖ ସଫେଇ କରିଥିଲେ। ୭ ଦିନ ଧରି ସଫେଇ ଚାଲିବ ବୋଲି ସଂଘ ସଭାପତି ଶିବନରୟଣ ସୂଚନା ଦେଇଛନ୍ତି। ବୀରମିତ୍ରପୁର ପୌରପାଳିକାରେ ପୌରାଧ୍ୟକ୍ଷ ସନ୍ଦୀପ ମିଶ୍ର, ଉପାଧ୍ୟକ୍ଷା ନିବେଦିତା ବାଗେ ପ୍ରମୁଖ ଗାନ୍ଧିଜୀଙ୍କ ମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବିଜେଡି କାର୍ଯ୍ୟାଳୟରେ ପୂର୍ବତନ ବିଧାୟକ ନିହାର ସୁରିନ୍,କୁନା ଦେଓ ପ୍ରମୁଖଙ୍କ ସହ ବହୁ ଦଳୀୟ କର୍ମୀ ଉପସ୍ଥିତ ରହି ଗାନ୍ଧିଜୀଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

**କୁତ୍ରା (ଦେବାଶିଷ ସାହୁ):** କୁତ୍ରା ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ଛାତ୍ର ସଂସଦ ପକ୍ଷରୁ ଗାନ୍ଧି ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ଭାରତ ସ୍କାଉଟ, ଗାଇଡ୍ ଓ ଜୁନିଅର ରେଡକ୍ରସର ମିଳିତ ଉଦ୍ୟମରେ ପ୍ରଥମେ ସର୍ବ ଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇ ଗାନ୍ଧିଙ୍କ ସର୍ବଧର୍ମ ପ୍ରାର୍ଥନା ସଭାର ମହତ୍ୱ ବୁଝା ଯାଇଥିଲା। ପରେ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାଶିନୀଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଶିକ୍ଷକ ବିଭୀଷଣ ବାରିକ, ଦୀପିକା କେରକେଟା ପ୍ରମୁଖ ଗାନ୍ଧୀଜୀଙ୍କ ସ୍ମୃତି ଚାରଣ କରି ତାଙ୍କ ପଦାଙ୍କ ଅନୁସରଣ କରିବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ରୋହିତ ଜୟପୁରୀଆ ସଂଯୋଜନା କରିଥିଲେ। ଏହି ଅବସରରେ ବିଦ୍ୟୁତ୍ ପ୍ରଭା ସ୍ୱାଇଁ, ଆଶା ସାମରୀଆ ଅବିନାଶ କର, ନୂତନ ହରୋ, ଅସାଜେନ କିରୋ, ସୁନିତା ପଟେଲ, ସଂଗୀତ ଦେଇ, ମଞ୍ଜୁ ଏକା, ସୁଦାମ ମହାନନ୍ଦ, ରିତା କ ଷ୍ଣା ଓ ଦୀପିକା କାଲୋ ପ୍ରମୁଖ ଉପସ୍ଥିତ ଥିଲେ। ଧୃତିସୁନ୍ଦର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ବଡ଼ଗାଁ (ଅଶୋକ ଷଡ଼ଙ୍ଗୀ):** ବଡ଼ଗାଁ ବ୍ଲକ ପଟୁଆବେଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ପାମର ଗ୍ରାମରେ ଗାନ୍ଧି ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ ଗାନ୍ଧି ଓ ଶାସ୍ତ୍ରୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଳ ଦେଇ ଶ୍ରଦ୍ଧା ସୁମନ ଜଣାଇଲା ପରେ ଗାନ୍ଧୀଙ୍କ ପ୍ରିୟ ଭଜନ ରାମଧୂନ ଗାନ କରାଯାଇଥିଲା। ଏହାପରେ ଶିକ୍ଷୟିତ୍ରୀ ଶିକ୍ଷକ ମହାପୁରୁଷଙ୍କ ଜୀବନୀ ଓ ତ୍ୟାଗ ଉପରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ପ୍ରଧାନ ଶିକ୍ଷକ ବିଶ୍ୱନାଥ ପଟେଲ, ଶିକ୍ଷକ ସୁରେଶ ବେହେରା ଗାନ୍ଧି ଓ ଶାସ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତା ହୋଇଥିଲା। କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସମସ୍ତେ ମିଶି ସ୍କୁଲ୍ ପରିସରକୁ ସଫା ସୁତରା କରିଥିଲେ। ପାମରା ସ୍ୱାସ୍ଥ୍ୟ କେନ୍ଦ୍ର ଦ୍ୱାରା ଗ୍ରାମରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀ ଅନିତା ସେଠ୍, ସିଏଚଓ ସୁଧୀର ପଟେଲ, ହରେକୃଷ୍ଣ ସାହୁ, ରୁଦ୍ରଦେବ ନାଏକ ଗାଁ କୁ କିପରି ସଫା ରଖାଯିବ , ଆବର୍ଜନାକୁ ଏକତ୍ର ରଖିବା, ଜମା ହେଉଥିବା ପାଣି ନିଷ୍କାସନ କରିବା ଆଦି ସ୍ୱଚ୍ଛତା ସମ୍ବନ୍ଧୀୟ ଆଲୋଚନା କରିଥିଲେ। ବିନୋଦ ମହାକୁଲ, ଟୋନିସ ରୋହିଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଇତମା ଗ୍ରାମର ରାସ ମଣ୍ଡପ ଠାରେ ନାରୀ ଚେତନା ସଂଘ ଓ ଓଡ଼ିଶା ନିଶା ନିବାରଣ ଅଭିଯାନର ମିଳିତ ଆନୁକୂଲ୍ୟରେ ଗାନ୍ଧି ଜୟନ୍ତୀ ପାଳିତ ହୋଇଯାଇଛି। ସିଆରପି ଭଗବତୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜରଙ୍ଗଲୋଇ ଗାନ୍ଧିବାଦୀ ଯୁବକ ସଂଘ ସମ୍ପାଦକ ଧନଞ୍ଜୟ ନାଏକ ମୁଖ୍ୟ ଅତିଥି ଓ ଯଦୁମଣି ସାହୁ ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ସିଆର୍‌ପି ଯଶୋବନ୍ତି ବେହେରାଙ୍କ ସହିତ ହିମାନି ଦାସ, ସୌଦାମିନୀ ବେହେରା, ପୁଷ୍ପଲତା ବାରିକ୍, ପିଣ୍ଟୁ ଦାସ, ବାସନ୍ତୀ ନାଏକ, ପ୍ରଭାତୀ ବେହେରା ପ୍ରମୁଖ ମହିଳାମାନେ ଯୋଗଦେଇ ପଞ୍ଚାୟତ ଅଞ୍ଚଳକୁ ମଦ ମୁକ୍ତ କରିବା ପାଇଁ ଶପଥ ପାଠ କରିଥିଲେ।

### ଗାନ୍ଧୀ ଜୟନ୍ତୀରେ ରାସ୍ତା ତିଆରି କଲେ ଯୁବଗୋଷ୍ଠୀ

**ବାଲିଶଙ୍କରା,୨।୧୦(ହୃଦାନନ୍ଦ ବାରିକ)**

ବାଲିଶଙ୍କରା ବ୍ଲକରୁ ଅଳ୍ପ କିଛି ଦୂରତାରେ ଥିବା ୩୦ ନମ୍ବର ରାଜ୍ୟ ରାଜପଥ ଡୁଡୁଙ୍ଗନାଳ ପୋଲ ରାସ୍ତା ଖାଲ ଖମାରେ ଭର୍ତ୍ତି ହୋଇଥିବାରୁ ଗାନ୍ଧୀ ଜୟନ୍ତୀ ଅବସରରେ ବାଲିଶଙ୍କରା ସାମ୍ବାଦିକ ସଂଘ ସଭାପତି ପ୍ରଦୀପ ନନ୍ଦ ଓ ସତ ସେଠଙ୍କ ନେତୃତ୍ୱରେ ଯୁବ ଗୋଷ୍ଠୀଙ୍କ ମିଳିତ ଆନୁକୂଲ୍ୟରେ ଖାଲ ଗୁଡିକରେ ବାଲି, ଗୋଡି, ସିମେଣ୍ଟରେ ସମତୁଲ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମହମ୍ମଦ ନଇମ ବକ୍ସ, କପିଳେଶ୍ୱର ଦାନୀ, ଜଗଦୀଶ ସାଏ, ଜୟନ୍ତୀ ଏକ୍କା, ଇନ୍ଦୁମତୀ ନାଏକ, ରାଜୁ ପାତ୍ର, ବୁଲୁ ସାହୁ, ଜିତେନ୍ଦ୍ର ଭିତ୍ରିଆ, ଅମରେଶ ପୁରୀ, ଉପେନ୍ଦ୍ର ସା, ରମଣଜିତ ସାହୁ, ରବି ଏକ୍କା, ରଜତ ପଟେଲ, ଟିଙ୍କୁ ତନ୍ତୀ, ଅନିଲ ବାଘ, ସୁଶାନ୍ତ ଦାନୀ, ରଞ୍ଜନ ସିଂ, ଗୁଡୁ ଏକ୍କା ସହାୟତାର ହାତ ବଢାଇଥିଲେ। ଏହି ଖବର ଅଞ୍ଚଳରେ ପ୍ରସାରିତ ହେବାପରେ ସେମାନଙ୍କୁ ପ୍ରଶଂସାର ସୁଅ ଛୁଟିଛି। ପରେ ଜେଇ, ଏଇ ପହଞ୍ଚି ଶୀଘ୍ର ରାସ୍ତା ମରାମତି ହେବ ବୋଲି ପ୍ରତିଶ୍ରୁତି ଦେବା ସହ ତାଙ୍କର ଏଭି କାମକୁ ପ୍ରଶଂସା କରିଥିଲେ।

### ଭେଷଜ ପଟେଲ କଲେଜରେ ସ୍ୱଚ୍ଛତା ହିଁ ସେବା ଦିବସ

**ସୁନ୍ଦରଗଡ,୨।୧୦(ଜୟ ନାରାୟଣ ମେଣ୍ଡୁଲି)**

ଡୁଡୁକାସ୍ଥିତ ଭେଷଜ ପଟେଲ କଲେଜରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଭାରତ ସରକାରଙ୍କ ଯୁବ ଓ କ୍ରୀଡା ମନ୍ତ୍ରାଳୟର ନିର୍ଦ୍ଦେଶ କ୍ରମେ ସ୍ୱଚ୍ଛତା ହିଁ ସେବା ଦିବସ ରବିବାର ପାଳିତ ହୋଇଯାଇଛି। ବିଭିନ୍ନ ସ୍ଲୋଗାନ ଦେଇ କଲେଜ ପରିସରରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଅଧ୍ୟକ୍ଷ ଡ.ଅଶୋକ କୁମାର ନାଏକ ଏହାକୁ ଶୁଭାରମ୍ଭ କରିଥିଲେ। ପ୍ରୋଗ୍ରାମ ଅଫିସର ପ୍ରିୟଙ୍କା ପ୍ରିୟଦର୍ଶିନୀ, ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା, ପ୍ରଧ୍ୟାପିକା ଡ. ସୌଦାମିନୀ ତ୍ରିପାଠୀ, ଅଧ୍ୟାପକ ରାଜେନ୍ଦ୍ର କେରକେଟା ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

## ଜିଲା କଂଗ୍ରେସ ପକ୍ଷରୁ ଗାନ୍ଧି, ଶାସ୍ତ୍ରୀ ଜୟନ୍ତୀ

**ସୁନ୍ଦରଗଡ,୨।୧୦(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ଜିଲା କଂଗ୍ରେସ କମିଟି ପକ୍ଷରୁ ମହାତ୍ମାଗାନ୍ଧି ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଟାଉନ କଂଗ୍ରେସ ସଭାପତି ନେପାଳ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶଙ୍କରା ବାଏପାସ ସ୍ଥିତ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଗାନ୍ଧିଜୀଙ୍କ ଅହିଂସା ନୀତି ଓ ସତ୍ୟାଗ୍ରହ ଦ୍ୱାରା ଭାରତ କିଭଳି ସ୍ୱାଧୀନତା ଲାଭ କରିଥିଲା ସେ ନେଇ ଆଲୋଚନା କରିଥିଲେ। ଲାଲ ବାହାଦୂର ଶାସ୍ତ୍ରୀଙ୍କୁ ମନେ ପକାଇ ସ୍ୱାଧୀନତା ଆନ୍ଦୋଳନରେ ତାଙ୍କ ଅବଦାନ ମଧ୍ୟ ଅତୁଳନୀୟ ଥିଲା ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସଭାପତି ଜନାର୍ଦ୍ଦନ ଦେହୁରୀ, ପିସିସି କାର୍ଯ୍ୟକାରୀ କମିଟି ସଦସ୍ୟ ରାଜକିଶୋର ଷଡ଼ଙ୍ଗୀ, ଇସ୍ତାହାର କମିଟି ସଦସ୍ୟ ବେଣୁମାଧବ ତ୍ରିପାଠୀ, ରାଜ୍ୟ ସେବା ଦଳର ସାଧାରଣ ସମ୍ପାଦକ ମୁନୁ ସରାଫ, ଜିଲା ଉପସଭାପତି ଅଜିତ ପ୍ରସାଦ, ସାଧାରଣ ସମ୍ପାଦକ ପର୍ଶୁରାମ ସରାଫ ପ୍ରମୁଖ ଉପସ୍ଥିତ ଥିଲେ।



## କର୍କଟ ରୋଗୀଙ୍କ ଯନ୍ତ୍ରଣା ଉପଶମ ସମ୍ପ୍ରଦାୟ କେନ୍ଦ୍ର ଉଦ୍‌ଘାଟନ



**ସୁନ୍ଦରଗଡ,୨।୧୦(ଜୟ ନାରାୟଣ ମେଣ୍ଡୁଲି)**

ଭୁବନେଶ୍ୱର ଅମୃତଧାରା ପାଲିଏଟିଭ କେୟାର ଟ୍ରଷ୍ଟ ଓ ସେବକ ଅନୁଷ୍ଠାନର ମିଳିତ ଉଦ୍ୟମରେ କର୍କଟ ରୋଗୀଙ୍କ ସୂଚନା ଏବଂ ସାହାଯ୍ୟ ପାଇଁ ଯନ୍ତ୍ରଣା ଉପଶମ ସଂପ୍ରଦାୟ କେନ୍ଦ୍ର ସେବକ, ରୁରାଲ ରିସୋର୍ସ ସେଣ୍ଟର ସୁନ୍ଦରଗଡ଼ଠାରେ ସୋମବାର ଶୁଭାରମ୍ଭ ହୋଇଯାଇଛି। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. କାହ୍ନୁ ଚରଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅମୃତଧାରା ପାଲିଏଟିଭ କେୟାର ଟ୍ରଷ୍ଟର ସମ୍ପାଦିକା ନମ୍ରତା ରଥ, ଆଚାର୍ଯ୍ୟ ହରିହର ଡାକ୍ତରଖାନାର ମୁଖ୍ୟ ଓ ଅମୃତଧାରା ପାଲିଏଟିଭ କେୟାର ଟ୍ରଷ୍ଟି ଡା. ସୁମିତା ମହାନ୍ତି, ସୁନ୍ଦରଗଡ଼ ମେଡିକାଲ କଲେଜ ପ୍ରଫେସର ଡା. ଧନେଶ୍ୱରୀ ଜେନା, ସ୍ୱାସ୍ଥ୍ୟ ବିଭାଗର ଡା. ସାଗର ଦଳେଇ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା କାର୍ଯ୍ୟକ୍ରମ ପରିଚାଳକ ଶଙ୍କର ଆଚାର୍ଯ୍ୟ, ପିଏମଏନସିଡି ସ୍ୱପ୍ନଜୀତ ମହାନ୍ତି, ସେବକ ଅଧ୍ୟକ୍ଷ ଅମୀୟ କାନ୍ତ ନାଏକ, ସେବକ ସମ୍ପାଦକ ପ୍ରଦୀପ କୁମାର ବ୍ରହ୍ମ, ସେବକ କର୍ମୀ ଉମେଶ ଚନ୍ଦ୍ର ପଟେଲ, ସଞ୍ଜୁ ପଟେଲ, ସ୍ନେହଲତା ନାଏକ, ଦୀପିକା ବୁଡା, ଅମୃତଧାରା ପାଲିଏଟିଭ କେୟାର କେନ୍ଦ୍ରର ଏଏନଏମ ଜୟନ୍ତୀ ନାଏକ, ସେବକର ଏଏନଏମ ମାନେ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲାର ନିକଟସ୍ଥ କର୍କଟ ରୋଗୀ ଓ ତାଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ଡା. ସୁମିତା ମହାନ୍ତି କର୍କଟ ରୋଗୀଙ୍କୁ ଚିକିତ୍ସା ଓ ପରାମର୍ଶ ସେବା ପ୍ରଦାନ କରିଥିଲେ। ଉକ୍ତ ଯନ୍ତ୍ରଣା ଉପଶମ ସଂପ୍ରଦାୟ କେନ୍ଦ୍ର ଦ୍ୱାରା କର୍କଟ ରୋଗୀଙ୍କୁ ଟେଲିଫୋନ ଓ ଭିଡିଓ ଦ୍ୱାରା ପରାମର୍ଶ ଦିଆଯିବ। ଆବଶ୍ୟକତା ଅନୁଯାୟୀ ମାଗଣା ଔଷଧ ବିତରଣ କରାଯିବ। ରୋଗୀଙ୍କ ଗୃହ ପରିଦର୍ଶନ କରାଯିବ ଓ ଆଲୋଚନା କରାଯିବ। ସ୍ଥାନୀୟ ସ୍ୱେଚ୍ଛାସେବୀ ଓ ସ୍ୱାସ୍ଥ୍ୟ ସେବା ଯୋଗାଉଥିବା କର୍ମଚାରୀଙ୍କୁ ଯନ୍ତ୍ରଣା ଉପଶମ ତାଲିମ ପ୍ରଦାନ କରାଯିବ। ଶୋକସନ୍ତପ ପରିବାର ଲୋକଙ୍କୁ ମାନସିକ ସହାୟତା ପ୍ରଦାନ କରାଯିବ। ଡ. କାହ୍ନୁଚରଣ ନାୟକ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ତରଫରୁ ନିୟମିତ ସହାୟତା ପ୍ରଦାନ କରାଯିବ ବୋଲି କହିଥିଲେ। ଡା.ମହାନ୍ତି ଯନ୍ତ୍ରଣା ଉପଶମ ପାଇଁ ପରିବାର ସଦସ୍ୟଙ୍କ ଭୂମିକା, ମାନସିକ ପ୍ରସ୍ତୁତି, ଆର୍ଥିକ ସହାୟତା ଓ ସ୍ୱେଚ୍ଛାସେବୀଙ୍କ ଭୂମିକା ବିଷୟରେ ସମସ୍ତଙ୍କୁ ଭିଡିଓ ସୋ ମାଧ୍ୟମରେ ଅବଗତ କରାଇଥିଲେ। ସେବକ ଅଧ୍ୟକ୍ଷ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

**ବ୍ରଜରାଜନଗର,୨।୧୦(ବିଜୟ ବରାଡ)**

ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତିଙ୍କ ନେତୃତ୍ୱରେ ସୋମବାର ପବିତ୍ର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀରେ ଲଖନପୁର ବ୍ଲକର ଜାମଗାଁ ପଞ୍ଚାୟତରୁ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ଏଥିରେ ବିଧାୟିକା ମହାନ୍ତି ମୁଖ୍ୟ ଅତିଥି, ଜିଲା ବିଜେଡି ସହପର୍ଯ୍ୟବେକ୍ଷକ ହରେକୃଷ୍ଣ ଷଡ଼ଙ୍ଗୀ, ଜିଲା ବିଜେଡି ସାଧାରଣ ସମ୍ପାଦକ ବିଶ୍ୱନାଥ ନାୟକ, ଜିଲା ଉପସଭାପତି କୁଳମଣି ଦାସ, ଜିଲା ପରିଷଦ ଉପାଧ୍ୟକ୍ଷ ଅକ୍ଷୟ ସାହୁ, ବ୍ଲକ ଅଧ୍ୟକ୍ଷା ହୁତେଶ୍ୱରୀ ତିହିରିଆ, ରାଜ୍ୟ ମହିଳା ଉପସଭାପତି ସାଧନା ସାମନ୍ତରାୟ, ଜିଲା ବିଜେଡି ସମ୍ପାଦକ ରାଜେନ୍ଦ୍ର ସାହୁ ଏବଂ ପ୍ରମୋଦ ଗଡତିଆ, ବ୍ଲକ ବିଜେଡି ସଭାପତି ରବିରତ୍ନ ପଧାନ, ବ୍ରଜରାଜନଗର ଟାଉନ ସଭାପତି ରାଧାକାନ୍ତ ପ୍ରଧାନ, ବ୍ଲକ ବିଜେଡି ଯୁବ ସଭାପତି ସୁବାସ ରାୟ, ଟାଉନ ମହିଳା ସଭାନେତ୍ରୀ ନଳିନୀ ପ୍ରଧାନ, ଛାତ୍ର ସଭାପତି ଲଳିତ ତନ୍ତୀ ପ୍ରମୁଖ ଯୋଗ ଦେଇଥିଲେ। ସେମାନେ ନବୀନ ପଟ୍ଟନାୟକ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ବିଷୟରେ ଅବଗତ କରାଇଥିଲେ।




ପଦଯାତ୍ରାରେ ବିଧାୟିକାଙ୍କ ସହ ଦଳୀୟ କର୍ମକର୍ତ୍ତା।

### ଗାନ୍ଧୀ ଜୟନ୍ତୀରେ ସ୍ୱାସ୍ଥ୍ୟ ଶିବିର

**ଲୋଇସିଂହା,୨।୧୦(ସୁଶାନ୍ତ ବାରିକ)**

ଆଗଲପୁର ବ୍ଲକ ନଅଗାଁ(ଖ)ରେ ଲୋଇସିଂହା ନିର୍ବାଚନ ମଣ୍ଡଳୀ ଭାଜପା ଓ ସ୍ଥାନୀୟ ପଲ୍ଲୀ ଆଲୋକ ପାଠାଗାର ତରଫରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି, ବରିଷ୍ଠ ନାଗରିକ ଦାମୋଦର ବିଶ୍ୱାଳ ଯୋଗଦେଇଥିଲେ।

## ୪ଦିନିଆ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଘାଟିତ

**ଲହୁଣୀପଡ଼ା,୨।୧୦(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ଗୋପନା ପଞ୍ଚାୟତ ଛିଡାକୁଦର ଗ୍ରାମ ଖେଳ ପଡ଼ିଆଠାରେ ହଂସନନ୍ଦନ କ୍ଲବ ପଟାସାହି ପକ୍ଷରୁ ଏକାଦଶ ତମ ୪ଦିନିଆ ଫୁଟ୍‌ବଲ ପ୍ରତିଯୋଗିତା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ୩୨ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଏହାର ଉଦ୍‌ଘାଟନୀ ଖେଳରେ ଜଗନ୍ନାଥ କ୍ଲବ ହାତୀକୁଚା ଦଳକୁ ୩-୦ ଗୋଲରେ କେ. ପି କ୍ଲବ କମାର ପୋଷ ଦଳ ହରାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଦସ୍ୟା ଶୁଶିଳା ମୁଣ୍ଡା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଓମନ୍ତ କୁମାର ମାହାନ୍ତ, ତୁରୀ ମୁଣ୍ଡା, ଯୋଗେଶ୍ୱର ମୁଣ୍ଡା ଯୋଗଦେଇଥିଲେ। କିଶୋର ମୁଣ୍ଡାଙ୍କ ଅଧ୍ୟକ୍ଷତାରେ ଏହି ସଭା ଅନୁଷ୍ଠିତ ହୋଇଥିଲା । ହଂସନନ୍ଦନ କ୍ଲବର ସଭାପତି ବିରେନ୍ଦ୍ର ମୁଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଞ୍ଜୟ ସାମାଡ଼, ସଞ୍ଜୀବ କୁମାର, ବିଶ୍ୱନାଥ ସଏ, ଅମ୍ରିଥ ଡାଙ୍ଗ କ୍ରୀଡା ପରିଚାଳନା କରିଥିଲେ। ଶାଲ ମୁଣ୍ଡା, ଜେନା ମୁଣ୍ଡା, ଜୟ କେତନ ମୁଣ୍ଡା, ସଞ୍ଜୟ ମୁଣ୍ଡା,ବସନ୍ତ ମୁଣ୍ଡା, ପିତୃ ମୁଣ୍ଡାଙ୍କ ସମେତ କ୍ଲବ କର୍ମକର୍ତ୍ତାଙ୍କ ପରିଚାଳନାରେ ଏହି ଫୁଟ୍‌ବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଭା ଶେଷରେ ଡିବୁର ମୁଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

**ପୂର୍ବ ତଟ ରେଳପଥ**

ନିଲାମ କାଟ୍‌ଲଗ୍ ନଂ.PnU-T-KUR-23-24
ପେ ଆଣ୍ଡ ୟୁଜ୍ ଶୌଚାଳୟ ପାଇଁ ଇ-ନିଲାମ

**ଷ୍ଟେସନ ଏବଂ ସ୍ଥାନ :** (1) କଟକ-ପେ ଆଣ୍ଡ ୟୁଜ୍ (P&U)ଶୌଚାଳୟ (ପ୍ଲାଟଫର୍ମ ନଂ.1, ଭଦ୍ରକ ସୀମାରେ), (2) ଯାଜପୁର କେନ୍ଦୁଝର ରୋଡ଼-ପେ ଆଣ୍ଡ ୟୁଜ୍ ଶୌଚାଳୟ (P&U) (ପ୍ରି-ଫାବ୍ରିକେଟେଡ୍) (ପରିଚଳନ କ୍ଷେତ୍ରରେ), (3) ଭଦ୍ରକ-ପେ ଆଣ୍ଡ ୟୁଜ୍ ଶୌଚାଳୟ (P&U) (ପ୍ଲାଟଫର୍ମ ନଂ.1 ଏବଂ 2, ମଧ୍ୟଭାଗରେ) ।

**ନିଲାମ ଆରମ୍ଭ ହେବା ତାରିଖ ଏବଂ ସମୟ :** ତା.13.10.2023 ରିଖ 1100 ଘଟିକାରେ (କ୍ରମ ସଂ.1, 2 ଏବଂ 3 ନିମନ୍ତେ) ।

**ନିଲାମ ଶେଷ ହେବା ତାରିଖ :** ତା.13.10.2023 ରିଖ (କ୍ରମ ସଂ.1, 2 ଏବଂ 3 ନିମନ୍ତେ) ଏବଂ ନିଲାମ ଶେଷ ହେବା ସମୟ : 1130 ଘଟିକାରେ (କ୍ରମ ସଂ.1 ପାଇଁ), 1140 ଘଟିକାରେ (କ୍ରମ ସଂ.2 ପାଇଁ) ଏବଂ 1150 ଘଟିକା(କ୍ରମ ସଂ.3 ପାଇଁ) ।

ନିଲାମ କାଟ୍‌ଲଗ୍ ନଂ.Prkng-KUR-23-47
ପାର୍କିଙ୍ଗ୍ ଷ୍ଟାଣ୍ଡ ପାଇଁ ଇ-ନିଲାମ

**ଷ୍ଟେସନ ଏବଂ ସ୍ଥାନ :** (1) ରାଜସୁନାଖଳା-2 ଚକିଆ (ଷ୍ଟେସନ ବିଲ୍ଡିଙ୍ଗର ବେସ୍‌ମେଣ୍ଟରେ), (2) ନିରାକାରପୁର - ମିଶ୍ରିତ - 2 ତଥା 4 ଚକିଆ (ପରିଚଳନ କ୍ଷେତ୍ର ନିକଟରେ) ।

**ନିଲାମ ଆରମ୍ଭ ହେବା ତାରିଖ ଏବଂ ସମୟ :** ତା.13.10.2023 ରିଖ 1300 ଘଟିକାରେ (କ୍ରମ ସଂ.1 ଏବଂ 2 ନିମନ୍ତେ) ।

**ନିଲାମ ଶେଷ ହେବା ତାରିଖ :** ତା.13.10.2023 ରିଖ (କ୍ରମ ସଂ.1 ଏବଂ 2 ନିମନ୍ତେ) ଏବଂ ନିଲାମ ଶେଷ ହେବା ସମୟ : 1330 ଘଟିକା (କ୍ରମ ସଂ.1 ପାଇଁ) ଏବଂ 1340 ଘଟିକା (କ୍ରମ ସଂ.2 ପାଇଁ) ।

ଦ୍ରଷ୍ଟବ୍ୟ: ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡ଼ରଙ୍କୁ ୱେବ୍‌ସାଇଟ୍ https://www.ireps.gov.in ର ଇ-ଅକ୍ସନ ଲିଜ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ଼
PR-634/O/23-24

# ସଚେତନ ହେଲେ ସାଇବର ଅପରାଧ କମିବ


ସଚେତନତା ରଥକୁ ଶୁଭାରମ୍ଭ କରାଯାଉଛି ।

**ସମ୍ବଲପୁର,୨।୧୦(ଶୁଭାଶିଷ ପାଢ଼ୀ)**

ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ଜିଲା ପୋଲିସ ପକ୍ଷରୁ ସାଇବର ସୁରକ୍ଷା ନେଇ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଏସ୍‌ପି ମୁକେଶ କୁମାର ଭାମୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉତ୍ତରାଞ୍ଚଳ ଆର୍‌ଡିସି ସୁରେଶ ଚନ୍ଦ୍ର ଦଳେଇ, ଆଇଜି ଡ. ଦୀପକ କୁମାର, ଜିଲାପାଳ ଅନନ୍ୟା ଦାସ, ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ଅତିଥି ଭାବେ ଯୋଗ ଦେଇଥିଲେ। ସେମାନେ ଦର୍ଶାଇଥିଲେ, ଆଧୁନିକ ସମାଜରେ ସାଇବର ଅପରାଧ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ରୋକାଯିବା ନେଇ ସମଗ୍ର ରାଜ୍ୟରେ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କେହି ମଧ୍ୟ ସାଇବର ଠକେଇର ଶିକାର ହୋଇରନ୍ତି। ଠକେଇ ପାଇଁ ଦୁର୍ବୃତ୍ତମାନେ ବିଭିନ୍ନ ସୂତ୍ର

## ସାଇବର ସୁରକ୍ଷା ଅଭିଯାନ

ଆପଣେଉଛନ୍ତି। ଲୋକେ ଡିଜିଟାଲ ହେଉଥିବା ବେଳେ ସାଇବର ଠକେଇର ଶିକାର ହୋଇ ଆର୍ଥିକ କ୍ଷତି ସହୁଛନ୍ତି। ଏଥିପାଇଁ ସଚେତନ ହେବା ଆବଶ୍ୟକ। ଏଥିରେ ମିଶନ ଶକ୍ତି ମହିଳା, ଅଙ୍ଗନବାଡ଼ି ଓ ଆଶା କର୍ମୀ, ଆଇଟି ଏକ୍ସପର୍ଟ ଓ ବିଭିନ୍ନ ବ୍ୟାଙ୍କର ସହଯୋଗ ଦରକାର। ଗଣମାଧ୍ୟମ ଓ ସୋସିଆଲ ମିଡ଼ିଆ ଦ୍ୱାରା ପ୍ରଚାର ପ୍ରସାର ହେବ। ୧୯୦୩ ଟୋଲ ଫ୍ରି ନମ୍ବରରେ ମଧ୍ୟ ଅଭିଯୋଗ କରାଯାଇ ପାରିବ। ସାଇବର ଠକେଇ ରୋକିବା ମୂଳ ଲକ୍ଷ୍ୟ। ୧୫ରୁ ଅଧିକ ବିଭାଗ ଏ ଦିଗରେ ସହଯୋଗ କରିବ। ପୋଲିସ ବିଭାଗର ବିଶେଷଜ୍ଞମାନେ ତାଲିମ ନେଇଛନ୍ତି ବୋଲି ଅତିଥିମାନେ କହିଥିଲେ। ରାଜନୈତିକ ଦଳର କର୍ମକର୍ତ୍ତା, ବୁଦ୍ଧିଜୀବୀ, ସାମାଜିକ ଅନୁଷ୍ଠାନ ସଦସ୍ୟ, ଛାତ୍ରୀଛାତ୍ର, ଅଙ୍ଗନୱାଡି ଓ ଆଶାକର୍ମୀ ଉପସ୍ଥିତ ରହିଥିଲେ।

# ସାଇବର ସଚେତନତା ରଥ ଶୁଭାରମ୍ଭ


ସାଇବର ସଭାରେ ଉପସ୍ଥିତ ଅତିଥି ବୃନ୍ଦ।

**ଦେବଗଡ଼, ୨।୧୦(ଶଶାଙ୍କ ଶେଖର ଝାଙ୍କର)**

ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସାଇବର ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି। ଜିଲା ପୋଲିସ ବିଭାଗ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲାପରିଷଦ ଧର୍ମାନନ୍ଦ ବେହେରା, ଆରକ୍ଷୀ ଅଧିକ୍ଷକ ପ୍ରଦ୍ୟୁମ୍ନ ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହେମନ୍ତ କୁମାର ପଣ୍ଡା, ଉପଜିଲାପାଳ ପରିକ୍ଷିତ ସାହୁ, ଷ୍ଟେଟ୍ ବ୍ୟାଙ୍କ୍ ଚିଫ୍ ମ୍ୟାନେଜର ପ୍ରମୁଖ ମଞ୍ଚାସୀନ ଥିଲେ। ସଭାରେ ଆରକ୍ଷୀ ଅଧିକ୍ଷକ ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ, ଦିନକୁ ଦିନ ଲୋକମାନେ ସାଇବର ଠକେଇର ଶିକାର ହେଉଛନ୍ତି। ଆଖି ପିଛୁଳାକେ ଠକମାନେ ଆକାଉଣ୍ଟ ଖାଲି କରିଦେଉଛନ୍ତି। ତେବେ ପୋଲିସ ଏହି ଦିଗରେ ଦୃଷ୍ଟି ଦେଇ ଲୋକଙ୍କୁ ସଚେତନ କରିବ। ସ୍ୱତନ୍ତ୍ର ହେଲ୍ପଲାଇନ ନମ୍ବର୧୯୩୦ରେ ସାଇବର ହେଲ୍ପଡେସ୍କକୁ କଲ୍ କରନ୍ତୁ ଓ ସାଇବର ଠକାମିରୁ ବଞ୍ଚିତ ହୁଅନ୍ତୁ। ଏହା ପରେ ଅତିଥିମାନେ ସାଇବର ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହିରଥ ଅକ୍ଟୋବର ୧୫ ପର୍ଯ୍ୟନ୍ତ ଗାଁ ରୁ ସହର ବୁଲିବ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଅନୁଷ୍ଠାନର ଛାତ୍ରୀଛାତ୍ର, କଳାକାର, ସ୍ୱେଚ୍ଛାସେବୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀରେ ସଫେଇ କାର୍ଯ୍ୟକ୍ରମ

**ଦେବଗଡ, ୨।୧୦(ଶଶାଙ୍କ ଶେଖର ଝାଙ୍କର)**

ପବିତ୍ର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ସ୍ୱଚ୍ଛତା ହିଁ ସେବାସ୍ କାର୍ଯ୍ୟକ୍ରମ ଅନୁଯାୟୀ ରିଆମାଳ ବ୍ଲକ ଭାଲିଆଡିହୀ ଗ୍ରାମରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀ ଓ ସ୍ୱେଚ୍ଛାସେବୀମାନେ ଭାଲିଆଡିହୀ ସ୍କୁଲ ଛକଠାରୁ ଗାଁ ମଣ୍ଡପ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱର୍କ ସଫା କରିଥିଲେ। ଏହି କାର୍ଯ୍ୟକ୍ରମରେ ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଏବ ସରପଞ୍ଚ ଭାରତୀ ନାୟକ, ଜିଲା ଭାଜପା ସାଧାରଣ ସମ୍ପାଦକ ଅକାଲୁ ଧଳ, ତାଳକୁଣ୍ଡି ଗ୍ରାମ ପଞ୍ଚାୟତ ଭାଜପା ସଭାପତି ଅଖିଳ ସାହୁ, ରୁନା ପଣ୍ଡା, ସୁଧିର କୁମାର ପାତ୍ର,ପ୍ରତାପ କୁମାର ପଣ୍ଡା ଓ ଶ୍ରୀବସ୍ତ ପ୍ରଧାନ ପ୍ରମୁଖ ସାମିଲ ଥିଲେ ।

### ମିଳିଲା ହୁଇଲ ଚେୟାର, କୈଳାସଙ୍କ ମୁହଁରେ ହସ



**ଦେବଗଡ, ୨।୧୦ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ ପୌରାଞ୍ଚଳ ୱାର୍ଡ ନଂ ୬ ହାତୀଶାଳ ସାହିର କୈଳାସ ଦଳବେହେରା। ଦୁର୍ଘଟଣାର ଶିକାର ହେବା ପରେ ସେ ଚଲାବୁଲା କରି ପାରୁ ନ ଥିଲେ। ଶଯ୍ୟାଶୟୀ ହୋଇ ରହିଥିଲେ। ପବିତ୍ର ଗାନ୍ଧି ଜୟନ୍ତୀ ତାଙ୍କ ମୁହଁରେ ହସ ଫୁଟିଛି। ପୌରାଧକ୍ଷା ଶାନ୍ତି ମଞ୍ଜରୀ ଦେଇ ନିଜସ୍ୱ ପାଣ୍ଠିରେ ଏକ ହୁଇଲ ଚେୟାର କିଣି ତାଙ୍କୁ ପ୍ରଦାନ କରିଛନ୍ତି। ଏହି ଅବସରରେ ଶୈଳେନ୍ଦ୍ର ବ୍ରିନେଦ, ରଞ୍ଜିତ ମୁଖି, ଦେବା ମୁଖି, ଲାଇସନ ନାୟକ, ଦିପୁ ମୁଖି, ମୁଖେସ ମୁଖି, ଇଲୁ ଖଡିଆ, ରାଜେନ ମୁଖି, କମଳ ମୁଖି ପ୍ରମୁଖ ଉପସ୍ଥିତ ଥିଲେ।

# ଲୋକକଳା ଗ୍ରାମରେ ୫ମ ବାର୍ଷିକ ଉତ୍ସବ


ଜଣେ ସାଂସ୍କୃତିକ କର୍ମକର୍ତ୍ତାଙ୍କୁ ମୁଖ୍ୟ ଅତିଥି ସମ୍ମାନିତ କରୁଛନ୍ତି।

**ଦେବଗଡ଼,୨।୧୦(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ତିଲେଇବଣୀ ବ୍ଲକ ଜାମୁନାଳୀ ଭେରୁବଣି ଲୋକକଳା ଗ୍ରାମଠାରେ ୫ମ ବାର୍ଷିକ ଉତ୍ସବ ଓ ଗାନ୍ଧି ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳ ୫ରୁ ଗାଁରେ ରାମଧୁନ ଓ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ତିଲେଇବଣୀ ବ୍ଲକର ଜିପିଇଓ କିଶୋର ଚନ୍ଦ୍ର ନାଏକ, ବରଣ୍ୟ ଅତିଥି ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ ମନୋରଞ୍ଜନ ସୂତାର ଓ ମୁଖ୍ୟ ବକ୍ତା ଚିତ୍ତରଞ୍ଜନ ଦାସ ଯୋଗଦେଇ ଥିଲେ। ଏହି ବାର୍ଷିକ ଉତ୍ସବରେ ବ୍ଲକର ୧୫ଟି ସାଂସ୍କୃତିକ ଦଳ ଭାଗ ନେଇଥିଲେ। ସାଂସ୍କୃତିକ ଦଳକୁ ମୁଖ୍ୟ ଅତିଥି ମାନପତ୍ର ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ କଳାକାର ଓ ସାଧାରଣ ଲୋକ ଉପସ୍ଥିତ ଥିଲେ।

# ବୈଷ୍ଣବ ବ୍ରାହ୍ମଣ ସମାଜର ପଶ୍ଚିମଓଡ଼ିଶା ସ୍ତରୀୟ ବୈଠକ

**ସମ୍ବଲପୁର,୨।୧୦(ଶୁଭାଶିଷ ପାଢ଼ୀ)**

ପଶ୍ଚିମ ଓଡ଼ିଶା ବୈଷ୍ଣବ ବ୍ରାହ୍ମଣ ସମାଜର ଏକ ସମାବେଶ ତଥା ନୂଆଁଖାଇ ଭେଟ୍‌ଘାଟ ସମ୍ବଲପୁର ସାଇନସ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲେଜର ନିର୍ଦ୍ଦେଶକ ତଥା ଅଧ୍ୟକ୍ଷ ଅଶ୍ୱିନୀ କୁମାର ଦାଶଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ଡ. ଗୁଣ ସାଗର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପଣ୍ଡିତ କମଳ ଲୋଚନ ଦାସ ମୁଖ୍ୟବକ୍ତା ଓ ପଣ୍ଡିତ ଜଳନ୍ଧର ଦାଶ ସମ୍ମାନିତ ଅତିଥିଭାବେ ଯୋଗଦେଇ ସମାଜର ଉନ୍ନତି ସମ୍ପର୍କରେ ଆଲୋକପାତ କରିଥିଲେ। ଆମ୍ବୁଜ୍ ଦାଶ, ମୋହନ ଦାଶ, ରାମ ଶରଣ, ସରୋଜ ଦାସ, ଅବନି କାନ୍ତ ଦାଶ, କ୍ଷୀରୋଦ ଦାଶ, ଅର୍ଜୁନ ଦାଶ, ଦେବେନ୍ଦ୍ର ଦାଶ, କଳାହାଣ୍ଡି ଜିଲାର କାହ୍ନୁଚରଣ ଦାଶ, ନବୀନ ଦାଶ, ଦେବାନନ୍ଦ ଦାଶ, ଦେବଗଡ଼ ଜିଲାର ତ୍ରିପୁରାରି ଦାଶ ପ୍ରମୁଖ ବହୁ ସଦସ୍ୟ ଯୋଗ ଦେଇଥିଲେ। ଆଡଭୋକେଟ ଅମ୍ବୁଜ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାସ୍ତରୀୟ ଗାନ୍ଧିଜୀ, ଶାସ୍ତ୍ରୀ ଜୟନ୍ତୀ


କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରାଯାଉଛି।

**ଦେବଗଡ଼,୨।୧୦(ଶଶାଙ୍କ ଶେଖର ଝାଙ୍କର)**

ସ୍ଥାନୀୟ ସେଣ୍ଟର ଫର କଲଚର ଠାରେ ଜିଲା ସ୍ତରୀୟ ଗାନ୍ଧି ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥିଭାବେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲାପରିଷଦ ଧର୍ମାନନ୍ଦ ବେହେରା ଯୋଗଦେଇ ଗାନ୍ଧିଜୀଙ୍କ ସତ୍ୟ ଅହିଂସା ଅସ୍ପୃଶ୍ୟତା ଆଦି ମହତ ବାଣୀ ଉପରେ ଆଲୋକପାତ କରିବା ସହ ତାଙ୍କର ସରଳ ଜୀବନ ଯାପନ ଓ ଉଚ୍ଚ ମୂଲ୍ୟ ଭିତ୍ତିକ ଚିନ୍ତା ଧାରାରେ ଅନୁପ୍ରାଣିତ ହେବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ବୈଠକରେ ବରଣ୍ୟ ଅତିଥି ପୌରପରିଷଦ ଅଧକ୍ଷା ଶାନ୍ତି ମଞ୍ଜରି ଦେଇ, ଆଇନଜୀବୀ ଦିଲ୍ଲୀପ ଗୁରୁ, ମନୋଜ ପାଢ଼ୀ, ବରିଷ୍ଠ ନାଗରିକ ପ୍ରଫୁଲ୍ଲ ମହାପାତ୍ର, ମାର୍କଣ୍ଡେଶ୍ୱର ଶତପଥୀ, ହେମନ୍ତ ମହାପାତ୍ର, ରାମଚନ୍ଦ୍ର ମହାପାତ୍ର, ନିରଞ୍ଜନ ଦ୍ୱିବେଦୀ, ଯୋଗେଶ ଦଳବେହେରା, ରାମଚନ୍ଦ୍ର ପ୍ରଧାନ, ଚିତ୍ତରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ଗାନ୍ଧି ଓ ଶାସ୍ତ୍ରୀ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ଏହା ପରେ ଗାନ୍ଧିଜୀଙ୍କ ପ୍ରିୟ ଭଜନ ପରିବେଷଣ କରାଯାଇଥିଲା। ମିତ୍ରଭାନୁ ମହାପାତ୍ର, ଇସଲାମ ଧର୍ମ ପକ୍ଷରୁ ମହମ୍ମଦ କାସିମ୍ ରାଜା ଓ ଖ୍ରୀଷ୍ଟ ଧର୍ମ ପକ୍ଷରୁ ଫାଦର ଜୁଗଳ କିଶୋର ହୋରୋ ତିନି ଧର୍ମର ଧର୍ମ ଯାଜକ ଗୀତା, କୋରାନ ଓ ବାଇବେଲ ପାଠ କରିଥିଲେ। ଗାନ୍ଧି ଜୟନ୍ତୀ ଉପଲକ୍ଷେ ପୂର୍ବରୁ ଆୟୋଜିତ ହୋଇଥିବା ଜିଲା ସ୍ତରରେ ଓଡ଼ିଆ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମ ପ୍ରାରମ୍ଭରେ ସୂଚନା ଦେବାସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଲୋକକଳା ସାଂସ୍କୃତିକ ଦଳ ବିକାଶ ପରିଷଦ ଗଠିତ


ବୈଠକରେ ଉପସ୍ଥିତ ସାଂସ୍କୃତିକ ଦଳ ଓ କର୍ମକର୍ତ୍ତା।

**ଦେବଗଡ, ୨।୧୦(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ ଜିଲା ବାରକୋଟ ବ୍ଲକ ସରୁଆଳି ଗ୍ରାମ ପଞ୍ଚାୟତ ଟାଇଁସିରା ଗ୍ରାମରେ ସମ୍ପୃକ୍ତ ଅଞ୍ଚଳର କଳାକାରମାନଙ୍କୁ ନେଇ ସୋମବାର ଲୋକକଳା ସାଂସ୍କୃତିକ ବିକାଶ ପରିଷଦ ଗଠିତ ହୋଇଯାଇଛି। ବିଷ୍ଣୁ ମହାକୁଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ କଳାକାର ମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ସମେତ ଆର୍ଥିକ ଏବଂ ସାଂସ୍କୃତିକ ବିକାଶ ସମ୍ପର୍କରେଆଲୋଚନା କରାଯାଇଥିଲା। ଏଥି ସହ ନୂତନ ଭାବେ ଗଠିତ ଏହି ଲୋକକଳା ସାଂସ୍କୃତିକ ଦଳ ବିକାଶ ପରିଷଦ ସଭାପତି ଭାବେ ବିଷ୍ଣୁ ମହାକୁଳ, ଉପସଭାପତି କ୍ଷୀରେଶ୍ୱରୀ ବାରିକ, ସମ୍ପାଦକ ପବିତ୍ର ମୋହନ ନାୟକ, ସହ ସମ୍ପାଦକ ପର୍ଶୁରାମ ବେହେରା, କୋଷାଧ୍ୟକ୍ଷ କୁମୁଦ ମହାକୁଳ ଓ ସମୀକ୍ଷକ ଭାବେ ମିଟୁ ମଣ୍ଡଳଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ଆଜିର ଏହି ବୈଠକରେ ମମତା ପାତ୍ର ଓ ଅମିତ ପ୍ରଧାନଙ୍କ ସମେତ ସମ୍ପୃକ୍ତ ଅଞ୍ଚଳର ମୋଟ ୨୨ଟି ସାଂସ୍କୃତିକ ଅନୁଷ୍ଠାନ ଉପସ୍ଥିତ ଥିଲେ।

# ସାଇବର ସୁରକ୍ଷା ଅଭିଯାନର ଶୁଭାରମ୍ଭ

**ବରଗଡ଼,୨।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ସୋମବାର ସାଇବର ସୁରକ୍ଷା ଅଭିଯାନର ଶୁଭାରମ୍ଭ ହୋଇଛି। ବରଗଡ଼ ଗାନ୍ଧୀ ଛକରେ ସାଇବର ସୁରକ୍ଷା ଅଭିଯାନକୁ ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀ, ଏସ୍‌ପି ପ୍ରହ୍ଲାଦ ସାହାଇ ମିନା, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ପ୍ରମୁଖ ଉପସ୍ଥିତ ଶୁଭାରମ୍ଭ କରିଥିଲେ। ସାଇବର ଅପରାଧକୁ ରୋକିବା ପାଇଁ ରାଜ୍ୟ ପୋଲିସ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଥିବା ବେଳେ ବରଗଡ଼ ପୋଲିସ ଏକ ସଚେତନତା ରଥ ଜିଲାରେ ବୁଲାଇବା ସହିତ ଜନସାଧାରଣଙ୍କୁ ସେ ନେଇ ସଚେତନ କରିବା ଭଳି ପଦକ୍ଷେପ ନେଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି, ଏସଡିପିଓ ପଦାରବିନ୍ଦ ତ୍ରିପାଠୀଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# ବଢୁଛି ଚୋରି, ଲୁଟ୍: ପୋଲିସ ପାଇଁ ଚାଲେଞ୍ଜ

**ସମ୍ବଲପୁର,୨।୧୦ (ଶୁଭାଶିଷ ପାଢ଼ୀ)**

ସମ୍ବଲପୁର ଜିଲାର ବିଶେଷକରି ସହରାଞ୍ଚଳରେ ଅପରାଧିକ କାର୍ଯ୍ୟ ବୃଦ୍ଧି ପାଉଥିବାବେଳେ ଏହା ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଦିନ ଦ୍ୱିପ୍ରହରରେ ଦୁର୍ବୃତ୍ତମାନେ ଲୁଟ୍‌ପାଟ କରୁଥିବା ବେଳେ ଏବେ ଘର ଭିତରେ ପଶି ଚୋରି କରୁଛନ୍ତି। ଅଇଁଠାପାଲି ଥାନା ଶାନ୍ତିନଗରରେ ଏଭଳି ଘଟଣା ଘଟିଛି। ପ୍ରିୟରଞ୍ଜନ ସାହୁଙ୍କ ପରିବାର ସଦସ୍ୟ ରବିବାର ସନ୍ଧ୍ୟା ପ୍ରାୟ ୫ଟାରେ କୌଣସି କାମରେ ବାହାରକୁ ଯାଇଥିଲେ। ଏହି ସୁଯୋଗରେ ଦୁର୍ବୃତ୍ତମାନେ ପାଚେରି ଡେଇଁ ମୁଖ୍ୟ ଗେଟ୍ ତାଲା ଭାଙ୍ଗି ଭିତରକୁ ପଶିଥିଲେ। ଘରର ମୁଖ୍ୟଦ୍ୱାର ତାଲା ଭାଙ୍ଗି ପଶିଥିବାବେଳେ ଘର ଲୋକ ଆସିବା ଜାଣିପାରି ପଛପଟ କବାଟ ଖୋଲି ଫେରାର ହୋଇଯାଇଥିଲେ। ସେମାନେ ଘରୁ ଟଙ୍କା ବା ମୂଲ୍ୟବାନ ସମ୍ପତ୍ତି ନେଇପାରି ନ ଥିବା ବେଳେ କେବଳ ଗ୍ୟାସ୍ ସିଲିଣ୍ଡର ନେଇଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଘର ମାଲିକ ସାହୁ କହିଛନ୍ତି, ଏଭଳି ଅପରାଧିକ କାର୍ଯ୍ୟ ସାଧାରଣ ଲୋକଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ଦିନବେଳେ ମଧ୍ୟ ଅସୁରକ୍ଷିତ ମନେ ହେଉଛି। ପୋଲିସ ପାଟ୍ରୋଲିଂ ବଢାଇବା ସହ ନିଶା କାରବାର ସମ୍ପୂର୍ଣ୍ଣ ବନ୍ଦ କରିବା ଆବଶ୍ୟକ ବୋଲି କହିଥିଲେ। ସୂଚନାଯୋଗ୍ୟ, ଦୁଇ ଦିନ ତଳେ ଧନୁପାଲି ଥାନା ଚାରଭାଟି କୁଲୁତକାନି ରାସ୍ତାରେ ଦୁର୍ବୃତ୍ତମାନେ ଜଣେ ଯୁବକଙ୍କ ବେକରୁ ଦିନବେଳେ ୩ ଲକ୍ଷ ଟଙ୍କାର ସୁନାଚେନ୍ ଲୁଟିନେଇଥିଲେ। ପୋଲିସ ଏହାର ଟେର ପାଇପାରି ନାହିଁ। ସେହିପରି କିଛିଦିନ ପୂର୍ବରୁ ସଦର ଥାନା ମାନେଶ୍ୱର ଛକ ଜାତୀୟ ରାଜପଥ ୫୫ କଡରେ ମାନଧାତାବାବା ସୁନା ଅଳଙ୍କାର ଦୋକାନରୁ ଡକାୟତି ହୋଇଥିଲା। ଲୁଟେରାମାନେ ବାଇକରେ ଆସି ବନ୍ଧୁକ ମୁନରେ ପ୍ରାୟ ୩୦ ଲକ୍ଷ ଟଙ୍କାର ସୁନା ଓ ରୁପା ଅଳଙ୍କାର ଲୁଟିନେଇଥିଲେ। ଘଟଣାକୁ ୮ଦିନ ବିତି ଯାଇଥିଲେ ମଧ୍ୟ ପୋଲିସକୁ ସଫଳତା ମିଳିପାରି ନାହିଁ। ଏ ସମ୍ପର୍କରେ ସଦର ଏସ୍‌ଡିପିଓ ପ୍ରଦୀପ ସାହୁ କହିଛନ୍ତି, ପୋଲିସ ଅପରାଧିକ କାର୍ଯ୍ୟ ରୋକିବା ନେଇ ପଦକ୍ଷେପ ଗ୍ରହଣ କରୁଛି। ସୁନା ଦୋକାନ ଲୁଟ୍ ଘଟଣାରେ ୨ ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛନ୍ତି ବୋଲି ସେ କହିଥିଲେ।


ଶାନ୍ତିନଗରରେ ଚୋରି ହୋଇଥିବା ଘର ।

# ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ପାଳିତ

**ପଦ୍ମପୁର,୨।୧୦(ପ୍ରଦୀପ୍ତ ଦାଶ)**

ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟ ସଭାଗୃହରେ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ସୋମବାର ପାଳିତ ହୋଇଯାଇଛି। ଏଥିରେ ଡ. ଯଦୁମଣି ସାହୁ ମୁଖ୍ୟ ଅତିଥି, ବରିଷ୍ଠ ନାଗରିକ ନିରୋଜ ଦୋରା, ଅବସରପ୍ରାପ୍ତ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ହସ୍ପିଟାଲ ମ୍ୟାନେଜର ଦିବ୍ୟ ମେହେର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅକ୍ଟୋବର ପହିଲାକୁ ଭାରତରେ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ଭାବେ ପାଳନ କରାଯାଏ। ରକ୍ତଦାନର ମହତ୍ତ୍ୱ ଏବଂ ଏହି ମହାନ କାର୍ଯ୍ୟ ସହିତ ଜଡିତ ଉପକାରିତା ବିଷୟରେ ସଚେତନତା ସୃଷ୍ଟି କରିବା ଏହି ଦିବସର ଉଦ୍ଦେଶ୍ୟ ବୋଲି ଡ. ସାହୁ ନିଜ ବକ୍ତବ୍ୟରେ କହିଥିଲେ। ରକ୍ତଭଣ୍ଡାର ଟେକ୍ନିସିଆନ ସଂଗ୍ରାମ କେଶରୀ ମହାନ୍ତ, ସୁମିତ ସୁମନ ସିହ୍ନା, ଦୀପକ ସାହୁ, ଅଶ୍ୱିନୀ ଗୁର୍ଲା, ଲଳିତ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# କ୍ରିୟା ଫାଉଣ୍ଡେଶନ ପକ୍ଷରୁ ପିଙ୍କ୍ ଅକ୍ଟୋବର ଉଦ୍‌ଘାଟିତ



ସଚେତନ କାର୍ଯ୍ୟକ୍ରମରେ ଅତିଥି ଓ ଛାତ୍ରୀଛାତ୍ର।

**ସମ୍ବଲପୁର,୨।୧୦(ଶୁଭାଶିଷ ପାଢ଼ୀ)**

କ୍ରିୟା ଫାଉଣ୍ଡେଶନ ପକ୍ଷରୁ ସମ୍ବଲପୁରରେ ସ୍ତନ କର୍କଟ ଉପରେ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ଏହାସହ ସମ୍ବଲପୁରରେ ରାଜ୍ୟସ୍ତରୀୟ ପିଙ୍କ୍ ଅକ୍ଟୋବର ଉଦ୍‌ଘାଟିତ ହୋଇଛି। କ୍ରିୟା ଫାଉଣ୍ଡେଶନର ପ୍ରତିଷ୍ଠାତା ସଦସ୍ୟ ଲିଲି ଜେନାମଣିଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ସହରର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଭାଗନେଇଥିଲେ। ବରିଷ୍ଠ ଡାକ୍ତରଙ୍କୁ ପ୍ରଶ୍ନ ପଚାରି ସନ୍ଦେହ ଦୂର କରିଥିଲେ। ସକାଳେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ପରିସରରେ ସମସ୍ତ ଛାତ୍ରୀଛାତ୍ର ଏକଜୁଟ ହୋଇଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ୍ ନାଗାରାଜୁ ପିଙ୍କ୍ ପତାକା ଦେଖାଇ ରାଲିର ଶୁଭାରମ୍ଭ କରିଥିଲେ। କ୍ରିୟା ଫାଉଣ୍ଡେସନର ଲିଲି ଜେନାମଣି, ସେବା ଅଧ୍ୟକ୍ଷ ଡକ୍ଟର ଅମର ତାଣ୍ଡିଆ, ସମ୍ବଲର ରାମଦାସ ପଣ୍ଡା, ଜିଲା ଯୁବ ବିଜେଡି ସଭାପତି ଲକ୍ଷ୍ମୀପ୍ରସାଦ ମହାପାତ୍ର, ଛାତ୍ର ନେତା ଚୁମନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ବଲପୁର ସହରର ଏମ୍ସ, ନ୍ୟୁଟନ, ବେଦିକ, ଗୁରୁ ନାନକ ପବ୍ଲିକ ସ୍କୁଲ ଓ ଜିଏମ୍ ବିଶ୍ୱବିଦ୍ୟାଳୟର ୬୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପ୍ଲାକାର୍ଡ ଧରି ରାଲିରେ ସାମିଲ ଥିଲେ। ଛନ୍ଦାମୟୀ ମିଶ୍ରଙ୍କ ପରିଚାଳନାରେ ପ୍ରଶ୍ନୋତ୍ତର

## ସ୍ତନ କର୍କଟ ଉପରେ ସଚେତନତା ରାଲି

କାର୍ଯ୍ୟକ୍ରମ ହୋଇଥିଲା। ସମ୍ମାନିତ ଅତିଥି ଭାବରେ ଡିପିଏଚ୍‌ଓ ଡା. ପ୍ରମୋଦ ଚନ୍ଦ୍ର ବିଶ୍ୱାଳ, ସର୍ଜିକାଲ ଅଙ୍କୋଲୋଜି ଡା. ସୁଧାଂଶୁ ପଣ୍ଡା, ଭିମ୍‌ସାର ବୁର୍ଲାରୁ ଡାକ୍ତର ଇନ୍ଦ୍ରାଣୀ, ଏନସିଡିର ଆସିଷ୍ଟାଣ୍ଟ ମ୍ୟାନେଜର ଡାକ୍ତର ସ୍ୱାଗତିକା ବେହେରା, ଡବ୍ଲ୍ୟୁଏଚ୍‌ଓର ଡାକ୍ତର ଶ୍ୟାମ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱର୍ଶର କାର୍ଯ୍ୟକାରୀ ନିର୍ଦ୍ଦେଶକ ଡାକ୍ତର ଘନଶ୍ୟାମ ବିଶ୍ୱାସ ମୁଖ୍ୟବକ୍ତା ଭାବରେ ଯୋଗଦେଇ କ୍ୟାନସର ରୋଗୀଙ୍କ ପ୍ରତି ସାମାଜ ସ୍ତରରେ ବ୍ୟବହାର ଉପରେ ମତ ରଖିଥିଲେ। ଶେଷରେ ଫାଉଣ୍ଡେଶନର ଲିଲି ଜେନାମଣି ଧନ୍ୟବାଦ ଅର୍ପଣ କରିଥିଲେ ।

**ପୂର୍ବ ତଟ ରେଳପଥ**

ନିଲାମ କାଟ୍‌ଲଗ୍ ନଂ.PnU-T-KUR-23-24
ପେ ଆଣ୍ଡ୍ ୟୁଜ୍ ଶୌଚାଳୟ ପାଇଁ ଇ-ନିଲାମ

**ଷ୍ଟେସନ ଏବଂ ସ୍ଥାନ :** (1) କଟକ-ପେ ଆଣ୍ଡ ୟୁଜ୍ (P&U)ଶୌଚାଳୟ (ପ୍ଲାଟଫର୍ମ ନଂ.1, ଭଦ୍ରକ ସୀମାରେ), (2) ଯାଜପୁର କେନ୍ଦୁଝର ରୋଡ୍-ପେ ଆଣ୍ଡ ୟୁଜ୍ ଶୌଚାଳୟ (P&U) (ପ୍ରି-ଫାବ୍ରିକେଟେଡ୍) (ପରିଚଳନ କ୍ଷେତ୍ରରେ), (3) ଭଦ୍ରକ-ପେ ଆଣ୍ଡ ୟୁଜ୍ ଶୌଚାଳୟ (P&U) (ପ୍ଲାଟଫର୍ମ ନଂ.1 ଏବଂ 2, ମଧ୍ୟଭାଗରେ) ।

**ନିଲାମ ଆରମ୍ଭ ହେବା ତାରିଖ ଏବଂ ସମୟ :** ତା.13.10.2023 ରିଖ 1100 ଘଟିକାରେ (କ୍ରମ ସଂ.1, 2 ଏବଂ 3 ନିମନ୍ତେ) ।

**ନିଲାମ ଶେଷ ହେବା ତାରିଖ :** ତା.13.10.2023 ରିଖ (କ୍ରମ ସଂ.1, 2 ଏବଂ 3 ନିମନ୍ତେ) ଏବଂ ନିଲାମ ଶେଷ ହେବା ସମୟ : 1130 ଘଟିକାରେ (କ୍ରମ ସଂ.1 ପାଇଁ), 1140 ଘଟିକାରେ (କ୍ରମ ସଂ.2 ପାଇଁ) ଏବଂ 1150 ଘଟିକା(କ୍ରମ ସଂ.3 ପାଇଁ) ।

ନିଲାମ କାଟ୍‌ଲଗ୍ ନଂ.Prkng-KUR-23-47
ପାର୍କିଙ୍ଗ୍ ଷ୍ଟାଣ୍ଡ ପାଇଁ ଇ-ନିଲାମ

**ଷ୍ଟେସନ ଏବଂ ସ୍ଥାନ :** (1) ରାଜସୁନାଖଳା-2 ଚକିଆ (ଷ୍ଟେସନ ବିଲ୍ଡିଙ୍ଗର ବେସ୍‌ମେଣ୍ଟରେ), (2) ନିରାକାରପୁର - ମିଶ୍ରିତ - 2 ତଥା 4 ଚକିଆ (ପରିଚଳନ କ୍ଷେତ୍ର ନିକଟରେ) ।

**ନିଲାମ ଆରମ୍ଭ ହେବା ତାରିଖ ଏବଂ ସମୟ :** ତା.13.10.2023 ରିଖ 1300 ଘଟିକାରେ (କ୍ରମ ସଂ.1 ଏବଂ 2 ନିମନ୍ତେ) ।

**ନିଲାମ ଶେଷ ହେବା ତାରିଖ :** ତା.13.10.2023 ରିଖ (କ୍ରମ ସଂ.1 ଏବଂ 2 ନିମନ୍ତେ) ଏବଂ ନିଲାମ ଶେଷ ହେବା ସମୟ : 1330 ଘଟିକା (କ୍ରମ ସଂ.1 ପାଇଁ) ଏବଂ 1340 ଘଟିକା (କ୍ରମ ସଂ.2 ପାଇଁ) ।

ଦ୍ରଷ୍ଟବ୍ୟ: ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡ଼ରଙ୍କୁ ୱେବ୍‌ସାଇଟ୍ https://www.ireps.gov.in ର ଇ-ଅକ୍ସନ ଲିଲିଜ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ୍
PR-634/O/23-24

ଫ୍ୟାଶନ

# କିପରି ଦେଖାଯିବେ ଷ୍ଟାଇଲିଶ୍, ଟ୍ରେଣ୍ଡି

ଆଲମାରୀରେ ବହୁ ଡ୍ରେସ୍ ରହିଥାଏ। କିନ୍ତୁ ଯେତେବେଳେ ଏହାକୁ ପିନ୍ଧିବାକୁ ପାଳି ପଡ଼େ ଏହିସବୁ କପଡ଼ା ଦେଖି ମନ ହୁଏନି ପିନ୍ଧିବାକୁ। ଯଦି ଆପଣ ଏହି ସମସ୍ୟାରୁ ରକ୍ଷାପାଇବାକୁ ଚାହାନ୍ତି , ଦିଆଯାଇଥିବା ଟିପ୍ସକୁ ଫଲୋ କରି ଷ୍ଟାଇଲିଶ୍ ଏବଂ ଟ୍ରେଣ୍ଡି ଦେଖାଯିବେ...



ଆଜିର ସମୟରେ ସମସ୍ତେ ଅଲଗା ଏବଂ ଷ୍ଟାଇଲିଶ୍ ଦେଖାଯିବାକୁ ଚାହାନ୍ତି। ଷ୍ଟାଇଲିଶ୍ ଦେଖାଯିବାକୁ ଲୋକମାନେ ନୂଆ ନୂଆ ଟ୍ରେଣ୍ଡି ଆଉଟ୍‌ଫିଟ୍ ଲୁକ୍‌କୁ ଫଲୋ କରିଥାନ୍ତି। ଏହାପରେ ତାଙ୍କୁ ବୁଝାପଡ଼େନି ଯେ ନିଜକୁ କିପରି ପର୍‌ଫେକ୍ଟ ଲୁକ୍ ଦେବେ, ଯଦି ଆପଣ ନିଜ ଲୁକ୍‌କୁ ନେଇ ଚିନ୍ତିତ ରହୁଥାନ୍ତି ତେବେ କେତୋଟି ଟିପ୍ସକୁ ଆପଣାଇ ସବୁଠୁ ଅଲଗା ଦେଖାଯାଇପାରିବେ...

**ଠିକ୍ କପଡ଼ା ଚୟନ କରନ୍ତୁ**

ଢିଲା ଡ୍ରେସ୍ ପିନ୍ଧିବା ଦ୍ୱାରା ଆପଣଙ୍କ ଫ୍ୟାଶନକୁ ଟିକେ ଫିକା ପଡ଼ିଲା ଭଳି ମନେହୁଏ। ଏଥିଲାଗି ଆପଣ ରେଡିମେଡ୍ ଡ୍ରେସ୍ କିଣୁଛନ୍ତି ତେବେ ନିଜକୁ ଫିଟ୍ ହେଲା ଭଳି ଡ୍ରେସ୍ କିଣନ୍ତୁ।

**ମ୍ୟାଚିଂ ଆଉଟ୍ ଫିଟ୍**

ଆପଣ ଯାହା କିଛି ବି ପିନ୍ଧୁଛନ୍ତି ତାକୁ ମ୍ୟାଚ୍ କଲା ଭଳି ଜୁଏଲେରି ,ପର୍ସ ଆଦିର ଧ୍ୟାନ ରଖନ୍ତୁ। କପଡ଼ା,ବ୍ୟାଗ୍,ମେକ୍‌ଅପ୍ ଏବଂ ଜୁଏଲେରି କମ୍ବିନେଶନ ଆପଣଙ୍କ ଲୁକ୍‌କୁ ମାନିବା ଦରକାର।

**ନିଜର ବ୍ୟକ୍ତିଗତ ଶୈଳୀକୁ ଖୋଜନ୍ତୁ**

ନିଜର ଷ୍ଟାଇଲ୍‌କୁ ପରିପ୍ରକାଶ କରିବାକୁ ହେଲେ ବେଳେବେଳେ ସମୟ ଲାଗିଯାଏ। କିନ୍ତୁ ଏଥିପାଇଁ କ'ଣ ପିନ୍ଧିବେ ତାହା ପସନ୍ଦ କରିବା ପରେ ପିନ୍ଧନ୍ତୁ। ଆପଣ ଯାହା ପିନ୍ଧୁଛନ୍ତି ସେହି ଜିନିଷ କିଣନ୍ତୁ। ଏମିତିରେ ଅଯଥା ଡ୍ରେସ୍ କିଣି ତାକୁ କେବଳ ସାଇତି ରଖିଲେ କିଛି ଲାଭ ନାହିଁ। ତେଣୁ ସବୁବେଳେ ଯାହାକୁ ପିନ୍ଧିଲେ ଆପଣ ଷ୍ଟାଇଲିଷ୍ଟ ଦେଖାଯିବେ ସେପରି ଡ୍ରେସ୍ କିଣନ୍ତୁ।

**ଡ୍ରେସ୍ ସହ ବେଲ୍ଟ ଆଡ୍ କରନ୍ତୁ**

ନିଜ ଲୁକ୍‌ରେ ବେଲ୍ଟ ଆଡ୍ କରିବାକୁ ଭୁଲନ୍ତୁ ନାହିଁ। ଏହା କୌଣସି ଆଉଟ୍‌ଫିଟ୍ ଓ ଅଧିକ ଆକର୍ଷକ ଲାଗିଥାନ୍ତି।

**ରଙ୍ଗର ମଧ୍ୟ ଧ୍ୟାନରଖନ୍ତୁ**

ଆପଣ କେଉଁ ରଙ୍ଗର ଡ୍ରେସ୍ ପିନ୍ଧିବେ ତାହା ଚୟନ କରିପାରୁ ନାହାନ୍ତି ତେବେ ପ୍ରଥମେ ଏକ କଲରଫୁଲ୍ ଡ୍ରେସ୍ ଚୟନକରି ଏହାକୁ ଟ୍ରାଏ କରନ୍ତୁ, ତା' ପରେ କେଉଁ ରଙ୍ଗର ଡ୍ରେସ ପିନ୍ଧିଲେ ଆପଣ ଅଧିକ ଆଟ୍ରାକ୍ଟିଭ୍ ଦେଖାଯିବେ ତାହା ନିଷ୍ପତ୍ତି ନିଅନ୍ତୁ।

# ଗୃହିଣୀଙ୍କ ପାଇଁ

ରୋଷେଇଘରେ ବେଶି କାମରେ ଲାଗେ କଡ଼େଇ। ଏହାକୁ କିପରି ଭଲ ଭାବେ ସଫା କରାଯିବ ସେ ସମ୍ପର୍କରେ କେତୋଟି ଟିପ୍ସ....

ପ୍ରଥମେ କଡ଼େଇକୁ ଗ୍ୟାସ୍ ଉପରେ ରଖିଦିଅନ୍ତୁ । ଏହା ପରେ ସେଥିରେ ୩ ଗ୍ଲାସ୍ ପାଣି ଦିଅନ୍ତୁ। ଏବେ ପାଣିରେ୨ ଚାମଚ ଡିଟରଜେଣ୍ଟ ପାଉଡର, ୧ ଚାମଚ ଲୁଣ ଏବଂ ୧ ଚାମଚ ଲେମ୍ବୁରସ ପକାନ୍ତୁ। ଏବେ ଏହି ପାଣିକୁ ପାଖାପାଖି ୫ ମିନିଟ୍ ପର୍ଯ୍ୟନ୍ତ ଫୁଟିବାକୁ ଛାଡ଼ି ଦିଅନ୍ତୁ। ଫୁଟୁଥିବା ପାଣି କଡ଼େଇର କୋଣ ପର୍ଯ୍ୟନ୍ତ ଆସିଯିବା ଦରକାର। ଏହାଦ୍ୱାରା କଡ଼େଇରେ ଲାଗିଥିବା ମଇଳା ସହଜରେ ସଫା ହୋଇଯିବ। ଏବେ କଡ଼େଇରେ ଥିବା ପାଣିକୁ ଅନ୍ୟ ଏକ ବଡ଼ ପାତ୍ରରେ ପକାଇ ଦିଅନ୍ତୁ। ଫଳରେ କଡ଼େଇ ପଛଭାଗରେ ଲାଗିଥିବା କଳା ସହଜରେ ଛାଡ଼ିଯିବ। ଏହିପରି କଡ଼େଇକୁ ୧୫ ମିନିଟ୍ ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ। ଏହାଦ୍ୱାରା ଲାଗିଥିବା ଚିକିଟା ବତୁରିଯିବା ଦ୍ୱାରା କଳା ଲାଗିଥିବା ଦାଗ ଛାଡ଼ିଯିବ। ଏବେ ୧ ଚାମଚ ବେକିଂ ସୋଡ଼ା ଏବଂ ଡିଟରଜେଣ୍ଟ ପାଉଡରକୁ ମିକ୍ସ କରିଦିଅନ୍ତୁ। ଏହି କଡ଼େଇକୁ ବାଲିକାଗଜରେ ଭଲଭାବେ ରଗଡ଼ନ୍ତୁ। ଦେଖିବେ, ଲାଗିଥିବା କଳାଦାଗ ଧୀରେ ଧୀରେ ଛାଡ଼ିବାକୁ ଲାଗୁଛି। ଦେଖିବେ, ଆପଣଙ୍କ ପୁରୁଣା କଡ଼େଇ ଏବେ କିପରି ଚମକୁଛି।




# ମେନୋପଜ୍ ସମସ୍ୟା ଓ ସମାଧାନ

ଡା. ତୀର୍ଥପ୍ରସାଦ ବରାଳ



ମାସିକ ଧର୍ମ ଜୀବନର ଏକ ସ୍ୱାଭାବିକ ପ୍ରକ୍ରିୟା। ଗୋଟେ ପଟେ ମାସିକ ଧର୍ମ ଆରମ୍ଭ ଯୌବନର ପ୍ରାରମ୍ଭିକ ଅବସ୍ଥା ସୂଚାଉଥିବା ବେଳେ ଅନ୍ୟପଟେ ମାସିକ ଧର୍ମ ଅବରୋଧ (ରଜୋନିବୃତ୍ତି) ବୃଦ୍ଧାବସ୍ଥାର ପ୍ରାରମ୍ଭିକ ଲକ୍ଷଣ । ତଥାପି କେତେଜଣ ମହିଳାଙ୍କ ଭ୍ରାନ୍ତଧାରଣା ଏହି ସ୍ୱାଭାବିକତାକୁ ଗ୍ରହଣ କରି ନ ଥାଏ। ବର୍ତ୍ତମାନ ଉଚ୍ଚତର ଜୀବନଶୈଳୀ କାରଣରୁ ମନୁଷ୍ୟର ହାରାହାରି ବୟସ ବୃଦ୍ଧି ପାଇଛି । ୯୦ ପ୍ରତିଶତ ମହିଳା ୬୫ବର୍ଷ ପର୍ଯ୍ୟନ୍ତ ତଥା ୩୫ ପ୍ରତିଶତ ୮୦ ବର୍ଷ ପର୍ଯ୍ୟନ୍ତ ଜୀବନ ବ୍ୟତୀତ କରୁଛନ୍ତି। ପ୍ରତି ୨ଜଣରେ ଜଣେ ଜୀବନକାଳ ମଧ୍ୟରେ ୩୦ବର୍ଷ ରଜୋନିବୃତ୍ତି ବୟସ ଅତିବାହିତ କରିଥାନ୍ତି।

**ମେନୋପଜ୍ କ'ଣ**

ଯୌବନର ଆଗମନରେ ଯେପରି ମାସିକ ଧର୍ମ ଆରମ୍ଭ ହୋଇଥାଏ ଠିକ୍ ସେହିପରି ବୃଦ୍ଧାସ୍ଥାର ପ୍ରାରମ୍ଭରେ ଏହା ବନ୍ଦ ହୋଇଯାଇଥାଏ। ଯେତେବେଳେ ଡିମ୍ବାଶୟ(ଓଭାରି) ଗର୍ଭଧାରଣ ପାଇଁ ଡିମ୍ବ(ଓଭମ୍) ଉତ୍ସର୍ଜନ ବନ୍ଦ କରିଥାଏ ସେତେବେଳେ ରଜସ୍ରାବ ବନ୍ଦ ହୋଇଥାଏ ଏବଂ ଏହି ଅବସ୍ଥାକୁ ରଜୋନିବୃତ୍ତି ବା ମେନୋପଜ୍ କୁହାଯାଏ। ଏହା ସାଧାରଣତଃ ୪୫-୫୫ବର୍ଷର ମହିଳାମାନଙ୍କ କ୍ଷେତ୍ରରେ ଦେଖାଯାଇଥାଏ। ଯଦିଓ ଏହା ଏକ ସ୍ୱାଭାବିକ ପ୍ରକ୍ରିୟା ତଥାପି କେବେକେବେ ଏତଦ୍ୱାରା ଶରୀରର ପରିବର୍ତ୍ତନ କାରଣରୁ ମହିଳାମାନେ ଏହାକୁ ରୋଗ ବୋଲି ଅନୁଭବ କରିଥାନ୍ତି। ଶରୀରରେ ଏହି ବଡ଼ ପରିବର୍ତ୍ତନ କାରଣରୁ ଏହା ସୂଚିତ କରେ କି ନାରୀ ବର୍ତ୍ତମାନ ଗର୍ଭଧାରଣ ତଥା ସନ୍ତାନ ପ୍ରସବ ପାଇଁ ଅଯୋଗ୍ୟ ।

**ଲକ୍ଷଣ ସମୂହ**

ରଜୋନିବୃତ୍ତି ସମୟରେ ମହିଳାମାନଙ୍କର ସେମିତି କୌଣସି ବିଶେଷ କଷ୍ଟ ଏବଂ ଅସୁବିଧା (ରକ୍ତସ୍ରାବଜନିତ) ହୋଇଥାଏ। ମାସିକସ୍ରାବ ଧୀରେ ଧୀରେ କମ୍ ହୋଇଥାଏ ଏବଂ ପରେ ସବୁଦିନ ପାଇଁ ବନ୍ଦ ହୋଇଯାଇଥାଏ। ତଥାପି ପ୍ରାୟତଃ ମହିଳା ରୁଗ୍‌ଣ ହୋଇଯାନ୍ତି ବା ନିଜକୁ ରୁଗ୍‌ଣ ଅନୁଭବ କରିଥାନ୍ତି। ଏହି ସମୟରେ ଅନେକ ଶାରୀରିକ ବିକୃତି ଦେଖାଯାଇଥାଏ, ଯେପରି ମୁଖ ମଣ୍ଡଳ ନିସ୍ତେଜତା ଦେଖାଯିବା, ଶିରଭ୍ରମ, ଶିରପୀଡ଼ା, ରାତ୍ରିକାଳୀନ ସ୍ୱେଦ ନିର୍ଗମନ, ଛାତି ଧଡ଼ଧଡ଼ ହେବା, ବ୍ୟତିବ୍ୟସ୍ତ ଲାଗିବା, ଚିଡ଼ିଚିଡ଼ା ସ୍ୱଭାବ ଦେଖାଯିବା, ମନ ଉଦାସ ରହିବା, ଦୁର୍ବଳ ଅନୁଭବ ହେବା, ପାଚନ କ୍ରିୟାରେ ଅସୁବିଧା ଯେପରିକି ବଦହଜମି, କୋଷ୍ଠକାଠିନ୍ୟ, ଅରୁଚି, ଯୋନି ଶୁଷ୍କତା, ଯୋନିକଣ୍ଡୁ, ଯୌନ ଆକାଙ୍‌କ୍ଷା ହ୍ରାସ, ମୂତ୍ରକୃଚ୍ଛ ଏବଂ ମୂତ୍ରମାର୍ଗ ସଂକ୍ରମଣ, ନିଦ୍ରାହୀନତା, ମୁଣ୍ଡର କେଶ ରୁକ୍ଷ ହେବା ଏବଂ ଝଡ଼ିବା ଇତ୍ୟାଦି ଦେଖାଯାଇଥାଏ।

ଏହି ସମୟରେ ଅଧିକାଂଶଙ୍କଠାରେ ଦେଖାଯାଉଥିବା ରୋଗ ହେଲା ଅଷ୍ଟିଓପୋରୋସିସ୍ ଯାହାକି କାଲ୍‌ସିୟମର ଚୟାପଚୟ କାରଣରୁ ହୋଇଥାଏ ଏବଂ ଜାନୁସନ୍ଧିବାତ ଏବଂ କଟିବାତ ଯାହାକି ଶାରୀରିକ ଓଜନ ବୃଦ୍ଧି କାରଣରୁ ବ୍ୟଥିତ କରିଥାଏ।

**ମାନସିକ ଚିନ୍ତା**

ମେନୋପଜ୍ ସମୟରେ କେତେଜଣ ମହିଳାଙ୍କର ମାନସିକ ଚିନ୍ତା ବଢ଼ିଯାଇଥାଏ ଏବଂ ସେମାନେ ଏହାକୁ ସ୍ୱାଭାବିକ ଅବସ୍ଥା ବୋଲି ସ୍ୱୀକାର କରିବାକୁ ପ୍ରସ୍ତୁତ ନ ଥାନ୍ତି। କେତେକେ ସଦାସର୍ବଦା ଯୁବତୀ ରହିବା ପାଇଁ ପ୍ରବଳ ଇଚ୍ଛା କରିଥାନ୍ତି ଏବଂ ଯେପରି ବୟସ ଅତିକ୍ରାନ୍ତ ହୋଇଥାଏ ସେମାନେ ନିଜକୁ ଯୁବତୀ ଦେଖାଯିବା ପାଇଁ ଆପ୍ରାଣ ଚେଷ୍ଟା କରିଥାନ୍ତି। ଏମାନଙ୍କ ମନରେ ବୃଦ୍ଧାବସ୍ଥା ଶବ୍ଦ ଅଧିକ ବ୍ୟତିବ୍ୟସ୍ତ କରିଥାଏ ତଥା ମାନସିକ ସନ୍ତୁଳନ ହରାଇ ବସିଥାନ୍ତି। ପ୍ରାୟତଃ ଯେଉଁମାନେ ଶିକ୍ଷିତ ତଥା ଅଧିକ ଆଧୁନିକା ସେମାନଙ୍କ କ୍ଷେତ୍ରରେ ଏହା ପରିଲକ୍ଷିତ ହୋଇଥାଏ। ଠିକ୍ ଏହାର ବିପରୀତ। ସାଧାରଣ ସମାଜ ଏବଂ ପରିବାର ମହିଳାଙ୍କ କ୍ଷେତ୍ରରେ ସେପରି କୌଣସି ପରିବର୍ତ୍ତନ ଦେଖାଯାଇ ନ ଥାଏ। ସେମାନେ ଜୀବନର ପ୍ରତ୍ୟେକ ପରିବର୍ତ୍ତନକୁ ସ୍ୱାଭାବିକ ଏବଂ ସହଜ ରୂପରେ ଗ୍ରହଣ କରିଥାନ୍ତି ତଥା ଏହି ପରିବର୍ତ୍ତନକୁ ପ୍ରସନ୍ନତା ପୂର୍ବକ ଆପଣାଇଥାନ୍ତି।

କେବେ କେବେ ମାସିକସ୍ରାବ ୨/୪ ମାସ ବନ୍ଦ ହୋଇଯିବା ଏବଂ ପରେ ଅଧିକ ମାତ୍ରାରେ ହେବା ଏବଂ ପୁନଃ ବନ୍ଦ ହୋଇଯିବା ଲକ୍ଷଣ ଏକ ବିଶେଷ ବିପଦ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରିଥାଏ; ଯାହାକି ଗର୍ଭାଶୟ କର୍କଟ। ଏପରି ସମସ୍ୟା ଦେଖାଦେଲେ ଏହାକୁ ଆଦୌ ଅବହେଳା କରିବା ଅନୁଚିତ। ଯେହେତୁ ଏପରି ରକ୍ତସ୍ରାବ ସମୟରେ ପ୍ରାୟତଃ କୌଣସି କଷ୍ଟ ଅନୁଭବ ହୋଇ ନ ଥାଏ, ତେଣୁ ମହିଳାମାନେ ଏହାକୁ ହେୟଜ୍ଞାନ କରିଥାନ୍ତି। ମାତ୍ର ଏପରି ଲକ୍ଷଣ କ୍ଷେତ୍ରରେ ତୁରନ୍ତ ଚିକିତ୍ସକଙ୍କ ପରାମର୍ଶ ନେବା ଜରୁରୀ। ମେନୋପଜ୍ ସ୍ତ୍ରୀ ଜୀବନରେ ଏକ ସ୍ୱାଭାବିକ ଏବଂ ଆବଶ୍ୟକ ପ୍ରକ୍ରିୟା ଏହାକୁ କେବେ ବି ଏପରି ଗ୍ରହଣ କରିବା ଅନୁଚିତ, ଯଦ୍ୱାରା ମାନସିକ ଅଶାନ୍ତି ଦେଖାଦେବ।

''ମେନୋପଜ୍ ସମୟରେ କେତେଜଣ ମହିଳାଙ୍କର ମାନସିକ ଚିନ୍ତା ବଢ଼ିଯାଇଥାଏ ଏବଂ ସେମାନେ ଏହାକୁ ସ୍ୱାଭାବିକ ଅବସ୍ଥା ବୋଲି ସ୍ୱୀକାର କରିବାକୁ ପ୍ରସ୍ତୁତ ନ ଥାନ୍ତି । କେତେକେ ସଦାସର୍ବଦା ଯୁବତୀ ରହିବା ପାଇଁ ପ୍ରବଳ ଇଚ୍ଛା କରିଥାନ୍ତି ଏବଂ ଯେପରି ବୟସ ଅତିକ୍ରାନ୍ତ ହୋଇଥାଏ ସେମାନେ ନିଜକୁ ଯୁବତୀ ଦେଖାଯିବା ପାଇଁ ଆପ୍ରାଣ ଚେଷ୍ଟା କରିଥାନ୍ତି । ଏମାନଙ୍କ ମନରେ ବୃଦ୍ଧାବସ୍ଥା ଶବ୍ଦ ଅଧିକ ବ୍ୟତିବ୍ୟସ୍ତ କରିଥାଏ ତଥା ମାନସିକ ସନ୍ତୁଳନ ହରାଇ ବସିଥାନ୍ତି । ପ୍ରାୟତଃ ଯେଉଁମାନେ ଶିକ୍ଷିତ ତଥା ଅଧିକ ଆଧୁନିକା ସେମାନଙ୍କ କ୍ଷେତ୍ରରେ ଏହା ପରିଲକ୍ଷିତ ହୋଇଥାଏ।''









-ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟ
ଆମଣ, ଶାସୋଳ, କଟକ
ମୋ: ୯୪୩୯୦୯୭୭୩୧

ସୌନ୍ଦର୍ଯ୍ୟ

# ଘରୋଇ ଫେସ୍ ସେରମ୍

ସମସ୍ତେ ସୁନ୍ଦର ଦେଖାଯିବା ଲାଗି କେତେ କ'ଣ ବିଉଟି ପ୍ରଡକ୍ଟ ବ୍ୟବହାର କରିଥାନ୍ତି। ଆଜି ଆପଣଙ୍କୁ ଏପରି ଫେସ୍ ସେରମ୍ ବିଷୟରେ ସୂଚନା ଦେବୁ, ଯାହାକୁ ଆପଣ ନିଜ ଘରେ ପ୍ରସ୍ତୁତକରି ଲଗାଇପାରିବେ....



**ସେରମ୍ ପ୍ରସ୍ତୁତ କରିବା ପାଇଁ ସାମଗ୍ରୀ**

ଗୋଟିଏ ବିଟ୍, ଗୋଟିଏ ଗାଜର, ଆଉ ଆବଶ୍ୟକ ମୁତାବକ ଗେଣ୍ଡୁପତ୍ର। ସେରମ୍ ପ୍ରସ୍ତୁତ କରିବା ଲାଗି ପ୍ରଣାଳୀ ହୋମ୍‌ମେଡ୍ ସେରମ୍ ପ୍ରସ୍ତୁତ କରିବାକୁ ହେଲେ ପ୍ରଥମେ ବିଟ୍‌କୁ ଅଧା କାଟି ଦିଅନ୍ତୁ। ଏବେ ବିଟ୍‌ରୁଟ୍‌ର ଚୋପା ଛଡ଼ାଇ ତାକୁ ଭଲଭାବେ ଛେଚି ଦିଅନ୍ତୁ। ବିଟ୍‌ରୁଟ୍‌କୁ ଟିକେ ସାଇଡ କରି ଗାଜର ଚୋପା ଛଡ଼ାଇ ତାକୁ ଚିକିଚିକି କରି କାଟି ଦିଅନ୍ତୁ। ଏବେ ଗାଜର ଏବଂ ବିଟ୍‌କୁ ସମାନ ପରିମାଣରେ ମିଶାନ୍ତୁ। ଏବେ ଏଥିରେ ଗେଣ୍ଡୁପତ୍ର ପକାନ୍ତୁ। ଏହି ମିଶ୍ରଣରେ ସମାନ ପରିମାଣରେ ଆଲମଣ୍ଡ ଅଏଲ ମିଶାନ୍ତୁ। ସବୁ ସାମଗ୍ରୀକୁ ମିଶାଇବା ପରେ ଏହାକୁ ଗୋଟିଏ ସପ୍ତାହ ଲାଗି ଖରାରେ ରଖନ୍ତୁ । ଯଦି ଆପଣ ଚାହୁଁଥାନ୍ତି ଏହି ସେରମକୁ ପ୍ରସ୍ତୁତ କରିବାକୁ, ତେବେ କଡ଼େଇରେ ପ୍ରଥମେ ଅଧା କପ ପାଣି ନିଅନ୍ତୁ। ଏହା ପରେ କଡ଼େଇ ଉପରେ ଏକ କପଡ଼ା ଲଗାନ୍ତୁ। ଯେଉଁ ବାଓଲରେ ଗାଜର ଏବଂ ବିଟ୍‌ରୁଟ୍ ରହିଛି ତାକୁ ଢାଳି କପଡ଼ା ଉପରେ ପଡ଼ିଥିବା ରସକୁ ଚାମଚ ଦ୍ୱାରା ଚଲାନ୍ତୁ। କିଛି ସମୟ ପରେ ଯେତେବେଳେ ତେଲର ରଙ୍ଗ ଡାର୍କ କଲର ହୋଇଯାଇଛି ଏହାକୁ ଗୋଟିଏ ଖାଲି ବୋତଲରେ ଢାଳି ରଖିଦିଅନ୍ତୁ। ଏବେ ଆପଣଙ୍କ ସିରମ୍ ପ୍ରସ୍ତୁତ ହୋଇଗଲା। ଯେତେବେଳେ ଏହି ସେରମ୍‌କୁ ବ୍ୟବହାର କରୁଛନ୍ତି ସେରମ୍ ଥିବା ବୋତଲଟିକୁ ହଲାଇବାକୁ ଭୁଲନ୍ତୁ ନାହିଁ।




ଖାଦ୍ୟରୁଚି

# ପଟାଟୋ ସ୍ୟାଣ୍ଡଉଇଚ୍

**ଆବଶ୍ୟକ ସାମଗ୍ରୀ:** ୨୫୦ଗ୍ରାମ୍ ଆଳୁ, ଏକ ପ୍ୟାକେଟ ବ୍ରେଡ୍, ଗୋଟିଏ ବଡ଼ ପିଆଜ କଟା, ୨ଟି କଞ୍ଚାଲଙ୍କା, ୧ ଚାମଚ କଶ୍ମୀରୀ ପାଉଡର, ସ୍ୱାଦ ଅନୁସାରେ ଲୁଣ, ଅଳ୍ପ ପରିମାଣର ଧନିଆ ପତ୍ର ଏବଂ ତେଲ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଆଳୁକୁ ସିଝାଇ ଦିଅନ୍ତୁ। ସିଝିଥିବା ଆଳୁର ଚୋପା ଛଡାଇ ତାକୁ ଚକଟି ଦିଅନ୍ତୁ। ଏବେ ଏଥିରେ ସବୁ ମସଲା, ପିଆଜ, କଞ୍ଚାଲଙ୍କା ମିଶାଇ ଦିଅନ୍ତୁ। ଏହାପରେ ବ୍ରେଡ୍ ସ୍ଲାଇସ୍ ମଝିରେ ମସଲା ଭରନ୍ତୁ। ଏବେ ଏହାକୁ ସ୍ୟାଣ୍ଡଉଇଚ୍ ମେକରରେ ସେକି ଦିଅନ୍ତୁ। ବର୍ତ୍ତମାନ ଏହାକୁ ଆପଣ ଟମାଟୋ ସସ୍ ଏବଂ ଧନିଆ ଚଟଣି ସହ ଖାଇପାରିବେ।



## ସଂକ୍ଷେପରେ

### ବାଇକ୍ ଉପରେ ଚଢ଼ିଗଲା ଟ୍ରକ୍, ୨ ମୃତ

ହାଟଡିହୀ,୨।୧୦(ଶୁଭକାନ୍ତ ନାୟକ): କେନ୍ଦୁଝର ଜିଲା ନନ୍ଦିପଦା ଥାନାଠାରୁ ପ୍ରାୟ ୫୦୦ ମିଟର ଦୂର ବିରଞ୍ଚିପୁର ଛକଠାରେ ସୋମବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବାଇକ୍ ଉପରେ ଟ୍ରକ୍ ଚଢ଼ିଯିବାରୁ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ସୁଲଗଡ଼ିଆ ଗ୍ରାମର ଇନ୍ଦ୍ରମଣି ସେଠୀ( ୪୦) ଓ କୁନି ପେଡ଼ାଙ୍କ ପୁଅ ରବୀନ୍ଦ୍ର (୨୮)।

ସୂଚନା ଅନୁଯାୟୀ, ଇନ୍ଦ୍ରମଣି ନିଜ ଭଉଣୀ ଘର ହାଟଡ଼ିହୀ ବ୍ଲକ୍ ଅକରୁଆ ପଞ୍ଚାୟତ ଭାତକରୁଆ ଗ୍ରାମକୁ ରବୀନ୍ଦ୍ରଙ୍କ ସହ ବାଇକ୍‌ରେ ଦ୍ୱିତୀୟା ଓଷା ଭାର ନେଇ ଯାଇଥିଲେ। ଫେରିବା ବେଳେ ଆନନ୍ଦପୁର-ଭଦ୍ରକ ୫୩ ନଂ. ରାଜ୍ୟ ରାଜପଥର ବିରଞ୍ଚିପୁର ଛକଠାରେ ବିପରୀତ ପଟୁ ଆସୁଥିବା ଏକ ଟ୍ରକ୍ ସହ ତାଙ୍କ ବାଇକ୍ ଧକ୍କା ହୋଇଥିଲା। ଟ୍ରକ୍ ଧକ୍କା ଦେଇ ବାଇକ୍ ଉପରେ ଚଢ଼ିଯାଇଥିଲା। ୨ ବାଇକ୍ ଆରୋହୀ ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାସ୍ତାରେ ପଡ଼ିଥିଲେ। ଡ୍ରାଇଭର ଟ୍ରକ୍ ଛାଡ଼ି ଫେରାର ହୋଇଯାଇଥିଲେ। ଖବରପାଇ ପୋଲିସ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ମାତ୍ର ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଓ ବାଇକ୍ ଜବତ କରି ପୋଲିସ ତଦନ୍ତ ଜାରି ରଖିଛି।

### ସୀମାନ୍ତରେ ମାଓବାଦୀ କ୍ୟାମ୍ପ ଧ୍ୱଂସ

**ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର, ସାମଗ୍ରୀ ଜବତ**



ମାଲକାନଗିରି,୨।୧୦(ଦୁର୍ଯ୍ୟୋଧନ ପାତ୍ର): ଛତିଶଗଡ଼ ବିଜାପୁର ଜିଲାରେ ଯବାନମାନେ ମାଓବାଦୀ କ୍ୟାମ୍ପ ଧ୍ୱଂସ କରିବା ସହ ବିପୁଳ ପରିମାଣରେ ସାମଗ୍ରୀ ଜବତ କରିଛନ୍ତି। ସୂଚନା ଅନୁଯାୟୀ, ମିତୁର ଥାନା କୁଡ଼ମେର ଓ ମଦପାଲ ଜଙ୍ଗଲରେ ବୈରମଗଡ଼ ଏରିୟା କମିଟି ସଚିବ ସୁମିତ୍ରା ଓ ଏସିଏମ୍ ଶଙ୍କର କାରାମଙ୍କ ସହ ୧୦ ରୁ ୧୫ ସଶସ୍ତ୍ର ମାଓବାଦୀ ଉପସ୍ଥିତ ଥିବା ବିଶେଷ ସୂତ୍ରରୁ ଖବରପାଇ ଡିଆର୍‌ଜି ଓ ୧୯ ବି ବାଟାଲିୟନ ବିଜାପୁର ଜିଲା ମିତୁର ଥାନା ଅଞ୍ଚଳ ମଦପାଲ ଜଙ୍ଗଲରେ କୋମ୍ବିଂ ଆରମ୍ଭ କରିଥିଲେ। ତେବେ ପୋଲିସ ଆସିବା ସୂଚନା ପାଇ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିବା ବେଳେ ଯବାନମାନେ ମାଓବାଦୀ କ୍ୟାମ୍ପ ଧ୍ୱଂସ କରିବା ସହ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଥିଲେ। ଘଟଣାସ୍ଥଳରୁ ଡିଟୋନେଟର, ଟୁଲସ୍, ମାଓ କପଡ଼ା, ମାଓବାଦୀ ପୁସ୍ତିକା ଓ ଔଷଧ ସହ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଜବତ କରିଛନ୍ତି।

### ବାଇକ୍ ଧକ୍କାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ଖୁଣ୍ଟା,୨।୧୦ (ଦେବରଞ୍ଜନ ବେହେରା): ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ଭୂଡୁରୁକୁଲା ଛକ ନିକଟରେ ସୋମବାର ସନ୍ଧ୍ୟାରେ ବାଇକ୍ ଧକ୍କାରେ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍ୱାମୀ ଗୁରୁତର ହୋଇଛନ୍ତି। ମୃତ ମହିଳା ଜଣକ ହେଲେ ସାକ୍ର ବେଶ୍ରା। ତାଙ୍କ ସ୍ୱାମୀ ସନାତନଙ୍କୁ ଚିକିତ୍ସା ପାଇଁ ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ବଡ଼ସାହି ବ୍ଲକ ଅଧୀନ ଜାରକାଣୀ ଗ୍ରାମରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟରେ ଉଠାଦୋକାନ ବ୍ୟବସାୟ ପାଇଁ ଖୁଣ୍ଟା ଥାନା ଅଧୀନ ଭୂଡୁରୁକୁଲା ଗ୍ରାମର ସନାତନ ଓ ତାଙ୍କ ସ୍ତ୍ରୀ ସାକ୍ର ଯାଇଥିଲେ। ସନ୍ଧ୍ୟାରେ ଉଭୟେ ଦୁଇଟି ସାଇକେଲରେ ଘରକୁ ଫେରୁଥିବା ବେଳେ ଭୂଡୁରୁକୁଲା ଛକ ନିକଟରେ ପଛପଟୁ ଦ୍ରୁତଗତିରେ ଆସୁଥିବା ଜଣେ ବାଇକ୍ ଚାଳକ ସେମାନଙ୍କୁ ଧକ୍କା ଦେଇଥିଲେ। ସ୍ଥାନୀୟ ଗ୍ରାମବାସୀ ଆହତ ଦମ୍ପତିଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିବା ବେଳେ ସେଠାରେ ଡାକ୍ତର ସାକ୍ରଙ୍କୁ ମୃତ ଘୋଷଣା କରିଥିଲେ।

**କେନ୍ଦୁଝର କେନ୍ଦୁପତ୍ର ବନଖଣ୍ଡ**

# ସୁରକ୍ଷା ନାହିଁ, ଚୋରାଚାଲାଣ ବଢ଼ୁଛି

- ତୋଳାଳି ଶୋଷିତ, ରାଜସ୍ୱ ହରାଉଛନ୍ତି ସରକାର
- ଭୟଭୀତ କରି ନେଇଯାଉଛନ୍ତି ବାହାର ବ୍ୟବସାୟୀ

କେନ୍ଦୁଝର,୨।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ)



କେନ୍ଦୁଝର କେନ୍ଦୁପତ୍ର ବନଖଣ୍ଡରେ ଚୋରାଚାଲାଣ ବୃଦ୍ଧି ପାଇବାରେ ଲାଗିଛି। ବନଖଣ୍ଡ ଅଧୀନସ୍ଥ ବାଙ୍ଗିରିପଶି ରେଞ୍ଜରୁ ବହୁ ପରିମାଣର କେନ୍ଦୁପତ୍ର ପଡ଼ୋଶୀ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡକୁ ଚାଲାଣ ହେଉଛି। ସୁରକ୍ଷା ଅଭାବରୁ ପଡ଼ୋଶୀ ବ୍ୟବସାୟୀମାନେ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଓ ଭୟଭୀତ କରି କମ ଦାମରେ ତୋଳାଳିମାନଙ୍କଠାରୁ କେନ୍ଦୁପତ୍ର କିଣି ନେଉଛନ୍ତି। ଏହାର ପ୍ରତିକାର କରାଯାଉ ନ ଥିବାରୁ ତୋଳାଳି ଶୋଷିତ ହେଉଛନ୍ତି। ଅପରପକ୍ଷରେ ଚୋରାଚାଲାଣ ଯୋଗୁ ରାଜ୍ୟ ସରକାର ବ୍ୟାପକ ରାଜସ୍ୱ ହରାଉଛନ୍ତି।

ପ୍ରକାଶ ଯେ, ବାଙ୍ଗିରିପଶି ରେଞ୍ଜର ରାଇରଙ୍ଗପୁର, ଅସନା, ଯଶିପୁର ଓ ବାଙ୍ଗିରିପଶି ସେକ୍ସନରେ ପାଖାପାଖି ୩୨୦୦ କେନ୍ଦୁପତ୍ର ତୋଳାଳି ଅଛନ୍ତି। ବିଶେଷ କରି ସମସ୍ତେ ମହିଳା ଏବଂ ପ୍ରତ୍ୟେକ ବର୍ଷ କେନ୍ଦୁପତ୍ର ଋତୁରେ ସେମାନେ କେନ୍ଦୁପତ୍ର ତୋଳି ସେସବୁ ବିକି ଜୀବିକା ନିର୍ବାହ କରିଥାନ୍ତି। ସେମାନେ ତୋଳୁଥିବା କେନ୍ଦୁପତ୍ରର ପାଖାପାଖି ଅଧା ଭାଗ ସୀମା ପାର ହୋଇ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗକୁ ଚୋରାଚାଲାଣ ହୋଇଯାଉଛି। ଓଡ଼ିଶାରେ କେନ୍ଦୁପତ୍ର ମୂଲ୍ୟ କେରି ପିଛା ୧.୪୦ ପଇସା ରହିଥିବା ବେଳେ ବିଭିନ୍ନ ସୁବିଧା ମିଶାଇଲେ ତୋଳାଳିମାନେ ପାଖାପାଖି ୩.୨୦ ପଇସା ପାଇଥାନ୍ତି। କିନ୍ତୁ ଡିଭିଜନରେ ବିଳମ୍ବରେ ପାରିଶ୍ରମିକ ପୈଠ ହୋଇଥାଏ। କେନ୍ଦୁପତ୍ର ବ୍ୟବସାୟୀ ଏହାର ଫାଇଦା ଉଠାଇ ତୋଳାଳିମାନଙ୍କୁ ନଗଦରେ କମ୍‌ଦାମ ଦେଇ କେନ୍ଦୁପତ୍ର କିଣି ନେଉଛନ୍ତି। ଉକ୍ତ କେନ୍ଦୁପତ୍ରକୁ ବ୍ୟବସାୟୀମାନେ ରାଇରଙ୍ଗପୁର ଓ ବେତନଟି ରାସ୍ତାରେ ବାହାର ରାଜ୍ୟକୁ ଚାଲାଣ କରୁଛନ୍ତି। ଫଳରେ କେନ୍ଦୁଝର ଡିଭିଜନର ଆୟ କମୁଛି। ଡିଭିଜନରେ ଅଧିକ ମୂଲ୍ୟ ମିଳୁଥିବା ନେଇ ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ ଏବଂ ଅନେକ ସମୟରେ ସୁରକ୍ଷାର ଅଭାବ ଯୋଗୁ ମଧ୍ୟ ତୋଳାଳିମାନେ କମ୍‌ଦାମରେ ବିକିବାକୁ ବାଧ୍ୟ ହେଉଛନ୍ତି। ତୁରନ୍ତ ବିକ୍ରି କରିଦେଲେ ସେଥିରେ ମିଳୁଥିବା ପଇସା ଧାରକରଜ ଶୁଝିବା ସହ ପରିବାର ଚଳାଇବା ଆଶା ରଖିଥାନ୍ତି ବୋଲି କେତେଜଣ ତୋଳାଳି ମତବ୍ୟକ୍ତ କରିଛନ୍ତି। ଚୋରାଚାଲାଣକୁ ରୋକା ଯାଇପାରୁ ନ ଥିବାରୁ ତୋଳାଳିମାନେ ଶୋଷଣର ଶିକାର ହେଉଛନ୍ତି। ଓଡ଼ିଶାରେ ସେମାନଙ୍କୁ ସୁରକ୍ଷା ଦେବା ସହ ତୁରନ୍ତ କିଭଳି ପାରିଶ୍ରମିକ ପାଇବେ ବ୍ୟବସ୍ଥା କରାଗଲେ ସେମାନେ ବାହାର ବ୍ୟବସାୟୀଙ୍କୁ ବିକିବେ ନାହିଁ ଏବଂ ତୋଳାଳି ଉଚିତ ମୂଲ୍ୟ ପାଇପାରିବେ ବୋଲି ଡିଭିଜନ ସମ୍ପାଦକ ସଞ୍ଜୟ ଚୌଧୁରୀ କହିଛନ୍ତି। ଏଥିସହ ଓଡ଼ିଶାରେ କେନ୍ଦୁପତ୍ର ତୋଳାଳିମାନଙ୍କୁ କେନ୍ଦୁପତ୍ରର ମୂଲ୍ୟ ଦେବା ସହ ବୀମା ସୁବିଧା, ଚପଲ, ଜୋତା, ପିଲାଙ୍କ ପାଇଁ ସ୍କଲାରଶିପ ବ୍ୟବସ୍ଥା ଆଦି ସରକାରୀ ବ୍ୟବସ୍ଥା ରହିଛି। ତେବେ ସେମାନେ ବିଭିନ୍ନ ଚାପ ଓ ସମସ୍ୟା ଯୋଗୁ ଏସବୁ ସୁବିଧାକୁ ହାତଛଡ଼ା କରି ବାହାର ରାଜ୍ୟର ବ୍ୟବସାୟୀଙ୍କୁ ବିକ୍ରି କରିଦେଉଛନ୍ତି।

ଅନ୍ୟପକ୍ଷେ ସୀମାରେ ଧରପଗଡ଼ ହେଉନାହିଁ। ଫଳରେ କେନ୍ଦୁପତ୍ର ବ୍ୟବସାୟୀ ସହଜରେ ବାହାର ରାଜ୍ୟକୁ କେନ୍ଦୁପତ୍ର ଚାଲାଣ କରୁଛନ୍ତି। ଅନେକ ସମୟରେ ମାଫିଆମାନେ ମାରଣାସ୍ତ୍ର ଧରି ଭୟଭୀତ କରୁଥିବା ବେଳେ କିଛି ବର୍ଷ ତଳେ ଏକ ଫଡିଘରକୁ ପୋଡ଼ିଦେଇଥିଲେ। ଫଳରେ ସେମାନଙ୍କୁ ବିରୋଧ କରିବାକୁ ଲୋକେ ସାହସ କରୁନାହାନ୍ତି। ଏପରିକି ସେମାନେ ନାମ ପ୍ରକାଶ କରିବାକୁ ମଧ୍ୟ ଭୟ କରୁଛନ୍ତି।

ଏ ନେଇ ବାଙ୍ଗିରିପଶି ରେଞ୍ଜର କେଦାରନାଥ ମଲ୍ଲିକ କହିଛନ୍ତି, ଓଏଫ୍‌ଡିସି ସଂସ୍ଥା କେନ୍ଦୁପତ୍ର ନିଲାମ କରିଥାଏ। ପୂର୍ବ ବର୍ଷ ଅପେକ୍ଷା ଗତ ବର୍ଷ ଅଧିକ ଅର୍ଥାତ୍ ୪୬ ଲକ୍ଷ ୭୭ ହଜାର ଟଙ୍କାର କେନ୍ଦୁପତ୍ର ବିକ୍ରି ହୋଇଛି। ବାହାର ରାଜ୍ୟକୁ ଚାଲାଣ ବନ୍ଦ ହେଲେ ପରିମାଣ ଅଧିକ ହେବ। ଗାଡ଼ି ଯାଞ୍ଚ କରି ଚୋରାଚାଲାଣ ରୋକିବା ପାଇଁ ବିଭାଗ ପାଖରେ କୌଣସି ବ୍ୟବସ୍ଥା ନାହିଁ। ତେବେ ଅନ୍ୟ ବିଭାଗ ପକ୍ଷରୁ ଧରପଗଡ଼ ହୋଇ ଅନେକ ସମୟରେ କେନ୍ଦୁପତ୍ର ବୋଝେଇ ଗାଡ଼ି ଧରାଯାଉଛି। ସରକାରୀ ସୁବିଧା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଉଥିଲେ ହେଁ ସେମାନେ ବାହାର ବ୍ୟବସାୟୀଙ୍କୁ ବିକ୍ରି କରିଦେଉଛନ୍ତି।

### ସ୍କୁଲ୍ ପରିସରରୁ ମହିଳାଙ୍କ ମୃତଦେହ ଜବତ

ଘସିପୁରା,୨।୧୦(ନିରଞ୍ଜନ ସାହୁ)

କେନ୍ଦୁଝର ଜିଲା ଘସିପୁରା ଥାନା ବସନ୍ତପୁରା ବଳଦେବଜୀଉ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରୁ ସୋମବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତ ମହିଳା ଜଣକ ହେଲେ ସ୍ଥାନୀୟ ତୋରାଣିଆପାଳ ଗ୍ରାମର ଅଶୋକ ଯେନାଙ୍କ ସ୍ତ୍ରୀ ବାସନ୍ତୀ। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ପୋଲିସ ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ବାସନ୍ତୀ ପ୍ରଥମେ ବିବାହ କରିଥିବା ସ୍ୱାମୀଙ୍କଠାରୁ ଅଲଗା ହୋଇ ଅଶୋକଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ଉଭୟ ଦୀର୍ଘ ୧୨ ବର୍ଷ ହେବ ଚେନ୍ନାଇରେ ରହିଆସୁଥିଲେ। ୩ଦିନ ତଳେ ଗାଁକୁ ଫେରିଥିଲେ। ସୋମବାର ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ବିଦ୍ୟାଳୟକୁ ଆସିଥିବା ଶିକ୍ଷୟିତ୍ରୀ, ଶିକ୍ଷକମାନେ ରୋଷେଇ ଘର ପିଣ୍ଡିରେ ବାସନ୍ତୀଙ୍କ ଝୁଲନ୍ତା ମୃତଦେହ ଦେଖି ଗ୍ରାମବାସୀଙ୍କୁ ଅବଗତ କରିଥିଲେ। ଗ୍ରାମବାସୀଙ୍କଠାରୁ ସୂଚନା ପାଇ ଘସିପୁରା ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୫୨/୨୩)ରୁଜୁ ହୋଇଛି। ପ୍ରାଥମିକ ତଦନ୍ତରୁ ଏହା ଆତ୍ମହତ୍ୟା ବୋଲି ଜଣାପଡୁଛି। ଅଧିକ ତଦନ୍ତ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ସୁଶାନ୍ତ କୁମାର ପରିଡ଼ା କହିଛନ୍ତି।

# ପୋଖରୀରେ ବୁଡ଼ି ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ

**ଗାନ୍ଧୀ ଜୟନ୍ତୀରେ ଦୁଃଖଦ ଘଟଣା**

ଭୁବନେଶ୍ୱର,୨।୧୦
(ସୂର୍ଯ୍ୟକାନ୍ତ ବେହେରା)

ଗାନ୍ଧୀ ଜୟନ୍ତୀରେ ରାଜଧାନୀରେ ଏକ ଦୁଃଖଦ ଘଟଣା ଘଟିଛି। ଖଣ୍ଡଗିରି ଥାନା ଅନ୍ତର୍ଗତ ବରମୁଣ୍ଡାସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର ସନ୍ନିକଟ ପୋଖରୀରେ ସାଙ୍ଗମାନଙ୍କ ସହ ଗାଧୋଉଥିବାବେଳେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ର ବୁଡିଯିବାରୁ ତାଙ୍କର ମୃତ୍ୟୁ ହୋଇଛି। ମୃତ ଛାତ୍ର ହେଲେ କୌରବ ଗୁରୁକୁଳ ଅନାଥ ଆଶ୍ରମରେ ରହି ବରମୁଣ୍ଡାସ୍ଥିତ ମ୍ୟୁନିସିପାଲ କର୍ପୋରେଶନ ସରକାରୀ ଉଚ୍ଚବିଦ୍ୟାଳୟରେ ପଢୁଥିବା ଓମ୍ ପ୍ରକାଶ ପ୍ରଧାନ (୧୩)। ଉଦ୍ଧାରବେଳେ ତାଙ୍କ ନାକରୁ ରକ୍ତ ବାହାରୁଥିବା ସ୍ଥାନୀୟ ଲୋକେ କହିବା ସହ ନାନା ସନ୍ଦେହ କରିଛନ୍ତି। ତେବେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨୨୭/୨୩) ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି। ଏଥିସହ ବ୍ୟବଚ୍ଛେଦ ପରେ ଓମ୍‌ଙ୍କ ମୃତଦେହକୁ ପୋଲିସ ତାଙ୍କ ବଡଭାଇ ମିଳନଙ୍କୁ ହସ୍ତାନ୍ତର କରିଛି। ପରେ ମିଳନ ସତ୍ୟନଗର ଶ୍ମଶାନରେ ସାନଭାଇ ଓମ୍‌ଙ୍କର ଶେଷକୃତ୍ୟ ସମ୍ପନ୍ନ କରିଛନ୍ତି।

ସୂଚନାନୁସାରେ, ଓମ୍‌ଙ୍କ ଘର ଫୁଲବାଣୀରେ ହୋଇଥିବାବେଳେ ତାଙ୍କ ମା'ବାପାଙ୍କର ପୂର୍ବରୁ ମୃତ୍ୟୁ ହୋଇଯାଇଛି। ସେ ଏଠାରେ କୌରବ ଗୁରୁକୁଳ ଅନାଥାଶ୍ରମରେ ରହି ମ୍ୟୁନିସିପାଲ କର୍ପୋରେଶନ ସରକାରୀ ଉଚ୍ଚବିଦ୍ୟାଳୟରେ ପଢୁଥିଲେ। ସୋମବାର ଗାନ୍ଧୀ ଜୟନ୍ତୀ ପାଳନ କରିବାକୁ ସେ ତିନି ସାଙ୍ଗଙ୍କ ସହ ସ୍କୁଲ ଯିବା ପାଇଁ ଆଶ୍ରମରୁ ସକାଳ ସାଢେ ୭ଟାରେ ବାହାରିଥିଲେ। ହେଲେ ସ୍କୁଲ ଯିବା ବଦଳରେ ସେମାନେ ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିର ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ସେଠାରେ କିଛି ସମୟ ଗାଧୋଇବା ପରେ ଓମ୍‌ଙ୍କ ପାଦ ଖସି ଯିବାରୁ ସେ ଗଭୀର ପାଣିରେ ବୁଡିଯାଇଥିଲେ। ସେଠାରେ ଉପସ୍ଥିତ ଥିବା ମହିଳାମାନେ ଏହାଦେଖି ସଙ୍ଗେସଙ୍ଗେ ଆଖପାଖ ଲୋକଙ୍କୁ ଡାକିଥିଲେ। ସ୍ଥାନୀୟ ଲୋକେ ଓମ୍‌ଙ୍କୁ ପାଣିରୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ସେପ୍ଟେମ୍ବର ୨୫ରେ ଏୟାରଫିଲ୍ଡ ଥାନା ଅନ୍ତର୍ଗତ ପୋଖରୀପୁଟ ଅଞ୍ଚଳରେ ଥିବା ଏକ ପୋଖରୀରେ ଗାଧୋଇବା ସମୟରେ ରାକେଶ ମହାରଣା ଓ ଶୁଭମ ଜେନା ନାମକ ଦୁଇ ଛାତ୍ର ପାଣିରେ ବୁଡିଯିବାରୁ ସେମାନଙ୍କର ମୃତ୍ୟୁ ଘଟିଥିଲା।

### ଏକା ହୋଇଗଲେ ବଡ଼ଭାଇ ମିଳନ

ମୃତ ଛାତ୍ର ଓମ୍‌ଙ୍କ ଘର ଫୁଲବାଣୀରେ। ତାଙ୍କ ମା'ବାପାଙ୍କର ପୂର୍ବରୁ ମୃତ୍ୟୁ ହୋଇଥିଲା। ବଡ଼ଭାଇ ମିଳନ ହିଁ ତାଙ୍କର ଏକମାତ୍ର ସାହାଭରସା ଥିଲେ। ମିଳନ ନୟାପଲ୍ଲୀରେ ଏକ ଜୁସ୍ ଦୋକାନରେ କାମ କରିବା ସହ ସାନଭାଇ ଓମ୍‌ଙ୍କର ସବୁ ଦାୟିତ୍ୱ ବୁଝୁଥିଲେ। କମ୍ ରୋଜଗାରରେ ଘରଭଡ଼ା ନେଇ ସାନ ଭାଇଙ୍କୁ ପାଖରେ ରଖି ପଢ଼ାଇବା କଷ୍ଟକର ହୋଇପଡିଥିଲା। ତେଣୁ ସେ ଓମ୍‌ଙ୍କୁ ଅନାଥ ଆଶ୍ରମରେ ରଖି ମ୍ୟୁନିସିପାଲ କର୍ପୋରେଶନ ସରକାରୀ ଉଚ୍ଚବିଦ୍ୟାଳୟରେ ପଢ଼ାଉଥିଲେ। ମା'ବାପା ଚାଲିଯିବା ପରେ ଓମ୍‌ଙ୍କୁ ନେଇ ବଡ଼ ଭାଇ ମିଳନ୍ ବହୁ ସ୍ୱପ୍ନ ଦେଖୁଥିଲେ। ହେଲେ ଓମ୍‌ଙ୍କ ସହ ସବୁ ସ୍ୱପ୍ନ ପାଣିରେ ହିଁ ମିଳେଇଗଲା। ସାନଭାଇଙ୍କୁ ହରାଇବା ପରେ ବଡ଼ଭାଇ ମିଳନ୍ ଏବେ ଏକା ହୋଇଯିବା ସହ ପୂରା ଭାଙ୍ଗିପଡିଛନ୍ତି। ସତ୍ୟନଗର ଶ୍ମଶାନରେ ଓମ୍‌ଙ୍କ ଶେଷକୃତ୍ୟ ସମ୍ପନ୍ନ ପରେ ବସ୍‌ରେ ସିଧା ଫୁଲବାଣୀକୁ ଚାଲିଯାଉଥିବା ନେଇ ମିଳନ କୋହଭରା କଣ୍ଠରେ କହିଛନ୍ତି।

### ସାପ କାମୁଡ଼ାରେ ଯୁବ ଚାଷୀ ମୃତ

ଅମରପାଲି,୨।୧୦(ପୀତାମ୍ବର ସାହୁ): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ଅନ୍ତର୍ଗତ କେନ୍‌ଝିରିଆପାଲି ପଞ୍ଚାୟତର ତେଲିପାଲି ଗ୍ରାମରେ ସାପ କାମୁଡ଼ାରେ ଜଣେ ଯୁବ ଚାଷୀଙ୍କ ସୋମବାର ମୃତ୍ୟୁ ହୋଇଛି। ସେ ହେଲେ ଅଶୋକ ସାହୁ(୩୨)। ଶୁକ୍ରବାର ଅପରାହ୍ନରେ ଜମିରେ ଚାଷ କରୁଥିବାବେଳେ ସାପ କାମୁଡି ଦେଇଥିଲା। ତାଙ୍କୁ ସୋନପୁର ଜିଲା ଡାକ୍ତରଖାନାକୁ ନିଆଯାଇ ଚିକିତ୍ସା କରାଯାଇଥିଲା।



ଅଶୋକ ସାହୁ

ସେଠାରେ ଚିକିତ୍ସା ହୋଇ ଠିକଠାକ୍ ଥିଲେ। ତେବେ ଶନିବାର ରାତିରେ ଗୁରୁତର ହୋଇ ପଡ଼ିବାରୁ ତାଙ୍କୁ ବୁର୍ଲା ବଡ ମେଡିକାଲକୁ ନିଆଯାଇଥିଲା। ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଗ୍ରାମରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା। ମୃତ ଯୁବ ଚାଷୀ ବିବାହିତ ହୋଇଥିବାବେଳେ ତାଙ୍କର ଜଣେ ୫ବର୍ଷର ପୁଅ ଓ ଏକ ବର୍ଷର ଝିଅ ଅଛନ୍ତି।

# ଗଡ଼ିଲା ସାଇବର ସୁରକ୍ଷା ରଥ




କଟକ ଡିସିପି କାର୍ଯ୍ୟାଳୟ ପରିସରରେ ସାଇବର୍ ସୁରକ୍ଷା ଅଭିଯାନ ରଥ ଶୁଭାରମ୍ଭ ଅବସରରେ ଉପସ୍ଥିତ ପୋଲିସ ଅଧିକାରୀ।

କଟକ,୨।୧୦ (କାର୍ତ୍ତିକ ସାହୁ)

- ୧୫ ପର୍ଯ୍ୟନ୍ତ ବୁଲିବ
- ବାଣ୍ଟିବ ସଚେତନତା ମନ୍ତ୍ର

ଓଡ଼ିଶା ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟର ମାର୍ଗଦର୍ଶନରେ ସମସ୍ତ ଜିଲାରେ ସୋମବାର ଠାରୁ ସାଇବର ସୁରକ୍ଷା ରଥ ବୁଲିବା ଆରମ୍ଭ କରିଛି। ଏହି ରଥ ମାଧ୍ୟମରେ ସାଇବର ସୁରକ୍ଷା ନେଇ ଲୋକଙ୍କୁ ସଚେତନତା କରାଯାଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଇଥିବା 'ସତର୍କ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ' ବାର୍ତ୍ତାକୁ ଲୋକଙ୍କ ନିକଟରେ ପହଞ୍ଚାଇବାର ଅଭିଯାନ ଆରମ୍ଭ ହୋଇଛି। ସମସ୍ତ ଜିଲାରେ ଆରକ୍ଷୀ ଅଧୀକ୍ଷକ(ଏସପି)ଙ୍କ କାର୍ଯ୍ୟାଳୟ ପରିସରରେ ସାଇବର ସୁରକ୍ଷା ରଥକୁ ସ୍ୱାଗତ କରାଯାଇଛି। ଜିଲାପାଳ, ଏସପିଙ୍କ ସମେତ ପଞ୍ଚାୟତ ପ୍ରତିନିଧି, ମିଶନ ଶକ୍ତି ସଦସ୍ୟ, ସ୍କୁଲ ଓ ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗ, ପଞ୍ଚାୟତିରାଜ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଏହି ଅଭିଯାନରେ ସାମିଲ ହୋଇଛନ୍ତି। ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ରାଷ୍ଟ୍ରମନ୍ତ୍ରୀ ଏବଂ ଜିଲା ଏସ୍‌ପିମାନଙ୍କ ଦ୍ୱାରା ସଚେତନତା ବାର୍ତ୍ତା ସାଇବର ରଥରେ ପ୍ରଦର୍ଶିତ ହେଉଛି। ଏଥିସହ ମୁଖ୍ୟାଳୟରୁ ସାଇବର ସୁରକ୍ଷା ରଥ ଜିଲାର ଅନ୍ୟ ସ୍ଥାନକୁ ଗସ୍ତ କରିଛି।

ଉଲ୍ଲେଖଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ କଳିଙ୍ଗ ଷ୍ଟାଡିୟମରେ ସାଇବର ସୁରକ୍ଷା ଅଭିଯାନର ଶୁଭାରମ୍ଭ କରିଥିଲେ। ୩୪ଟି ସାଇବର ସୁରକ୍ଷା ରଥ ସାରା ରାଜ୍ୟର ବିଭିନ୍ନ ସ୍କୁଲ, କଲେଜ ଓ ପଞ୍ଚାୟତ ଆଦି ଭ୍ରମଣ କରି ସାଇବର ସୁରକ୍ଷା ସମ୍ପର୍କରେ ସଚେତନତାର ବାର୍ତ୍ତା ପ୍ରଦାନ କରିବ। ସାଇବର ସୁରକ୍ଷା ପାଇଁ ସାଇବର ମାସ୍କଟ ସାଇରା ସବୁ ଜିଲାରେ ବୁଲି ସାଇବର ସୁରକ୍ଷା ବାର୍ତ୍ତା ପ୍ରଦାନ କରୁଛି। ସଚେତନତା ସୃଷ୍ଟି ପାଇଁ ଗୋଟିଏ ସାଇବର ଥିମ ଗୀତ ତିଆରି ହୋଇଛି ଯାହା ଲୋକଙ୍କୁ ସୁରକ୍ଷା ବାର୍ତ୍ତା ପ୍ରଦାନ କରୁଛି। କେତେକ ସଚେତନତା କ୍ଷୁଦ୍ର ଚଳଚ୍ଚିତ୍ର ତିଆରି ହୋଇ ସାଇବର ରଥରେ ପ୍ରଦର୍ଶିତ ହେଉଛି। ଅନେକ ଜିଲାରେ ପଥପ୍ରାନ୍ତ ନାଟକ ଓ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏକ ସାଇବର ସୁରକ୍ଷିତ ସୁସ୍ଥ ସମାଜ ଗଠନ କରିବା ଏବଂ ଲୋକଙ୍କୁ ସାଇବର ଠକେଇରୁ ବଞ୍ଚାଇବା ଏହି ଅଭିଯାନର ମୂଳ ଲକ୍ଷ୍ୟ। ଯଦି କେହି ସାଇବର ଅପରାଧର ଶିକାର ହେଉଛନ୍ତି, ତେବେ ଅତି ଶୀଘ୍ର ୧୯୩୦ରେ ଫୋନ କରନ୍ତୁ। ସାଇବର ଠକେଇରୁ ବର୍ତ୍ତିବା ପାଇଁ ବାର୍ତ୍ତା ପ୍ରେରଣ କରାଯାଇଛି। ଅକ୍ଟୋବର ୮ ତାରିଖ ସକାଳେ ବିଭିନ୍ନ ସହରାଞ୍ଚଳରେ ମିନି ମାରାଥନ ଆୟୋଜନ କରାଯିବ। ୧୪ ତାରିଖରେ ବରିଷ୍ଠ ନାଗରିକଙ୍କୁ ସଚେତନ କରିବାକୁ ସାନ୍ଧ୍ୟ ଚାଲିବା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ୧୫ ତାରିଖରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ଜିଲା ପ୍ରଶାସନର ଅଧିକାରୀମାନଙ୍କ ସହିତ ପଦ୍ମ ପୁରସ୍କାରପ୍ରାପ୍ତ ବିଶିଷ୍ଟ ବ୍ୟକ୍ତିଗଣ, ସ୍ୱାଧୀନତା ସଂଗ୍ରାମୀମାନେ ଉପସ୍ଥିତ ରହିବେ ବୋଲି ପୋଲିସ ମୁଖ୍ୟାଳୟ ପକ୍ଷରୁ ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି।

## ପ୍ରଥମ ପୃଷ୍ଠାରୁ...




'ଅଲିମ୍ପିକ୍ସ ଇନ୍ ରିଲ୍ ଲାଇଫ୍'ରେ ଓଡ଼ିଶାର ଦୁଇ ଛାତ୍ରୀଛାତ୍ରଙ୍କ ସହ ଅନ୍ୟମାନେ।

### 'ଅଲିମ୍ପିକ୍ସ ଇନ୍...

ଓଡ଼ିଶା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା ଓ ପ୍ରଶାସନିକ ଯୁଗ୍ମ ନିର୍ଦ୍ଦେଶକ ସରୋଜ ବେହେରା ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଢ଼ ବର୍ଷ ପୂର୍ବେ ଅଭିନବ ବିନ୍ଦ୍ରା ଫାଉଣ୍ଡେଶନ ସହ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏହି 'ଅଲିମ୍ପିକ୍ସ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ'କୁ ଉଦ୍‌ଘାଟନ କରିଥିଲେ। ବର୍ତ୍ତମାନ ସୁଦ୍ଧା ଏହି କାର୍ଯ୍ୟକ୍ରମ ଖୋର୍ଦ୍ଧା ଓ ସୁନ୍ଦରଗଡ଼ ଜିଲାର ୯୦ଟି ବିଦ୍ୟାଳୟରେ କାର୍ଯ୍ୟ କରିଥିବାବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ଆଉ ୫ଟି ଜିଲାକୁ ଅନ୍ତର୍ଭୁକ୍ତ କରାଯିବାର ଯୋଜନା ରହିଛି।

### ୱିସ୍‌ମାନ୍, କାରିକୋଙ୍କୁ...

୯୦ ଦଶକରେ ଦୈବାତ୍ ସାକ୍ଷାତ୍ ହୋଇଥିଲା। କରୋନା ମହାମାରୀ ଦୂର କରିବାରେ ଏମ୍‌ଆର୍‌ଏନ୍‌ଏ ଟିକା ଗେମ୍ ଚେଞ୍ଜର ହୋଇପାରିବ ବୋଲି ବ୍ରିଟେନ୍‌ର ୟୁନିଭର୍ସିଟି ଅଫ୍ ଇଷ୍ଟ ଆଙ୍ଗ୍ଲିଆର ମେଡିସିନ୍ ପ୍ରଫେସର ଡ. ପାଉଲ୍ ହଣ୍ଟର କରିଥିଲେ। ଏମ୍‌ଆର୍‌ଏନ୍‌ଏ ପ୍ରଯୁକ୍ତି ନ ଥିଲେ କୋଭିଡ୍ ଆହୁରି ଭୟଙ୍କର ହୋଇଥାନ୍ତା ବୋଲି ସେ କହିଛନ୍ତି।

### ବିକାଶ ଯାତ୍ରାରେ...

ଭଳି ଐତିହାସିକ ପଦକ୍ଷେପ ନିଆଯାଇଛି। ମେୟର ସୁଲୋଚନା ଦାଶ ମଧ୍ୟ ତାଙ୍କ ଅଭିଭାଷଣରେ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠଥର ମୁଖ୍ୟମନ୍ତ୍ରୀ ଭାବେ ଦେଖିବାକୁ ସମସ୍ତ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଏମ୍‌ପି ଅମର ପଟ୍ଟନାୟକ ଓ ସୁଲତା ଦେଓ, ମେୟର ସୁଲୋଚନା ଦାଶ, ଡେପୁଟି ମେୟର ମଞ୍ଜୁଲତା କଅଁର, ଶ୍ରୀମୟୀ ମିଶ୍ର, ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ ପ୍ରମୁଖ ଉପସ୍ଥିତ ଥିଲେ।

ଗାନ୍ଧୀ ଜୟନ୍ତୀଠାରୁ ସାରା ରାଜ୍ୟରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ଆସନ୍ତା ୧୧ ତାରିଖ ଜୟପ୍ରକାଶ ନାରାୟଣ ଜୟନ୍ତୀ ଯାଏ ଏହି ପଦଯାତ୍ରା ଚାଲିବ। ଏଥିରେ ବିଜେଡିର ଏମ୍‌ପି, ବିଧାୟକ ଓ କର୍ମକର୍ତ୍ତା ଯୋଡ଼ିହୋଇ ପ୍ରତ୍ୟେକ ଗ୍ରାମରେ ରାଜ୍ୟ ସରକାରଙ୍କ ନିରନ୍ତର ବିକାଶର ବାର୍ତ୍ତା ପହଞ୍ଚାଇବା ସହ ଲୋକଙ୍କ ଅଭିଯୋଗ ଶୁଣିବେ। ଏଥିସହ ବିଜେଡି ପକ୍ଷରୁ ରକ୍ତଦାନ, ବୃକ୍ଷରୋପଣ ଭଳି ସାମାଜିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

### ଆସିଷ୍ଟାଣ୍ଟ କଲେକ୍ଟର...

ଆସିଷ୍ଟାଣ୍ଟ କଲେକ୍ଟର ମିଞ୍ଜ ଉଦିତନଗର ଥାନାକୁ ଯାଇ ସେ ପରିବାର ଲୋକଙ୍କ ସହ ଘରକୁ ଯିବେ ନାହିଁ ବୋଲି କହିଥିଲେ। ହୋଟେଲ ସିସିଟିଭି ଓ ମିଞ୍ଜଙ୍କ ହାତଲେଖା ତଦନ୍ତ ପରିସରଭୁକ୍ତ କରାଯାଇଛି। ତଦନ୍ତ ଶେଷ ହେଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ତଦନ୍ତକାରୀ ଅଧିକାରୀ ମାଝୀ କହିଛନ୍ତି।



ସେନସୋରୀ ପାର୍କରେ ପୋଲିସ ତଦନ୍ତ କରୁଛି।



ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଚେୟାରମ୍ୟାନ୍ କୁମାରମଙ୍ଗଳମ୍ ବିର୍ଲା ସୋମବାର ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି। ଏହି ପରିପ୍ରେକ୍ଷୀରେ ପୁରୀ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ସମର୍ଥ ବର୍ମା ମଙ୍ଗଳମ୍ ବିର୍ଲାଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ପ୍ରଦାନ କରି ସ୍ୱାଗତ ଜଣାଉଛନ୍ତି।

# ଅକ୍ଟୋବର ୮ରୁ ଏଜିଆଇଏଫ୍

**ଭୁବନେଶ୍ୱର, ୨।୧୦**

ଦେଶର ଅଗ୍ରଣୀ ଇ-କମର୍ସ ପ୍ଲାଟଫର୍ମ ଆମାଜନ.ଇନ୍‌ର ବହୁ ପ୍ରତୀକ୍ଷିତ ଫେଷ୍ଟିଭ୍ ଇଭେଣ୍ଟ ଆମାଜନ୍ ଗ୍ରେଟ୍ ଇଣ୍ଡିଆନ୍ ଫେଷ୍ଟିଭାଲ୍ (ଏଜିଆଇଏଫ୍)ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଫେଷ୍ଟିଭାଲ ୨୦୨୩ ଅକ୍ଟୋବର ୮ରୁ ଆରମ୍ଭ ହେବ। ଏହି ପରିପ୍ରେକ୍ଷୀରେ ଆମାଜନର ପ୍ରାଇମ୍ ସଦସ୍ୟମାନଙ୍କୁ ୨୪ ଘଣ୍ଟା ପୂର୍ବରୁ ପ୍ରାକ୍ ଆକ୍ସେସର ସୁବିଧା ପ୍ରଦାନ କରାଯାଉଛି। ବିଶେଷ କରି ଗ୍ରାହକମାନେ ଏଥିରେ ଉପଲବ୍ଧ ଥିବା ବ୍ୟାପକଶ୍ରେଣୀୟ ଉତ୍ପାଦ ଉପରେ ଆକର୍ଷଣୀୟ ମୂଲ୍ୟ ଓ ସୁବିଧାରେ ଅତୁଳନୀୟ ଡିଲର ସୁବିଧା ଦ୍ୱାରଦେଶରେ ପାଇପାରିବେ। ଏପରିକି ଗ୍ରାହକମାନେ ୨୫,୦୦୦ରୁ ଅଧିକ ଉତ୍ପାଦ ଉପରେ କିକ୍ ଷ୍ଟାର୍ଟର ଡିଲ୍ ମାଧ୍ୟମରେ ଅକ୍ଟୋବର ୬ ପର୍ଯ୍ୟନ୍ତ ପ୍ରାରମ୍ଭିକ ଆକ୍ସେସ୍ ପାଇପାରିବେ।

ଏ ସମ୍ପର୍କରେ ଆମାଜନର ଭାଇସ୍ ପ୍ରେସିଡେଣ୍ଟ ଓ କଣ୍ଟ୍ରି ମ୍ୟାନେଜର, ଇଣ୍ଡିଆ କଞ୍ଜ୍ୟୁମର ବିଜନେସ୍ ମନୀଷ୍ ତିୱାରୀ କହିଛନ୍ତି, ଆମେ ସାରା ଭାରତରେ ଆମର ପ୍ରିୟ ଗ୍ରାହକମାନଙ୍କ ପାଇଁ 'ବକ୍ସ ଅଫ୍ ହାପିନେସ୍' ନେଇ ଆସିଛୁ।

# ନକଲି ଜେଡ୍ ବ୍ଲାକ ସାମଗ୍ରୀ ବିକ୍ରେତାଙ୍କ ପର୍ଦ୍ଦାଫାଶ

**ଭୁବନେଶ୍ୱର, ୨।୧୦**




ମଧ୍ୟପ୍ରଦେଶର ଅଗ୍ରଣୀ ଧୂପକାଠି ନିର୍ମାତା ତଥା ମହୀଶୂର ଦୀପ୍ ପର୍ଫ୍ୟୁମେରୀ ହାଉସ୍ (ଏମ୍‌ଡିପିଏଚ୍)ର ଅଗ୍ରଣୀ ବ୍ରାଣ୍ଡ୍ ଜେଡ୍ ବ୍ଲାକ ନାମରେ ନକଲି ସାମଗ୍ରୀ କୋଲ୍‌କାତାଠାରେ ବିକ୍ରି କରାଯାଉଥିଲା। ଏପରିକି ଜେଡ୍ ବ୍ଲାକ ନାମରେ ବହୁ ଅଭିଯୋଗ ଆସିଲା ପରେ କମ୍ପାନୀ ପକ୍ଷରୁ ବ୍ରାଣ୍ଡ୍‌ର ନକଲ କରୁଥିବା ଏବଂ ନକଲି ସାମଗ୍ରୀ ବିକ୍ରିରେ ନିୟୋଜିତ ଥିବା କୋଲକାତାର ବିଭିନ୍ନ ଗୋଦାମରେ ସଫଳତାପୂର୍ବକ ଚଢ଼ାଉ ସହ ପର୍ଦ୍ଦାଫାଶ କରାଯାଇଛି। ବିଶେଷକରି ପାର୍ବଣ ପୂର୍ବରୁ କମ୍ପାନୀ ପକ୍ଷରୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ ସହ ପଶ୍ଚିମବଙ୍ଗର ଆସାନ୍‌ସୋଲ ଦୁର୍ଗାପୁର କମିଶନରେଟ୍ ପୋଲିସରେ ଅଭିଯୋଗ ସହ ଏଫ୍‌ଆଇଆର୍ ରୁଜୁ କରାଯାଇଛି। ସେହିଭଳି ଏଫ୍‌ଆଇଆର୍ ପରେ ଆସାନସୋଲ ଉତ୍ତର କୁରେସି ମୋହଲ୍ଲାରେ ରହୁଥିବା ମହମ୍ମଦ ମୁକ୍ତାରଙ୍କ ଗୋଦାମରୁ ମହମ୍ମଦ ହିଲାଲ୍ ଓ ଶ୍ରୀନଗରର ମହମ୍ମଦ ଅସ୍‌ଲାମଙ୍କଠାରୁ ଜେଡ୍ ବ୍ଲାକ ନାମରେ ପ୍ରସ୍ତୁତ ବହୁ ନକଲି ସାମଗ୍ରୀଗୁଡ଼ିକୁ ପୋଲିସ ପକ୍ଷରୁ ଜବତ କରାଯାଇଛି। ଅପରପକ୍ଷରେ ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଗୁଜରାଟ, ଦିଲ୍ଲୀ, ପଶ୍ଚିମବଙ୍ଗ, ରାଜସ୍ଥାନ, ଓଡ଼ିଶା ଓ ଉତ୍ତରପ୍ରଦେଶ ଭଳି ବିଭିନ୍ନ ରାଜ୍ୟରେ କମ୍ପାନୀ ପକ୍ଷରୁ ନକଲି କାରବାରକୁ ରୋକିବା ପାଇଁ ଏକାଧିକ ଆପରାଧିକ ମାମଲା ରୁଜୁ କରାଯାଇଛି। ଏ ସମ୍ପର୍କରେ ଏମ୍‌ଡିପିଏଚ୍‌ର ନିର୍ଦ୍ଦେଶକ ଅଙ୍କିତ ଅଗ୍ରୱାଲ କହିଛନ୍ତି, ନକଲି ଉତ୍ପାଦଗୁଡ଼ିକର ବୃଦ୍ଧି ବ୍ରାଣ୍ଡ୍ ପ୍ରତିଷ୍ଠାକୁ କ୍ଷତି ପହଞ୍ଚାଇବା ସହ ଉପଭୋକ୍ତାଙ୍କ ସୁସ୍ଥତାକୁ ବିପଦରେ ପକାଇଥାଏ। ପାର୍ବଣ ଋତୁ ଆସୁଥିବାରୁ ଉପଭୋକ୍ତାଙ୍କୁ ସେମାନେ ଘରକୁ ଆଣୁଥିବା ଉତ୍ପାଦର ସତ୍ୟତା ଓ ଗୁଣବତ୍ତା ନିଶ୍ଚିତ କରିବା ଲାଗି ପ୍ରାଧିକୃତ ଓ ପ୍ରତିଷ୍ଠିତ ରିଟେଲରଙ୍କଠାରୁ ପୂଜା ସାମଗ୍ରୀ କ୍ରୟ କରିବା ପାଇଁ ପରାମର୍ଶ ଦିଆଯାଉଛି।

# ୟୁବିଆଇ ପକ୍ଷରୁ 'ସ୍ୱଚ୍ଛତା ହିଁ ସେବା'

**ଭୁବନେଶ୍ୱର, ୨।୧୦**

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ)ର ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏପରିକି ବ୍ୟାଙ୍କର କ୍ଷେତ୍ରୀୟ ମୁଖ୍ୟ ସତ୍ୟବ୍ରତ ସାମଲଙ୍କ ମାର୍ଗଦର୍ଶନରେ ଉକ୍ତ କାର୍ଯ୍ୟକ୍ରମ ନିକଟରେ ଆୟୋଜିତ ହୋଇଯାଇଛି। କ୍ଷେତ୍ରୀୟ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ଶାଖାର କର୍ମଚାରୀମାନଙ୍କ ଦ୍ୱାରା ଜନନ ହସ୍ପିଟାଲ ରୋଡ୍, ଟାଟା ବେଞ୍ଜ ସ୍କୋୟାରଠାରୁ ଜନନ ହସ୍ପିଟାଲ ପର୍ଯ୍ୟନ୍ତ ଏବଂ ରେଲୱେ ଷ୍ଟେଶନ୍‌ଠାରୁ ନେହେରୁ ପାର୍କ ପର୍ଯ୍ୟନ୍ତ ଏକ ଗଣ ସଫେଇ କରାଯାଇଥିଲା। ସେହିଭଳି ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ କ୍ଷେତ୍ରୀୟ ମୁଖ୍ୟ ସାମଲଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏପରିକି ଉପ କ୍ଷେତ୍ରୀୟ ପ୍ରବନ୍ଧକ ମେଘରାଇ ମାରାଣ୍ଡି ଏବଂ ରଘୁ ନାରାୟଣ ସ୍ୱାଇଁଙ୍କ ଉପସ୍ଥିତିରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ କର୍ନେଲ ଏଲ୍.କେ. ଆଚାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଅବସରରେ ମହାତ୍ମା ଗାନ୍ଧୀ ଏବଂ ଲାଲବାହାଦୁର ଶାସ୍ତ୍ରୀଙ୍କ ଅବଦାନ ବିଷୟରେ ଚର୍ଚ୍ଚା ସହିତ କ୍ଷେତ୍ରୀୟ ମୁଖ୍ୟ ଏବଂ ମୁଖ୍ୟ ଅତିଥିଙ୍କ ଦ୍ୱାରା ସ୍କୁଲ ଛାତ୍ରୀମାନଙ୍କୁ ପୁରସ୍କାର ଓ ଚେକ୍ ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ମଧ୍ୟ ଆୟୋଜନ କରାଯାଇଥିଲା ଏବଂ ଏଥିରେ କର୍ମଚାରୀ, ଅବସରପ୍ରାପ୍ତ କର୍ମଚାରୀ ଓ ଅନ୍ୟମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବାବେଳେ ସେମାନଙ୍କୁ ଡାକ୍ତର ପରାମର୍ଶ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ କ୍ଷେତ୍ରୀୟ କାର୍ଯ୍ୟାଳୟର ପିଏନ୍‌ଡି କର୍ମଚାରୀମାନଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା।

# କିନ୍ଦିରିଗୁଡ଼ା ନାଚୁରାଲ୍ସ କଫିକୁ ଶ୍ରେଷ୍ଠ ମାନ୍ୟତା

**ଭୁବନେଶ୍ୱର, ୨।୧୦ (ଅଭୟ ଦାଶ)**




ଓଡ଼ିଶାର କିନ୍ଦିରିଗୁଡ଼ା ନାଚୁରାଲ୍ସ କଫି ଭାରତର ଶ୍ରେଷ୍ଠ ନାଚୁରାଲ୍ସ କଫି ଭାବେ ମାନ୍ୟତା ଲାଭ କରିଛି, ଏପରିକି ବେଙ୍ଗାଲୁରୁଠାରେ ଆୟୋଜିତ ୫ମ ବିଶ୍ୱ କଫି ସମ୍ମିଳନୀରେ କିନ୍ଦିରିଗୁଡ଼ା ନାଚୁରାଲ୍ସ କଫି ସମ୍ମାନିତ ହୋଇଛି। ଉଲ୍ଲେଖଯୋଗ୍ୟ, କିନ୍ଦିରିଗୁଡ଼ା ନାଚୁରାଲ୍ସ ହେଉଛି ଏକ କଫି ଏବଂ ଏହା ଭାରତର ସ୍ପେଶାଲିଟି କଫି ବ୍ରାଣ୍ଡ୍, ଯାହାକି ଓଡ଼ିଶାର କ୍ରୁତି କଫି ଦ୍ୱାରା ବିକଶିତ ହୋଇଛି। ଏହା ଭାରତର ଏକ ଦ୍ରୁତ ବିକଶିତ କଫି ବ୍ରାଣ୍ଡ୍ ବୋଲି ସୋମବାର ଏକ ଖବରଦାତା ସମ୍ମିଳନୀରେ କ୍ରୁତି କଫିର ସହ ପ୍ରତିଷ୍ଠାତା ଡ.କାମାକ୍ଷା ଦାସ ଏବଂ ବିଜ୍‌ନେସ ହେଡ୍ ତପନ ବରିଶାଲ୍ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଅପରପକ୍ଷରେ କଫି ପ୍ରକ୍ରିୟାକରଣ ପାଇଁ ନିୟୋଜିତ ବିଭିନ୍ନ ପଦ୍ଧତି ମଧ୍ୟରୁ ନାଚୁରାଲ୍ସ ହେଉଛି ସବୁଠାରୁ ଜଟିଳ ପ୍ରକ୍ରିୟା, ଯାହା ଉଦ୍ଭିଦ ପରିଚାଳନାଠାରୁ ଆରମ୍ଭକରି ଚେରି ତୋଳିବା, ଶଯ୍ୟାରେ ଶୁଖିବା ଏବଂ କଫି ମୂଲ୍ୟ ଧାର୍ଯ୍ୟ ପର୍ଯ୍ୟନ୍ତ ନଜର ରଖିଥାଏ। ଏପରିକି କ୍ରୁତି କଫି ଏକ ଦଶନ୍ଧି ମଧ୍ୟରେ ଭାରତର ସର୍ବୋଚ୍ଚ କଫି ଉତ୍ପାଦନକାରୀ ବ୍ରାଣ୍ଡ୍ ଭାବେ ପରିଚିତ ହୋଇଛି। ବିଶେଷକରି କଫି ବିକାଶ କ୍ଷେତ୍ରରେ କାର୍ଯ୍ୟ କରିବା ସହ କଫି ବୃକ୍ଷରୋପଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ସଫଳତା ହାସଲ କରିବା ପାଇଁ କ୍ରୁତି କଫି ବିଶ୍ୱସ୍ତରୀୟ କଫି ପରିଚାଳନା ପ୍ରଣାଳୀକୁ ନିୟୋଜିତ କରିଛି, ଉକ୍ତ ସଫଳତାକୁ ପାଳନ କରିବା ଏବଂ କିନ୍ଦିରିଗୁଡ଼ାର କୃଷକମାନଙ୍କୁ ଉତ୍ସାହିତ କରିବା ପାଇଁ କ୍ରୁତି କଫି ପକ୍ଷରୁ ସେମାନଙ୍କୁ ସମ୍ମାନିତ କରାଯିବା ସହ ସେମାନଙ୍କ ବିକାଶ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଛି।

# ଆଇଓବିର ସ୍ୱଚ୍ଛତା ହିଁ ସେବା ଅଭିଯାନ

**ଭୁବନେଶ୍ୱର, ୨।୧୦**

ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ(ଆଇଓବି)ର ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ 'ସ୍ୱଚ୍ଛତା ହିଁ ସେବା' ଅଭିଯାନ କାର୍ଯ୍ୟକ୍ରମ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ଆଇଓବି ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟର ବରିଷ୍ଠ କ୍ଷେତ୍ରୀୟ ପ୍ରବନ୍ଧକ ମନୀଷ କୁମାରଙ୍କ ନେତୃତ୍ୱରେ ବ୍ୟାଙ୍କର ସମସ୍ତ ଅଧିକାରୀ ଓ କର୍ମଚାରୀ ଉକ୍ତ ଅଭିଯାନରେ ସାମିଲ ହୋଇଥିଲେ। ଉଲ୍ଲେଖଯୋଗ୍ୟ, ଗୋପାଳପୁର ବେଳାଭୂମି ଅଞ୍ଚଳରୁ ଅଳିଆ ଆବର୍ଜନାକୁ ସଫେଇ କରାଯାଇଥିଲା। ସେହିପରି ବ୍ୟାଙ୍କ କର୍ମଚାରୀମାନଙ୍କ ସହଯୋଗରେ ପ୍ରତି ବର୍ଷ ଏହିପରି କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି ବୋଲି ମନୀଷ ମତପ୍ରକାଶ କରିଥିଲେ। ଅପରପକ୍ଷରେ ଆଇଓବିର ମୁଖ୍ୟ ପ୍ରବନ୍ଧକ ରତିକାନ୍ତ ବେହେରା ସ୍ୱଚ୍ଛତା ଦେଶ ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ବୋଲି କହିବା ସହ ପ୍ରତ୍ୟେକ ନାଗରିକଙ୍କୁ ଏହାକୁ ସଫଳ କରିବାକୁ ଆହ୍ୱାନ କରିଥିଲେ। ସୂଚନାଯୋଗ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦେଶବ୍ୟାପୀ ସ୍ୱଚ୍ଛତା ଅଭିଯାନ ଆହ୍ୱାନରେ ସମସ୍ତଙ୍କ ମଧ୍ୟରେ ସଚେତନତା ଆଣିବା ଓ ସର୍ବସାଧାରଣ ସ୍ଥାନକୁ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ପ୍ରେରଣା ଯୋଗାଇବା ନିମନ୍ତେ ବ୍ୟାଙ୍କ ପକ୍ଷରୁ ଏଭଳି ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଫୁର୍‌ସତ୍

# ଉଲ୍‌କା ପିଣ୍ଡର ଘଣ୍ଟା

**ବେର୍ଣ୍ଣ**

ମହାକାଶରୁ ଉଲ୍‌କା ପିଣ୍ଡ ଖସିବା କିଛି ନୂଆ କଥା ନୁହେଁ। ଅନେକ ସମୟରେ ଆମେ ବିଶାଳକାୟ ନିଆଁପିଣ୍ଡ ଦେଖିଥାଉ ; ଯାହା ପୃଥିବୀରେ ପଡ଼ି ଛୋଟ ଛୋଟ ଆକାରରେ ପରିଣତ ହୁଏ। ଏହାକୁ ଉଲ୍‌କା ପିଣ୍ଡ କୁହାଯାଏ। ନିକଟରେ ଏକ କମ୍ପାନୀ ସେହି ଉଲ୍‌କା ପିଣ୍ଡକୁ ନେଇ ଏକ ସ୍ୱତନ୍ତ୍ର ଘଣ୍ଟା ପ୍ରସ୍ତୁତ କରିଛି। ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ଅନୁଯାୟୀ, ସୁଇଜରଲାଣ୍ଡର ଲେସ୍ ଆଟେଲିୟର ଲୁଇସ୍ ମୋଇନେଟ୍ ନାମକ କମ୍ପାନୀ ଏହି ଘଣ୍ଟା ତିଆରି କରିଛି। ଏହି କମ୍ପାନୀ ବିଶେଷ ଧରଣର ଘଣ୍ଟା ତିଆରି ପାଇଁ ବେଶ୍ ଜଣାଶୁଣା। କମ୍ପାନୀ ଏହି ଘଣ୍ଟାକୁ ତିଆରି କରିବାକୁ ମୋଟ ୧୨ଟି ଉଲ୍‌କା ପିଣ୍ଡକୁ ବ୍ୟବହାର କରିଛି। ଏହି କାରଣରୁ ଏହି ଘଣ୍ଟା ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛି। କମ୍ପାନୀ ଏହି ଘଣ୍ଟାର ନାମ 'କସ୍‌ମୋପଲିସ୍' ରଖିଛି। ଘଣ୍ଟା ବ୍ୟବହୃତ ହୋଇଥିବା ଉଲ୍‌କା ପିଣ୍ଡଗୁଡ଼ିକ ସାଧାରଣତଃ ମଙ୍ଗଳ, ଚନ୍ଦ୍ର, ଉଲ୍‌କା ପାତ ଏବଂ କ୍ଷୁଦ୍ରରୁ ଆସିଛି। ଏହି ଘଣ୍ଟାର ଏକ ଭିଡିଓ ବେଶ୍ ଭାଇରାଲ ହେବାରେ ଲାଗିଛି। ଏହି ଉଲ୍‌କା ପିଣ୍ଡଗୁଡ଼ିକ ବହୁତ ଦୁର୍ଲଭ ଏବଂ ମୂଲ୍ୟବାନ। ଘଣ୍ଟାର ଡିଜାଇନକୁ ବହୁତ ସାବଧାନତା ସହ ପ୍ରସ୍ତୁତ କରାଯାଇଥିଲା। ୧୮ କ୍ୟାରେଟ୍ ରୋଜ ଗୋଲ୍ଡ କେସରେ ଅତି ସାବଧାନତାର ସହ ଉଲ୍‌କା ପିଣ୍ଡକୁ ରଖାଯାଇଥିଲା। ଏହି ଘଣ୍ଟାକୁ ଏକ୍ସପର୍ଟ ଡେଲିୟଲ୍ ହାସ ତିଆରି କରିଛନ୍ତି। ତେବେ ଏହି ଘଣ୍ଟାର ମୂଲ୍ୟ ୨ କୋଟିରୁ ଊର୍ଦ୍ଧ୍ୱ।




# 'ପ୍ୟାରିସ୍ ଫ୍ୟାଶନ ୱିକ୍'ରେ ପ୍ରଶଂସକଙ୍କ ହୃଦୟ ଜିଣିଲେ



ଐଶ୍ୱର୍ଯ୍ୟା ରାୟ ବଚ୍ଚନ

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ତଥା ପୂର୍ବତନ ମିସ୍ ୱାର୍ଲ୍ଡ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ବର୍ତ୍ତମାନ ପରିବାର ସହ ପ୍ୟାରିସ୍‌ରେ ଅଛନ୍ତି। ରବିବାର ଆୟୋଜିତ ହୋଇଥିବା 'ପ୍ୟାରିସ୍ ଫ୍ୟାଶନ ୱିକ୍'ରେ ସେ ଭାଗ ନେଇଥିଲେ। ଲ'ରିଅଲ୍‌ର ଭାରତୀୟ ଆମ୍ବାସାଡର ହୋଇ ଅଭିନେତ୍ରୀ ପ୍ରତିବର୍ଷ ଏହି କାର୍ଯ୍ୟକ୍ରମର ଅଂଶ ହୁଅନ୍ତି। ଏହି ଇଭେଣ୍ଟରେ ସେ ଲ'ରିଅଲ୍ ପାଇଁ ରାମ୍ପରେ ଚାଲିଛନ୍ତି। ଏହାର ଅନେକ ଫଟୋ ଏବଂ ଭିଡିଓ ସାମ୍ନାକୁ ଆସିଛି। ଭିଡିଓରେ ଅଭିନେତ୍ରୀ ଏକ ଗୋଲ୍ଡେନ୍ ରଙ୍ଗର ଗାଉନ ପିନ୍ଧିଥିଲେ। ଅଭିନେତ୍ରୀ ନିଜେ ମଞ୍ଚରୁ ଫ୍ଲାଇଙ୍ଗ କିସ୍ ଦେଇ ପ୍ରଶଂସକଙ୍କ ହୃଦୟ ଜିତିଛନ୍ତି। ଏଥିରେ ବଚ୍ଚନ ପରିବାରର ଜଣେ ନୁହେଁ, ଦୁଇଜଣ ସଦସ୍ୟ ଅଂଶ ହୋଇଛନ୍ତି। ଅମିତାଭଙ୍କ ନାତୁଣୀ ନବ୍ୟା ନାବେଲି ନନ୍ଦା ମଧ୍ୟ 'ପ୍ୟାରିସ୍ ଫ୍ୟାଶନ ୱିକ୍'ରେ ଡେବ୍ୟୁ କରିଛନ୍ତି।

# ୭୮ ବର୍ଷ ପୁରୁଣା ପେଣ୍ଟିଂରେ ୪୩ ବର୍ଷୀୟାଙ୍କ ଫଟୋଚିତ୍ର

**ବୋଗୋଟା**



ନିଜ ଚେହେରା ଯଦି ଅନ୍ୟ ଜଣକ ଚେହେରା ସହ ଖାପ ଖାଏ, ତେବେ ତାହା ଅତ୍ୟନ୍ତ ରୋମାଞ୍ଚକର ହୋଇଥାଏ। କିନ୍ତୁ ଏପରି ମାମଲା ଖୁବ୍ କମ୍ ଦେଖିବାକୁ ମିଳିଥାଏ। ହେଲେ ଏହା ଚର୍ଚ୍ଚାର ପରିସରକୁ ଆସିଥାଏ। ଯଦି ଏକ ପୁରୁଣା ପେଣ୍ଟିଂ ସହିତ ନିଜ ଚେହେରା ମେଳ ଖାଏ, ତେବେ ତାକୁ ଟାଇମ୍ ଟ୍ରାଭେଲର ମାନ୍ୟତା ଦିଆଯାଏ। ନିକଟରେ କଲମ୍ବିଆର ଜଣେ ମହିଳାଙ୍କ ସହିତ କିଛି ଏପରି ହୋଇଛି। ୪୩ ବର୍ଷୀୟା ଜେନି ସ୍ମିଥ୍ ଏକ ମିଡିଆକୁ କହିଛନ୍ତି, ତାଙ୍କ ଭଉଣୀ ତାଙ୍କୁ ଫେସବୁକ୍ ପୋଷ୍ଟର ଏକ ଲିଙ୍କ୍ ପଠାଇଥିଲେ। ଜୁନ୍‌ରେ କରାଯାଇଥିବା ଏହି ପୋଷ୍ଟ ବହୁତ ପୁରୁଣା। ହେଲେ ସବୁଠୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ସେଥିରେ ପ୍ରସ୍ତୁତ ପେଣ୍ଟିଂ ଜେନିଙ୍କ ମୁହଁ ସହ ମିଶୁଥିଲା। ପରେ ସେ ଏହି ପେଣ୍ଟିଂ ବାବଦରେ ଅଧିକ ଜାଣିବାକୁ ଇଚ୍ଛା ପ୍ରକାଶ କଲେ। ଅନେକ ପ୍ରଚେଷ୍ଟା କରିଥିଲେ ମଧ୍ୟ କିଛି ସୁଫଳ ମିଳିପାରି ନ ଥିଲା। ପରେ ଜାଣିପାରିଲେ କି, ସେହି ପେଣ୍ଟିଂ ଉତ୍ତର କରୋଲିନାର ସ୍ଦର୍ସ ପାଇନ୍‌ରେ ଅଛି। ଟିକ୍‌ଟକ୍‌ରେ କେହି ଜଣେ ସେଠାରେ ରହୁଥିବା ଜାଣିବାକୁ ପାଇଲେ। ହେଲେ ସେଠାରୁ ମଧ୍ୟ କିଛି ସାହାଯ୍ୟ ମିଳିଲାନି। ପରେ ସୋସିଆଲ ମିଡିଆର ଜଣେ ବ୍ୟକ୍ତି ସେହି ପାଖରେ ରହିବା ସହ ସେଠାକାର ପାଖ ଦୋକାନରେ ଏହି ପେଣ୍ଟିଂ ବିକ୍ରି ହୋଇଥିବା କହିଥିଲେ। ସେ ସେହି ପେଣ୍ଟିଂକୁ ୧୦ ଡଲାରରେ କିଣି ଜେନିଙ୍କୁ କୋରିଅର କରିଦେଲେ। ଜେନି ସେହି ପେଣ୍ଟିଂର ସମ୍ପୂର୍ଣ୍ଣ ନିଜ ଭଳି ଚେହେରାକୁ ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ। ସେହି ପେଣ୍ଟିଂକୁ ତିଆରି କରିଥିବା କଳାକାର ଷ୍ଟିଫେନ୍ ଫରିସ୍‌ଙ୍କ ବାବଦରେ ଜେନି ଅଧିକ ଜାଣିବାକୁ ଚେଷ୍ଟା କଲେ। ଯିଏ ଦିବଂଗତ ଚିତ୍ରକର ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧ(୧୯୩୯–୧୯୪୫)ର ଏକ ଲଢ଼ାକୁ ପାଇଲଟ୍ ଥିଲେ। ସେ ଆମେରିକା ବାୟୁସେନାରେ ଥିଲେ। ଏହାର ଅର୍ଥ ଏହି ପେଣ୍ଟିଂ ୭୮ ବର୍ଷ ପୁରୁଣା। ଏହି ପେଣ୍ଟିଂର ରହସ୍ୟ ଜାଣିବାକୁ ଜେନି ଚିତ୍ରକରଙ୍କ ନାତୁଣୀଙ୍କ ପାଖରେ ପହଞ୍ଚିଥିଲେ। ସେ ତାଙ୍କ ଜେଜେଙ୍କ ବାବଦରେ କହିଥିଲେ, ସେ କୌଣସି ବ୍ୟକ୍ତିଙ୍କୁ ଦେଖି ତାଙ୍କ ଚିତ୍ର ପ୍ରସ୍ତୁତ କରିଦେଉଥିଲେ।

# ୧୧୪ ବର୍ଷ ପରେ ଖୋଲିଲା ମେଡିକାଲ ଷ୍ଟୋର

**ଲଣ୍ଡନ:** ନିକଟରେ ଏକ ଇତିହାସ ସହ ଜଡ଼ିତ ସ୍ଥାନ ମିଳିଛି, ଯାହା ୧୧୪ ବର୍ଷର ପୁରୁଣା। ୧୮୮୦ ମସିହାରେ ଖୋଲାଯାଇଥିବା ଏକ ମେଡିକାଲ ଷ୍ଟୋର ୧୯୦୯ ମସିହା ପରେ ବନ୍ଦ ହୋଇଯାଇଥିଲା। ଏହାକୁ ବ୍ରିଟେନରେ ୱିଲିୟମ୍ ୱାଇଟ୍ ନାମକ ଜଣେ ବ୍ୟକ୍ତି ଚଳାଉଥିଲେ। ତାଙ୍କ ମୃତ୍ୟୁ ପରେ ଏହି ଷ୍ଟୋର ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା। ଏବେ ସେହି ଦୋକାନର ତାଲା ଖୋଲାଯାଇଛି। ରିପୋର୍ଟ ମୁତାବକ, ଏହି ମେଡିକାଲ ଷ୍ଟୋରକୁ ୮୦ ବର୍ଷ ପୂର୍ବରୁ ସନ୍ଧାନ କରାଯାଇଥିଲା। ୱାଇଟ୍‌ଙ୍କ ନାତି ଏହି ଷ୍ଟୋର ବାବଦରେ ୧୯୮୭ରେ ଲୋକଙ୍କୁ କହିଥିଲେ। ଏବେ ଏହାକୁ ଲୋକେ ଦେଖିବା ପାଇଁ ଖୋଲାଯାଇଛି। ଏହି ସ୍ଥାନରେ ତରଳ ଔଷଧରେ ଭର୍ତ୍ତି ଜାର୍, ମାପଚୁପ କରାଯାଉଥିବା ସ୍କେଲ, ପୁରୁଣା ଟାଇପ୍‌ରାଇଟର ଭଳି ଅନେକ ଜିନିଷ ପଡ଼ି ରହିଛି। ଯେତେବେଳେ ୱାଇଟ୍‌ଙ୍କ ଘର ବିକ୍ରି ହେଉଥିଲା, ସେତେବେଳେ ଏହି ଅଜ୍ଞାତ ଷ୍ଟୋର ବାବଦରେ ଜଣାପଡ଼ିଲା। ୱାଇଟ୍‌ଙ୍କ ମୃତ୍ୟୁ ପରେ ତାଙ୍କ ପୁଅ ଏହି ଷ୍ଟୋରକୁ ବନ୍ଦ କରିଦେଇଥିଲେ। ଏକ ସଂସ୍ଥାକୁ ଯେତେବେଳେ ଏ ବାବଦରେ ଜଣାପଡ଼ିଲା, ସେତେବେଳେ ସେ ଏହି ଷ୍ଟୋରର ବୁଝାଶୁଝା କଲା। ଜଣେ ପ୍ରବକ୍ତା କହିଛନ୍ତି, ଷ୍ଟୋରରୁ ମିଳିଥିବା ସମସ୍ତ ଜିନିଷର ଯାଞ୍ଚ ପରେ ୱାଇଟ୍ ଜଣେ କେମିଷ୍ଟ ଥିବା ଜଣାପଡ଼ିଛି। ସେ ଗ୍ରୋସରି ଜିନିଷ ରଖିଥିଲେ। ଏଥିସହ ଚା', ତମାଖୁ, ମଦ ଭଳି ଜିନିଷ ମଧ୍ୟ ରଖିଥିଲେ। ହେଲେ ଏବେ ଏହି ଜିନିଷକୁ ବିପଦପୂର୍ଣ୍ଣ ବୋଲି ଅନୁମାନ କରାଯାଇଛି। କାରଣ ବନ୍ଦ ବୋତଲରେ ଥିବା କେମିକାଲ ବର୍ତ୍ତମାନ ସମୟରେ ସମସ୍ତଙ୍କ ପାଇଁ କ୍ଷତି କରିପାରେ। ଷ୍ଟୋରରୁ କିଛି ଜଡ଼ିବୁଟି ମଧ୍ୟ ମିଳିଛି। ଏହି ଷ୍ଟୋର ଖୋଲିବା ପରେ ଅନେକାଂଶରେ ଲୋକେ ଏହାକୁ ଦେଖିବାକୁ ଆସୁଛନ୍ତି।

# ପାରୁଲ, ଆନ୍‌ସିଙ୍କୁ ରୌପ୍ୟ



ଏସିଆନ ଗେମ୍ସ ମହିଳା ଲଙ୍ଗଜମ୍ପ ଇଭେଣ୍ଟରେ ରୌପ୍ୟ ପଦକ ହାସଲ ଖୁସିରେ ଉଲ୍ଲସିତ ଭାରତର ଆନ୍‌ସି ସୋଜାନ।

**ହାଙ୍ଗଝୋ, ୨।୧୦ (ପି.ଟି.)**

ଭାରତର ପାରୁଲ ଚୌଧାରୀ ଓ ଆନ୍‌ସି ସୋଜାନ ଏସିଆନ ଗେମ୍ସର ଆଥଲେଟିକ୍ସ ଇଭେଣ୍ଟରୁ ସୋମବାର ରୌପ୍ୟ ପଦକ ହାସଲ କରିଛନ୍ତି। ୪x୪୦୦ ମିଟର ମିକ୍ସଡ ରିଲେ ଦଳ ମଧ୍ୟ ରୌପ୍ୟ ପଦକ ହାସଲ କରିଛି। ମହିଳା ୩୦୦୦ ମିଟର ଷ୍ଟିପ୍‌ଲଚେଜ୍‌ରେ ପାରୁଲ ରୌପ୍ୟ ଓ ପ୍ରୀତି ବ୍ରୋଞ୍ଜ ପଦକ ପାଇଛନ୍ତି। ମହିଳା ଲଙ୍ଗଜମ୍ପରେ ଆନ୍‌ସି ରୌପ୍ୟ ପଦକ ଅର୍ଜନ କରିଛନ୍ତି। ୪x୪୦୦ ମିଟର ମିକ୍ସଡ ରିଲେ ଦଳ ଶ୍ରୀଲଙ୍କା ପଛକୁ ରହି ବ୍ରୋଞ୍ଜ

**ଏସିଆନ ଗେମ୍ସ**

ପଦକ ପାଇଥିଲା। ମାତ୍ର ଶ୍ରୀଲଙ୍କା ପ୍ରତିଯୋଗୀଙ୍କ ଲେନ୍ ବଦଳ ଯୋଗୁ ଭାରତର ବ୍ରୋଞ୍ଜ୍ ପଦକ ରୌପ୍ୟକୁ ପରିବର୍ତ୍ତିତ ହୋଇଥିଲା।

୩୦୦୦ମିଟରଷ୍ଟିପଲଚେଜ୍‌ରେ ପାରୁଲ ୯:୨୭.୬୩ ସେକେଣ୍ଡ ନେଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ତାଙ୍କ ବାହାରିନ ପ୍ରତିଯୋଗୀ ଗେମ୍ସ ରେକର୍ଡ ସହ ୯:୧୮.୨୮ ସେକେଣ୍ଡ ସହ ସ୍ୱର୍ଣ୍ଣ ପଦକ ପାଇଥିଲେ। ପୂର୍ବରୁ ଏସିଆନ ଗେମ୍ସ ରେକର୍ଡ ୯:୩୧.୩୬ ସେକେଣ୍ଡ ଥିଲା। ୨୦୧୪ ଏସିଆନ ଗେମ୍ସରେ ବାହାରିନର ଜେବେଟ ରୁଥ୍ ଏହି ରେକର୍ଡର ଅଧିକାରିଣୀ ଥିଲେ। ପାରୁଲ କିନ୍ତୁ ଏଠାରେ ନିଜ ଜାତୀୟ ରେକର୍ଡ ୯:୧୫.୩୧ ସେକେଣ୍ଡ ସମକକ୍ଷ ପ୍ରଦର୍ଶନ କରିପାରି ନ ଥିଲେ। ସେ ବୁଦାପେଷ୍ଟ ବିଶ୍ୱ ଚାମ୍ପିୟନଶିପ୍‌ରେ ଏହି ଟାଇମିଂ ସହ ଅଲିମ୍ପିକ୍ସ ଯୋଗ୍ୟତା ପାଇଥିଲେ। ତାଙ୍କ ସାଥୀ ପ୍ରୀତି ୯:୪୩.୩୨ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନରେ ରହିଥିଲେ। ମହିଳା ଲଙ୍ଗଜମ୍ପରେ ଆନ୍‌ସି ଦୁଇଥର ନିଜ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରିବା ସହ ୬.୬୩ ମିଟର କ୍ଲିୟର କରି ରୌପ୍ୟ ପଦକ ପାଇଥିଲେ। ଚାଇନାର ଶିକି ଜିଅଙ୍ଗ ୬.୭୩ ମିଟର ସହିତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଭିଏତନାମର ନାଗା ୟାନ ୟୁ ୬.୫୦ ମିଟର ସହ ବ୍ରୋଞ୍ଜ ପାଇଥିଲେ। ଏଥିରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଅନ୍ୟତମ ଭାରତୀୟ ଶାଇଲି ସିଂ ୫ମ ସ୍ଥାନରେ ରହିଥିଲେ।

୪x୪୦୦ ମିଟର ମିକ୍ସଡ ଟିମ୍ ରିଲେରେ ଭାରତର ମହମ୍ମଦ ଆଜମଲ ଭାରିୟାଥୋଡି, ଭିଥ୍ୟା ରାମରାଜ, ରାଜେଶ ରମେଶ ଓ ଶୁଭା ଭେଙ୍କଟେଶ୍ ୩:୧୪.୩୪ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନରେ ରହିଥିଲେ। ମାତ୍ର ୩:୧୪.୨୫ ସେକେଣ୍ଡ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଶ୍ରୀଲଙ୍କା ଦଳ ଲାଇନ୍ ବଦଳ କରିଥିବା କାରଣରୁ ଅଯୋଗ୍ୟ ଘୋଷିତ ହୋଇଥିଲା। ଫଳରେ ଭାରତକୁ ରୌପ୍ୟ ପଦକ ମିଳିଥିଲା। ବାହାରିନ ଦଳ ୩:୧୪.୦୨ ଓ କାଜାଖସ୍ତାନ ଦଳ ୩:୨୪.୮୫ ସେକେଣ୍ଡ ସହିତ ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ପାଇଥିଲେ। ପୁରୁଷ ୨୦୦ ମିଟରରେ ଭାରତର ଅମ୍ଲାନ ବୋରଗୋହେନ ୨୦.୯୮ ସେକେଣ୍ଡ ନେଇ ୬ଷ୍ଠ ସ୍ଥାନରେ ରହିଥିଲେ।




ବ୍ରୋଞ୍ଜ ଏବଂ ରୌପ୍ୟ ପଦକ ବିଜୟୀ ପ୍ରୀତି ଓ ପାରୁଲ ଚୌଧାରୀ।

## ସୁତୀର୍ଥା–ଅହିକାଙ୍କୁ ବ୍ରୋଞ୍ଜ ପଦକ

**ହାଙ୍ଗଝୋ, ୨।୧୦ (ପି.ଟି.)**

ଭାରତର ସୁତୀର୍ଥା ମୁଖାର୍ଜୀ ଓ ଅହିକା ମୁଖାର୍ଜୀ ଚଳିତ ଏସିଆନ ଗେମ୍ସର ମହିଳା ଟେବୁଲ ଟେନିସ ଡବଲ୍ସରେ ଐତିହାସିକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସୋମବାର ଅନୁଷ୍ଠିତ ସେମିଫାଇନାଲରେ ଏହି ଯୋଡ଼ି କଡ଼ା ଟକ୍କର ଦେଇଥିଲେ ହେଁ ଉତ୍ତର କୋରିଆ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ୩–୪ରେ ହାରି ଯାଇଥିଲେ। ଗତ ଶନିବାର କ୍ୱାର୍ଟର ଫାଇନାଲରେ ବିଶ୍ୱ ଚାମ୍ପିୟନ ଚାଇନାକୁ ହରାଇଥିବା ଏହି ଭାରତୀୟ ଯୋଡ଼ି ୧୧–୭, ୮–୧୧, ୧୧–୭, ୮–୧୧, ୯–୧୧, ୧୧–୫, ୨–୧୧ରେ ଉତ୍ତର କୋରିଆର ସୁୟଙ୍ଗ ଚା ଓ ସୁଗ୍‌ୟଙ୍ଗ ପାକ୍‌ଙ୍କଠାରୁ ହାରି ଯାଇଥିଲେ। ଏହି ଫଳାଫଳ ସହ ପ୍ରତିଯୋଗିତାର ଟେବୁଲ ଟେନିସରୁ ଭାରତର ଅଭିଯାନ ଶେଷ ହୋଇଛି। ୨୦୧୮ରେ ଭାରତୀୟ ପୁରୁଷ ଦଳ ଓ ମିକ୍ସଡ ଡବଲ୍ସରେ ଭାରତ ବ୍ରୋଞ୍ଜ ପଦକ ପାଇଥିଲା।



ସୋମବାର ସେମିଫାଇନାଲ ଅବସରରେ ସୁତୀର୍ଥା ମୁଖାର୍ଜୀ ଓ ଅହିକା ମୁଖାର୍ଜୀ।

### ଏସିଆନ ଗେମ୍ସରେ ଭାରତର ପଦକ (ସୋମବାର)

**ରୌପ୍ୟ**

➤ପାରୁଲ ଚୌଧାରୀ: ୩୦୦୦ ମିଟର ଷ୍ଟିପଲଚେଜ୍

➤ଆନ୍‌ସି ସୋଜାନ: ମହିଳା ଲଙ୍ଗଜମ୍ପ

➤ମହମ୍ମଦ ଆଜମଲ ଭାରିୟାଥୋଡି, ବିଦ୍ୟା ରାମରାଜ, ରାଜେଶ ରମେଶ ଓ ଶୁଭା ଭେଙ୍କଟେଶ୍: ୪x୪୦୦ ମିଟର ମିକ୍ସଡ ରିଲେ ଟିମ୍

**ବ୍ରୋଞ୍ଜ**

➤ପ୍ରୀତି ଲାମ୍ବା: ୩୦୦୦ ମିଟର ଷ୍ଟିପଲଚେଜ୍

➤କାର୍ତ୍ତିକା ଜଗଦିଶ୍ୱରନ, ହିରାଲ ସାଧୁ, ଆରତୀ କସ୍ତୁରି ରାଜ: ମହିଳା ସ୍ପିଡ୍ ସ୍କେଟିଂ ୩୦୦୦ ମିଟର ରିଲେ ଟିମ୍

➤ଆନନ୍ଦ କୁମାର ଭେଲ୍‌କୁମାର, ସିଦ୍ଧାନ୍ତ କାମ୍ବଲେ, ବିକ୍ରମ ଇଙ୍ଗାଲେ: ପୁରୁଷ ସ୍ପିଡ୍ ସ୍କେଟିଂ ୩୦୦୦ ମିଟର ରିଲେ ଟିମ୍

➤ସୁତୀର୍ଥା ମୁଖାର୍ଜୀ, ଅହିକା ମୁଖାର୍ଜୀ: ମହିଳା ଟେବୁଲ ଟେନିସ ଡବଲ୍ସ

# ଉଷାଙ୍କ ଜାତୀୟ ରେକର୍ଡର ସମକକ୍ଷ ହେଲେ ବିଦ୍ୟା

**ହାଙ୍ଗଝୋ,୨।୧୦(ପି.ଟି.)**

ଏସିଆନ୍ ଗେମ୍ସ ୨୦୨୩ରେ ଭାରତୀୟ ଆଥ୍‌ଲେଟମାନଙ୍କ ଚମତ୍କାର ପ୍ରଦର୍ଶନ ଜାରି ରହିଛି। ପୂର୍ବତନ ଭାରତୀୟ ଆଥ୍‌ଲେଟ ତଥା ଭାରତୀୟ ଅଲିମ୍ପିକ୍ସ ଆସୋସିଏଶନ ସଭାପତି ପି.ଟି. ଉଷାଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି ବିଦ୍ୟା ରାଜରାଜ। ସୋମବାର ଅନୁଷ୍ଠିତ ମହିଳା ୪୦୦ ମିଟର ବାଧାଦୌଡ଼(ହର୍ଡଲ୍ସ)ରେ ବିଦ୍ୟା ୫୫.୪୨ ସେକେଣ୍ଡର ସମୟ ନେଇଥିଲେ। ୧୯୮୪ ମସିହାରେ ଉଷା ମଧ୍ୟ ସମାନ ଟାଇମିଂ ହାସଲ କରିଥିଲେ। ଏହା ବିଦ୍ୟାଙ୍କ ସର୍ବଶ୍ରେଷ୍ଠ ପ୍ରଦର୍ଶନ ହୋଇଥିବା ବେଳେ ସେ ଫାଇନାଲ ପାଇଁ ମଧ୍ୟ ଯୋଗ୍ୟତା ଅର୍ଜନ କରିଛନ୍ତି। ଅନ୍ୟତମ ଭାରତୀୟ ରବି ସିଞ୍ଜଲ କାଭେରମ୍ ୫୮.୬୨ ସେକେଣ୍ଡରେ ଟାଇମିଂ ସହିତ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନରେ ବିଫଳ ହୋଇଛନ୍ତି। ପୁରୁଷ ୪୦୦ ମି. ହର୍ଡଲ୍ସରେ ସନ୍ତୋଷ କୁମାର ଟାମିଲାରାସନ ଓ ୟଶାସ ପଲାକ୍ଷା ଯଥାକ୍ରମେ ୪୯.୨୮ ଓ ୪୯.୬୧ ସେକେଣ୍ଡର ଟାଇମିଂ ସହିତ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଡେକାଥ୍ଲନ ଇଭେଣ୍ଟରେ ଭାଗ ନେଉଥିବା ହାଇଜମ୍ପର ତେଜସ୍ୱିନ୍ ଶଙ୍କର ପଞ୍ଚମ ସ୍ଥାନରେ ରହିଛନ୍ତି। ତେଜସ୍ୱିନ ଶଟ୍‌ପୁଟ୍‌ରେ ୧୩.୩୯ ମିଟରର ଥ୍ରୋ କରିଥିବା ବେଳେ ୧୦୦ ମିଟର ରେସ୍‌ରେ ୧୧.୧୨ ସେକେଣ୍ଡର ଟାଇମିଂ ହାସଲ କରିଥିଲେ। ଲଙ୍ଗ ଜମ୍ପରେ ସେ ୭.୩୭ ମିଟରର ଦୂରତା ହ୍ରାସ କରିଥିଲେ। ସେ ସମୁଦାୟ ୨୪୨୮ ପଏଣ୍ଟ ଅର୍ଜନ କରିଥିବା ବେଳେ ହାଇ ଜମ୍ପ ଓ ୪୦୦ ମିଟର ଦୌଡ଼ ବାକି ରହିଛି। ହାଇଜମ୍ପ ଇଭେଣ୍ଟରେ ସନ୍ଦେଶ ଜେସେ ଓ ସର୍ବେଶ ଅନିଲ କୁଶାରେ ୨.୧୦ ମିଟରର ଜମ୍ପ ସହିତ ଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ପୁରୁଷ ୮୦୦ ମିଟର ଦୌଡ଼ରେ ମହମ୍ମଦ ଅଫଜଲ ପୁଲିକାଲ୍ଲାଥ ଓ କ୍ରିଷନ୍ କୁମାର ଫାଇନାଲରେ ପ୍ରବେଶ କରିଛନ୍ତି।

**ଆର୍ଚେରୀ:** ଆର୍ଚେରୀରେ ଭାରତ ୬ଟି ଟିମ୍ ଇଭେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ମହିଳା ରିକର୍ଭରେ ଭାରତୀୟ ମହିଳା ଖେଳାଳିଙ୍କ ଅଭିଯାନ ଶେଷ ହୋଇଛି। ମହିଳା କମ୍ପାଉଣ୍ଡ ଦଳ ପୂର୍ବରୁ କ୍ୱାର୍ଟର ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିବା ବେଳେ ସୋମବାର ରିକର୍ଭ ଓ କମ୍ପାଉଣ୍ଡର ଅନ୍ୟ ୫ ଦଳ ଅଂଶଗ୍ରହଣ କରିଥିଲେ। ଏହା ସହିତ କମ୍ପାଉଣ୍ଡ ବର୍ଗର ବ୍ୟକ୍ତିଗତ ଇଭେଣ୍ଟରେ ଓଜସ ଦେଓତାଲେ, ଅଭିଷେକ ବର୍ମା, ଜ୍ୟୋତି ସୁରେଖା ଭେନମ୍ ଓ ଅଦିତି ସ୍ୱାମୀ କ୍ୱାର୍ଟରରେ ପ୍ରବେଶ କରିବା ସହିତ ପଦକ ଫେଭରିଟ୍ ରହିଛନ୍ତି। ଅନ୍ୟପକ୍ଷରେ ରିକର୍ଭର ବ୍ୟକ୍ତିଗତ ରାଉଣ୍ଡରେ ଧୀରଜ ବୋମ୍ମାଦେବରା ଓ ଅତନୁ ଦାସ ମଧ୍ୟ କ୍ୱାର୍ଟରରେ ପ୍ରବେଶ କରିଛନ୍ତି।

**ସ୍କ୍ୱାଶ:** ସ୍କ୍ୱାଶର ବ୍ୟକ୍ତିଗତ ଇଭେଣ୍ଟରେ ସୌରଭ ଘୋଷାଲ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ବେଳେ ଜ୍ୟୋତ୍ସ୍ନା ଚିନାପ୍ପା ବିଦାୟ ନେଇଛନ୍ତି। ମହିଳା ସିଙ୍ଗଲ୍ସରେ ଚିନାପ୍ପା ୧–୩ରେ ଦକ୍ଷିଣ କୋରିଆର ହେଓ ମିଙ୍ଗେଓଙ୍ଗଙ୍କ ନିକଟରୁ ପରାସ୍ତ ହୋଇଛନ୍ତି। ୩୭ ବର୍ଷୀୟା ଚିନାପ୍ପା ୪–୧୧, ୧୨–୧୦, ୯–୧୧ ଓ ୮–୧୧ ସେଟରେ ପରାଜିତ ହୋଇଥିଲେ। ଏହି ମ୍ୟାଚ୍ ମାତ୍ର ୩୭ ମିନିଟ ଚାଲିଥିଲା। ୨୦୧୮ରେ ଜ୍ୟୋତ୍ସ୍ନା ସିଙ୍ଗଲ୍ସ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଅନ୍ୟତମ ଭାରତୀୟ ତନ୍‌ଭି ଖାନ୍ନା ବିଜୟୀ ହୋଇ କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ମିକ୍ସଡ ଡବଲ୍ସରେ ଭାରତର ଅନହତ ସିଂ ଓ ଅଭୟ ସିଂ ମଧ୍ୟ ବିଜୟୀ ହୋଇଛନ୍ତି। ଥାଇଲାଣ୍ଡର ଯୋଡ଼ିଙ୍କୁ ଉଭୟ ୧୧–୫ ଓ ୧୧–୬ରେ ପରାସ୍ତ କରିଥିଲେ। ପୁରୁଷ ସିଙ୍ଗଲ୍ସରେ ସୌରଭ ଘୋଷାଲ କୁଏତ୍‌ର ଅମ୍ମାର ଅଲତାମିମିଙ୍କୁ ୩–୦ରେ ପରାସ୍ତ କରିଥିବା ବେଳେ ମହେଶ ମନଗାଓଁକର ସମାନ ବ୍ୟବଧାନରେ ହ୍ୟୁନୋସୁକେ ସୁଉକେଙ୍କୁ ହରାଇଥିଲେ।

## ପୁରୁଷ ହକି ସେମିରେ ଭାରତ

**ହାଙ୍ଗଝୋ,୨।୧୦(ପି.ଟି.):** ବାଂଲାଦେଶକୁ ୧୨–୦ ଗୋଲରେ ପରାସ୍ତ କରି ଏସିଆନ ଗେମ୍ସ ପୁରୁଷ ହକିର ସେମି ଫାଇନାଲରେ ପ୍ରବେଶ କରିଛି ଭାରତ। ଦଳ ପକ୍ଷରୁ ହରମନ୍‌ପ୍ରୀତ୍ ସିଂ ଓ ମନ୍‌ଦୀପ ହାଟ୍ରିକ ଅର୍ଜନ କରିଥିଲେ। ଭାରତୀୟ ଖେଳାଳି ୭ଟି ଫିଲ୍ଡ ଗୋଲ୍ ଦେଇଥିବା ବେଳେ ୫ଟି ଗୋଲ୍ ପେନାଲ୍ଟି କର୍ନରରୁ ଆସିଥିଲା। ଗ୍ରୁପ୍ ଏ'ର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ବିଜୟୀ ହେବା ସହିତ ଅପରାଜେୟ ଭାବରେ ଭାରତ ଗ୍ରୁପ୍ ଶୀର୍ଷରେ ରହିଛି। ବୁଧବାର ପୁଲ୍ ବି'ରେ ଦ୍ୱିତୀୟ ସ୍ଥାନରେ ଥିବା ଦଳ ସହିତ ଭାରତ ସେମି ଫାଇନାଲ ମ୍ୟାଚ ଖେଳିବ।

# ବିସ୍ମିତ କଲେ ଭାରତୀୟ ସ୍କେଟର

**■ ୩୦୦୦ ମିଟର ଟିମ୍ ରିଲେରେ ମହିଳା ଓ ପୁରୁଷଙ୍କୁ ବ୍ରୋଞ୍ଜ**

**ହାଙ୍ଗଝୋ, ୨।୧୦(ପି.ଟି.)**

ଏସିଆନ ଗେମ୍ସରେ ଭାରତୀୟ ସ୍କେଟର ବିସ୍ମିତ କଳାଭଳି ପ୍ରଦର୍ଶନ କରିଛନ୍ତି। ଉଭୟ ମହିଳା ଓ ପୁରୁଷ ଦଳ ୩୦୦୦ ମିଟର ଟିମ୍ ରିଲେ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଛି। ଏସିଆନ ଗେମ୍ସ ରୋଲର ସ୍ପୋର୍ଟ୍ସରେ ଭାରତର ଏହା ସର୍ବଶ୍ରେଷ୍ଠ ପ୍ରଦର୍ଶନ। ଟିନ୍‌ଏଜର କାର୍ତ୍ତିକା ଜଗଦିଶ୍ୱରନ, ହିରାଲ ସାଧୁ ଓ ୨୯ ବର୍ଷୀୟା ଆରତୀ କସ୍ତୁରୀ ରାଜ ମହିଳା ସ୍ପିଡ୍ ସ୍କେଟିଂ ବିଭାଗରେ ଭାରତ ପାଇଁ ସର୍ବପ୍ରଥମ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଭାରତୀୟ ଦଳ ୪:୩୪.୮୬୧ସେକେଣ୍ଡ ସମୟ ନେଇଥିଲେ। ଚାଇନିଜ୍ ତାଇପେ ଦଳ ୪:୧୯.୪୪୭ ଓ ଦକ୍ଷିଣ କୋରିଆ ୪:୨୧.୧୪୬ ସେକେଣ୍ଡ ସହ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ପାଇଥିଲା। ସେହିପରି ଆନନ୍ଦ କୁମାର ଭେଲ୍‌କୁମାର, ସିଦ୍ଧାନ୍ତ କାମ୍ବଲେ ଓ ବିକ୍ରମ ଇଙ୍ଗାଲେଙ୍କୁ ନେଇ ଗଠିତ ଭାରତୀୟ ପୁରୁଷ ଦଳ ତୃତୀୟ ସ୍ଥାନ ଅଧିକାର କରିଛି। ଚାଇନିଜ ତାଇପେ ସ୍ୱର୍ଣ୍ଣ ଓ ଦକ୍ଷିଣ କୋରିଆ ରୌପ୍ୟ ପଦକ ହାସଲ କରିଛି। ରୋଲର ସ୍ପୋର୍ଟ୍ସ ୨୦୧୦ ଏସିଆନ ଗେମ୍ସରେ ପଦାର୍ପଣ କରିଥିଲା। ସେତେବେଳେ ଅନୁପ କୁମାର ୟାମା ପୁରୁଷ ସିଙ୍ଗଲ୍ସ ଫ୍ରି ସ୍କେଟିଂ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଥିଲେ। ପେୟାର ସ୍କେଟିଂରେ ଅନୁପ ଓ ଅଭାନି ପଞ୍ଚଲ ତୃତୀୟ ସ୍ଥାନରେ ରହିଥିଲେ।

### ଏସିଆନ ଗେମ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୧୪୭ | ୮୧ | ୪୨ | ୨୭୦ |
| ଜାପାନ | ୩୩ | ୪୪ | ୪୫ | ୧୨୨ |
| ଦ.କୋରିଆ | ୩୧ | ୩୯ | ୬୩ | ୧୩୩ |
| **ଭାରତ** | **୧୩** | **୨୪** | **୨୩** | **୬୦** |
| ଚାଇନିଜ ତାଇପେ | ୧୨ | ୧୦ | ୧୭ | ୩୯ |
| ଉଜ୍‌ବେକିସ୍ତାନ | ୧୧ | ୧୪ | ୧୮ | ୪୩ |
| ଥାଇଲାଣ୍ଡ | ୧୦ | ୭ | ୧୬ | ୩୩ |
| ଉ.କୋରିଆ | ୭ | ୧୦ | ୫ | ୨୨ |
| ହଂକଂ | ୬ | ୧୫ | ୨୩ | ୪୪ |
| ବାହାରିନ | ୬ | ୧ | ୪ | ୧୧ |
| ଇରାନ | ୫ | ୧୪ | ୧୫ | ୩୪ |
| କାଜାଖସ୍ତାନ | ୪ | ୭ | ୨୭ | ୩୮ |
| ଇଣ୍ଡୋନେସିଆ | ୪ | ୩ | ୧୧ | ୧୮ |
| ସିଙ୍ଗାପୁର | ୩ | ୫ | ୪ | ୧୨ |
| ମାଲେସିଆ | ୩ | ୪ | ୧୪ | ୨୧ |
| କାତାର | ୨ | ୩ | ୨ | ୭ |
| କୁଏତ୍ | ୨ | ୩ | ୧ | ୬ |
| ଭିଏତନାମ | ୧ | ୩ | ୧୩ | ୧୭ |
| ସାଉଦି ଆରବ | ୧ | ୨ | ୧ | ୪ |
| ଫିଲିପାଇନ୍ସ | ୧ | ୧ | ୮ | ୧୦ |
| ୟୁଏଇ | ୧ | ୧ | ୪ | ୬ |
| ମକାଓ | ୧ | ୧ | ୨ | ୪ |
| କିର୍ଗିଜସ୍ତାନ | ୧ | ୦ | ୨ | ୩ |
| ମଙ୍ଗୋଲିଆ | ୦ | ୪ | ୮ | ୧୨ |
| ଜୋର୍ଡାନ | ୦ | ୨ | ୧ | ୩ |
| ତୁର୍କମେନିସ୍ତାନ | ୦ | ୧ | ୩ | ୪ |
| ପାକିସ୍ତାନ | ୦ | ୧ | ୧ | ୨ |
| ବ୍ରୁନେଇ | ୦ | ୧ | ୦ | ୧ |
| ଓମାନ | ୦ | ୧ | ୦ | ୧ |
| ଶ୍ରୀଲଙ୍କା | ୦ | ୧ | ୦ | ୧ |
| ଆଫଗାନିସ୍ତାନ | ୦ | ୦ | ୪ | ୪ |
| ଲାଓସ | ୦ | ୦ | ୨ | ୨ |
| ବାଂଲାଦେଶ | ୦ | ୦ | ୧ | ୧ |



ଏସିଆନ ଗେମ୍ସର ୩୦୦୦ ମିଟର ଟିମ୍ ରିଲେ ସ୍କେଟିଂ ଇଭେଣ୍ଟରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ମହିଳା ଓ ପୁରୁଷ ଦଳ।

## କଂଗ୍ରେସର ନେତୃତ୍ୱ ବିକାଶ ମିଶନ ସମୀକ୍ଷା ବୈଠକ

**ଭୁବନେଶ୍ୱର,(ଅନିଲ ଦାସ):** ପ୍ରଦେଶ କଂଗ୍ରେସ ଭବନରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସୋମବାର ୫୭ ଏସ୍‌ସି /ଏସ୍‌ଟି ବିଧାନସଭାର ନେତୃତ୍ୱ ବିକାଶର ସମୀକ୍ଷା ହୋଇଛି। ବାଙ୍କିନିଧି ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉକ୍ତ ୫୭ ଟି ସଂରକ୍ଷିତ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଧାନସଭା ସମନ୍ୱୟ ସମିତି (ଆସେମ୍ବ୍ଲି କୋଅର୍ଡ଼ିନେଶନ କମିଟି) ଗଠିତ ହୋଇଛି। ଆଗାମୀ ଦିନରେ ଖୁବଶୀଘ୍ର ସମସ୍ତ ବ୍ଲକ କୋଅର୍ଡ଼ିନେଶନ କମିଟି ଗଠନ ଲାଗି ନିଷ୍ପତ୍ତି ହୋଇଛି । ଏଥରେ ଓବିସି ବିଭାଗ ଜାତୀୟ ସଂଯୋଜକ ରାଜକିଶୋର ବାରିକ, ଏସ୍‌ସି ସେଲର ଜାତୀୟ ସଂଯୋଜକ ମାନସ ମଲ୍ଲିକ,ବରିଷ୍ଠ ଓବିସି ନେତା ବିଷ୍ଣୁ ବାରିକ, ସସ୍ମିତା ବେହେରା, ସହ ସଂଯୋଜକ ଜଗତଜୀବନ ମହାନ୍ତି, ଆଶିଷ ଲେଙ୍କାପ୍ରମୁଖ ଯୋଗଦେଇ ସଂଗଠନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ।


### ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଚିକୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପଦଯାତ୍ରାରେ ବିକାଶ ବାର୍ତ୍ତା

**ବାରିପଦା,୨।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଗାନ୍ଧୀ ଜୟନ୍ତୀରୁ ବିଜୁ ଜନତା ଦଳ ବାରିପଦା ନଗର କମିଟି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନହିତକର ଯୋଜନା ଓ ବିକାଶ ଲୋକଙ୍କ ନିକଟରେ ପହଞ୍ଚାଇବା ସହିତ ଯୋଜନାର ସଫଳ ରୂପାୟନ ଏହି ପଦଯାତ୍ରାର ଉଦ୍ଦେଶ୍ୟ ବୋଲି ବିଜେଡି ନେତାମାନେ କହିଛନ୍ତି। ପଦଯାତ୍ରା ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ବାରିପଦା ବିଜେଡି କାର୍ଯ୍ୟାଳୟ (ବିଜୁ ଭବନ)ଠାରୁ ବାହାରି ବିଜୁ ଗୋଲେଇସ୍ଥିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ପଦଯାତ୍ରା ଗାନ୍ଧୀ ପାର୍କରେ ପହଞ୍ଚିଥିଲା। ମଙ୍ଗଳବାରଠାରୁ ପ୍ରତି ୱାର୍ଡରେ ଶୋଭାଯାତ୍ରା କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏହି ଅବସରରେ ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିର, ଚାରାରୋପଣ, ସ୍ୱଚ୍ଛତା କାର୍ଯ୍ୟକ୍ରମ ସହିତ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯିବ। ବାରିପଦା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ରାଜ୍ୟ ଅନୁସୂଚୀତ ଜାତି, ଜନଜାତି ଓ ସଂଖ୍ୟାଲଘୁ ଉପଦେଷ୍ଟା ସରୋଜିନୀ ହେମ୍ବ୍ରମ, ପ୍ରାକ୍ତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ମୟୂରଭଞ୍ଜ ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡା.ଦେବାଶିଷ ମାରାଣ୍ଡି, ଉପାଧ୍ୟକ୍ଷ ସୀମା ଦାସ, ମହିଳା ସଭାନେତ୍ରୀ ଦୀପ୍ତି ମିଶ୍ର, ଅରୁଣ ବରାଡ, ସୁନୀଲ ନାୟକ, ପ୍ରଭାତୀ ନାୟକଙ୍କ ସମେତ ବରିଷ୍ଠ କାର୍ଯ୍ୟକର୍ତ୍ତା ଓ କାଉନସିଲରମାନେ ଉପସ୍ଥିତ ଥିଲେ ।



ପଦଯାତ୍ରାରେ ସାମିଲ ବିଜେଡି ନେତୃବୃନ୍ଦ ଓ କର୍ମୀମାନେ।



ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜନ୍ମଦିବସ ଅବସରରେ ପାଟନାଠାରେ ଆୟୋଜିତ ସଭାରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଖବରଦାତାଙ୍କୁ ଶାସ୍ତ୍ରୀଙ୍କ ସମ୍ପର୍କରେ ସୂଚନା ଦେଉଛନ୍ତି।

# ଆନ୍ଧ୍ରରେ ହେବ ଟିଡିପି-ଜେଏସ୍‌ପି ସରକାର: ପୱନ କଲ୍ୟାଣ

**ଅମରାବତୀ,୨।୧୦:** ଜନ ସେନା ପାର୍ଟି (ଜେଏସପି) ନେତା ତଥା ଅଭିନେତା ପୱନ କଲ୍ୟାଣ କହିଛନ୍ତି, ତେଲୁଗୁ ଦେଶମ ପାର୍ଟି (ଟିଡିପି) ଏବଂ ତାଙ୍କ ଦଳ ଆନ୍ଧ୍ରପ୍ରଦେଶରେ ପରବର୍ତ୍ତୀ ସରକାର ଗଠନ କରିବେ। ଭାରାହି ଯାତ୍ରାର ଚତୁର୍ଥ ପର୍ଯ୍ୟାୟରେ ଆଭାନିଗଡାଠାରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରି ପୱନ କହିଛନ୍ତି ଯେ, ଏଥର ଜଗନ ମୋହନ ରେଡ୍ଡୀଙ୍କ ନେତୃତ୍ୱାଧୀନ ୱାଇଏସଆର କଂଗ୍ରେସ ପାର୍ଟି (ୱାଇଏସଆରସିପି)ର ପରାଜୟ ନିଶ୍ଚିତ। ଟିଡିପି ସହ ମେଣ୍ଟ ଘୋଷଣା ପରେ ପୱନ କଲ୍ୟାଣଙ୍କର ଏହା ଥିଲା ପ୍ରଥମ ସାଧାରଣ ସଭା । ସୂଚନାଯୋଗ୍ୟ, ଜେଏସ୍‌ପି ଟିଡିପି ସହିତ ମିଳିତ ଭାବେ ଆଗାମୀ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବ ବୋଲି ପୂର୍ବରୁ ଘୋଷଣା ହୋଇଛି। ଅବଶ୍ୟ ଏହା ପୂର୍ବରୁ ପୱନ ଭାଜପାର ସହଯୋଗୀ ଥିଲେ। ତେବେ ପୱନ ଟିଡିପି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ. ଚନ୍ଦ୍ରବାବୁ ନାଇଡୁଙ୍କୁ ଭେଟିବା ପରେ ଏହି ନୂଆ ମେଣ୍ଟ ଘୋଷଣା କରାଯାଇଥିଲା।



ପୱନ କଲ୍ୟାଣ

## ପଛୁଆବର୍ଗ ଜନଗଣନା ରିପୋର୍ଟ ପ୍ରକାଶ କରାଯାଉ: ସମାଜବାଦୀ ପାର୍ଟି

**ଭୁବନେଶ୍ୱର,୨।୧୦(ଅନିଲ ଦାସ):** ବିହାର ଜାତି ଜନଗଣନା ରିପୋର୍ଟ ସୋମବାର ପ୍ରକାଶିତ ହୋଇଛି । ଏଥରେ ପଛୁଆବର୍ଗ ଜାତି ସଂଖ୍ୟା ସର୍ବମୋଟ୍ ୬୩ ପ୍ରତିଶତ ବୋଲି ପ୍ରକାଶିତ ହୋଇଛି । ଓଡ଼ିଶାରେ ମେ ୧ ରୁ ପଛୁଆବର୍ଗ ଜାତି ଜନଗଣନା ଆରମ୍ଭ ହୋଇ ଜୁଲାଇ ୨୪ ରେ ଶେଷ ହୋଇଛି। ଅଢେଇ ମାସ ପରେ ମଧ୍ୟ ରିପୋର୍ଟ ପ୍ରକାଶିତ ହୋଇନାହିଁ। ଜାତି ଜନଗଣନା ରିପୋର୍ଟ ପ୍ରକାଶ ପାଇଁ ଦାବି ହୋଇଥିଲେ ବି କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏ ଦିଗରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କର ଦୃଷ୍ଟି ଆକର୍ଷଣ କରାଯାଇଛି। ଓଡ଼ିଶାରେ ପଛୁଆବର୍ଗ କମିଶନ ରିପୋର୍ଟ ପ୍ରକାଶ ଲାଗି ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା ଦାବି କରିଛନ୍ତି ।

# ଗାନ୍ଧୀ ଜୟନ୍ତୀରେ ଭୁବନେଶ୍ୱର ଜିଲା କଂଗ୍ରେସର ପଦଯାତ୍ରା

**ଭୁବନେଶ୍ୱର,୨।୧୦(ଅନିଲ ଦାସ)**

ଗାନ୍ଧୀ ଜୟନ୍ତୀ ଅବସରରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଭୁବନେଶ୍ୱର ଜିଲା କଂଗ୍ରେସ କମିଟି ପକ୍ଷରୁ ସୋମବାର (ତୃତୀୟ ଦିନରେ) ମଧ୍ୟମ ନିର୍ବାଚନ ମଣ୍ଡଳୀରେ 'ଘରେ ଘରେ କଂଗ୍ରେସ-ଘରେ ଘରେ ହାତ' ପଦଯାତ୍ରା ସତ୍ୟନଗର କାଳୀ ମନ୍ଦିରଠାରୁ ବାହାରି ପଞ୍ଜାବୀ କଲୋନୀ, ଗୁଡ଼ିଆ ସାହି, ହାଉସିଂ ବୋର୍ଡ କଲୋନୀ, ପିଡବ୍ଲ୍ୟୁ କଲୋନୀ, ତୋଷାଳୀ ପ୍ଲାଜା, ସତ୍ୟନଗର ଦୁର୍ଗା ମଣ୍ଡପ ଛକ ହୋଇ କାଳୀ ମନ୍ଦିର ପାଖରେ ପହଞ୍ଚି ଥିଲା। କଂଗ୍ରେସ ନେତୃବୃନ୍ଦ ଏବଂ କର୍ମୀମାନେ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଜନବିରୋଧୀ ମିଥ୍ୟା ପ୍ରତିଶ୍ରୁତି ଓ ପ୍ରତାରଣାକୁ ପ୍ରଚାରପତ୍ର ଦ୍ୱାରା ଘରେ ଘରେ ବାଣ୍ଟି ଥିଲେ। ଜିଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶଙ୍କ ନେତୃତ୍ୱରେ ଏବଂ ପ୍ରଦେଶ କଂଗ୍ରେସ କମିଟିର ମୁଖପାତ୍ର ରଜନୀ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ କଂଗ୍ରେସ ଦଳର ବରିଷ୍ଠ ନେତା ଇସ୍ତାହାର କମିଟି ଅଧ୍ୟକ୍ଷ ପଞ୍ଚାନନ କାନୁନ୍‌ଗୋ, ପିସିସି ବରିଷ୍ଠ ଉପସଭାପତି ଶିବାନନ୍ଦ ରାୟ, କିଶୋର ଜେନା, ଜିଲା ପର୍ଯ୍ୟବେକ୍ଷକ ମନୋଜ ବିଶ୍ୱାଳ, ପ୍ରତିମା ମଲ୍ଲିକ, ବିଶିଷ୍ଟ ଗବେଷକ ତଥା ସମାଜସେବୀ ଅନିଲ ଧିର, ତରୁଣ ମିଶ୍ର, ସୁବ୍ରତ ମହାପାତ୍ର, ରଶ୍ମି ମହାପାତ୍ର, କିରଣ ସାହୁ, ଅମିୟ ପାଣ୍ଡବ, କୃଷ୍ଣଚନ୍ଦ୍ର ପତି, ବାବୁଲି ପରିଡ଼ା, ଜ୍ୟୋତି ପ୍ରକାଶ ପଣ୍ଡା, ଦେବଜ୍ୟୋତି ଜେନା, ନବଜ୍ୟୋତି ଜେନା, ସନ୍ତୋଷ ପ୍ରଧାନ, ଏସ୍‌କେ କାମରୁଦ୍ଦିନ, କୁଳମଣି ସାହୁ, ଦେବାଶିଷ ଦାସ ଏବଂ ଶତାଧିକ କଂଗ୍ରେସ କର୍ମୀ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ।




ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ପକ୍ଷରୁ ଆୟୋଜିତ ପଦଯାତ୍ରା


## ମନେ ପଡ଼ନ୍ତି

### ତୃତୀୟ ଶ୍ରାଦ୍ଧବାର୍ଷିକୀ



୰ରାଜକିଶୋର ସେନାପତି

ବଡଗୁଆଳିପଡା, ତେଲାଙ୍ଗ, ଭୁବନେଶ୍ୱର

ଚାହିଁ ଚାହିଁ ତିନିବର୍ଷ ବିତିଗଲା, ଆପଣଙ୍କ ଅନୁପସ୍ଥିତି ରେ ଶୂନ୍ୟତା ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ । ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ଓ କର୍ତ୍ତବ୍ୟପରାୟଣତା ଆମମାନଙ୍କ ଜୀବନର ମାର୍ଗଦର୍ଶକ ହେଉ । ଆଜି ତୃତୀୟ ଶ୍ରାଦ୍ଧବାର୍ଷିକ (ଆଶ୍ୱିନ କୃଷ୍ଣପକ୍ଷ ପଞ୍ଚମୀ)ରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାସହ ଆପଣଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ :
ପତ୍ନୀ-ହେମାମଣି, ପୁତ୍ର-ପ୍ରଗତି, ଜିତୁ, ପୁତ୍ରବଧୂ-ମାନା, ଲିନା, ପୁତ୍ରୀ-ମମି, ପୁନା, ଟୁନି, ଜ୍ୱାଇଁ-ଦେବ, ପୂର୍ଣ୍ଣ, ମିଟୁ, ନାତି, ନାତୁଣୀ ପରିବାର ଓ ଆତ୍ମୀୟସ୍ୱଜନ

ଧ-୧୪୬୦

### ତୃତୀୟ ଶ୍ରାଦ୍ଧବାର୍ଷିକୀ



୰ଅଶୋକ ସାହୁ

୯୪, ବାପୁଜୀ ନଗର ଭୁବନେଶ୍ୱର

ଆବିର୍ଭାବ: ୧୫।୦୪।୧୯୪୫
ତିରୋଧାନ: ୦୩।୧୦।୨୦୨୦

ତୁମର ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ:ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

ଧ-୭୧୩୮୧

## CLASSIFIED DISPLAY

MORE SPACE ' SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

## BIJAYA FINANCE

Bijaya Finance ସମସ୍ତ ପ୍ରକାର Loan ୧୦ ଦିନ ମଧ୍ୟରେ ଯୋଗାଇ ଦେଉଛି । ବ୍ୟବସାୟ, Personal, କୃଷି, ଶିକ୍ଷା, କୁକୁଡ଼ାଫାର୍ମ, ଗାଈପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର Loan ଘରେ ବସି ପାଆନ୍ତୁ । ସୁଧ ୨%

Mob:7656825212
7656825011

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଦିବ୍ୟାଙ୍ଗ ପିଲାମାନେ ଅସମ୍ଭବକୁ ସମ୍ଭବ କରି ଦେଖାନ୍ତି : ଧର୍ମେନ୍ଦ୍ର

**ଭୁବନେଶ୍ୱର,୨।୧୦(ଅନିଲ ଦାସ)**

ଦିବ୍ୟାଙ୍ଗ ପିଲାମାନଙ୍କ ପ୍ରତିଭା କାହା ଠାରୁ କୌଣସି ଗୁଣରେ କମ୍ ନୁହେଁ । ସେମାନେ ଯାଦୁଗର ଭଳି ଅସମ୍ଭବ କଥାକୁ ସମ୍ଭବ କରି ଦେଖାଇଥାନ୍ତି । ସୋମବାର ନୂଆଦିଲ୍ଲୀଠାରେ ଆୟୋଜିତ 'ଦିବ୍ୟାଙ୍ଗଜନ ସ୍ୱାଭିମାନ ସମ୍ମାନ ସମାରୋହ'ରେ ଯୋଗଦେଇ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି ।

ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ଲୋକସେବକ ମଣ୍ଡଳ ଏବଂ ଅନାମ ସ୍ନେହ ପରିବାର ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି ଯେ, ଦିବ୍ୟାଙ୍ଗ ଭାଇ ଭଉଣୀଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବା, ସେମାନଙ୍କ ଅଧିକାର ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ସେମାନେ ସମ୍ମୁଖୀନ ହେଉଥିବା ଆହ୍ୱାନର ସମାଧାନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ନିରନ୍ତର ପ୍ରୟାସ କରୁଛନ୍ତି । ରାଷ୍ଟ୍ରୀୟ ଶିକ୍ଷା ନୀତି ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ପ୍ରତିବନ୍ଧକ ମୁକ୍ତ ଶିକ୍ଷା ପ୍ରଦାନ କରିବା ଉପରେ ଗୁରୁତ୍ୱ ଦେଇଛି । ଦିବ୍ୟାଙ୍ଗ ପିଲାମାନେ ଅସାଧାରଣ ପ୍ରତିଭାର ଅଧିକାରୀ ହୋଇଥାନ୍ତି। ସେମାନେ ଯାଦୁଗର ଭଳି ଅସମ୍ଭବ କଥାକୁ ସମ୍ଭବ କରି ଦେଖାଇଥାନ୍ତି । ସେମାନେ ନବସୃଜନର ଅଧିକାରୀ। ସନ୍ଥକବି ଭୀମ ଭୋଇଙ୍କ ପଂକ୍ତି ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉକୁ ଉଦ୍ଧୃତ କରି କେନ୍ଦ୍ରମନ୍ତ୍ରୀ କହିଥିଲେ, ଏହି ଦୃଷ୍ଟିବାଧିତ କବି ନିଜ ବାର୍ତ୍ତା ମାଧ୍ୟମରେ ବସୁଧୈବ କୁଟୁମ୍ବକମ୍‌ର ବାର୍ତ୍ତା ଦେଇଥିଲେ । ଦୁନିଆକୁ ମୋର ପରିବାର ବୋଲି ଅଭିହିତ କରିଥିଲେ। ଅମୃତ କାଳରେ ଆମକୁ ଏପରି ଏକ ବ୍ୟବସ୍ଥା ନିର୍ମାଣ କରିବାକୁ ହେବ, ଯେଉଁଥିରେ ଦିବ୍ୟାଙ୍ଗ ପିଲାଙ୍କ ପାଇଁ ସମାନ ସୁଯୋଗ ଏବଂ ସ୍ୱାଭିମାନ ସହିତ ବଞ୍ଚିବାର ପଥ ପ୍ରଶସ୍ତ ହେବ । ଗାନ୍ଧିଜୀ, ଶାସ୍ତ୍ରିଜୀ, ଲାଲାଜୀ, ପଣ୍ଡିତ ଗୋପବନ୍ଧୁ ଦାସ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭଳି ଜନନାୟକଙ୍କ ସ୍ୱପ୍ନର ଏକ ବିକଶିତ ଭାରତ ସେତେବେଳେ ହିଁ ଗଢ଼ି ଉଠିବ ଯେତେବେଳେ ଆମେ ଆମ ଦିବ୍ୟାଙ୍ଗ ଭାଇ ଭଉଣୀମାନଙ୍କୁ ସମାନ ଅଧିକାର ସହିତ ବଞ୍ଚିବାର ପରିବେଶ ସୃଷ୍ଟି କରିବା ବୋଲି ସେ କହିଛନ୍ତି ।

ଏହି ଅବସରରେ ପ୍ରଧାନ ଦିବ୍ୟାଙ୍ଗଙ୍କ ସଶକ୍ତୀକରଣ ଏବଂ ସେମାନଙ୍କ ଜୀବନରେ ଉନ୍ନତି ଆଣିବା ଦିଗରେ ସକ୍ରିୟ ଭାବରେ କାମ କରୁଥିବା ବ୍ୟକ୍ତିବିଶେଷ ଏବଂ ସଂଗଠନକୁ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମ ପୂର୍ବରୁ ଧର୍ମେନ୍ଦ୍ର ସମ୍ବିଧାନ ସଦନରେ ମହାତ୍ମା ଗାନ୍ଧୀ ଏବଂ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଅବସରରେ ତାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।



'ଦିବ୍ୟାଙ୍ଗଜନ ସ୍ୱାଭିମାନ ସମ୍ମାନ ସମାରୋହ'ରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

### ଦିବ୍ୟାଙ୍ଗଙ୍କ ଉନ୍ନତି ପାଇଁ କାମ କରୁଥିବା ବ୍ୟକ୍ତିବିଶେଷ, ସଂଗଠନକୁ ସମ୍ମାନିତ କଲେ କେନ୍ଦ୍ରମନ୍ତ୍ରୀ


# Classified Everyday

0674-2580101, 2549949



REAL ESTATE

**SALE**

ଭୁବନେଶ୍ୱର ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ ସ୍ଥିତିବାନ ବାସୋପଯୋଗୀ ପ୍ଲଟ୍ ସୁଲଭ ମୂଲ୍ୟରେ ବିକ୍ରିହେବ। (General/ SC) plot available. Contact: 9938066403/ 9438315973. D-1457

ଭୁବନେଶ୍ୱର ଗଙ୍ଗପଡ଼ା HP ପେଟ୍ରୋଲ୍‌ପମ୍ପ ନିକଟରେ **sqft.-899/-, Adyanta College ପାଖରେ 750/- boundary, road,** ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ ବିକ୍ରିହେବ। **9861319999, 9658891108.** D-75220

Duplex sale at Bhubaneswar @ 57 lakhs only. Contact: 9777433701. D-75223

**GA free hold plot 2100sqft. At- IRC Village, BBSR, No Broker. Ph No- 8144410585.** D-1424

ନଖରା ତ୍ରିନାଥବଜାର ମହିଧରପଡ଼ା, ପାଖରେ SC plot 7400 sqft 11,00,000/-(Outright) 7978663279. D-75218

ଭୁବନେଶ୍ୱର ପାହାଳ ଜଗନ୍ନାଥ ମନ୍ଦିର Audi Showroom NH ପାଖରେ ଘରବାରି Boundary ପ୍ଲଟ୍ sqft.- 3200/- (ready for construction). 9178704897. D-75225

3BHK flat for sale in Bamphakuda, (Nakhara), 6372943677, 933772205. D-1454

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ **Grandbazar NH-16** ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି ବାସୋପଯୋଗୀ ପ୍ଲଟ୍ ଶସ୍ତାରେ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। **8249422604.** D-75222

Khurda ITBP & IRB ପାଖରେ Sthitiban Gharabari plot Electricity ସହିତ ମିଳୁଅଛି। Contact- 9090772843, 9800700664. D-1420

3 stored Villa with terrace garden, Penthouse 2 parking 8000 sqft. super buildup 6.5 cr. Palasuni close to national Highway. Contact No.- 9437922289. D-1456

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

Khurda- Bhubaneswar, ମଧ୍ୟରେ Pitapalli Chhakରେ Sthitiban plot Electricity, Boundary ସହିତ ମିଳୁଅଛି। Contact- 7735888421, 7750068828. D-1421




**Relax, Refresh your body, Mind at Saikrupa Spa with best therapies. 8984068077.** D-1358

Spa Kerala body Massage only best Therapist @699/- Bhubaneswar. 9337672475. D-1438

**LOST**

I, Diptiranjan Sethi, S/o-Udayanath Sethi,Po-Kusunpur, Derabish, Kendrapara, states that, my B.Tech Certificate issued by BPUT, bearing regd. No-1321229003 has been lost in transit from Gopalpur. Please contact: 9337990803. D-1458

**AFFIDAVIT**

I,Dibakara Maharana S/o Late Brundaban Maharana, address At- Achuli, PO/PS- Purushottampur, Dist.- Ganjam, PIN- 761018, Odisha declare by this affidavit No. A-4 Date 16.09.2023 that now onwards I shall be known as Dibakar Maharana for all future purpose. D-1462

By virtue of an affidavit sworn before the Notary Public, Sonepur, I Smt. Niharika Mohapatra, W/o. Pradip Kumar Mohapatra, R/o. Village- Sonepur, PO/ PS/Dist.- Sonepur, Odisha declare that after marriage I have changed my name from Nihar Manjari Dash to Niharika Mohapatra. Henceforth, I shall be known as Niharika Mohapatra for all purposes. D-1459

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**I, Niroda Kumar Sahoo, S/o Kshetramohan Sahoo, resident of B-131, BDA Duplex Colony, Baramunda, Bhubaneswar, Dist. Khordha, 751003, declare by virtue of an affidavit No.10107 dated 29.09.2023 executed before the Executive Magistrate, Sadar, Cuttack that now onwards my name will be Nirod Kumar Sahoo for all future purposes.** D-75151

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Litton Behera, S/o Muralidhar Behera, Vill- Niranjanpur, Opp XIM University, Jatni, Odisha- 752050. declared that surname of mine and my parents has wrongly written as Behra in 10th, 12th and Graduation Certificate. Actual surname is Behera for all future purpose. Affidavit No.- 13AA977655. D-1455

**ତୃତୀୟ ଜନ୍ମଦିନ ଶୁଭେଚ୍ଛା**





ସ୍ୱର୍ଣ୍ଣିକା ଷଡ଼ଙ୍ଗୀ (ଚିକୀ)

ପ୍ରଭୁ ଜଗତରନାଥ ଶ୍ରୀଜଗନ୍ନାଥ ସଦାସର୍ବଦା ତୋ ଚଲାପଥରେ ପୁଷ୍ପବୃଷ୍ଟି କରିଥାନ୍ତୁ।

**ଶୁଭେଚ୍ଛା ସହ:** ରାଜେନ୍ଦ୍ର ପ୍ରସାଦ ଷଡ଼ଙ୍ଗୀ (କେକେ), ସୁଷମା ନନ୍ଦ (କେକେମା), ମାମା- ରଶ୍ମିତା ଶତପଥୀ, ବାବା- ସ୍ୱାଧିନ ଷଡ଼ଙ୍ଗୀ, ବନ୍ଧୁ ଓ ପରିବାରବର୍ଗ

ଧ-୧୪୧୬

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୩ ଅକ୍ଟୋବର, ୨୦୨୩



## ସଂକ୍ଷେପରେ

### ବଦଳିଲେ 'ସମ୍ବାଦ' ସମ୍ପାଦକ



**ଭୁବନେଶ୍ୱର,୨।୧୦(ଅନିଲ ଦାସ):** ଦୈନିକ ଖବରକାଗଜ 'ସମ୍ବାଦ'ର ଦୀର୍ଘ ବର୍ଷଧରି ସମ୍ପାଦକ ରହିଆସିଥିବା ସୌମ୍ୟରଞ୍ଜନ ପଟ୍ଟନାୟକ ପଦବୀରୁ ରବିବାର ଅବ୍ୟାହତି ନେଇଛନ୍ତି। ବ୍ୟକ୍ତିଗତ କାରଣ ଦର୍ଶାଇ ସେ ଏଭଳି ପଦକ୍ଷେପ ନେଇଥିବା କହିଛନ୍ତି। ସେହି ସ୍ଥାନରେ ତାଙ୍କ ଝିଅ ତନୟା ପଟ୍ଟନାୟକ ସମ୍ପାଦକ ଦାୟିତ୍ୱ ନେଇଛନ୍ତି। ସୂଚନାଯୋଗ୍ୟ, ଗତ କିଛିଦିନ ହେବ କର୍ମଚାରୀଙ୍କ ନାମରେ ଋଣ ଦୁର୍ନୀତି ଅଭିଯୋଗରେ ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ସୌମ୍ୟରଞ୍ଜନଙ୍କ ବିରୋଧରେ ଠକେଇ ମାମଲା ରୁଜୁ କରିଥିଲା। ଏପରି କି ଇଓଡବ୍ଲ୍ୟୁ ଇଷ୍ଟର୍ନ ମିଡିଆ ପ୍ରାଇଭେଟ୍ ଲିମିଟେଡ୍ କାର୍ଯ୍ୟାଳୟରେ ଚଢ଼ାଉ କରିବା ସହ ବହୁ କାଗଜାତ ଜବତ କରିଥିଲା।

### ଦୁର୍ଘଟଣାରେ ଜଣେ ମୃତ, ଉତ୍ତେଜନା

**କାମାକ୍ଷାନଗର,୨।୧୦(ସୁଧୀର କୁମାର ପରିଡା):** ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ବାଲିଗୋରଡ ନିକଟରେ ସୋମବାର ସନ୍ଧ୍ୟାରେ ଗାଡି ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବାଲିଗୋରଡ ଗ୍ରାମର ଛବିଳ ସ୍ୱାଇଁ(୫୩)। ଛବିଳ କୌଣସି କାମରେ ସାଇକେଲରେ ଆସୁଥିବାବେଳେ ୫୩ ନଂ. ଜାତୀୟ ରାଜପଥ ବାଲିଗୋରଡଠାରେ ଏକ ଗାଡି ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। କ୍ଷତିପୂରଣ ଦାବିରେ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳରେ ଏସ୍‌ଡିପିଓ ପ୍ରଭାତ କୁମାର ତ୍ରିପାଠୀ ପହଞ୍ଚି ପ୍ରଶାସନ ସହ ଆଲୋଚନା କରି ରେଡ୍‌କ୍ରସ ତରଫରୁ ୨୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତାଅବରୋଧ ହଟିଥିଲା।

# ସ୍ୱାମୀ ଆଣିଲେ ହତ୍ୟା ଅଭିଯୋଗ

**ମହିଳା ଏଏସ୍ଆଇଙ୍କ ମୃତ୍ୟୁ ଘଟଣା**
- ଦୁଇଜଣଙ୍କୁ ଅଟକ ରଖିଛି ପୋଲିସ
- ଅଟକ ଯୁବତୀଙ୍କୁ ଛାଡ଼ିଦେବାକୁ ଦାବି

ରାଉରକେଲା, ୨।୧୦(ସଙ୍ଗୀତା ଜେନା)

ରାଉରକେଲା ଉଦିତନଗର ଥାନା ଅଧୀନ ବିରଜାପାଲି ନିକଟରେ ରବିବାର ଅପରାହ୍ନରେ ହୋଇଥିବା ଉତ୍ତେଜନାକୁ ପ୍ରଶମିତ କରିବାକୁ ଯାଇଥିବା ମହିଳା ଏଏସ୍ଆଇ ଆଲିସ ନାରମି ଲୁଗୁନ(୩୭)ଙ୍କ ସନ୍ଦେହଜନକ ମୃତ୍ୟୁ ମାମଲା ଭିନ୍ନ ମୋଡ ନେଇଛି। ଏହି ଘଟଣାରେ ମୃତା ଏଏସ୍ଆଇଙ୍କ ସ୍ୱାମୀ ସଞ୍ଜୟ ଲାକ୍ରା(୪୨) ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରାଯାଇଥିବା ଉଦିତନଗର ଥାନାରେ ସୋମବାର ଅଭିଯୋଗ କରିଛନ୍ତି। ଉକ୍ତ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ହତ୍ୟା ମାମଲା (ନଂ.୩୧୪/୨୩) ରୁଜୁ କରିବା ସହ ଜଣେ ବ୍ୟକ୍ତି ଓ ଅନ୍ୟ ଜଣେ ଯୁବତୀଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ତେବେ ଉକ୍ତ ଯୁବତୀଙ୍କୁ ଛାଡିଦେବାକୁ ଦାବି କରି ସ୍ଥାନୀୟ ବସ୍ତିବାସିନ୍ଦା ସୋମବାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅନ୍ୟପକ୍ଷେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହର ଇନ୍‌କ୍ୱେଷ୍ଟ କରାଯାଇଥିଲା। ମୃତଦେହରେ ମାଡ଼ ଦାଗ ଦେଖିବା ପରେ ପରିବାର ଲୋକେ ବ୍ୟବଚ୍ଛେଦ ପାଇଁ ରାଜି ହୋଇ ନ ଥିଲେ।

ସଞ୍ଜୟଙ୍କ ଅଭିଯୋଗ ଅନୁସାରେ, ଆଲିସଙ୍କ କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ନ ଥିଲା। ସେ ରବିବାର ସକାଳେ ଡ୍ୟୁଟି ପାଇଁ ଥାନାକୁ ରିପୋର୍ଟ କରିଥିଲେ। ଅପରାହ୍ନ ୧ଟା ୨୫ମିନିଟ୍‌ରେ ସେ ପୁଅଙ୍କ ସହ କଥାବାର୍ତ୍ତା ହୋଇଥିଲେ। ସେତେବେଳେ କୌଣସି ଅସୁବିଧା ନ ଥିଲା। ଅପରାହ୍ନ ପ୍ରାୟ ୫ଟା ସମୟରେ ଆଲିସ ହାଇଟେକ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ସଞ୍ଜୟ ସୂଚନା ପାଇଥିଲେ ଏବଂ ହସ୍ପିଟାଲରେ ପହଞ୍ଚିବା ପରେ ଆଲିସଙ୍କ ମୃତ୍ୟୁ ହୋଇଥିବା ଜାଣିବାକୁ ପାଇଥିଲେ। ଏହି ସମୟରେ ଆଲିସଙ୍କ ଗାଲ ଫୁଲିଯାଇଥିବା ଏବଂ ମୁହଁରୁ ରକ୍ତ ବାହାରୁଥିବା ଦେଖିବାକୁ ମିଳିଥିଲା ବୋଲି ସଞ୍ଜୟ କହିଛନ୍ତି। ଅପରପକ୍ଷେ ଆଲିସ ଦିବଂଗତ ଆସିଷ୍ଟାଣ୍ଟ କଲେକ୍ଟର ସୁସ୍ମିତା ମିଞ୍ଜଙ୍କ ପିଏସ୍‌ଓ ଥିଲେ। ଏହି ମୃତ୍ୟୁ ପଛରେ ଅନେକ ରହସ୍ୟ ଅଛି। ଏହାର ବିଧିବଦ୍ଧ ତଦନ୍ତ କରି ଦୋଷୀଙ୍କୁ ଦଣ୍ଡ ଦିଆଯାଉ ବୋଲି ସେ ଦାବି କରିଛନ୍ତି। ସେହିପରି ମୃତା ଏଏସ୍ଆଇଙ୍କ ଦିଅର ଜୟନ୍ତ ଲାକ୍ରା ସମସ୍ତ ଘଟଣା ସମ୍ପର୍କରେ ପୋଲିସ ଠିକ୍ ତଥ୍ୟ ଦେଉନାହିଁ ବୋଲି କହି ଅସନ୍ତୋଷ ପ୍ରକାଶ କରିଛନ୍ତି।


ମୃତ ଏଏସ୍ଆଇଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରି ଫେରୁଛନ୍ତି।

ସୂଚନାଯୋଗ୍ୟ, ସୋମବାର ଅପରାହ୍ନରେ ଉଦିତନଗର ଥାନା ଅଧୀନ ବିରଜାପାଲି ରୋଡ୍‌ରେ ଏକ କାର୍ (ନଂ.ଓଡ଼ି୧୪ଏଲ/୮୬୮୫) ଓ ରାଜାଗୋଲ୍ଡ ନାମକ ଘରୋଇ ବସ୍ (ନଂ.ଓଆର୧୬ଇ/୦୯୬୫) ମଧ୍ୟରେ ଧକ୍କା ହୋଇଥିଲା। ଏହାକୁ କେନ୍ଦ୍ର କରି ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। କେତେଜଣ ଯୁବକ ବସ୍‌କୁ ପଥର ମାଡ଼ କରିଥିଲେ। ଖବର ପାଇ ଏଏସ୍ଆଇ ଆଲିସ ସଦଳବଳ ଘଟଣାସ୍ଥଳକୁ ଯାଇଥିଲେ। ସେଠାରେ ସେ ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଥିବା ବେଳେ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ହାଇଟେକ୍ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ବସ୍‌ର ୨ଜଣ କର୍ମଚାରୀ ଆହତ ହୋଇ ଆର୍‌ଜିଏଚରେ ଚିକିତ୍ସିତ ହେଉଛନ୍ତି।

# ଗାନ୍ଧୀ ମନ୍ଦିରରେ ବାପୁଙ୍କ ସ୍ମୃତିଚାରଣ

**ଯୋଗଦେଲେ ଅଧିକାରୀ, ରାଜନେତା, ବୁଦ୍ଧିଜୀବୀ**


ଭତରା ଗାନ୍ଧୀ ମନ୍ଦିରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ।

ସମ୍ବଲପୁର,୨।୧୦ (ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଜିଲା ପ୍ରଶାସନ ପକ୍ଷରୁ ସୋମବାର ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ମହାନଗର ନିଗମ ଭତରା ଗାନ୍ଧୀ ମନ୍ଦିରରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସ୍ମୃତିଚାରଣ କରାଯାଇଥିଲା। ବିଭିନ୍ନ ସ୍ଥାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜନେତା, ଅଧିକାରୀ, ବୁଦ୍ଧିଜୀବୀ ଯୋଗଦେଇଥିଲେ। ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଗାନ୍ଧୀଙ୍କ ନୀତି ଓ ଆଦର୍ଶକୁ ପାଥେୟ କରି ଏକ ସୁସ୍ଥ ଓ ସ୍ୱଚ୍ଛ ରାଷ୍ଟ୍ର ଗଠନରେ ବ୍ରତି ହେବାକୁ ପରାମର୍ଶ ଦେଇଥିଲେ। ବରଗଡ଼ ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ତଥା ଗଣ ଇସ୍ତାହାରର ଏଡିଟର ଡ଼. ପ୍ରଦୀପ କୁମାର ହୋତା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ (ଉତ୍ତରାଞ୍ଚଳ) ସମ୍ବଲପୁରର ଉପନିର୍ଦ୍ଦେଶକ ବିଜୟ କୁମାର ମିଶ୍ର, ପର୍ଯ୍ୟଟନ ବିଭାଗର ଓଏସ୍‌ଡି ହେମନ୍ତ କୁମାର ପ୍ରଧାନ ଉପସ୍ଥିତ ଥିଲେ। ପ୍ରତ୍ୟୁଷରେ ରାମଧୁନ ପରିବେଷଣ ସହିତ ପ୍ରଭାତଫେରି ହୋଇଥିଲା। ସେହିପରି ଗୁଲୁଣ୍ଡାସ୍ଥିତ ଗାନ୍ଧୀ ମନ୍ଦିରେ ମଧ୍ୟ ପୂଜାର୍ଚ୍ଚନା କରାଯାଇଥିଲା।

# ସ୍କ୍ରବ୍ ଟାଇଫସ୍: ସମ୍ବଲପୁରରେ କେନ୍ଦ୍ରୀୟ ଟିମ୍

- ରୋଗ ପରୀକ୍ଷାକୁ ନେଇ କ୍ଷୋଭ
- ସୁସ୍ଥ ହେବା ପରେ ପୁଣି ପରୀକ୍ଷା କର: ଡାକ୍ତରୀ ଦଳ

ସମ୍ବଲପୁର,୨।୧୦ (ଶୁଭାଶିଷ ପାଢ଼ୀ)

ସମ୍ବଲପୁର ବୁର୍ଲାର ଭିମ୍‌ସାର ଓ ଜିଲା ମୁଖ୍ୟ ଚିକିତ୍ସାଳୟରେ ସୋମବାର କେନ୍ଦ୍ରୀୟ ଡାକ୍ତରୀ ଟିମ୍ ପହଞ୍ଚି ସ୍କ୍ରବ୍ ଟାଇଫସ୍ ରୋଗୀ ଚିକିତ୍ସା ନେଇ ସମୀକ୍ଷା କରିଥିଲେ। ଭିମ୍‌ସାରରେ ଏବେ ୭ ଜଣ ସ୍କ୍ରବ୍ ଟାଇଫସ୍ ରୋଗୀ ଚିକିତ୍ସିତ ହେଉଛନ୍ତି। ଟିମ୍ ସଦସ୍ୟ ଉକ୍ତ ୱାର୍ଡ ବୁଲି କିଭଳି ଚିକିତ୍ସା କରାଯାଉଛି ଓ କ'ଣ ଔଷଧ ଦିଆଯାଉଛି ପଚାରି ବୁଝିଥିଲେ। ପରୀକ୍ଷାଗାର ମଧ୍ୟ ବୁଲି ଦେଖିଥିଲେ। ସୁସ୍ଥ ହୋଇଥିବା ରୋଗୀଙ୍କୁ ଆଉଥରେ ପରୀକ୍ଷା କରିବା ସହ ନେଗେଟିଭ ରିପୋର୍ଟ ଆସିବା ପରେ ଡିସ୍‌ଚାର୍ଜ କରିବାକୁ କହିଥିଲେ। ଏହି ସମୟରେ ଭିମ୍‌ସାର ଅଧୀକ୍ଷକ ପ୍ରଫେସର ଡା. ଲାଲମୋହନ ନାୟକଙ୍କ ସମେତ ବିଭିନ୍ନ ବିଭାଗୀୟ ମୁଖ୍ୟ ଉପସ୍ଥିତ ଥିଲେ। ପରେ ଏହି ଟିମ୍ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ଏଡିଏମ୍‌ଓ ଅଶୋକ ଦାସଙ୍କ ସହ ଆଲୋଚନା କରିଥିଲେ। ବର୍ତ୍ତମାନ ଜିଲା ମୁଖ୍ୟ ଚିକିତ୍ସାଳୟରେ କୌଣସି ରୋଗୀ ଚିକିତ୍ସାଧୀନ ନାହାନ୍ତି। ହେଲେ ପୂର୍ବରୁ ଅଗଷ୍ଟରେ ୭୪ ଓ ସେପ୍ଟେମ୍ବରରେ ୧୫୨ଜଣ ରୋଗୀ ଚିକିତ୍ସିତ ହୋଇ ଫେରିଥିଲେ ବୋଲି ଡା. ଦାଶ ଟିମ୍‌କୁ ରିପୋର୍ଟ ଦେଇଥିଲେ। କେନ୍ଦ୍ରୀୟ ଡାକ୍ତର ଟିମ୍ ଉଭୟ ମେଡିକାଲ ପରିଦର୍ଶନ ପରେ ରୋଗ ପରୀକ୍ଷା ନେଇ କ୍ଷୋଭ ପ୍ରକାଶ କରିଥିଲେ। ଆଲିଶା ପ୍ରଣାଳୀରେ ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଥିଲେ। କେନ୍ଦ୍ରୀୟ ଟିମ୍‌ରେ ମେଡିସିନ ପ୍ରଫେସର ଡା. ସମୀର ଗୁଲାଟି, ପବ୍ଲିକ ହେଲ୍‌ଥ ସ୍ପେଶାଲିଷ୍ଟ ଡେପୁଟି ଡାଇରେକ୍ଟର ଡା. ତୁଷାର ନାଲେ, ମାଇକ୍ରୋବାଇଲୋଜି ଡା. ଡି.ବି. ଶାହ, ଇଆଇଏସ୍ ଅଧିକାରୀ ଡା. ଆରୁଷି ଘାଇ ରହିଥିଲେ।


ଜିଲା ମୁଖ୍ୟ ଚିକିତ୍ସାଳୟରେ ଆଲୋଚନା କରୁଛନ୍ତି କେନ୍ଦ୍ରୀୟ ଟିମ୍।

ଭିମ୍‌ସାର ଅଧୀକ୍ଷକ ନାୟକ କହିଛନ୍ତି, କେନ୍ଦ୍ରୀୟ ଟିମ୍ ଭିମ୍‌ସାର ପରିଦର୍ଶନ କରି ରୋଗୀଙ୍କ ଚିକିତ୍ସା ଓ ପରୀକ୍ଷାକୁ ନେଇ ଅଧିକ ପଚରାଉଚୁରା କରିଥିଲେ। ସେପ୍ଟେମ୍ବର ଶେଷ ସୁଦ୍ଧା ଭିମ୍‌ସାରରେ ମୋଟ ୨୮ ଜଣ ସ୍କ୍ରବ୍ ଟାଇଫସ୍ ରୋଗୀ ଚିହ୍ନଟ ହୋଇ ଚିକିତ୍ସିତ ହେଉଥିଲେ। ସେମାନଙ୍କ ମଧ୍ୟରୁ ୨୧ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ଆଉ ୭ଜଣ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଏହି ରୋଗରେ ସେଭଳି ଭୟଭୀତ ହେବାର ନାହିଁ। ଠିକ୍ ସମୟରେ ଚିକିତ୍ସା କଲେ ରୋଗୀ ସୁସ୍ଥ ହୋଇଯାଉଛନ୍ତି। ଅନ୍ୟ ରୋଗରେ ପୀଡିତ ହୋଇ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଥିଲେ ଅଧିକ ଯତ୍ନବାନ ହେବାକୁ ପଡିଥାଏ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ସ୍କ୍ରବ୍ ଟାଇଫସ୍ ରୋଗ ବ୍ୟାପିବା ଯୋଗୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗକୁ ଅନୁରୋଧ କରିଥିଲେ। ଗତ ଶୁକ୍ରବାର କେନ୍ଦ୍ରୀୟ ଟିମ୍ ଝାରସୁଗୁଡ଼ାରେ ପହଞ୍ଚିଥିଲା। ସୁନ୍ଦରଗଡ ଓ ବରଗଡ ଜିଲା ଗସ୍ତ ସାରି ଟିମ୍ ସୋମବାର ସମ୍ବଲପୁରରେ ପହଞ୍ଚିଥିଲା।

# ଓଡ଼ିଶା ମୁଖ୍ୟ, ପ୍ରୋପାଗଣ୍ଡା ମୁଖ୍ୟଙ୍କ ଜାମିନ ଖାରଜ

**ଏସ୍‌ଟିଏ କ୍ରିପ୍ଟୋ ଟୋକନ୍‌ରେ ହଜାରେ କୋଟିରୁ ଊର୍ଦ୍ଧ୍ୱ ଠକେଇ ମାମଲା**

ଭୁବନେଶ୍ୱର,୨।୧୦ (ସତ୍ୟଜିତ୍ ରାଉତ)

'ଏସ୍‌ଟିଏ କ୍ରିପ୍ଟୋ ଟୋକନ୍' ନାଁରେ ଲୋକଙ୍କୁ ଭୁଆଁ ବୁଲାଇ ହଜାରେ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଦ୍ୱାରା ଗିରଫ ହୋଇ ଜେଲ ଯାଇଥିବା ଓଡ଼ିଶା ଏସ୍‌ଟିଏ ମୁଖ୍ୟ ନୀରୋଦ ଦାସ ଓ ପ୍ରୋପାଗଣ୍ଡା ମୁଖ୍ୟ ରତ୍ନାକର ଦଳାଇଙ୍କ ଜାମିନ ଖାରଜ ହୋଇଛି। କଟକ ଓପିଆଇଡି କୋର୍ଟ ଉଭୟଙ୍କ ଜାମିନ ଖାରଜ କରିଥିବା ଇଓଡବ୍ଲ୍ୟୁ ପକ୍ଷରୁ ସୋମବାର ସୂଚନା ଦିଆଯାଇଛି। ଏହି ମାମଲାରେ ଏସ୍‌ଟିଏ ଭାରତ ମୁଖ୍ୟ ଗୁର୍‌ତେଜ୍ ସିଂ ସିଦ୍ଧୁ ପୂର୍ବରୁ ଗିରଫ ହୋଇ ଜେଲରେ ଦିନ କାଟୁଛନ୍ତି। ତଦନ୍ତ ସମୟରେ ବେଆଇନ ଟଙ୍କା କାରବାର ସଂକ୍ରାନ୍ତରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ଇଓଡବ୍ଲ୍ୟୁର ସୂଚନା ଅନୁଯାୟୀ, ନୀରୋଦ ତାଙ୍କ ରେଫରାଲ୍ ଲିଙ୍କ୍ ଜରିଆରେ ୨୧ ହଜାର ଡାଉନ୍-ଲାଇନ୍ ମେମ୍ବର କରି ବିପୁଳ ଟଙ୍କା କାରବାର କରିଥିଲେ। ନଗଦ ଆକାରରେ ୨.୧୦ କୋଟି ଓ ଅନ୍‌ଲାଇନ୍‌ରେ ୩୧.୨୩ କୋଟି ଟଙ୍କା ତାଙ୍କ ୩ଟି ବ୍ୟାଙ୍କ ଆକାଉଣ୍ଟ ଦ୍ୱାରା ଟ୍ରାଞ୍ଜାକ୍ସନ୍ ହୋଇଛି। ଏପରିକି ଭଦ୍ରକ ବାଇପାସ୍ ଛକରେ ସେ ଏକ ଭଡ଼ାଘର ନେଇ ଏସ୍‌ଟିଏ ଅଫିସ କରିଥିଲେ। ସେଠାରେ ନିୟମିତ ମିଟିଂ କରିବା ସହ ନିରୀହ ଲୋକଙ୍କୁ ଫସାଇ ଏସ୍‌ଟିଏର ସଦସ୍ୟ କରୁଥିଲେ। ସେହିଭଳି ରତ୍ନାକର ୟୁଟ୍ୟୁବ୍ ଚ୍ୟାନେଲ୍ ଖୋଲି ଏସ୍‌ଟିଏର ପ୍ରଚାର ପ୍ରସାର କରିବା ସହ ବହୁ ଡାଉନ୍-ଲାଇନ୍ ମେମ୍ବର କରିଥିଲେ। ନୟାପଲ୍ଲୀସ୍ଥିତ ଏକ ହୋଟେଲ୍‌ରେ ହୋଇଥିବା ଏକ ଇଭେଣ୍ଟ ପାଇଁ ସେ ୧.୪୨ ଲକ୍ଷ ଟଙ୍କା ଦେଇଥିଲେ। ରତ୍ନାକର ୬୦ ଲକ୍ଷରୁ ଊର୍ଦ୍ଧ୍ୱ ବେଆଇନ ଟଙ୍କାରେ ଭୁବନେଶ୍ୱରରେ ଜମି କିଣିଥିବା ଓ ତାଙ୍କର ସମସ୍ତ ବ୍ୟାଙ୍କ ଆକାଉଣ୍ଟରେ ୧.୩ କୋଟି ଟଙ୍କା କାରବାର ହୋଇଥିବା ଜଣାପଡ଼ିଛି। ଏଥିସହ ତାଙ୍କ ୫ଟି ଆକାଉଣ୍ଟରେ ଥିବା ୩.୭୫ ଲକ୍ଷ ଟଙ୍କାକୁ ଫ୍ରିଜ୍ କରାଯାଇଥିବା ଇଓଡବ୍ଲ୍ୟୁ ପକ୍ଷରୁ ସୂଚନା ଦିଆଯାଇଛି।

# ଚିକିତ୍ସା ଅବହେଳାରୁ ମହିଳାଙ୍କ ମୃତ୍ୟୁ

- ନର୍ସିଂହୋମ୍ ପରିସରରେ ଉତ୍ତେଜନା
- ଅପରେଶନ ପୂର୍ବରୁ ବ୍ଲଡ୍ ଗ୍ରୁପିଂ ନ କରିବାରୁ ମହିଳାଙ୍କ ଜୀବନ ଗଲା
- ଜିଲା ମୁଖ୍ୟ ଚିକିତ୍ସାଳୟରେ ଦଲାଲ ସକ୍ରିୟ

କେନ୍ଦୁଝର,୨।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରସ୍ଥିତ ଏକ ନର୍ସିଂହୋମ୍ (କେନ୍ଦୁଝର ହସ୍ପିଟାଲ)ରେ ଚିକିତ୍ସା ଅବହେଳାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତ ମହିଳା ଜଣକ ହେଲେ ବାରିଆ ଥାନା ଅଧୀନ ବୁଗୁଡ଼ା ଗ୍ରାମର ନଳିନୀ ମହାନ୍ତଙ୍କ ସ୍ତ୍ରୀ ପୁଷ୍ପଲତା। ଏନେଇ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ପରିବାର ଲୋକେ ନର୍ସିଂହୋମ୍ ଆଗରେ ମୃତଦେହ ରଖି ହୋହଲ୍ଲା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରୁ ସେମାନଙ୍କୁ ଆଣିଥିବା ଦଲାଲ ଓ ନର୍ସିଂହୋମ୍ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ସୂଚନା ଅନୁଯାୟୀ, ପୁଷ୍ପଲତାଙ୍କ ଗର୍ଭାଶୟରେ ଟ୍ୟୁମର ହୋଇଥିଲା। ସେ ଅପରେଶନ ପାଇଁ ସେପ୍ଟେମ୍ବର ୨୪ରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ କିଛି ଦିନ ରହିବା ପରେ ନର୍ସିଂହୋମ୍ ଦ୍ୱାରା ନିୟୋଜିତ ଦଲାଲଙ୍କ ହାବୁଡ଼ରେ ପଡ଼ିଥିଲେ। ବିଏସ୍‌କେୱାଇ କାର୍ଡରେ ମାଗଣାରେ ଲାପ୍ରୋସ୍କୋପି ଅପରେଶନ କରାଯିବ ବୋଲି ଦଲାଲ ପ୍ରଲୋଭିତ କରି ନର୍ସିଂହୋମକୁ ନେଇ ଯାଇଥିବା ମୃତ ମହିଳାଙ୍କ ମା' ସୁଷମା ମହାନ୍ତ କହିଛନ୍ତି। ଗତ ୩୦ ତାରିଖରେ ପୁଷ୍ପଲତାଙ୍କୁ ଚର୍ଚ୍ଚ ଛକ ନିକଟରେ ଥିବା କେନ୍ଦୁଝର ହସ୍ପିଟାଲ ବା ପହି ନର୍ସିଂହୋମ୍‌ରେ ଭର୍ତ୍ତି କରାଯାଇଥିଲା। ସେହିଦିନ ସେଠାରେ ମହିଳାଙ୍କ ଅପରେଶନ ହୋଇଥିଲା। ପରେ ରାତି ୧୧ଟାରେ ହଠାତ ଡାକ୍ତର (ଏବି ନେଗେଟିଭ୍) ବ୍ଲଡ୍ ଆଣିବାକୁ କହିଥିଲେ। ପରେ ମହିଳାଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ନେବା ପାଇଁ କହିଥିଲେ। କଟକ ଯିବା ବେଳେ ଅଧାବାଟରେ ମହିଳାଙ୍କ ଜୀବନ ଚାଲିଯାଇଥିଲା। ତେବେ ଚିକିତ୍ସାରେ ଅବହେଳା ହୋଇଥିବା ଅଭିଯୋଗ କରି ପରିବାର ଲୋକେ ମୃତଦେହ ଆଣି ନର୍ସିଂହୋମ ସମ୍ମୁଖରେ ରଖି ପାଟିତୁଣ୍ଡ କରିଥିଲେ। ଅପରେଶନ ପୂର୍ବରୁ ସମସ୍ତ ଟେଷ୍ଟ ପାଇଁ ନର୍ସିଂହୋମ୍ କର୍ତ୍ତୃପକ୍ଷ ଟଙ୍କା ନେଇଥିଲେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଟେଷ୍ଟ ତଥା ବ୍ଲଡ୍ ଗ୍ରୁପିଂ ଟେଷ୍ଟ କରି ରକ୍ତ ଯୋଗାଡ଼ କରିବାକୁ ଡାକ୍ତର କହି ନ ଥିଲେ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏଥିସହ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଦଲାଲମାନଙ୍କୁ ହଟାଇବାକୁ ଦାବି କରିଛନ୍ତି। ଏ ନେଇ ଟାଉନ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ. ୩୫୮/୨୩) ରୁଜୁ କରିଛି। ଡାକ୍ତରୀ ଟିମ୍ ଉପସ୍ଥିତିରେ ଭିଡିଓଗ୍ରାଫି କରି ମୃତଦେହ ବ୍ୟବଚ୍ଛେଦ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ଥାନା ଅଧିକାରୀ ସୁନୀଲ କର କହିଛନ୍ତି। ସିଡିଏମ୍‌ଓ ଡା. କିଶୋର ଚନ୍ଦ୍ର ପୃଷ୍ଟି କହିଛନ୍ତି, ଜିଲା ମୁଖ୍ୟ ଚିକିତ୍ସାଳୟରୁ ରୋଗୀଙ୍କୁ କାହିଁକି ଘରୋଇ ଡାକ୍ତରଖାନା ନିଆଗଲା ତାହାର ତଦନ୍ତ କରାଯିବ।


ସମ୍ପର୍କୀୟଙ୍କ ସହ ଥାନା ଅଧିକାରୀ ଆଲୋଚନା କରୁଛନ୍ତି।

ସୂଚନାଯୋଗ୍ୟ, ଜିଲା ମୁଖ୍ୟାଳୟରେ ବିଶେଷକରି ସ୍ତ୍ରୀ ଓ ପ୍ରସୂତି, ଅସ୍ଥି ଶଲ୍ୟ ବିଭାଗର ରୋଗୀଙ୍କୁ ଘରୋଇ ନର୍ସିଂହୋମ ଓ ଡାକ୍ତରଖାନାକୁ ଦଲାଲଙ୍କ ଜରିଆରେ ନିଆଯାଇ ଶୋଷଣ କରାଯାଉଛି। ଏଭଳି ଅଭିଯୋଗ ପୂର୍ବରୁ ହୋଇଥିଲେ ହେଁ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି।









# ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୩/୨୦୨୩ Bhubaneswar, Tuesday, October 3/ 2023




ଚାଇନାର ହାଙ୍ଗଝୋରେ ଚାଲିଥିବା ଏସିଆନ ଗେମ୍ସରେ ସୋମବାର ଭାରତ ଓ ଚାଇନିଜ ତାଇପେ ମଧ୍ୟରେ ଅନୁଷ୍ଠିତ ମହିଳା କବାଡ଼ି ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

## 'ଟ୍ରାନ୍ସଜେଣ୍ଡରଙ୍କ ଯୋଗୁ ପଦକରୁ ବଞ୍ଚିତ ହେଲି'

**ହାଙ୍ଗଝୋ, ୨।୧୦ (ପି.ଟି.)**

ଭାରତର ସ୍ୱପ୍ନା ବର୍ମନ ସୋମବାର ଏକ ସଙ୍ଗିନ ଅଭିଯୋଗ ଆଣିଛନ୍ତି। ଚଳିତ ଏସିଆନ ଗେମ୍ସରେ ଜଣେ ଟ୍ରାନ୍ସଜେଣ୍ଡରଙ୍କ ଯୋଗୁ ବ୍ରୋଞ୍ଜ ପଦକ ହାସଲରୁ ସେ ବଞ୍ଚିତ ହୋଇଛନ୍ତି। ଜାକର୍ତ୍ତାରେ ଏସିଆନ ଗେମ୍ସର ୨୦୧୮ ସଂସ୍କରଣରେ ଏକ ସ୍ୱର୍ଣ୍ଣ ପଦକ ଜିତିଥିବା ସ୍ୱପ୍ନା ସୋସିଆଲ ମିଡିଆରେ ତାଙ୍କ ପୋଷ୍ଟରେ ପରୋକ୍ଷରେ ନିଜ ଦେଶର ନନ୍ଦିନୀ ଆଗାସାରାଙ୍କୁ ଲକ୍ଷ୍ୟକରି କହିଥିଲେ। ସେ ଜଣେ ଟ୍ରାନ୍ସଜେଣ୍ଡର ହୋଇଥିବାରୁ ମହିଳା ଇଭେଣ୍ଟରେ ଅଂଶଗ୍ରହଣ ପାଇଁ ଅଯୋଗ୍ୟ ଥିଲେ। ତାଙ୍କୁ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ସୁଯୋଗ ଦେବା ଆଥ୍‌ଲେଟିକ୍ସର ନିୟମ ବିରୁଦ୍ଧ। ହାଙ୍ଗ୍‌ଝୋଠାରେ ରବିବାର ନନ୍ଦିନୀ ମହିଳା ହେପ୍ଟାଥଲନରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସ୍ୱପ୍ନା ତାଙ୍କ ଟାଇଟଲ ବଜାୟ ରଖିବାରେ ସମର୍ଥ ହୋଇ ନ ଥିଲେ। ସେ ଚତୁର୍ଥ ହୋଇଥିଲେ। ନନ୍ଦିନୀ ଜଣେ ଟ୍ରାନ୍ସଜେଣ୍ଡର




ସ୍ୱପ୍ନା ବର୍ମନ

ହୋଇଥିବାରୁ ସେ ପ୍ରକୃତରେ ବ୍ରୋଞ୍ଜ ପଦକର ହକ୍‌ଦାର।

କିନ୍ତୁ କିଛି ଘଣ୍ଟା ପରେ ସୋସିଆଲ ମିଡିଆରୁ ସେ ତାଙ୍କ ପୋଷ୍ଟକୁ ଡିଲିଟ୍ କରିଦେଇଥିଲେ। ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଏହି ପ୍ରସଙ୍ଗରେ କୌଣସି ଟିପ୍ପଣୀ ଦେବାକୁ ମନା କରିଦେଇଛି। ନନ୍ଦିନୀ ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ସହ ମୋଟ ୫୭୧୨ ପଏଣ୍ଟ ଅର୍ଜନ କରିଥିଲେ। ସେ ହେପ୍ଟାଥଲନର ଫାଇନାଲ ଇଭେଣ୍ଟ ୮୦୦ମିଟର ରେସ୍‌ରେ ପ୍ରଥମ ସ୍ଥାନ ଅଧିକାର କରିବା ଦ୍ୱାରା ବର୍ମନଙ୍କୁ ପଛରେ ପଦକ ପକ୍କା କରିଥିଲେ। ୮୦୦ମିଟର ଇଭେଣ୍ଟ ବ୍ୟତୀତ ନନ୍ଦିନୀ ୨୦୦ମିଟର ରେସ୍ ମଧ୍ୟ ଜିତିଥିଲେ। ଏଥରୁ ତାଙ୍କୁ ୯୩୬ ପଏଣ୍ଟ ମିଳିଥିଲା। ଚଳିତବର୍ଷ ମାର୍ଚ୍ଚ ୩୧ରେ ବିଶ୍ୱ ଆଥଲେଟିକ୍ସ ପକ୍ଷରୁ ଲାଗୁ କରାଯାଇଥିବା ଏକ ନିୟମାନୁସାରେ ଯେଉଁ ମହିଳା ଆଥ୍‌ଲେଟଙ୍କ ଶରୀରରେ ମାତ୍ରାଧିକ ପୁରୁଷ ହରମୋନ ଥିବ ସେ ମହିଳା ବିଶ୍ୱ ର୍‍ୟାଙ୍କିଂ ଇଭେଣ୍ଟଗୁଡ଼ିକରେ ଅଂଶଗ୍ରହଣରୁ ବଞ୍ଚିତ ହେବେ। ପାଞ୍ଚ ବର୍ଷ ପୂର୍ବେ ଜାକର୍ତ୍ତା ଗେମ୍ସରେ ଏହି ଇଭେଣ୍ଟରେ ଏକ ସ୍ୱର୍ଣ୍ଣ ଜିତିଥିବା ସ୍ୱପ୍ନା ୫୭୦୮ ଅଙ୍କ ସ୍କୋର କରିବାରେ ସମର୍ଥହୋଇଥିଲେ। ଚାଇନାର ନିନାଲି ଝେଙ୍ଗ୍ ମୋଟ ୬୧୪୯ ପଏଣ୍ଟ ସଂଗ୍ରହ କରି ଏଥର ମହିଳା ହେପ୍ଟାଥଲନରେ ସ୍ୱର୍ଣ୍ଣ ଜିତିଛନ୍ତି। ଉଜ୍‌ବେକିସ୍ତାନର ଏକାଟରିନା ଭୋରୋନିନା ୬୦୫୬ ପଏଣ୍ଟ ସହ ରୌପ୍ୟ ପାଇଥିଲେ।

## ଏଏଫ୍‌ସି କପ୍: ଓଏଫ୍‌ସିର କ୍ରମାଗତ ପରାଜୟ

**ଭୁବନେଶ୍ୱର,୨।୧୦**
**(ସରୋଜ ଜେନା)**

ଏଏଫ୍‌ସି କପ୍‌ରେ ଓଡ଼ିଶା ଏଫ୍‌ସି(ଓଏଫ୍‌ସି) କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ଢାକାରେ ବସୁନ୍ଧରା କିଙ୍ଗ୍ସ ବିପକ୍ଷ ମ୍ୟାଚରେ ଦଳ ୩-୨ରେ ପରାଜିତ ହୋଇଛି। ଓଏଫ୍‌ସି ପକ୍ଷରୁ ଡିଏଗୋ ମରିସିଓ(୨୩) ଓ ଜେରୀ ଲାଲରିଞ୍ଜୁଆଲା (୬୬) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଅନ୍ୟ ପକ୍ଷରେ ବସୁନ୍ଧରା କିଙ୍ଗ୍ସ ତରଫରୁ ଡୋରିଏଲଟୋନ୍ ଗୋମ୍ସ (୪୫ ଓ ୫୪) ଡବଲ୍ ଗୋଲ ଦେଇଥିବା ବେଳେ ମିଗୁଏଲ ଫିଗୁଏରିଆ (୩୯) ମିନିଟରେ ଅନ୍ୟ ଗୋଲଟି ସ୍କୋର କରିଥିଲେ।

ଆରମ୍ଭରୁ ଓଏଫ୍‌ସି ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା। ମ୍ୟାଚ୍‌ର ତୃତୀୟ ମିନିଟରେ ସାଇ ଗୋଡାର୍ଡ ସ୍କୋରିଂ ସୁଯୋଗ ସୃଷ୍ଟି କରିଥିଲେ। ତେବେ କିଙ୍ଗ୍ସ ଡିଫେଣ୍ଡର ଏହାକୁ ରୋକି ଦେଇଥିଲେ। ଏହାର ଦୁଇ ମିନିଟ ମଧ୍ୟରେ ବସୁନ୍ଧରା ପକ୍ଷରୁ ସ୍କୋର କରିବାକୁ ପ୍ରୟାସ କରାଯାଇଥିବା ବେଳେ ଅମରିନ୍ଦର ଏକ ଚମତ୍କାର ସେଭ୍ କରିଥିଲେ। ମ୍ୟାଚର ୨୩ ତମ ମିନିଟରେ ଡିଗ୍‌ଲିଆନା ଓ ଜେରୀ ସ୍କୋରିଂ ସୁଯୋଗ ସୃଷ୍ଟି କରିଥିବା ବେଳେ ଡିଏଗୋ ମରିସିଓ ଓଏଫ୍‌ସିକୁ ୧-୦ରେ ଆଗୁଆ କରିଥିଲେ। ୩୯ ତମ ମିନିଟରେ ମିଗୁଏଲ ଫିଗୁଏରିଆ ସ୍କୋର କରିବା ସହିତ ମ୍ୟାଚକୁ ସମାନ୍ତର ସ୍ତରକୁ ଆଣିଥିଲେ। ପ୍ରଥମାର୍ଦ୍ଧ ଶେଷ ହେବାର ଠିକ୍ ପୂର୍ବରୁ ଡୋରିଏଲଟୋନ୍ ଗୋମ୍ସ ବ୍ୟକ୍ତିଗତ ପ୍ରଥମ ଗୋଲ ଦେଇ ଦଳକୁ ୨-୧ରେ ଆଗୁଆ କରିଥିଲେ।

ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଉଭୟ ଦଳ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲେ। ୫୪ ମିନିଟରେ ଡୋରିଏଲଟୋନ୍ ଗୋମ୍ସ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେବା ସହିତ କିଙ୍ଗ୍ସକୁ ୩-୧ରେ ଆଗୁଆ କରିଥିଲେ। ୬୬ ତମ ମିନିଟରେ ଜେରୀ ଲାଲରିଞ୍ଜୁଆଲା ଓଏଫ୍‌ସି ପକ୍ଷରୁ ଆଉ ଏକ ଗୋଲ ପରିଶୋଧ କରିଥିଲେ।

## ଓପନର, ସ୍ପିନରଙ୍କୁ ନେଇ ଚିନ୍ତାରେ ପାକିସ୍ତାନ

**ହାଇଦ୍ରାବାଦ,୨।୧୦(ପି.ଟି.)**

ପାକିସ୍ତାନକୁ ବିଶ୍ୱ କ୍ରିକେଟର ଏକ ମହାଶକ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। ନିକଟ ଅତୀତରେ ଆଇସିସି ଟୁର୍ନାମେଣ୍ଟ ଗୁଡିକରେ ଦଳର ପ୍ରଦର୍ଶନ ବେଶ୍ ଭଲ ମଧ୍ୟ ରହିଛି। ତେବେ ସଦ୍ୟ ସମାପିତ ଏସିଆ କପରେ ପାକିସ୍ତାନ ଦଳର ଦୁର୍ବଳତା ପଦାରେ ପଡିଛି। ଦଳର ସ୍ପିନର ଓ ଓପନରଙ୍କ ପ୍ରଦର୍ଶନକୁ ନେଇ ଚିନ୍ତାରେ ରହିଛି ମ୍ୟାନେଜମେଣ୍ଟ। ଭାରତରେ ବିଶ୍ୱକପ ହେବାକୁ ଥିବା ବେଳେ ଏଠାରେ ପ୍ରଦର୍ଶନ କଲେ ଖେଳାଳିମାନେ ରାତାରାତି ଷ୍ଟାର ବନିବାର ସମ୍ଭାବନା ଅଧିକ। କ୍ରିକେଟ ବିଶ୍ୱକପକୁ ଆଉ ମାତ୍ର ୨ ଦିନ ବାକି ରହିଥିବା ବେଳେ ପାକିସ୍ତାନ ଶକ୍ତି, ସାମର୍ଥ୍ୟ ଓ ଦୁର୍ବଳତା ଉପରେ ଏକ ନଜର....

**ଶକ୍ତି ଓ ସାମର୍ଥ୍ୟ:** ପାକିସ୍ତାନର ପେସ୍ ବୋଲିଂ ଆଟାକ ଏହାର ଅମୋଘ ଅସ୍ତ୍ର ରହିବ। ନଶିମ ଶାହାଙ୍କ ପରି ଖେଳାଳି ଆହତ ଥିଲେ ମଧ୍ୟ ପାକିସ୍ତାନର ବୋଲିଂ ଲାଇନଅପ୍ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଓ ଏହା ଭାରତୀୟ ପରିବେଶର ଫାଇଦା ଉଠାଇ ପାରିବାରେ ସମର୍ଥ ହେବ। ଭାରତରେ ଆରମ୍ଭରୁ ବଲ୍ ସୁଇଙ୍ଗ ହେଉଥିବା ବେଳେ ଶାହିନ୍ ଆଫ୍ରିଦି ଏହାର ଫାଇଦା ଉଠାଇ ପାରିବେ। ତାଙ୍କର ଅନ୍ୟତମ ବୋଲିଂ ପାର୍ଟନର ଭାବରେ ହାରିସ୍ ରୌଫ୍ ଓ ହସନ ଅଲୀ ରହିବେ। ଉଭୟ ଖେଳାଳି ଦ୍ରୁତ ଗତିରେ ବଲ୍‌କୁ ସୁଇଂ କରାଇବାରେ ସକ୍ଷମ ଅଟନ୍ତି। ସେହିପରି ବ୍ୟାଟିଂରେ ବାବର ଆଜମ ଓ ମହମ୍ମଦ ରିଜୱାନଙ୍କ ଉପରେ ସମସ୍ତଙ୍କ ନଜର ରହିବ। ଉଭୟ ଫର୍ମରେ ରହିଥିବା ବେଳେ ନ୍ୟୁଜିଲାଣ୍ଡ ବିପକ୍ଷରେ ମଧ୍ୟ ଚମତ୍କାର ବ୍ୟାଟିଂ କରିଥିଲେ।




**ଦୁର୍ବଳତା:** ନଶିମ୍ ଶାହାଙ୍କ ଅନୁପସ୍ଥିତି ପାକିସ୍ତାନ ଦଳର ଦୁର୍ବଳ ଲିଙ୍କ ଭାବରେ ବିବେଚନା କରାଯାଉଛି। ଶାହିନ୍‌ଙ୍କ ସହ ନସିମ ଏକ ଚମତ୍କାର ଆକ୍ରମଣର ସର୍ଜନା କରୁଥିଲେ। ତେବେ ପ୍ରଥମ ଅଭ୍ୟାସ ମ୍ୟାଚରେ ହାରିସ୍ ରୌଫ୍ ଓ ହସନ ଅଲୀ ଏତେଟା ପ୍ରଭାବୀ ସାବ୍ୟସ୍ତ ହୋଇ ନ ଥିଲେ। ବିପକ୍ଷ ଦଳର ବ୍ୟାଟଙ୍କ ଉପରେ ଏହା ଚାପ ହ୍ରାସ କରିବା ନେଇ ଆକଳନ କରାଯାଉଛି। ପାକିସ୍ତାନର ଓପନିଂ ଯୋଡି ମଧ୍ୟ ଫର୍ମରେ ନାହାନ୍ତି। ଇମାମ ଉଲ ହକଙ୍କ ଆଭରେଜ ୫୦ରୁ ଅଧିକ ରହିଥିବା ବେଳେ ସେ ଫାଖର ଜମନ ବିଗତ କିଛି ମ୍ୟାଚ୍ ଧରି ଫର୍ମରେ ନ ଥିବା ଭଳି ପ୍ରତୀୟମାନ ହେଉଛି। ଏହା ସହିତ ଇମାମ ଉଲ୍ ହକଙ୍କ ଷ୍ଟ୍ରାଇକରେଟ ୮୨.୧୮ ରହିଥିବା ବେଳେ ଏହା ମଧ୍ୟ ଦଳ ପାଇଁ ସମସ୍ୟା। ସ୍ପିନରଙ୍କ ମଧ୍ୟରେ ଶାଦାବ ଖାଁ ଓ ମହମ୍ମଦ ନୱାଜ ମଧ୍ୟ ଭଲ ଫର୍ମରେ ନାହାନ୍ତି।

**ସୁଯୋଗ:** ପାକିସ୍ତାନ ଦଳର ମଧ୍ୟକ୍ରମରେ ଖେଳୁଥିବା ସୌଦ୍ ଶକିଲ୍, ଇଫତିଖାର ଅହମଦ ଓ ଆଘା ସଲମାନଙ୍କ ନିକଟରେ ନିଜକୁ ପ୍ରମାଣିତ କରିବାର ସୁଯୋଗ ରହିବ। ତେବେ ୩ ଜଣ ଖେଳାଳି ଏକତ୍ର ସ୍ଥାନ ପାଇବା ଅସମ୍ଭବ। ଟେଷ୍ଟରେ ଶକିଲଙ୍କ ଆଭରେଜ ୮୭.୫୦ ରହିଥିବା ବେଳେ ଦିନିକିଆରେ ସେ ନିଜର ଉପସ୍ଥିତି ଜାହିର କରିବାକୁ ଚାହିଁବେ। ସେହିପରି ଇଫତିଖାର ଓ ଆଘା ସଲମାନ ପାର୍ଟ ଟାଇମ ସ୍ପିନ ବୋଲିଂ କରୁଥିବାରୁ ଏହା ଦଳ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ।

**ବିପଦ:** ନଶିମ୍‌ଙ୍କ ଅନୁପସ୍ଥିତି ବୋଲିଂରେ ଦଳର ସନ୍ତୁଳନ ଖରାପ କରିଛି। ଏହା ଦଳ ପାଇଁ ବିପଜ୍ଜନକ ହୋଇପାରେ ବୋଲି ଉପ ଅଧିନାୟକ ଶାଦାବ ଖାଁ କହିଛନ୍ତି। ଏହା ସହିତ ଏକାଧିକ ସମୟରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବା ପାକିସ୍ତାନ ନିଜ ପାଇଁ ବଡ ବିପଦ ବୋଲି ଶାଦାବ କହିଛନ୍ତି।

## ଶ୍ୱେତପଦ୍ମା, ଜିଜ୍ଞାସୁଙ୍କୁ ତ୍ରିମୁକୁଟ



କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

### ରାଜ୍ୟ ର୍‍ୟାଙ୍କିଙ୍ଗ୍ ଟେବୁଲ ଟେନିସ

**ଭୁବନେଶ୍ୱର, ୨।୧୦ (ତପନ ସ୍ୱାଇଁ)**

ଖୋର୍ଦ୍ଧା ଜିଲା ଟେବୁଲ ଟେନିସ ଆସୋସିଏଶନ ଆନୁକୂଲ୍ୟରେ କିଟ୍ ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ୧୬ତମ ରାଜ୍ୟ ର୍‍ୟାଙ୍କିଙ୍ଗ୍ ଟେବୁଲ ଟେନିସ ଚାମ୍ପିୟନଶିପ୍ ସୋମବାର ଉଦ୍‌ଯାପିତ ହୋଇଛି। ଏଥିରେ ଶ୍ୱେତପଦ୍ମା ଦଳାଇ ଓ ଜିଜ୍ଞାସୁ ସାହୁ ୩ଟି ଲେଖାଏ ଟାଇଟଲ ଜିତି ତ୍ରିମୁକୁଟ ହାସଲ କରିଛନ୍ତି। ମହିଳା ବିଭାଗରେ ଶ୍ୱେତପଦ୍ମା ଦଳାଇ ଓ ପୁରୁଷରେ ସମ୍ରାଟ ଚକ୍ରବର୍ତ୍ତୀ ଚାମ୍ପିୟନ ହୋଇଛନ୍ତି। ମହିଳା ବର୍ଗ ଫାଇନାଲରେ ଶ୍ୱେତପଦ୍ମା ୩-୧ରେ ମୟୂରୀ ଚାଟାର୍ଜୀଙ୍କୁ ପରାସ୍ତ କରିଥିଲେ। ସେହିପରି ପୁରୁଷ ବର୍ଗ ଫାଇନାଲରେ ସମ୍ରାଟ ୩-୧ରେ ତୌସିଫ ହକ୍‌ଙ୍କୁ ହରାଇ ଦେଇଥିଲେ। ଏହା ବ୍ୟତୀତ ୧୧ ବର୍ଷରୁ କମ୍ ବାଳକରେ ଆରୁଷ ମାଣିଆ, ୧୩ ବର୍ଷରୁ କମ୍ ବାଳିକାରେ ଶ୍ୱେତା ବର୍ମା ଓ ବାଳକରେ ଜିଜ୍ଞାସୁ ସାଇ କିରଣ ପ୍ରଧାନ, ୧୫ ବର୍ଷରୁ କମ୍ ବାଳିକରେ ଉର୍ଜା ବର୍ମା ଓ ବାଳକରେ ଜିଜ୍ଞାସୁ ସାହୁ, ୧୭ ବର୍ଷରୁ କମ୍ ବାଳିକରେ ଶ୍ୱେତପଦ୍ମା ଦଳାଇ ଓ ବାଳକରେ ଜିଜ୍ଞାସୁ ସାହୁ, ୧୯ ବର୍ଷରୁ କମ୍ ବାଳିକାରେ ଶ୍ୱେତପଦ୍ମା ଓ ବାଳକରେ ଜିଜ୍ଞାସୁ ସାହୁ ଚାମ୍ପିୟନ ହୋଇଛନ୍ତି। ଜୁନିୟର ଡବଲ୍ସରେ ଆୟାମ ମୁସ୍ତାକ-ଫରାଜ ରାଜା, ଭେଟେରାନ ସିଙ୍ଗଲ୍ସରେ ଫିଆଜ ମହମ୍ମଦ ଏବଂ ଭେଟେରାନ ଡବଲ୍ସରେ ଫିଆଜ-ରିଆଜ ମହମ୍ମଦ ଟାଇଟଲ ହାସଲ କରିଛନ୍ତି। ଆୟୋଜକ ଆସୋସିଏଶନ ସଭାପତି ସୁରେଶ ଚନ୍ଦ୍ର ମହାରଣା, ସମ୍ପାଦକ ସ୍ମୃତି ରଞ୍ଜନ ଦାସ, ଉପସଭାପତି ପି.କେ. ସାମନ୍ତରାୟ, ଯୁଗ୍ମ ସମ୍ପାଦକ ଶଶାଙ୍କ ଶେଖର ମହାପାତ୍ର, କୋଷାଧ୍ୟକ୍ଷ ନିରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ବିଜନ ଦାସ ମହାପାତ୍ର, ତପନ ଖା, କେ.ଏସ.ଏନ୍. ମୂର୍ତ୍ତି ଓ ସୁଜିତ ରାୟ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

## ପୋଦ୍ଦାର ଓଡ଼ିଶାର ନେତୃତ୍ୱ ନେବେ

### ସୟଦ ମୁସ୍ତାକ ଅଲ୍ଲୀ ଟି୨୦

**କଟକ,୨।୧୦**
**(ସୁପ୍ରିୟା ପ୍ରିୟଦର୍ଶିନୀ)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଚଳିତ ମାସ ୧୬ରୁ ସୟଦ ମୁସ୍ତାକ ଅଲ୍ଲୀ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହେବ। ଏଥିପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ସୋମବାର ୧୬ ଜଣିଆ ରାଜ୍ୟ ଦଳ ଘୋଷଣା କରାଯାଇଛି। ଦଳର ନେତୃତ୍ୱ ନେବେ ସ୍ପିନ ଅଲରାଉଣ୍ଡର ଗୋବିନ୍ଦ ପୋଦ୍ଦାର। ଅଧିନାୟକ ଗୋବିନ୍ଦଙ୍କ ସମେତ ଶୁଭ୍ରାଂଶୁ ଶେଖର ସେନାପତି, ସ୍ୱସ୍ତିକ ସାମଲ, ସନ୍ଦୀପ ପଟ୍ଟନାୟକ, ଶାନ୍ତନୁ ମିଶ୍ର, କାର୍ତ୍ତିକ ବିଶ୍ୱାଳ, ଅଭିଷେକ ଯାଦବ, ରାକେଶ ପଟ୍ଟନାୟକ, ରାଜେଶ ଧୁପର (ଉଇକେଟ କିପର), ପ୍ରବୀଣ ଲୁହା (ଉଇକେଟ କିପର), ଦେବବ୍ରତ ପ୍ରଧାନ, ତାରିଣୀ ସ', ପ୍ରୟାସ କୁମାର ସିଂ, ସୌଭାଗ୍ୟ ରାଉତ, ହର୍ଷିତ ରାଥୋଡ, ସୁନୀଲ କୁମାର ରାଉଳ ସାମିଲ ହୋଇଛନ୍ତି। ଦଳରେ ନୂଆକରି ସ୍ଥାନ ପାଇଛନ୍ତି ସୌଭାଗ୍ୟ ରାଉତ। ଅଭିଜ୍ଞ ବିପ୍ଳବ ସାମନ୍ତରାୟ, ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ ସୁଯୋଗ ମିଳିନାହିଁ। ଆଗାମୀ ଟୁର୍ନାମେଣ୍ଟ ପାଇଁ ଓଡ଼ିଶା ଗ୍ରୁପ-ବିରେ ସ୍ଥାନ ପାଇଛି। ଆସାମ ବିପକ୍ଷରେ ଦଳ ୧୬ ତାରିଖରେ ପ୍ରଥମ ମ୍ୟାଚ୍ ଖେଳିବ।




## ଓଡ଼ିଶା ରାଜ୍ୟ ଓପନ ବନ୍ଧୁକଚାଳନା ପ୍ରତିଯୋଗିତା ଉଦ୍‌ଯାପିତ

**ଭୁବନେଶ୍ୱର, ୨।୧୦(ବିଜୟ ରଣା)**

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ଓ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ରାଜ୍ୟ ଓପନ ବନ୍ଧୁକଚାଳନା ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୫୦ମିଟର ରାଇଫଲ, ୨୫ ମିଟର ପିସ୍ତଲ, ୦.୩୨ ପିସ୍ତଲ ଏବଂ ଏୟାର ରାଇଫଲ ଓପନ୍ ସାଇଟ୍ ଉଭୟ ମହିଳା ଓ ପୁରୁଷ ବର୍ଗ, ଜୁନିୟର, ସିନିୟର ଓ ମାଷ୍ଟର୍ସ ବିଭାଗରେ ପ୍ରତିଯୋଗିତା ହୋଇଥିଲା। ଖୋର୍ଦ୍ଧା, କଟକ, ପୁରୀ, ଯାଜପୁର, ଅନୁଗୋଳ, ସମ୍ବଲପୁର ବଲାଙ୍ଗୀର, ସୁନ୍ଦରଗଡ଼, ଝାରସୁଗୁଡ଼ା, ରାଉରକେଲା ଓ କଳାହାଣ୍ଡିରୁ ୧୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାକୁ ବଳଭଦ୍ର ଦାସ, ଆଶିଷ ନାୟକ, ସୁଶ୍ରୀ ଗୌରୀ ମହାନ୍ତି ଓ ହରିପ୍ରସାଦ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ରବିନାରାୟଣ ଖୁଣ୍ଟିଆ, ଆୟୋଜକ ଆସୋସିଏଶନର ଉପ ସଭାପତି ଇଂ ଚିତ୍ତରଞ୍ଜନ ଏବଂ ସଂପାଦକ ଡାଃ ହରି ପ୍ରସାଦ ପଟ୍ଟନାୟକ କୃତୀ ପ୍ରତିଯୋଗୀଙ୍କୁ ପଦକ ଓ ମାନପତ୍ର ସହ ପୁରସ୍କୃତ କରିଥିଲେ।




ଅତିଥି ଓ କର୍ମକର୍ତ୍ତାଙ୍କ ସହ ରାଜ୍ୟ ଓପନ ବନ୍ଧୁକଚାଳନା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନେ।


Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ